

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar



ମୋଦୀଙ୍କୁ ଭେଟିଲେ ଯୋଗୀ | ୬

ଅଯୋଧ୍ୟାରେ ଜମି କିଣିଲେ ବିଗ୍ ବି | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୪୦ Vol. 21 No-340 10 MARCH 2025 MONDAY BHUBANESWAR ସୋମବାର, ୧୦ ମାର୍ଚ୍ଚ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦

## ସଂକ୍ଷେପରେ...

### ଧନଖଡ଼ ଅସୁସ୍ଥ

ନୂଆଦିଲ୍ଲୀ, ୯।୩: ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ଛାତିରେ ଯନ୍ତ୍ରଣା ଓ ନିଃଶ୍ୱାସ ନେବାରେ ସମସ୍ୟା ସୃଷ୍ଟି ହେବାରୁ ଦିଲ୍ଲୀସ୍ଥିତ ଏମ୍ସରେ ଭର୍ତ୍ତି ହୋଇଛନ୍ତି। ଏମ୍ସ କାର୍ଡିଓଲୋଜି ମୁଖ୍ୟ ରାଜୀବ ନାରଙ୍ଗଙ୍କ ତତ୍ତ୍ୱାବଧାନରେ ତାଙ୍କ ଚିକିତ୍ସା ଚାଲିଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିଲେ ମଧ୍ୟ ତାଙ୍କୁ ଅବଜରଭେସନରେ ରଖାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଏମ୍ସ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

### ୧୦ ବାଂଲାଦେଶୀ ଗିରଫ

ଭୁବନେଶ୍ୱର, ୯।୩(ଭାସ୍କର ନ୍ୟୁଜ): କ୍ରାଇମବ୍ରାଞ୍ଚ ଏସଟିଏଫ ରବିବାର ଭୁବନେଶ୍ୱର ରେଳ ଷ୍ଟେସନରୁ ୧୦ଜଣ ବାଂଲାଦେଶୀଙ୍କୁ ଗିରଫ କରିଛି। ଦିବ୍ରୁଗଡ଼- ଚେନ୍ନାଇ ଏକ୍ସପ୍ରେସରୁ ସେମାନଙ୍କୁ ଠାବ କରାଯିବା ପରେ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ୬ଜଣ ପୁରୁଷ ରହିଥିବାବେଳେ ୩ଜଣ ମହିଳା ଓ ଜଣେ ନାବାଳକ ଅଛନ୍ତି। ସେମାନେ ବିନା ଭିସା ଓ ପାସ୍‌ପୋର୍ଟରେ ପ୍ରବେଶ କରିଥିଲେ। ସେମାନେ ପ୍ରଥମେ ଆସାମରେ ପ୍ରବେଶ କରିବା ପରେ ଭୁବନେଶ୍ୱରକୁ ଆସୁଥିଲେ। ସେମାନଙ୍କ ନିକଟରୁ ୭ ମୋବାଇଲ ଓ ବାଂଲାଦେଶୀ ଟଙ୍କା ମଧ୍ୟ ଜବତ କରାଯାଇଛି।

### ଦୁର୍ଘଟଣାରେ ଦମ୍ପତି ମୃତ

ତାଳଚେର, ୯।୩(ଭାସ୍କର ନ୍ୟୁଜ): ତାଳଚେରରୁ ବାଇକରେ ସମଲ ଫେରୁଥିବାବେଳେ ଏକ ପାଉଁଶ ବୋଝେଇ ଟ୍ରକ୍ ବାଇକ୍‌କୁ ଧକ୍କା ଦେବା ଫଳରେ ଏକ ଦମ୍ପତିଙ୍କର ମୃତ୍ୟୁ ଘଟିଛି। ଏନ୍‌ଏଚ୍-୧୪୯ରେ ଗୋଡ଼ିବନ୍ଧ ନିକଟରେ ଏହି ଅଘଟଣ ଘଟିଛି। କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ସେନ୍‌ସେକ୍ସ: ୭୪,୩୩୨.୫୮
ସର୍ବାଧିକ: ୩୪.୧ ଡିଗ୍ରୀ
ସର୍ବନିମ୍ନ: ୨୧.୨ ଡିଗ୍ରୀ

**୯।୩।୨୦୨୫ ର ମତାମତ**

ଦୁର୍ନୀତି ଉପାୟରେ କୋଟି କୋଟି ଟଙ୍କା ସଂଗ୍ରହ କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଉଚିତ ନୁହେଁ କି?




**ଆଜିର ପ୍ରସଙ୍ଗ**

ଲଘୁ ଖଣିଜ ଚୋରି କରୁଥିବା ମାଫିଆଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଜରୁରି ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଖେଳ ସରିଗଲା ଇଣ୍ଡିଆ ଜିତିଲା
କଣ୍ଠାଗତ ଥିଲା ପ୍ରାଣ,
ହେବ କି ହେବନି ଭାବୁ ଭାବୁ ଭାବୁ
ଛାଡି ଯାଉଥିଲା ପ୍ରାଣ ।
ଶେଷ ଚାରି ରନ୍ ଜାଣ,
ଚମକାଇ ଦେଲା କ୍ରିକେଟ ପ୍ରେମୀଙ୍କୁ
ଫୁଟିଲା ନିର୍ଘାତ ବାଣ ।

## ସୁପର ସଣ୍ଡେରେ ଟିମ୍ ଇଣ୍ଡିଆର ସୁପର ଶୋ’

# ଚାମ୍ପିଅନ୍ସ ଟ୍ରଫି ଚାମ୍ପିଅନ୍



**୪ ୱିକେଟରେ ଜିତିଲା**

**ରେକର୍ଡ ତୃତୀୟ ଥରପାଇଁ ବିଜୟୀ**

**୨୦୧୯ର ବଦଲା ୨୦୨୫ରେ**

**ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ଦୁବାଇ/ନୂଆଦିଲ୍ଲୀ, ୯।୩: ସୁପର ସଣ୍ଡେରେ ଟିମ୍ ଇଣ୍ଡିଆର ସୁପର ଶୋ’। ଫାଇନାଲର ପ୍ରତିଶୋଧ ଫାଇନାଲରେ ନେଲା ଟିମ୍ ଇଣ୍ଡିଆ। ୨୫ ବର୍ଷ ତଳର ବଦଲା ନେଲା। ୧୨ ବର୍ଷ ପରେ ପୁଣିଥରେ ଚାମ୍ପିଅନ୍ସ ଟ୍ରଫି ହାତେଇଲା। ବର୍ମିଂହମ ପରେ ଦୁବାଇରେ ହେଲା ● ପୃଷ୍ଠା ୫ ଦେଖନ୍ତୁ

## ଆନନ୍ଦପୁର ମହାବିଦ୍ୟାଳୟ ବାର୍ଷିକ ଉତ୍ସବରେ ମୁଖ୍ୟମନ୍ତ୍ରୀ

# ଗୁଣାତ୍ମକ ଶିକ୍ଷା ପ୍ରଦାନ ଲକ୍ଷ୍ୟ

ଭୁବନେଶ୍ୱର, ୯।୩(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର କେନ୍ଦୁଝର ଜିଲ୍ଲା ଗସ୍ତରେ ଯାଇ ସେଠାରେ ଆନନ୍ଦପୁର ମହାବିଦ୍ୟାଳୟର ୬୧ ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ, ଆନନ୍ଦପୁର ଉପଖଣ୍ଡ ପାଇଁ ପ୍ରାୟ ୪୨ କୋଟି ଟଙ୍କାର ୧୬ ଟି ପ୍ରକଳ୍ପର ଶୁଭ ଉଦ୍ଘାଟନ କରିଥିବା ବେଳେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ପ୍ରାୟ ୧୧୮ କୋଟି ଟଙ୍କା ବ୍ୟୟର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆନନ୍ଦପୁର ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ, ମଲ୍ଟି ପର୍ପୋଜ ହଲ ନିର୍ମାଣ, ସେମିନାର ହଲ ନିର୍ମାଣ, ଖେଳପଡିଆର ଉନ୍ନତିକରଣ ନିମନ୍ତେ ୭ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି । ଏହାକୁ ସ୍ୱାୟଂଶାସିତ ମହାବିଦ୍ୟାଳୟର ମାନ୍ୟତା ପାଇଁ ସମସ୍ତ କାର୍ଯ୍ୟ ସମ୍ପାଦନ ପାଇଁ ନିର୍ଦ୍ଦେଶ ● ପୃଷ୍ଠା ୫ ଦେଖନ୍ତୁ



- କଲେଜ ଜୀବନ କଥା ମନେ ପକାଇଲେ
- ବିକାଶ ପାଇଁ ୭ କୋଟିର ସହାୟତା ଘୋଷଣା
- ୨୦ କୋଟି ବ୍ୟୟରେ ନିର୍ମାଣ ହେବ ଷ୍ଟାଡିୟମ
- ୪୨ କୋଟିର ଉଦ୍ଘାଟନ, ୧୧୮ କୋଟିର ଭିତ୍ତିପ୍ରସ୍ତର

# ପରଲୋକରେ ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସ

ଭୁବନେଶ୍ୱର/ଜଳେଶ୍ୱର, ୯।୩(ଭାସ୍କର ନ୍ୟୁଜ): ପୂର୍ବତନ ମନ୍ତ୍ରୀ ତଥା ଭୋଗରାଇର ପୂର୍ବତନ ବିଧାୟକ ଅନନ୍ତ ଦାସ ଆଉ ନାହାନ୍ତି। ରବିବାର ଭୋର ୪ଟାରେ ୮୬ ବର୍ଷ ବୟସରେ ତାଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ତାଙ୍କର ପରଲୋକ ଘଟିଛି। ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥାଇ ଶଯ୍ୟାଶାୟୀ ରହିଥିଲେ। ୧୯୪୦ ମସିହା ଅଗଷ୍ଟ ୨୮ ତାରିଖରେ ଭୋଗରାଇ ବ୍ଲକ ବାଲିମ ପଞ୍ଚାୟତ କୁରୁଥିଆ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଅନନ୍ତ ଶିକ୍ଷା ଶେଷ ପରେ ସରକାରୀ ଚାକିରିରେ ବେଶ୍ କିଛିଦିନ ରହିଥିଲେ। ଜଣେ ପ୍ରଶାସନିକ ଅଧିକାରୀମାନେ ଦାୟିତ୍ୱ ତୁଲାଇ ସେ ଅବସର ନେଇଥିଲେ। ଚାକିରିରୁ ଅବସର ପରେ ସେ ଭୋଗରାଇ ବିକାଶ ପରିଷଦ ଗଠନ କରି ଭୋଗରାଇର ବିକାଶ ପାଇଁ ନିଜକୁ ନିୟୋଜିତ କରିଥିଲେ। ପରେ ଏନସିପିରୁ ତାଙ୍କର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। କିନ୍ତୁ ୨୦୦୪ ନିର୍ବାଚନରେ ସେ ବିଜେଡି ଟିକେଟରୁ ପ୍ରଥମ ଥରପାଇଁ



ଭୋଗରାଇର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୦୪ରୁ ୨୦୧୯ ପର୍ଯ୍ୟନ୍ତ ସେ ଚାରିଥର ଲଗାତାର ବିଧାୟକ ହୋଇପାରିଥିଲେ। ସେ ନବୀନ ସରକାରରେ ଉଚ୍ଚଶିକ୍ଷାମନ୍ତ୍ରୀ, ଶିଳ୍ପମନ୍ତ୍ରୀ,

**ମୁଖ୍ୟମନ୍ତ୍ରୀ, ବିରୋଧୀଦଳ ନେତାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ ପ୍ରକାଶ**

ସରକାରୀଦଳ ମୁଖ୍ୟ ସଚେତକ ରହିଥିଲେ। ବାଲେଶ୍ୱର ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ପରି ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଯୋଗଦେଇ ସଫଳତାର ସହିତ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏକ ବାର୍ତ୍ତାରେ କହିଛନ୍ତି ଯେ ଜଣେ ମନ୍ତ୍ରୀ ଓ ବିଧାୟକ ଭାବେ ସେ ରାଜ୍ୟର ଓ ବାଲେଶ୍ୱର ଅଞ୍ଚଳର ବିକାଶ ପାଇଁ ନିଜର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖି ଯାଇଛନ୍ତି । ତାଙ୍କ ବିୟୋଗ ଯୋଗୁ ରାଜ୍ୟ ଜଣେ ଅମାୟିକ ଜନସେବକଙ୍କୁ ହରାଇଲା। ସେହିପରି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଯେ ସ୍ୱର୍ଗତଃ ଦାସ ଜଣେ ଦକ୍ଷ ସଂଗଠକ, ଅଭିଜ୍ଞ ପ୍ରଶାସକ ଓ ଲୋକପ୍ରିୟ ରାଜନେତା ଥିଲେ। ତାଙ୍କ ବିୟୋଗରେ ରାଜ୍ୟ ଜଣେ ଅଭିଜ୍ଞ ରାଜନେତାଙ୍କୁ ହରାଇଲା ଓ ବିଜୁ ଜନତାଦଳ ଜଣେ ନିଷ୍ଠାପର ସଂଗଠକଙ୍କୁ ହରାଇଲା ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଏହାବାଦ୍ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ବସ୍ତା ବିଧାୟିକା ସୁଭାଷିନୀ ଜେନା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ଓଡ଼ିଶା ପାଇଁ ଖୁସି ଖବର

# ରଥଯାତ୍ରାକୁ ୟୁନେସ୍କୋ ମାନ୍ୟତା ପାଇଁ ପ୍ରକ୍ରିୟା ଆରମ୍ଭ

ପୁରୀ, ୯।୩(ଭାସ୍କର ନ୍ୟୁଜ): ବିଶ୍ୱ ନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ୟୁନେସ୍କୋ ଦ୍ୱାରା ବିଶ୍ୱ ସାଂସ୍କୃତିକ ଐତିହ୍ୟ ମାନ୍ୟତା ପ୍ରଦାନ ଦେଇ ପ୍ରକ୍ରିୟା ଆରମ୍ଭ କରିଛି ଶ୍ରୀମନ୍ଦିର ପ୍ରଶାସନ। ଯାହାକୁ ସବୁ ମହଲରୁ ସ୍ୱାଗତ କରାଯାଇଛି। ଏହି ମାନ୍ୟତା ମିଳିବା ଫଳରେ ଅଦିନିଆ ରଥଯାତ୍ରାକୁ ବନ୍ଦ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଇପାରିବ। ଶ୍ରୀମନ୍ଦିର ପ୍ରଶାସନର ଏହି ଉଦ୍ୟମକୁ ବରିଷ୍ଠ ସେବାୟତମାନେ ସ୍ୱାଗତ କରି କହିଛନ୍ତି ଯେ ପୁରୀରେ ଚତୁର୍ଦ୍ଧାମୂର୍ତ୍ତି ବଡ଼ଦାଣ୍ଡରେ ରଥ ଉପରେ ବିରାଜମାନ ହୋଇ ଯାତ୍ରା କରନ୍ତି। ବିଦେଶୀ ଭକ୍ତମାନେ ମଧ୍ୟ ରଥଯାତ୍ରା ଦେଖିବାର ସୁଯୋଗ ପାଇଥାନ୍ତି। ନୀଳକନ୍ଦରରେ ପୂଜା ପାଉଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ବଡ଼ଭାଇ ବଳଭଦ୍ର, ସାନଭାଇ ଜଗତର ନାଥ ଜଗନ୍ନାଥ ଓ ଭଉଣୀ ସୁଭଦ୍ରାଙ୍କ ସହ ଚକ୍ରରାଜ ସୁଦର୍ଶନ ରଥ ଉପରେ ବିରାଜମାନ ହୋଇ ଘୋଷଯାତ୍ରାରେ ଯାଇଥାନ୍ତି। ନିଜର ଜନ୍ମସ୍ଥାନ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥାନ୍ତି। ବିଶ୍ୱନିୟନ୍ତାଙ୍କ ରଥଯାତ୍ରାକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ୟୁନେସ୍କୋ ଦ୍ୱାରା ବିଶ୍ୱ ସାଂସ୍କୃତିକ ଐତିହ୍ୟ ମାନ୍ୟତା ପ୍ରଦାନ ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏ ନେଇ ନାମାଙ୍କନପତ୍ର ପ୍ରସ୍ତୁତି ଚାଲିଛି। ନିକଟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀ ତାଙ୍କ ଦିଲ୍ଲୀଗସ୍ତ ଅବସରରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ରଥଯାତ୍ରା ଭଳି ମହାର୍ଘ ବୈଶ୍ୱିକ ଯାତ୍ରାର ମହାନତା ଉପଲବ୍ଧି କରି କର୍ତ୍ତୃପକ୍ଷ ଶୀଘ୍ର ପଦକ୍ଷେପ ନେବେ ବୋଲି ଶ୍ରୀମନ୍ଦିର ପ୍ରଶାସନ ଆଶା ରଖିଛି। ୨୦୨୩ ମସିହାରେ ୟୁନେସ୍କୋ ମାନ୍ୟତାକୁ ଦୃଷ୍ଟିରେ ରଖି ରଥ ନିର୍ମାଣ ସମୟରେ ତିନି ରଥର ମାପଚୁପ କରାଯାଇଥିଲା। ରେଳବିଭାଗର କିଛି କର୍ମଚାରୀ ଓ ୟୁନେସ୍କୋର ଏକ ଟିମ୍ ମାପଚୁପ କରିଥିଲେ। ସେତେବେଳେ ୨୦୨୩ ମସିହାର ସାଂସ୍କୃତିକ ଐତିହ୍ୟ ତାଲିକାରେ ସ୍ଥାନ ପାଇବା ନେଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ୟୁନେସ୍କୋର ଆବଶ୍ୟକ ନିର୍ଦ୍ଦେଶାବଳୀ ଅନୁଯାୟୀ ରାଜ୍ୟ ସରକାର ଖୁବ୍ ଶୀଘ୍ର ଏଥିପାଇଁ ନାମାଙ୍କନ ଦାଖଲ କରିବାକୁ ତତ୍କାଳୀନ ପରିଚାଳନା କମିଟିରେ ନିଷ୍ପତ୍ତି ନିଆଯାଇଥିଲା। ଏହାପୂର୍ବରୁ ଏକ ସ୍ୱତନ୍ତ୍ର କମିଟି ଗଠନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ତଦନୁଯାୟୀ ଶ୍ରୀମନ୍ଦିର ପ୍ରଶାସନ ସ୍ୱତନ୍ତ୍ର କମିଟି ଗଠନ ପାଇଁ ରାଜ୍ୟ ସରକାରଙ୍କୁ ୭ଜଣିଆ ତାଲିକା ପ୍ରଦାନ କରିଥିଲା।






## ରାଜଧାନୀରେ ଏଟିଏମ୍ ଲୁଟେରାକୁ ଏନ୍‌କାଉଣ୍ଟର

# ଗୁରୁତର ଅବସ୍ଥାରେ ଏମ୍ସରେ ଭର୍ତ୍ତି



ଭୁବନେଶ୍ୱର, ୯।୩(ଭାସ୍କର ନ୍ୟୁଜ): ରାଜଧାନୀ ଭୁବନେଶ୍ୱରରେ ଜଣେ ଏଟିଏମ୍ ଲୁଟେରାକୁ ପୋଲିସ ଏନକାଉଣ୍ଟର କରିଛି। ଏଥିରେ ସେ ଗୁରୁତର ହେବାପରେ ତାକୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଓ ପରେ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଏହି ବିହାରୀ ଅପରାଧି ଦୀପକ କୁମାର ନିଜ ଗ୍ୟାଙ୍ଗ ଜରିଆରେ ଗୋଟିଏ ପରେ ଗୋଟିଏ ଏଟିଏମ୍ ଲୁଟ୍ କରି ଚାଲିଥିଲା। ବିଶେଷକରି ଏଟିଏମ୍‌କୁ ଟଙ୍କା ଉଠାଇବାକୁ ଆସୁଥିବା ଲୋକମାନେ ଏମାନଙ୍କ ଶିକାର ହେଉଥିଲେ। ପ୍ରଥମେ ପୁରୀ ଓ ପରେ ଭୁବନେଶ୍ୱରରେ କଳାକାରନାମା ଆରମ୍ଭ କରିଥିଲା ଦୀପକର ଲୁଟେରା ଗ୍ୟାଙ୍ଗ । ଦୀପକର ଘର ବିହାରର ନୱାଜଗଡ଼ାରେ। ଏହି ହାର୍ଡକୋର୍ ବିହାରୀ ଅପରାଧୀ ଦୀପକ କମିଶନରେଟ୍ ପୋଲିସ ପାଇଁ ଥିଲା ମୋଷ୍ଟ ୱାଣ୍ଟେଡ୍। ଦୀପକ ଏଟିଏମ୍ ଲୁଟ୍ ବେଳେ କଳା ସାର୍ଟ ପିନ୍ଧି ଏଟିଏମ୍ ଭିତରେ ଏକ ଅଠାର ବ୍ୟବହାର କରେ। ଯାହାଦ୍ୱାରା ଟଙ୍କା ଉଠାଇବାକୁ ଯାଉଥିବା ବ୍ୟକ୍ତିଙ୍କ କାର୍ଡ ସେହି ଅଠାରେ ଫସିଯାଏ। କାର୍ଡ କାଢିବାରେ ସମସ୍ୟା ଦେଖି ପାଖରେ ଜଗି ରହିଥିବା ଦୀପକର ଟିମ୍ ଟୋଲ୍ ଫ୍ରି ନମ୍ବରରେ କଥା ହେବାକୁ ପରାମର୍ଶ ଦେଇଥାନ୍ତି। ଯାହା ପୂର୍ବ ଯୋଜନା ମୁତାବକ ଲୁଟେରାଙ୍କ ମୋବାଇଲ ନମ୍ବର ହିଁ ଲେଖାଯାଇଥାଏ। ● ପୃଷ୍ଠା ୫ ଦେଖନ୍ତୁ

## ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ନେଇ ଏସ୍‌ଆରସିଙ୍କ ସତର୍କ ସୂଚନା

# ୫ ଡିଗ୍ରୀ ବଢିବ ପାରଦ



**ଆଭ୍ୟନ୍ତରୀଣ ଓଡ଼ିଶା ପାଇଁ ବିପଦ**

**୬ ଜିଲ୍ଲାପାଳଙ୍କୁ ସଜାଗ ନିର୍ଦ୍ଦେଶ**

**ଜନସାଧାରଣ ସତର୍କ ରହିବାକୁ ପରାମର୍ଶ**

ଭୁବନେଶ୍ୱର, ୯।୩(ଭାସ୍କର ନ୍ୟୁଜ): ରାଜ୍ୟରେ ଏବେଠୁ ଅସମ୍ଭାଳ ହେଲାଣି ତାତି। ଦିନ ୧୧ଟା ପରେ ଅନୁଭୂତ ହେଉଛି ଟାଣ ଖରା। ତେବେ ଏସବୁ ଭିତରେ ଆହୁରି ଉପରମୁହାଁ ହେବ ପାରଦ। ଆଗାମୀ ଦିନରେ ତାତିର ପ୍ରଭାବ ବୃଦ୍ଧି ପାଇବ। ଉଭୟ ଦିନ ଓ ରାତିର ତାପମାତ୍ରାରେ ବୃଦ୍ଧି ଘଟିବ। ଦିନର ତାପମାତ୍ରା ୩ରୁ ୫ ଡିଗ୍ରୀ ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ସୂଚନା ଦେବାପରେ ତଦନୁଯାୟୀ ସ୍ୱତନ୍ତ୍ର ରିଲିଫ କମିଶନର ସତର୍କ ସୂଚନା ଜାରି କରିଛନ୍ତି। ବିଶେଷକରି ଆଭ୍ୟନ୍ତରୀଣ ଓଡ଼ିଶାର ୬ ଜିଲ୍ଲାପାଳଙ୍କୁ ସଜାଗ ରହିବା ପାଇଁ ଏସଆରସି ପରାମର୍ଶ ଦେଇଛନ୍ତି। ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ ଓ ବଲାଙ୍ଗୀରରେ ପ୍ରବଳ ତାତି ଅନୁଭୂତ ହେବ। ଆଭ୍ୟନ୍ତରୀଣ ଓଡ଼ିଶାର ଏହିସବୁ ଜିଲ୍ଲାରେ ଆଗାମୀ ୪ରୁ ୫ ଦିନ ଧରି ପାରଦ ଉପରମୁହାଁ ରହିବ। ଏପରିକି ଏହିସବୁ ଜିଲ୍ଲାରେ ପାରଦ ୪୦ ଡିଗ୍ରୀରେ ପହଞ୍ଚିପାରେ ବୋଲି ପୂର୍ବାନୁମାନ କରାଯାଇଛି। ରାଜ୍ୟମଧ୍ୟକୁ ଏବେ ଉତ୍ତର-ଉତ୍ତରପଶ୍ଚିମ ଦିଗରୁ ପବନ ବୋହୁଛି। କିନ୍ତୁ ଏହାର ବେଗ ଧିମା ରହିଛି। ଏଥିସହ ଏକ ଗୁରୁଚାପ ବଳୟ ମଧ୍ୟ ସୃଷ୍ଟି ହୋଇଛି। ● ପୃଷ୍ଠା ୫ ଦେଖନ୍ତୁ

## ଆଜିଠୁ ସଂସଦର ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନ



ନୂଆଦିଲ୍ଲୀ, ୯।୩: ସୋମବାରଠାରୁ ସଂସଦର ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବାକୁ ଯାଉଛି । ଏହି ଅଧିବେଶନ କାଳରେ ସରକାର ଓ ବିରୋଧୀଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ବିବାଦ ହେବାର ଅନୁମାନ କରାଯାଉଛି। ସଂସଦର ଏହି ଅଧିବେଶନ ବେଶ୍ ହଙ୍ଗାମାଦାର ହୋଇପାରେ ବୋଲି ଆକଳନ କରାଯାଉଛି। ବିରୋଧୀଦଳ ଭୋଟର ତାଲିକାରେ ହେରଫେର, ମଣିପୁର ହିଂସା ଓ ଟ୍ରମ୍ପ ପ୍ରଶାସନ ସହିତ ଭାରତର ସମ୍ପର୍କ ଭଳି ପ୍ରସଙ୍ଗ ଉଠାଇବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ସରକାର ଅନୁଦାନ ଦାବି ଲାଗି ସଂସଦର ମଞ୍ଜୁରିପ୍ରାପ୍ତ କରିବା, ବଜେଟ୍ ପ୍ରକ୍ରିୟା ପୁରା କରିବା ଓ ୱାକ୍‌ଫ ସଂଶୋଧନ ● ପୃଷ୍ଠା ୫ ଦେଖନ୍ତୁ



ଢେଙ୍କାନାଳ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଢେଙ୍କା ନୀଳୟମ୍ ସଭାଗୃହରେ ଭାରତ ବିକାଶ ପରିଷଦ ଓଡ଼ିଶାର ସହିଦ ବାଜିରାଉତ ଶାଖାର ସଭାପତି ପ୍ରାକ୍ତନ ପ୍ରାଧ୍ୟାପିକା ଡ.ସୁଚେତା ମିଶ୍ରଙ୍କ ସଭାପତିତ୍ୱରେ ପୂର୍ବପ୍ରାନ୍ତ ଉପାଧକ୍ଷ (ପର୍ଯ୍ୟାବରଣ) ଇଂ.ବାବୁଚାନ୍ଦ ମହାଳିକ,ମହିଳା ସହଭାଗିତା ପ୍ରମୁଖ ସବିତା ଧୀରଙ୍କ ଉପସ୍ଥିତିରେ ସଭା ସଂଚାଳକ ରାଜୀବ ଲୋଚନ ମାହୁନ୍ତଙ୍କ ବଳିଷ୍ଠ ସଂଯୋଜନାରେ ମୁଖ୍ୟଅତିଥି ଭାବରେ ରାଜ୍ୟ ଓ ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷାବିତ୍ ସାନ୍ତ୍ୱନା ମିଶ୍ର,ମୁଖ୍ୟବକ୍ତା ଭାବରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କବି ପ୍ରଭାସିନୀ ମହାକୁଡ଼ ଯୋଗଦାନ କରି ନାରୀ ସ୍ୱାଧିନତା,ନାରୀ ସଶକ୍ତିକରଣ,ନାରୀର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରି ନାରୀ ହିଁ ଯୁଗେ ଯୁଗେ ସମଗ୍ର ବିଶ୍ୱରେ ପରିବର୍ତ୍ତନର ସୂତ୍ରଧାର ସାଜିବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି । ସଭା ସଂଚାଳକ ରାଜୀବ ଲୋଚନ ମାହୁନ୍ତଙ୍କ ବଳିଷ୍ଠ ସଂଯୋଜନାରେ ସଭାକାର୍ଯ୍ୟ ସଫଳ ଭାବରେ ପରିଚାଳିତ ହୋଇଥିଲା । ପରିଶେଷରେ ମହିଳା ସହଭାଗିତା ପ୍ରମୁଖ ସବିତା ଧୀର ଧନ୍ୟବାଦ ଅର୍ପଣ କରିଥିଲେ।



### ଅନ୍ୱେଷା ହଷ୍ଟେଲ ଛାତ୍ରମାନଙ୍କୁ ସହପାଠୀଙ୍କ ମରଣାନ୍ତକ ଆକ୍ରମଣର ଭିଡିଓ ଭାଇରାଲ୍ ଘଟଣା

# ଦାୟିତ୍ୱରୁ ହଟିବେ ଲେଡି ହଷ୍ଟେଲ୍ ସୁପରିଟେଣ୍ଡେଣ୍ଟ

ଗୁଣୁପୁର(ଭାସ୍କର ନ୍ୟୁଜ୍): ଗୁଣୁପୁର ତହସିଲ୍ ଅଫିସ୍ ନିକଟରେ ଥିବା ୧୦୦ ଶଯ୍ୟା ବିଶିଷ୍ଟ ଅନ୍ୱେଷା ହଷ୍ଟେଲ୍ ରେ ସହପାଠୀ ଛାତ୍ରମାନେ ତିନି ଜଣ ଛାତ୍ରକୁ ମରଣାନ୍ତକ ଆକ୍ରମଣ କରୁଥିବା ଭିଡିଓ ଭାଇରଲ୍ ହୋଇଥିଲା । ଆକ୍ରମଣ ଶିକାର ହେଇଥିବ ଛାତ୍ର ଅଭିଜିତ୍ ଶବର ନବମ ଶ୍ରେଣୀ, ଉଥାପା ଶବର ଅଷ୍ଟମ ଶ୍ରେଣୀ, ପବିତ୍ର ଶବର ଅଷ୍ଟମ ଶ୍ରେଣୀ ଛାତ୍ର ବୋଲି ଜଣାପଡିଛି । କିଛି ଛାତ୍ର ମରଣାନ୍ତକ ଆକ୍ରମଣ କରୁଥିବା ଭିଡିଓ ମୋବାଇଲ୍ କ୍ୟାମେରାରେ କଏଦ୍ କରି ଭାଇରାଲ୍ କରିଥିଲେ । ଗୁଣୁପୁର ବିଡିଓ ଏହା ଦେଖି ହଷ୍ଟେଲ୍ ରେ ଘଟଣା ଉପରେ ଦୃଷ୍ଟି ଦେବା ପାଇଁ ମଙ୍ଗଳ ବିଭାଗକୁ ଅବଗତ କରାଇଥିଲେ ।ଏହାପରେ ମଙ୍ଗଳ ବିଭାଗ ହଷ୍ଟେଲ୍‌କୁ ଯାଇ ତଦନ୍ତ ଆରମ୍ଭ କରିଛି । ଜିଲ୍ଲା ମଙ୍ଗଳ ଅଧିକାରୀ ଅସିମା ରାଓ ଓ ଗୁଣୁପୁର ପୋଲିସ୍ ଥାନା ଅଧିକାରି ଉତ୍ତମ କୁମାର ସାହୁ ହଷ୍ଟେଲ ପରିସରକୁ ଯାଇ ଛାତ୍ରମାନଙ୍କୁ ପଚରାଉଚୁରା କରିଛନ୍ତି । ଆହତ ଥିବା



ଛାତ୍ରମାନଙ୍କୁ ବୁଝାଇ ପରିବାର କର୍ତ୍ତୃପକ୍ଷ ଙ୍କୁ ହସ୍ତାନ୍ତର କରିଛନ୍ତି । ହଷ୍ଟେଲ ପରିଚାଳନା ଉପରେ ଦାୟି କରିଛନ୍ତି ଆହତ ଛାତ୍ରର ପରିବାର । ହଷ୍ଟେଲରେ କିଛି ଛାତ୍ରମାନଙ୍କ ପାଇଁ ବିଶୃଙ୍ଖଳା ହେଉଛି । ତେଣୁ ସେମାନଙ୍କୁ ହଷ୍ଟେଲ୍ ରୁ ବାହାର କରିବା ପାଇଁ ଅଭିଭାବକ ମାନେ ରବିବାର ଦିନ ମୁଖ୍ୟ ଫାଟକ ସମ୍ମୁଖରେ ଦାବି କରିଥିଲେ । ଏ ସମ୍ପର୍କରେ ଜିଲ୍ଲା ମଙ୍ଗଳ ଅଧିକାରୀ ତଦନ୍ତ କରି ଆକ୍ରମଣ କାରି ଛାତ୍ର ମାନଙ୍କ ଉପରେ ଜିଲ୍ଲାପାଳଙ୍କୁ ଅବଗତ କରାଇବେ । ଉପରିସ୍ଥ ଅଧିକାରୀ ଯାହା ନିଷ୍ପତି ନେବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିକ୍ରିୟା ରଖିଛନ୍ତି ଜିଲ୍ଲା ମଙ୍ଗଳ ଅଧିକାରୀ ଅସିମା ରାଓ । ହଷ୍ଟେଲ ଦାୟିତ୍ୱରେ ଥିବା ସୁପରିଟେଣ୍ଡେଣ୍ଟ ଜଣେ ଲେଡି ରହିଛନ୍ତି । ସେ ଦୁଇଟି ହଷ୍ଟେଲ୍ ପରିଚାଳନା କରୁଛନ୍ତି । ଏଣୁ ଏଠାରେ ସଠିକ୍ ଭାବେ ହଷ୍ଟେଲ ପରିଚାଳନା ହୋଇପାରୁନଥିବା ନେଇ ମଙ୍ଗଳ ବିଭାଗ ଲେଡିଙ୍କୁ ହଟାଇ ଜଣେ ପୁରୁଷ ସୁପରିଟେଣ୍ଡେଣ୍ଟ ଙ୍କୁ ଦାୟିତ୍ୱ ଦେବା ପାଇଁ ନିଷ୍ପତ୍ତି ନେଇଥିବା କହିଛନ୍ତି ଜିଲ୍ଲା ମଙ୍ଗଳ ଅଧିକାରି ଅସିମା ରାଓ । ଜିଲ୍ଲାପାଳଙ୍କୁ ଏହାର ତଦନ୍ତ ରିର୍ପୋଟ ଦିଆଯିବା ନେଇ କହିଛନ୍ତି । ଭାଇରାଲ ଭିଡିଓ ଦେଖିଲେ ଜିଲ୍ଲାର ସମସ୍ତ ପ୍ରଶାସନିକ ଅଧିକାରୀଙ୍କ ନିଦ ହଜାଇ ଦେଇଛି । ହଷ୍ଟେଲ୍‌ରେ ପ୍ରଥମ ରୁ ଦଶମ ପର୍ଯ୍ୟନ୍ତ ଅନୁସୁଚିତ ଜାତି ଓ ଜନଜାତି ପିଲାଙ୍କୁ ହଷ୍ଟେଲ୍‌ରେ ରଖି ଉଚ୍ଚ ଶିକ୍ଷା ପାଇଁ ସରକାର ଏହି ବ୍ୟବସ୍ଥା କରିଛନ୍ତି । ସହରାଞ୍ଚଳର ଶିକ୍ଷା ଯୋଜନାରେ ହଷ୍ଟେଲ୍‌ରେ ଛାତ୍ରମାନେ ରହି ବିଭିନ୍ନ ଇଂରାଜୀ ବିଦ୍ୟାଳୟ ଗୁଡିକରେ ଶିକ୍ଷା ଅର୍ଜନ କରିବା ବ୍ୟବସ୍ଥା କରିଛନ୍ତି । କିନ୍ତୁ ଏହି ଭିଡିଓ ଦେଖିଲେ ଛାତ୍ରମାନେ କିଭଳି ଶିକ୍ଷା ଅର୍ଜନ କରୁଛନ୍ତି ତାହା ସ୍ପଷ୍ଟ ଅନୁମେୟ । ଛାତ୍ରମାନେ ହଷ୍ଟେଲ୍ ରେ କେତେ ସୁରକ୍ଷିତ ତାହା ବଡ ପ୍ରଶ୍ନ ଉଠିଛି ? ଆଜି ଅଭିଭାବକ ଓ ଲୋକପ୍ରତିନିଧି ମାନେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ମିଶି ହଷ୍ଟେଲ ସୁରକ୍ଷା ସହ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ।ହଷ୍ଟେଲ ସୁପରିଟେଣ୍ଡେଣ୍ଟଙ୍କ ଦାୟୀତ୍ୱହିନତା ପାଇଁ ଏଭଳି ଅଭାବନୀୟ ଘଟଣା ଘଟିଥିବା ନେଇ ଜନପ୍ରତିନିଧି ଅଭିଯୋଗ କରିଛନ୍ତି । ଜିଲ୍ଲା ପରିଷଦ ସଭ୍ୟ ଇଙ୍ଗାନ ଗମାଙ୍ଗ,ଟଲଣା ସରପଞ୍ଚ ସନ୍ତୋଷି ଶବର,ତରୁଣି ଶତପଥୀ, ବିଜେପିର କିଛି ନେତା ଲୋକ ପ୍ରତିନିଧି ଦାବି ଜଣାଇଛନ୍ତି ।

## ଦିଲ୍ଲୀରେ ଚମକିଲେ ଓଡ଼ିଆ ପୁଅ ସୁରଜ

ମାଲକାନଗିରି (ଭାସ୍କର ନ୍ୟୁଜ୍): ଆଇଆଇଏମ୍‌ସି ଓଡ଼ିଆ ବିଭାଗରେ ଟପର ହୋଇଛନ୍ତି ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ୍‌ଭି-୭୯ ସହରର ସୁରଜ କୁମାର ବେହେରା । ଶ୍ରେଷ୍ଠ ସ୍ଥାନ ଗ୍ରହଣ କରିଥିବାରୁ ତାଙ୍କୁ ଆଇଆଇଏମ୍‌ସି ସମ୍ମାନରେ ସମ୍ମାନିତ କରାଯାଇଛି । ନୂଆଦିଲ୍ଲୀର ଗାନ୍ଧିମଣ୍ଡପ କାର୍ଯ୍ୟକ୍ରମରେ ସୂଚନା ଓ ପ୍ରସାରଣ ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମୁଖ୍ୟଅତିଥ୍ୟ ରେ ସୁରଜଙ୍କୁ ସମ୍ମାନିତ କରିଛନ୍ତି । ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ସୂଚନା ଥାଉ କି, ପିଲାବେଳୁ ସୁରଜଙ୍କ ସାମ୍ବାଦିକତା ପ୍ରତି



ଆଗ୍ରହ ଥିଲା । ପଢ଼ିବା ସମୟରୁ ବିଭିନ୍ନ ଗଣମାଧ୍ୟମରେ ତାଙ୍କ ଲେଖା ପ୍ରକାଶ ପାଇ ଆସୁଥିଲା । ଜାତୀୟ ପ୍ରେସ୍ ଦିବସରେ ପୂର୍ବତନ ରାଜ୍ୟପାଳ ରଘୁବର ଦାସ, ବାଚସ୍ପତି ସୁରମା ପାଢ଼ୀଙ୍କ ଦ୍ୱାରା ଦିଲ୍ଲୀପ ଶତପଥୀ ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଥିଲା । ଏଥିସହ ଆଗରୁ ସେ ବରେନ୍ଦ୍ର କୃଷ୍ଣ ଧଳ , ରାଧାନାଥ ରଥ ସମ୍ମାନ ପାଇଛନ୍ତି । ସମାଜସେବା କ୍ଷେତ୍ରରେ ମଧ ତାଙ୍କର ଅବଦାନ ରହିଛି । ପ୍ରତି ୩ ମାସକୁ ଥରେ ରକ୍ତଦାନ କରିବା ସହ ଅଙ୍ଗଦାନ ଲାଗି ଚୁକ୍ତିନାମା ମଧ କରିଛନ୍ତି ସେ ।

# ସମାକୋଇରୁ ବ୍ୟାପକ ବାଲି ଲୁଟ୍

### କୋଟି କୋଟି ଟଙ୍କାର ରାଜସ୍ୱହାନୀ, ମାଫିଆ ମାଲାମାଲ୍



କେନ୍ଦୁଝର(ଭାସ୍କର ନ୍ୟୁଜ୍): ତେଲକୋଇ ବ୍ଲକ ସଦର ମହକୁମା ଦେଇ ବହିଯାଇଥିବା ସମାକୋଇ ନଦୀ ଗର୍ଭ ଏବେ ବାଲି ମାଫିଆ ଙ୍କ ଚରାଭୂଇଁ ପାଲଟିଛି । ଦିନ ରାତି ଶହ ଶହ ଟ୍ରିପ ବାଲି ଚୋରାଚାଲାଣ ହେଉଛି ।ଏହା ସହିତ ପ୍ରତ୍ୟେକ ରାତିରେ ନଦୀ ଶଯ୍ୟାର ବିଭିନ୍ନ ସ୍ଥାନକୁ ବାଲି ମାଫିଆମାନେ ଜେସିବି ମେସିନ ଦ୍ୱାରା ତାଡି ବାଲି ଚୋରାଚାଲାଣ କରିଛନ୍ତି । ଏହି ବେଆଇନ କାର୍ଯ୍ୟକୁ ପ୍ରଶାସନ ପୂର୍ଣ୍ଣ ମାତ୍ରାରେ ସହଯୋଗ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି । ଶାସକ ବିଜେପି ଦଳର କେତେକ କୁଜି ନେତା ଏହି ବେଆଇନ କାର୍ଯ୍ୟର ମୁଖ୍ୟ କାର୍ପଟଦାର ସାଜିଛନ୍ତି । ଫଳରେ ନେତାଙ୍କ ଚାପରେ ଚାପି ହୋଇ ପ୍ରଶାସନ ଚୁପ୍ ରହୁଥିବା ଅଭିଯୋଗ ହୋଇଛି । ଲଘୁ ଖଣିଜ ସଂପଦ ଚୋରା କାରବାର ରୋକିବା ଓ ରାଜସ୍ୱ ଆଦାୟ ପାଇଁ ଖଣି ବିଭାଗ ପକ୍ଷରୁ ସ୍ଥାନୀୟ ରାଜସ୍ୱ ବିଭାଗ, ବନ ବିଭାଗ ଓ ପୋଲିସ ପ୍ରଶାସନକୁ ନେଇ ଏକ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ ହୋଇଥିବା ବେଳେ ସଂପୃକ୍ତ ଟାସ୍କ ଫୋର୍ସ ପର୍ଯ୍ୟାପ୍ତ ହାତ ଗୁଞ୍ଜା ନେଇ ରାଜସ୍ୱ ଲୁଟେରାଙ୍କୁ ଅନୁକମ୍ପା ଦେଖାଉଥିବା ସାଧାରଣରେ ଅଭିଯୋଗ ହୋଇଛି । ଯାହାଫଳରେ ଲଘୁଜ ସଂପଦ ମାଫିଆ ମାନେ ଦିନ ଦ୍ୱିପ୍ରହର ରେ ପ୍ରଶାସନ ଆଖିରେ ଆଙ୍ଗୁଠି ଗେଞ୍ଜି ରାଜସ୍ୱ ଲୁଟ କରୁଛନ୍ତି । ବାଲିଘାଟ ଗୁଡ଼ିକର ପ୍ରତ୍ୟେକ ଛକମାନଙ୍କରେ ଏହି ମାଫିଆ ମାନେ ଆଡ୍ଡା ଜମାଇବା ସହିତ ଦିନରାତି ପଇଁତରା ମାରୁଛନ୍ତି । ଏଇ ନିକଟରେ ଜନୈକ ବାଲି ମାଫିଆର ବାଲି ବୋଝେଇ ଟ୍ରାକ୍ଟରକୁ ଖଣି ବିଭାଗ ଜବତ କରିଥିବା ବେଳେ ସଂପୃକ୍ତ ବାଲି ମାଫିଆ ନେତା ହୋଇଥିବାରୁ ରାଜନୈତିକ ଚାପ ସୃଷ୍ଟି କରି ଜବତ ଟ୍ରାକ୍ଟର କୁ ଛଡ଼ାଇ ନେବାରେ ସକ୍ଷମ ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ସେହିପରି ଖଣି ବିଭାଗ ଯେତେବେଳେ ତେଲକୋଇ ଗସ୍ତରେ ଆସୁଛନ୍ତି ଆସିବା ପୂର୍ବରୁ ମାଫିଆ ମାନେ କିପରି ଖବର ପାଇ ଯାଉଥିବା ଚର୍ଚ୍ଚାର ବିଷୟ ହୋଇଛି ।ତେବେ ଏହି ବେଆଇନ ବାଲି ଲୁଟ କାରବାରରେ ନେତାଙ୍କ ହାତ ଥିବା ଲୋକେ ଅଭିଯୋଗ ଆଣିଛନ୍ତି ।ସମାକୋଇ ନଦୀର ପଙ୍ଗା, ତାଳପଦା, ଠାରୁ ଆରମ୍ଭ କରି କୁମୁଣ୍ଡ, ବେତଖୋଲି, ଗୋଡା, ଭାଲିଆ ଡାଳ, ରାମଚନ୍ଦ୍ର ପୁର, ଦନ୍ଦୁଆ ମୁଣ୍ଡା, ବାଲିସାହି, ତେଲକୋଇ , କଦଳୀ କୁଣ୍ଡ, କଣା ଆମ୍ବ, ଉଷା ଦରହ୍, ହାଟ ତୋଟା, ବାଘ ମହୁ, ରେଗ ରେଗା, ଦୋବଲା ପାଳ, ଦେଉଳଦିହା, କରଦାଙ୍ଗି ଆଦି ବିଭିନ୍ନ ବାଲି ଘାଟରୁ ଶହ ଶହ ଟ୍ରିପ୍ ବାଲି ଚୋରା ଚାଲାଣ ହେଉଛି । ଅନେକ ସ୍ଥାନରେ ନଦୀ ପଠା ସମେତ ନଦୀ ସଂଲଗ୍ନ ରେ ଥିବା ନଦୀ ଖଣ୍ଡି ତଥା ଗୋଚର ସ୍ଥାନକୁ ଜେସିବି ମେସିନ ଦ୍ୱାରା ଖୋଳାଯାଇ ବାଲି ଖଣି ସୃଷ୍ଟି କରାଯାଇଛି । ବିରାଟ ବିରାଟ ଗର୍ତ୍ତ ଭୂଗର୍ଭରେ ହୋଇଥିବାରୁ ଗୃହ ପାଳିତ ପଶୁ ସମେତ ବିଭିନ୍ନ ପ୍ରକାର ବନ୍ୟ ଜନ୍ତୁ ଓ ସ୍ଥାନୀୟ ଲୋକଙ୍କ ପାଇଁ ମରଣଯନ୍ତା ସାଜିଛି । ଅନ୍ୟପଟେ ସମାକୋଇ ନଦୀ ପଠାରେ କୌଣସି ବାଲି ସୈରାତ ପାଇଁ ପ୍ରଶାସନ ବ୍ୟବସ୍ଥା କରୁ ନଥିବାରୁ ବାଲି ଚୋରି ବଢୁଥିବା ସହିତ ବ୍ୟାପକ ରାଜସ୍ୱ ଲୁଟ ହେଉଥିବା ଅଭିଯୋଗ ହୋଇଛି । ଏଥିପ୍ରତି ଜିଲ୍ଲାପାଳ ଦୃଢ଼ କାର୍ଯ୍ୟାନୁଷ୍ଠନ ଗ୍ରହଣ କରିବାକୁ ତେଲକୋଇ ଅଞ୍ଚଳ ବାସୀଙ୍କ ପକ୍ଷରୁ ଦାବି ହୋଇଛି ।

# ପୁରୁଣା ରାସ୍ତାରେ ଘଷାଯାଉଛି ପିଚୁ

## ରିଭାଇଜ୍ ଏଷ୍ଟିମେଟ୍ ନକରି ନିମ୍ନମାନର କାମକୁ ଅନୁମତି ଦେଉଛି କିଏ ?



### ରାସ୍ତା ମରାମତି ଦିନରୁ ୨୦ରୁ ଉର୍ଦ୍ଧ୍ୱ ଆହତ

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ଅଧୀନ ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ଠାରୁ ନୂଆଗଡ ପର୍ଯ୍ୟନ୍ତ ଯାଇଥିବା ରାସ୍ତାରେ ଘଷାଯାଉଛି ପିଚୁ। ପୂର୍ତ୍ତ ବିଭାଗରେ '୦'କାମ କରି ସରକାରୀ ଅର୍ଥ ଲୁଟିନେବାକୁ ଯୋଜନାବଦ୍ଧ ଷଡ଼ଯନ୍ତ୍ର ହୋଇଛି । ଅସ୍ତରଙ୍ଗ ଠାରୁ ୬ କିଲୋମିଟର ନୂଆଗଡ ପର୍ଯ୍ୟନ୍ତ ରାସ୍ତା ନିମ୍ନମାନର କାମ ହୋଇଛି ବୋଲି ସାଧାରଣ ଅଭିଯୋଗ ହେଉଛି । ସବୁଠୁ ବଡ଼ କଥା ହେଲା ରାସ୍ତା ମରାମତି ଆରମ୍ଭ ଦିନରୁ ପ୍ରାୟ ଦୁଇ ସପ୍ତାହ ମଧ୍ୟରେ ରାତି ସମୟରେ ରାସ୍ତାରେ ପଡ଼ି ୨୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି । ରାସ୍ତା ନିର୍ମାଣ ପାଇଁ ଯେତିକି ଟଙ୍କା ଦିଆଯାଉଛି, ତାର ଚାରିଭାଗରୁ ଭାଗେ ଖର୍ଚ୍ଚ ହେଉନଥିବା ପରିଲକ୍ଷିତ ହୋଇଛି । ରାସ୍ତା ନିର୍ମାଣରେ ଆଖିବୁଜା ଦୁର୍ନୀତି ଘଟଣାରେ କାର୍ଯ୍ୟାନୁଷ୍ଠାନ ବଦଳରେ ଯନ୍ତ୍ରୀ ଓ ଉଚ୍ଚସ୍ତରୀୟ ଅଧିକାରୀ କ୍ଷେତ୍ର ପରିଦର୍ଶନ ଆସୁନାହାନ୍ତି । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ଅସ୍ତରଙ୍ଗ ଠାରୁ ନୂଆଗଡ ପର୍ଯ୍ୟନ୍ତ ୬କିମି ରାସ୍ତାକୁ ପୂର୍ତ୍ତ ବିଭାଗ ପକ୍ଷରୁ ପିଚୁ ଉପରେ ଆଉ ଥରେ ପିଚୁ କରାଯାଇଛି । ଲୋକ ଦେଖାଣିଆ ରାସ୍ତାର ଦୁଇପାର୍ଶ୍ୱରୁ ଘାସ ସଫା କରିଥିବା ବେଳେ ଫାଟିଯାଇଥିବା ପିଚୁ ତାଡିବା, ଖାଲରେ ଡଷ୍ଟ , ମେଟାଲ ପକାଇ ପୂରଣ କରିବା, ଖାଲ ସ୍ଥାନରେ ପ୍ରାଇମର କୋଟ, ଟ୍ୟାକ କୋଟ ପିଚୁ ଏସଟିବିଶି ଫ୍ଲେବର ଫିନିସର ସହ ରାସ୍ତା ସାଇଟିରେ ମାଟି ଫିଲିଂ ସେମିତି କିଛି କରାଯାଇନି । ରାସ୍ତାକୁ ସୁଦୃଢ଼ କରିବା ଓ ଉନ୍ନତ ମାନର କାମ ନିମନ୍ତେ ପିଚୁ ପ୍ଲାଣ୍ଟରୁ ହାଇୱା ମାଧମରେ ପିଚୁ ଆସୁଥିବା ବେଳେ ସକାଳୁ ଅସ୍ତରଙ୍ଗ ରେ ପହଞ୍ଚି ଘଣ୍ଟା ଘଣ୍ଟା ଥୁଆ ହୋଇ ପିଚୁ ଥଣ୍ଡା ହୋଇଯାଉଛି । କିନ୍ତୁ ପୁରୁଣା ରାସ୍ତାରେ ମରାମତି ନାଁରେ ପିଚୁ ଘଷା କାମ ସାରି ଦିଆଯାଉଥିବା ଅଭିଯୋଗ ହେଉଛି । ପୁରୁଣା ରାସ୍ତାରେ କେଉଁଠି ୪ଏମ୍ ଏମ୍ ତ 'ଆଉ କେଉଁଠି ୫ରୁ ୬ଏମ୍ ଏମ୍ ପିଚୁ କରି କାମ ସାରି ଦିଆଯାଉଥିବା ଦେଖିବାକୁ ମିଳୁଛି । ତେବେ ରାସ୍ତା କାମ କିଛି ଦିନ ନ ହେଉଣୁ ରାସ୍ତାର ପିଚୁ ଉଠି ଯାଉଥିବା ବେଳେ ରାସ୍ତାର ମାନ କଣ ଥିବ ଓ କିଭଳି ରାସ୍ତାକାମ ହେଉଥିବ ତାହା ସ୍ପଷ୍ଟ ଅନୁମେୟ । ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ସଲାସୁତୁରା ଯୋଗୁଁ ନିମ୍ନମାନର ରାସ୍ତା ତିଆରି ହେଉଥିବା ଲୋକେ କହୁଛନ୍ତି । ତେବେ ଏ ସମ୍ବନ୍ଧ ରେ ଯାହା ସାଧାରଣ ଲୋକ କହୁଛନ୍ତି ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କ ଦେଖା ମିଳୁନାହିଁ । ଏହାର ସତ୍ୟତା ଯାଞ୍ଚ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସର୍ଜନମିନ ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଟାଟା ଷ୍ଟିଲ ଓ ନୀଳାଚଳ ଇସ୍ପାତ ନିଗମ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ



ବ୍ୟାସନଗର(ଭାସ୍କର ନ୍ୟୁଜ୍): ଟାଟା ଷ୍ଟିଲ, ଟାଟା ଷ୍ଟିଲ ଫାଉଣ୍ଡେସନ, ନୀଳାଚଳ ଇସ୍ପାତ ନିଗମ ଲିମିଟେଡ (ଏନଆଇଏନଏଲ) ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି । ଏଥିରେ ଆଖପାଖ ଗ୍ରାମର ମହିଳା କର୍ମଚାରୀ ଓ ମହିଳାଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା । ଶନିବାର ଦିନ ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଦାନଗଦି ସ୍ଥିତ ମଲ୍ଟି ସ୍କିଲ୍ ସେଣ୍ଟରରେ ଏକ ମେଗା ଇଭେଣ୍ଟ ଆୟୋଜିତ ହୋଇଯାଇଛି । ଯେଉଁଥିରେ ଦାନଗଦୀ ଓ ସୁକିନ୍ଦା ବ୍ଲକର ୨୪ଟି ପଞ୍ଚାୟତର ୩୫୦ରୁ ଅଧିକ ମହିଳା ଅଂଶଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ଭାବେ ଜଟଣୀ କ୍ୟାମ୍ପସସ୍ଥିତ ଜାଭିଅର ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ହ୍ୟୁମାନିଟିଜ୍ ଆଣ୍ଡ ସେଟଲମେଣ୍ଟର ଡିନ୍, କାଜରୀ ମିଶ୍ର, ବିଡିଓ, ଦାନଗଦୀ ବ୍ଲକ, ପ୍ରଦୀପ ସେଠୀ, ସୁକିନ୍ଦା ବ୍ଲକ ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଜିଲ୍ଲା ପରିଷଦ ସଭ୍ୟ ଟିନା ହାଇବ୍ରୁ, ଜିଲ୍ଲା ପରିଷଦ ସଭ୍ୟ ସ୍ମୃତିରେଖା ରାଉତ, ମୁଖ୍ୟ ସିଏସ୍‌ଆର୍ ଅମ୍ବିକା ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ ୨୪ଟି ପଞ୍ଚାୟତର ମହିଳାଙ୍କ ଏବଂ କମ୍ୟୁନିଟିର ୬୦ ଜଣ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କର୍ମଚାରୀ ଓ ଠିକା କର୍ମଚାରୀଙ୍କ ସମେତ ୩୦୦ରୁ ଅଧିକ ମହିଳାମାନେ ଯୋଗ ଦେଇ ନିଜ ନିଜ ଅଭିଜ୍ଞତା ବିଷୟରେ କହିଥିଲେ ସାଂସ୍କୃତିକ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମ ମହିଳା ସଶକ୍ତୀକରଣ ଏବଂ ଏହାର ପରିଚାଳନା କ୍ଷେତ୍ରରେ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଉଛି ।

### ୧୭ରୁ ସିଦ୍ଧଶ୍ରୀକ୍ଷେତ୍ର ଦ୍ୱାଦଶ ସ୍ୱୟମ୍ଭୁ କ୍ରୋଶଲିଙ୍ଗ ଓ ବ୍ରାହ୍ମଣୀ ପରିକ୍ରମା

ଢେଙ୍କାନାଳ(ଭାସ୍କର ନ୍ୟୁଜ୍): ଚଳିତ ମାର୍ଚ୍ଚ ୧୭ ଓ ୧୮ ତାରିଖ ଦୁଇଦିନ ଧରି ଢେଙ୍କାନାଳ ଜିଲ୍ଲାରେ ପ୍ରବାହିତ ହେଉଥିବା ଉତ୍ତରବାହିନୀ ଗଙ୍ଗା ଭାବରେ ପରିଚିତା ବ୍ରାହ୍ମଣୀ ନଦୀର କୂଳେ କୂଳେ କୋଶ କୋଶରେ ସ୍ୱୟମ୍ଭୁ ପୂଜା ପାଉଥିବା ଦ୍ୱାଦଶ ସ୍ୱୟମ୍ଭୁ କ୍ରୋଶ ଲିଙ୍ଗ, ଏବଂ ଜ୍ୟୋର୍ତିଲିଙ୍ଗ ଶ୍ରୀ ଶ୍ରୀ ନାଗନାଥେଶ୍ୱରଙ୍କ ସମେତ ସିଦ୍ଧ ଶ୍ରୀକ୍ଷେତ୍ର ଏବଂ ବ୍ରାହ୍ମଣୀ ପରିକ୍ରମା ପ୍ରଥମ କରି ଅନୁଷ୍ଠିତ ହେବ । ତତ୍ ସହିତ ଗଙ୍ଗା ପ୍ରଦିକ୍ଷଣ ପରି ଢେଙ୍କାନାଳ ଜିଲ୍ଲା ଜନଜୀବନର ଜୀବନରେଖା ପାଲଟିଥିବା ଉତ୍ତରାୟଣୀ ଗଙ୍ଗା ଭାବରେ ପରିଚିତା । ବ୍ରାହ୍ମଣୀ ନଦୀକୁ ପରିକ୍ରମା କରାଯାଇ ନଦୀର ସ୍ୱଚ୍ଛତା ପବିତ୍ରତା ଏବଂ ସୁରକ୍ଷା ନିମନ୍ତେ ସଚେତନ ବାର୍ତ୍ତା ପ୍ରଦାନ କରି ଜନସଚେତନତା ସୃଷ୍ଟି କରାଯିବ । ବ୍ରାହ୍ମଣୀ ନଦୀ ପଠାରେ କଇଁଛମାନେ ଅଣ୍ଡା ଦେଉଥିବା କାରଣରୁ ସେମାନଙ୍କ ସୁରକ୍ଷା ପାଇଁ ମଧ ଏହି ପରିକ୍ରମାରେ ଜନସଚେତନତା ସୃଷ୍ଟି କରାଯିବ । ଏହି ପରିକ୍ରମା ବେଳେ ୧୭ ତାରିଖ ଦିନ ସକାଳ ୮ ଟାରେ ଢେଙ୍କାନାଳ ସିଦ୍ଧଶ୍ରୀ ବଳରାମ ପ୍ରଭୁଙ୍କ ମନ୍ଦିରରୁ ପରିକ୍ରମା କାର୍ଯ୍ୟକ୍ରମ ଶୁଭାରମ୍ଭ ହେବ । ପରେ କମଳାଙ୍ଗର ଶ୍ରୀ ଶ୍ରୀ କମଳେଶ୍ୱର ମହାଦେବ, ଧୂଳପୁରର ଶ୍ରୀ ଶ୍ରୀ ରଣେଶ୍ୱର ମହାଦେବ, ନାଧେରାର ଶ୍ରୀ ଶ୍ରୀ ଗୋକର୍ଣ୍ଣେଶ୍ୱର ମହାଦେବ, ଭୋଜଦେଇପୁରର ଶ୍ରୀ ଭୋଳେଶ୍ୱର ମହାଦେବ, ବଡ ନାଗେନାର ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ଶ୍ରୀ ଶ୍ରୀ ନାଗନାଥେଶ୍ୱର ମହାଦେବ ଏବଂ ଲତାଦେଇପୁରର ଶ୍ରୀ ଶ୍ରୀ ଉନ୍ନକୋଟିଶ୍ୱର ମହାଦେବଙ୍କ ଦର୍ଶନ ସହିତ ମନ୍ଦିର ପରିକ୍ରମା କରାଯିବ । ସେହିପରି ୧୮ ତାରିଖ ମଙ୍ଗଳବାର ଦିନ ରାୟନୃସିଂହପୁର କମଗରାର ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର, ସୋଗରର ଶ୍ରୀ ଶ୍ରୀ ସେଗରେଶ୍ୱର ମହାଦେବ, ବୁଢିବିଲିର ଶ୍ରୀ ନିଳକଣ୍ଠେଶ୍ୱର ମହାଦେବ, ଗୋରଡିଆର ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବ, ମାର୍ଥାପୁର ର ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାଦେବ, ଭୁବନର ଶ୍ରୀ ଶ୍ରୀ ବୁଦ୍ଧେଶ୍ୱର ମହାଦେବ ଏବଂ କରମୁଳର ଶ୍ରୀ ଶ୍ରୀ ଦୌଡେଶ୍ୱର ମହାଦେବଙ୍କୁ ଦର୍ଶନ ଓ ପରିକ୍ରମା କରି ପରିଶେଷରେ ହରହରିକ୍ଷେତ୍ର କପିଳାସର ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ମହାପ୍ରଭୁଙ୍କର ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।

## ସୁଭଦ୍ରା ଦ୍ୱିତୀୟ କିସ୍ତି ପାଇଲେ ୧୩୪୬୧୦ ଜଣ ମହିଳା

ମାଲକାନଗିରି(ଭାସ୍କର ନ୍ୟୁଜ୍): ଜିଲ୍ଲା ପ୍ରଶାସନ ପକ୍ଷରୁ ମାଲ୍ୟବନ୍ତ ଛାତ୍ରାବାସ ପରିସରରେ ସୁଭଦ୍ରା ଦ୍ୱିତୀୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଯୋଗ ଦେଇଥିବା ବେଳେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଏପିଡି ଆଡମିନ ରାମଚନ୍ଦ୍ର ଖଡ଼ିଆ ଓ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଉପସ୍ଥିତ ଥିଲେ । ରାଜ୍ୟ ସରକାରଙ୍କ ଏହି ଯୋଜନା ଦ୍ୱାରା ମାତୃଶକ୍ତିଙ୍କ ବିକାଶ ହୋଇପାରିଛି ଓ ସେମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବାରେ ଏହା ସହାୟକ ହୋଇପାରିଛି ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ । ସେହିପରି ଜିଲ୍ଲାରେ ୧୪୯୧୫୩ ଜଣ ସୁଭଦ୍ରା ଯୋଜନାରେ ପଞ୍ଜୀକରଣ କରିଥିବା ବେଳେ ୧୩୬୯୩୩ ଜଣ ଏଥିରେ



ଯୋଗ୍ୟ ବିବେଚିତ ହୋଇଛନ୍ତି । ଆଜି ସୁଦ୍ଧା ୧୩୪୬୧୦ ଜଣ ମହିଳା ସୁଭଦ୍ରା ଯୋଜନାରେ ଆର୍ଥିକ ରାଶି ପାଇଛନ୍ତି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଠାରେ ସୁଭଦ୍ରା ଦ୍ୱିତୀୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମରେ ଯୋଗ ଦେଇ ଏହାକୁ ଉଦଘାଟନ କରିଛନ୍ତି । ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ଏହି ଅର୍ଥ ରାଶି ପ୍ରଦାନ କରାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ମାଆ ଏବଂ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧରେ ବିଭିନ୍ନ ପ୍ରତିଯୋଗୀତା ଆୟୋଜନ କରାଯାଇ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା । ଆଜି ଦୁଇ ହଜାରରୁ ଅଧିକ ମାଆ ରାଜ୍ୟ ସ୍ତରରେ ଆଭାସି ମାଧମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତେରେସ୍କଭା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା ।

## ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକଙ୍କ ୧୫ତମ ମାସିକ ବୈଠକ

ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ବିଭିନ୍ନ ହାଇସ୍କୁଲମାନଙ୍କରେ ପ୍ରଧାନ ଶିକ୍ଷକ ମାନଙ୍କର ମାସିକ ବୈଠକ ଜାରି ରହିଥିବା ବେଳେ ଶନିବାର ଦିନ କୁମୁସି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ମାନଙ୍କର ୧୫ ତମ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଗୋଷ୍ଠୀ ଶିକ୍ଷାଧିକାରିଣୀ ପ୍ରିୟଦର୍ଶିନୀ ନାୟକଙ୍କ ଅଧକ୍ଷତା ରେ ରଙ୍ଗ ପରିବର୍ତ୍ତନ , ପଞ୍ଚଶିକ୍ଷା ସେତୁ, ଏଲଇପି ଉତ୍କର୍ଷ, ପରୀକ୍ଷା ଦର୍ପଣ , ପ୍ରବେଶ ଉତ୍ସବ , ଖଡ଼ି ଛୁଆଁ, ବିଜ୍ଞାନ କ୍ଲବ୍ , କ୍ରୀଡା ଏହିପରି ଅନେକ ମୁଖ୍ୟ ପ୍ରସଙ୍ଗ ଉପରେ ବିଇଓ ଶ୍ରୀମତୀ ନାୟକ ପୁଙ୍ଖାନୁପୁଙ୍ଖ ଆଲୋକପାତ କରିଥିଲେ । ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖା ସମ୍ପର୍କିତ ନିୟମାବଳୀ ଉପରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ ଉତ୍ଥାପନ କରିଥିଲାବେଳେ, ଲୋଧଣୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ତଥା ନୋଡାଲ ଅଧିକାରୀ ଦୁଷ୍ମନ୍ତ କୁମାର ବିଶ୍ୱାଳ ଆନ୍ତର୍ଜାତୀୟ ମହିଳା ଦିବସ ସମ୍ବନ୍ଧୀୟ ବକ୍ତବ୍ୟ ରଖିଥିଲେ । ପ୍ରଶାନ୍ତ କୁମାର ବିକ୍ରମସିଂହଙ୍କ ପଞ୍ଚସଖା ଶିକ୍ଷା ସେତୁର ପାଣ୍ଠି ସଂଗ୍ରହ ଓ ଏହାର ବିନିଯୋଗ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସୁବୋଧ ପଣ୍ଡା,ରଣଜିତ୍ ପ୍ରଧାନ, ସସ୍ମିତା ନନ୍ଦ , ଆରତୀ ମିଶ୍ର, ବବିତା ଦାସ ଓ ଅନ୍ୟ ପ୍ରଧାନ ଶିକ୍ଷକ ମାନେ ଉପସ୍ଥିତ ଥିଲେ ।

## ଆମ ପୁସ୍ତକମେଳାର ଚୁଡାନ୍ତ ବୈଠକ



କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ର ଅଗ୍ରଣୀ ଆମ ପୁସ୍ତକମେଳାର ଚୁଡାନ୍ତ ବୈଠକ ୨୪ମୌଜା ପଞ୍ଚୁଦଳ ସଦର ମଣ୍ଡପ ଠାରେ ସଭାପତି ସଦାନନ୍ଦ ଗୌଡ଼ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୃଷ୍ଣପ୍ରସାଦ ବ୍ଲକର ସମସ୍ତ ଶିକ୍ଷାବିତ ବୁଦ୍ଧିଜୀବୀ ଓ ସାରସ୍ୱତ ସାଧକ ଶତାଧିକ ଯୋଗ ଦେଇଥିଲେ । ଚଳିତ ବର୍ଷ ମାର୍ଚ୍ଚ ୨୦ତାରିଖ ଠାରୁ ୨୨ପର୍ଯ୍ୟନ୍ତ ପୁସ୍ତକ ମେଳା କିପରି ସରସ ସୁନ୍ଦର ଓ ଆକର୍ଷିତ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରାଯିବା ସହ ଓଡିଶାର ସୁନାମଧନ୍ୟ ପୁସ୍ତକ ପ୍ରକାଶନ ଓ ପୁସ୍ତକ ଭଣ୍ଡାର ଯୋଗଦେବେ ସେ ସମ୍ପର୍କ ରେ ଆମ ପୁସ୍ତକ ମେଳା ର ସମ୍ପାଦକ ଶିକ୍ଷାବିତ ବିଷ୍ଣୁ ପ୍ରଶାଦ ଦଳେଇ ସଭା ରେ ଉପସ୍ଥାପନ କରିଥିଲେ । ଯେପରି ଅଞ୍ଚଳର ଜନସାଧାରଣ ଲୋକଙ୍କ ପାଇଁ ବିଭିନ୍ନ ପ୍ରକାର ପୂରଣ ମହାପୁରୁଷ ଜୀବନୀ ଓ ଶିଶୁ ଗଳ୍ପ ଇତ୍ୟାଦି ପୁସ୍ତକ ମେଳାରେ ଉପଲବ୍ଧି ହୁଏ ଏବଂ ପ୍ରତି ସନ୍ଧ୍ୟା ରେ ବ୍ଲକର ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତିଙ୍କୁ ମାନପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧନା କରାଯିବା ସହ ପ୍ରତି ସନ୍ଧ୍ୟାରେ ସୃଜନୀ କବିତା ଆସର ଓ ବିଭିନ୍ନ ବିଦ୍ୟାଳୟର କୁନି କୁନି କଳାକାରମାନଙ୍କ ଦ୍ୱାରା ନୃତ୍ୟ ସଂଗୀତ ପରିବେଷଣ କରାଯିବ । ଆମ ବ୍ଲକର କବି ଲେଖକଙ୍କ ପୁସ୍ତକ ନିମନ୍ତ୍ରିତ ବିଶିଷ୍ଟ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯିବ, ଯାହାଦ୍ୱାରା ଆଗାମୀ ଭବିଷ୍ୟତ ପିଢ଼ିଙ୍କ ପାଇଁ ଏକ ପ୍ରେରଣା ସଦୃଶ ହୋଇ ପାରିବା ସହ ହଜାର ହଜାର ଲେଖକ କବି ପ୍ରାବନ୍ଧିକ ଗାଳ୍ପିକ ସୃଷ୍ଟି ହୋଇପାରିବେ । ଏଥିରେ ଦୈତାରି ବିଶ୍ୱାଳ, ମହେନ୍ଦ୍ର ବେହେରା, ବସନ୍ତ କୁମାର ନାୟକ, ସୁରେନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ ବିଶ୍ୱାଳ, ପ୍ରାକ୍ତନ ଅଧକ୍ଷ ନୀଳକଣ୍ଠ ତ୍ରିପାଠୀ ମନୋଜ ବାରିକ କୋଷାଧକ୍ଷ ବିଦ୍ୟାଧର ପ୍ରଧାନ ରାଧାଶ୍ୟାମ ବିଶ୍ୱାଳ, ବାବୁଲା ନାୟକ, ବିଭୂତି ଭୂଷଣ ହରିଚନ୍ଦନ ପ୍ରେମଚାନ୍ଦ ପାତ୍ର, ପ୍ରତାପ ହରିଚନ୍ଦନ, ବନବିହାରି ପଟ୍ଟନାୟକଙ୍କ ସମେତ ଶତାଧିକ ସାରସ୍ୱତ ସାଧକ ଯୋଗ ଦେଇଥିଲେ ।

### ବେଆଇନ ପଥରଚାଲାଣ ବେଳେ ୨ ଟ୍ରାକ୍ଟର ଜବତ, ୩ ଅଟକ

ଢେଙ୍କାନାଳ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲାରେ ବେଆଇନ ଭାବେ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ହେଉଥିବାର ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଥିଲେ ହେଁ ପୋଲିସ ଓ ରାଜସ୍ୱ ବିଭାଗ ଆଖି ବୁଜିଦେଇଥିବା ଅଭିଯୋଗ ହୋଇ ଆସୁଛି । ବିଭିନ୍ନ ସମୟରେ ଏହି ଚୋରା କାରବାରରେ ଅଙ୍କୁଶ ଲଗାଇବା ପରିବର୍ତ୍ତେ ଲୋକଦେଖାଣିଆ କାଁଭାଁ ଚଢ଼ାଉ କରାଯାଇ ଗୋଟିଏ ଦୁଇଟି ଗାଡି ଜବତ କରିବା ସହ ସେମାନଙ୍କ ଠାରୁ ଜୋରିମାନା ନେଇ ଛାଡି ଦେବା ଘଟଣା ଦେଖିବାକୁ ମିଳିଆସୁଛି । ମାତ୍ର ବାରମ୍ବାର ଚଢ଼ାଉ ହେବା ଦୃଷ୍ଟିଗୋଚର ହେଉନାହିଁ । ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶରେ ନୂତନ ଭାବେ ଯୋଗ ଦେଇଥିବା ଏସ୍.ଡି.ପି.ଓ ରମେଶ ଚନ୍ଦ୍ର ଦୋରାଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ସଦର ଥାନା ଅଧୀନ କମିନିଙ୍ଗ ପଥର ଖଣିରୁ ବେଆଇନ ଭାବେ ମାଙ୍କଡ଼ା ପଥର ଚାଲାଣ ବେଳେ ସଦେଇ ବେରେଣୀ ଛକ ଉପରୁ ୨ଟି ପଥର ବୋଝେଇ ଟ୍ରାକ୍ଟରକୁ ଜବତ କରଛନ୍ତି । ଗୋବିନ୍ଦପୁର ଫାଣ୍ଡି ପୋଲିସ୍ ଜବତ ଗାଡିଗୁଡ଼ିକୁ ରଖିବା ସହିତ ଏହି ଚୋରା କାରବାରରେ ସଂପୃକ୍ତ ୩ ଜଣଙ୍କୁ ଅଟକ ରଖି ଅଧିକ ତଦନ୍ତ ଚଳାଇଛି ।

# ଜଳୁଛି ଜଙ୍ଗଲ, ନିଘୋଡ଼ ନିଦରେ ବନବିଭାଗ

ଢେଙ୍କାନାଳ(ଭାସ୍କର ନ୍ୟୁଜ୍): କଙ୍କଡ଼ାହାଡ଼ ବ୍ଲକରେ ଜଙ୍ଗଲ ସୁରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରିବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ତାହାକୁ ଗିଳିଦେଉଚି ବନ ବିଭାଗ । ଜଙ୍ଗଲ ସୁରକ୍ଷା ପାଇଁ ବିଭିନ୍ନ ଉଦ୍ୟମ ସରକାର କରିଥିବା ବେଳେ ଜଙ୍ଗଲକୁ ସୁରକ୍ଷା ଦେବା ବଦଳରେ ଜଙ୍ଗଲ ଧ୍ୱଂସ କରିବାରେ ଲାଗିଛି ବନ ବିଭାଗ । ଢେଙ୍କାନାଳ ବନଖଣ୍ଡ ମହାବିରୋଡରେ ବିଭିନ୍ନ ସେକ୍ସନର ସଂରକ୍ଷିତ ଜଙ୍ଗଲରେ ଲାଗିଛି ନିଆଁ ।ଏହି ଅଗ୍ନିକାଣ୍ଡରେ ଏକର ଏକର ଜଙ୍ଗଲ ନିଆଁରେ ଜଳିବା ଦ୍ୱାରା ଜଙ୍ଗଲ ନଷ୍ଟ ହେବା ସାଙ୍ଗକୁ ପରିବେଶ ପ୍ରଦୂଷଣ ବଢୁଛି ତ କେଉଁଠି ଗଛ କଟାଯାଉଛି ।ଏଥିସହ ଉତ୍ତାପ ବଢ଼ିବାରେ ଲାଗିଛି । ସରକାର ଜଙ୍ଗଲ ସୁରକ୍ଷା ଓ ଜଙ୍ଗଲରୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ କୋଟି କୋଟି ଟଙ୍କା



ଖର୍ଚ୍ଚ କରୁଥିଲା ବେଳେ ଏଠାରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି । ଖାଲି ପ୍ରଚାର ପ୍ରସାରରେ ମାଧ୍ୟମରେ ବନ ବିଭାଗ ପକ୍ଷରୁ ଜଙ୍ଗଲ ସୁରକ୍ଷା କାମ ହେଉଥିବା ଅଭିଯୋଗ ହେଉଅଛି । ମହାବିରୋଡ଼ ଅଧୀନରେ ଆସୁଥିବା ଗଡପଳାଶୁଣି ଏବଂ ଦଶିପୁର ସଂରକ୍ଷିତ ଜଙ୍ଗଲରେ ଭୟଙ୍କର ନିଆଁ ଲାଗିଥିଲା ବେଳେ ବନ ବିଭାଗର ନିଘା ନାହିଁ କି ଦେଖା ନାହିଁ । ରାଜ୍ୟ ସରକାର ଓ କେନ୍ଦ୍ର ସରକାର ନୂତନ ବନିକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲାବେଳେ ପ୍ରାକୃତିକ ଜଙ୍ଗଲକୁ ଦୁର୍ବୃତ୍ତମାନେ ନିଆଁ ଲଗାଇ ଜଙ୍ଗଲ ନଷ୍ଟ କରୁଛନ୍ତି, ଯାହାର ବନ ବିଭାଗ ଟେର ପାଉନଥିବା ବଡ ସନ୍ଦେହ ସୃଷ୍ଟି ହୋଇଛି ।ଜଙ୍ଗଲରେ ନିଆଁ ଲାଗିବାରୁ ମୂଲ୍ୟବାନ ଗଛ ନଷ୍ଟ ହେବାରୁ ପରିବେଶ ଉପରେ ପ୍ରଭାବ ପଡୁଅଛି । ଜଙ୍ଗଲରେ ଥିବା ବନ୍ୟ ଜନ୍ତୁ, ନିଆଁରେ ପୋଡ଼ି ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି । ଗ୍ରାମାଞ୍ଚଳର ଲୋକମାନେ ଜଙ୍ଗଲ ଉପରେ ନିର୍ଭର କରୁଥିଲାବେଳେ ଜଙ୍ଗଲ ନଷ୍ଟ ହେବାରୁ ଚିନ୍ତାରେ ଅଛନ୍ତି ।ଜଙ୍ଗଲ ନଷ୍ଟ ହେବାରୁ ଉତ୍ତାପ ବଢିବା ଓ ପରିବେଶ ଦୂଷିତହେଉଛି ।ବନବିଭାଗ ଅବହେଳା ପାଇଁ ଅଞ୍ଚଳବାସୀ ଘୋର ନିନ୍ଦା କରିଛନ୍ତି ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରଥଯାତ୍ରା ପୂର୍ବରୁ ରତ୍ନ ଗଣତି । ରତ୍ନ ଭଣ୍ଡାର ମରାମତି ଓ ମଣତି ଗଣତି ନେଇ ଆଇନ ମନ୍ତ୍ରୀ ବଡ ସୂଚନା ଦେଇଛନ୍ତି । ରଥ ଯାତ୍ରା ପୂର୍ବରୁ ମଣତି ଗଣତି କାମ ସାରିବା ପାଇଁ ଆଶାବାଦୀ। ସ୍ନାନ ଯାତ୍ରା ପୂର୍ବରୁ ଯଦି ରତ୍ନ ଭଣ୍ଡାରର ମରାମତି ସରି ଯାଏ, ତେବେ ରଥ ଯାତ୍ରା ପୂର୍ବରୁ ମଣତି ଗଣତି ହେବ। ଆଉ ଯଦି ସ୍ନାନ ଯାତ୍ରା ପାଖା ପାଖି ମରାମତି ଶେଷ ହୁଏ, ତାହେଲେ କେବଳ ମହାପ୍ରଭୁଙ୍କର ଅଳଙ୍କାର ରତ୍ନଭଣ୍ଡାରକୁ ସ୍ଥାନକୁ ସ୍ଥାନାନ୍ତରିତ କରାଯିବ। ମଣତି ଗଣତି ପ୍ରକ୍ରିୟା ରଥଯାତ୍ରା ପରେ କରାଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ରତ୍ନ ଭଣ୍ଡାରର ମରାମତି କାମ ଚାଲିଛି। ମରାମତି କାମ ସରିବା ପରେ ହିଁ ମଣତି ଗଣତି କାମ ଆରମ୍ଭ ହେବ। ରତ୍ନ ଭଣ୍ଡାରର ବହୁତ ମରାମତି କାମ ବାକି ରହି ଥିଲା। ଯାହାକୁ ମରାମତି କରି ନ ଥିଲେ କଲେ ହୁଏତ ଭବିଷ୍ୟତରେ ମନ୍ଦିର ପ୍ରତି ମଧ୍ୟ ବିପଦ ସୃଷ୍ଟି କରି ଥାଆନ୍ତା। ଏଭଳି ସ୍ଥିତି ଥିଲା। ଯେହେତୁ ମରାମତି କାମ ଆରମ୍ଭ ହୋଇଛି। ତାହା ନ ଶେଷ ହେବା ପର୍ଯ୍ୟନ୍ତ। ସେହିପରି ରତ୍ନ ଭଣ୍ଡାରର ଉପର ମହଲାରେ ମଧ୍ୟ ମରାମତି କାମ ବାକି ରହିଛି। ଆଉ ଦୁଇ ରୁ ଅଢେଇ ମାସ ଭିତରେ ସମୟ ଲାଗି ପାରେ। ରଥ ଯାତ୍ରା ପୂର୍ବରୁ ସେ କାମ ସଂପୂର୍ଣ୍ଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

## ଶିଳ୍ପ ପ୍ରଗତି ସହିତ ପରିବେଶଗତ ସନ୍ତୁଳନ ଏକାନ୍ତ ଆବଶ୍ୟକ: ରାଜ୍ୟପାଳ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶିଳ୍ପ ପ୍ରଗତି ସହିତ ପରିବେଶଗତ ସନ୍ତୁଳନ ଏକାନ୍ତ ଆବଶ୍ୟକ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ରବିବାର ବିଜୁ ପଟ୍ଟନାୟକ ପ୍ରଦର୍ଶନୀ ପଡ଼ିଆ, ବରମୁଣ୍ଡାଠାରେ ଆୟୋଜିତ ଓଡ଼ିଶା ମାଇନିଂ ଏକ୍ସପୋ ଏବଂ କନକ୍ଲେଭର ଉଦ୍ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ସମାରୋହରେ ଉଦ୍‌ବୋଧନ ଦେଇ ଇଣ୍ଡଷ୍ଟ୍ରି ଲିଡ଼, ନୀତି ନିର୍ଦ୍ଧାରକ ଏବଂ ବିଶେଷଜ୍ଞମାନଙ୍କୁ ସମ୍ବୋଧିତ କରି ରାଜ୍ୟପାଳ କହିଥିଲେ ଯେ, ଭାରତର ଖଣିଜ-ଭିତ୍ତିକ ଅର୍ଥନୈତିକ ଅଭିବୃଦ୍ଧିରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଖଣି ଓଡ଼ିଶାର ଅର୍ଥନୀତିର ମେରୁଦଣ୍ଡ ହୋଇଛି, ଯାହା ନିଯୁକ୍ତି, ଭିତ୍ତିଭୂମି ଏବଂ ଶିଳ୍ପ ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି। ଲୁହପଥର, ବକ୍ସାଇଟ୍, କୋଇଲା, ମାଙ୍ଗାନିଜ୍ ଏବଂ କ୍ରୋମାଇଟ୍‌ର ବିପୁଳ ଭଣ୍ଡାର ସହିତ ଓଡ଼ିଶା ଭାରତର ସମ୍ପଦ-ଚାଳିତ ବିକାଶରେ ଏକ ପ୍ରମୁଖ ରାଜ୍ୟଭାବରେ ନିଜକୁ ସ୍ଥାନିତ କରିଛି। ଏହି ଅବସରରେ ଏକ ଉତ୍ପାଦନକ୍ଷମ, ଦକ୍ଷ ଏବଂ ସାମାଜିକ ଦାୟିତ୍ୱବୋଧ ଥିବା ଖଣି କ୍ଷେତ୍ର ପାଇଁ ସାମୁହିକ ଭାବେ କାର୍ଯ୍ୟ କରିବାକୁ ସମସ୍ତ ଅଂଶୀଦାରମାନଙ୍କୁ ରାଜ୍ୟପାଳ ଡ. କମ୍ଭମ୍ପାଟି ଆହ୍ୱାନ ଜଣାଇଥିଲେ। ଫ୍ୟୁଚରେକ୍ସର ଅଧ୍ୟକ୍ଷ ସ୍ୱାମୀ ପ୍ରେମ ଅନ୍ୱେଷୀ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଆୟୋଜକ କମିଟିର ଅଧ୍ୟକ୍ଷ ତଥା ନାଲ୍କୋର ପୂର୍ବତନ ସିଏମ୍‌ଡି ଡ. ତପନ୍ ଚାନ୍ଦ ମାଇନିଂ ଏକ୍ସପୋ ଆଣ୍ଡ କନ୍‌କ୍ଲେଭର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଏବଂ କାର୍ଯ୍ୟାଧାରା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଲୁମିନସ୍ ଇନ୍‌ଫୋୱେଜ୍‌ର ଏମ୍.ଡି. ଜୟଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କିମ୍ବଦନ୍ତୀ ବଂଶୀବାଦକ ପଦ୍ମବିଭୂଷଣ ପଣ୍ଡିତ ହରିପ୍ରସାଦ ଚୌରାସିଆଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି / କର୍ମକର୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅନୁବାଦକ ସୁଭାଷ ଶତପଥୀଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ଲାଗି ମନୋନୀତ ଅନୁବାଦକ ସୁଭାଷ ଶତପଥୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶିଷ୍ଟ ଲେଖକ ତଥା ଅନୁବାଦକ ସୁଭାଷ ଶତପଥୀ ପ୍ରସିଦ୍ଧ ଲେଖକ ରସ୍କିନ ବଣ୍ଡଙ୍କ ଆତ୍ମଜୀବନୀ 'ଲୋନ୍ ଫକ୍ସ ଡ୍ୟାନ୍ସିଂ'ର ଓଡ଼ିଆ ଅନୁବାଦ 'କୋକିଶିଆଳିର ଏକକ ନୃତ୍ୟ' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ଲାଗି ମନୋନୀତ ହେବା ଓଡ଼ିଶା ପାଇଁ ଗୌରବର ବିଷୟ। ସାହିତ୍ୟ ଜଗତରେ ଏହିଭଳି କୃତି ଆଗାମୀ ଦିନରେ ତାଙ୍କ ପାଇଁ ଆହୁରି ସୁନାମ ଆଣିଦେଉ। ଏହି ଅବସରରେ ତାଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ।

## ବିଧାନସଭା ପରିସରରେ ଅନନ୍ତ ଦାସଙ୍କୁ ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଧାନସଭାରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ସ୍ୱର୍ଗତ ଅନନ୍ତ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ବାଚସ୍ପତି । ବିଧାନସଭା ପରିସରରେ ସ୍ୱର୍ଗତ ଅନନ୍ତ ଦାସଙ୍କ ପାର୍ଥିବ ଶରୀରକୁ ଗାର୍ଡ ଅଫ ଅର୍ନର ଦିଆଯାଇଥିଲା । ମର ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ବାଚସ୍ପତି ସୁରମା ପାଢ଼ି । ଏହାସହ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ବିଜେଡି ବିଧାୟକ ପ୍ରତାପ ଦେବ, ଅନନ୍ତ ନାରାୟଣ ଜେନା, ରାଜେନ୍ଦ୍ର ଢୋଲକିଆ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଅନନ୍ତ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

## ସାଇବର ଠକ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କ୍ରିକେଟ ଖେଳରୁ ସାଇବର ଫ୍ରଡକୁ ଉଠାଇ ନେଲା କର୍ଣ୍ଣାଟକ ପୋଲିସ । ଏୟାରପୋର୍ଟ ଥାନା ଅଞ୍ଚଳରୁ ସୁମିତ ପାଢୀକୁ ଗିରଫ କଲା ପୋଲିସ । କର୍ଣ୍ଣାଟକରେ କୋଟି କୋଟି ଟଙ୍କାର ସାଇବର ଠକେଇ କରିଥିବା ସୁଚନା ମିଳିଛି । ସୁମିତ ଆକାଉଂଟକୁ ଆସିଥିଲା ୮୫ ଲକ୍ଷ ଟଙ୍କା । ସୁମିତର ଘର ଏୟାରପୋର୍ଟ ଥାନା ଅନ୍ତର୍ଗତ ଭିମପୁରରେ । ସୁମିତ ସହିତ ଆଉ ୫ ଜଣ ଏହି ଫ୍ରଡରେ ସାମିଲ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି ।

**ମାହାଙ୍ଗାରେ ମହିଳା ସମିତି ସଭ୍ୟାଙ୍କ ଉପରେ ଆକ୍ରମଣ ଘଟଣା**

## ବିଧାୟକ ସାରଦା ପ୍ରଧାନଙ୍କ ଗିରଫ ଦାବି କଲା ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହେଉଥିବା ବେଳେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୋତାମରାଇ ପଞ୍ଚାୟତର ପଞ୍ଚାୟତ ସମିତି ସଭ୍ୟା ସୋନାଲି ପ୍ରିୟଦର୍ଶିନୀ ରାଉତଙ୍କ ଉପରେ ସ୍ଥାନୀୟ ବିଧାୟକଙ୍କ ସମର୍ଥକଙ୍କ ଦ୍ୱାରା ମରଣାନ୍ତକ ଆକ୍ରମଣ ଘଟଣାକୁ ବିଜୁ ଜନତା ଦଳ ଦୃଢ଼ ନିନ୍ଦା କରିଛି । ଉଲ୍ଲେଖଯୋଗ୍ୟ, ରାଜ୍ୟରେ ବିଜେପି ସରକାରଙ୍କ ଶାସନ କାଳରେ ମହିଳା ମାନେ ସୁରକ୍ଷିତ ନୁହଁନ୍ତି ବୋଲି ବିଜୁ ଜନତା ଦଳର ବରିଷ୍ଠ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଅଭିଯୋଗ କରିବାର କିଛି ଘଣ୍ଟା ବ୍ୟବଧାନରେ ଏହି ଘଟଣା ଘଟିଥିଲା । ବିଜୁ ଜନତା ଦଳର ମୁଖ୍ୟାଳୟ ଶଙ୍ଖ ଭବନ ଠାରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ଼ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ, ଗତ କାଲି ପୋତାମରାଇ ପଞ୍ଚାୟତର ସମିତି ସଭ୍ୟା ସୋନାଲି ପ୍ରିୟଦର୍ଶିନୀ ରାଉତ ନିଜ ଘରେ ଥିବା ସମୟରେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନଙ୍କ ଚାରି ଜଣ ସମର୍ଥକ ତାଙ୍କ ଘରେ ପଶି ତାଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ । ବିଧାୟକ ଶାରଦା ପ୍ରଧାନଙ୍କ ବିରୋଧରେ ଗଲେ ପରିଣାମ ଭୟଙ୍କର ହେବ ବୋଲି ଧମକ ଦେବା ସହିତ ତାଙ୍କ ମୁହଁକୁ କାନ୍ଥରେ ପିଟି ଦେଇଥିଲେ । ତାଛଡା, ତାଙ୍କ ମଙ୍ଗଳ ସୂତ୍ର ଟାଣି ଛିଣ୍ଡାଇ ଦେଇଥିଲେ । ଏହି ଦୁର୍ବୃତ୍ତ ମାନଙ୍କ ଆକ୍ରମଣରେ ଆହତ ହୋଇ କଟକ ବଡ଼ ମେଡିକାଲକୁ ଚିକିତ୍ସା ପାଇଁ ଯାଇଥିଲେ । ଡ଼ ସାମନ୍ତସିଂହାର କହିଥିଲେ, ଶ୍ରୀ ଶାରଦା ପ୍ରଧାନ ମାହାଙ୍ଗାର ବିଧାୟକ ଭାବେ ନିର୍ବାଚିତ ହେବା ପରଠାରୁ ତାଙ୍କ ସମର୍ଥକ ମାନଙ୍କ ଉତ୍ପାତ କାରଣରୁ ମାହାଙ୍ଗା ଅଶାନ୍ତ ହୋଇ ପଡିଛି । ବିଜୁ ପଟ୍ଟନାୟକଙ୍କ ଜୟନ୍ତୀର ପୂର୍ବ ସନ୍ଧ୍ୟାରେ ବିଧାୟକଙ୍କ ସମର୍ଥକଙ୍କ ଦ୍ୱାରା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିର ମୁଣ୍ଡ କାଟି ଦିଆ ଯାଇଥିଲା, ଯାହାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ସ୍ୱାଧୀନ ବିଧାୟକ ଶାରଦା ପ୍ରଧାନଙ୍କ ବିଜେପି ସହିତ କି ସମ୍ପର୍କ ରହିଛି, ତାହା ସମସ୍ତେ ଭଲ ଭାବେ ଜାଣନ୍ତି । ଏବେ ସମିତି ସଭ୍ୟାଙ୍କ ଉପରେ ବିଧାୟକଙ୍କ ସମର୍ଥକଙ୍କ ଦ୍ୱାରା ମରଣାନ୍ତକ ଆକ୍ରମଣ ରକ୍ଷକ ଭକ୍ଷକ ସାଜିବା ସଦୃଶ୍ୟ ହୋଇଛି । ଏହି ଘଟଣାରୁ ରାଜ୍ୟରେ ମହିଳା ମାନେ କେତେ ସୁରକ୍ଷିତ ଅଛନ୍ତି, ତାହାର ପ୍ରମାଣ ମିଳୁଛି । ଏହି ଘଟଣାକୁ ବିଜୁ ଜନତା ଦଳ ଦୃଢ଼ ନିନ୍ଦା କରିବା ସହିତ ବିଧାୟକ ଶାରଦା ପ୍ରଧାନଙ୍କ ଗିରଫ ଦାବୀ କରୁଛି ବୋଲି ଡ଼ ସାମନ୍ତସିଂହାର କହିଛନ୍ତି ।

## ସ୍ୱର୍ଗତ ଅନନ୍ତ ଦାସଙ୍କ ପାର୍ଥିବ ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କଲେ ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶଙ୍ଖ ଭବନରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ସ୍ୱର୍ଗତ ଅନନ୍ତ ଦାସଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ଏହାସହ ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ମିଶ୍ର, ବରିଷ୍ଠ ନେତା ସଂଜୟ ଦାସ ବର୍ମା, ଅତନୁ ସବ୍ୟସାଚୀ ନାୟକ, ବିଧାୟକ ଅନନ୍ତ ନାରାୟଣ ଜେନା, ରାଜେନ୍ଦ୍ର ଢୋଲକିଆ, ଅଶ୍ୱିନୀ ପାତ୍ର ପ୍ରମୁଖ ସ୍ୱର୍ଗତ ଅନନ୍ତ ଦାସଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି।

## ରାଜ୍ୟର ସବୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିବ କଂଗ୍ରେସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଗତ ୮ ମାସର ଡବଲ ଇଞ୍ଜିନ ସରକାର ରେ ରାଜ୍ୟରେ ମହିଳାମାନଙ୍କ ପ୍ରତି ଅତ୍ୟାଚାର ଓ ପାଶବିକ ଅତ୍ୟାଚାର ହୁହୁ ହୋଇ ବଢ଼ିଚାଲିଛି । ଏହାର ପ୍ରତିବାଦରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ସାରା ରାଜ୍ୟରେ ସୋମବାର ମାର୍ଚ୍ଚ ୧୦ ତାରିଖ ଦିନ ସମସ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ କରାଯିବା ସହ ଜିଲ୍ଲାପାଳଙ୍କ ଜରିଆରେ ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯିବ। ଦୀର୍ଘ ୨୫ ବର୍ଷର ପୂର୍ବ ସରକାରରେ ପରି ଠୁଁ ଆରମ୍ଭ କରି ବେବିନା, ମାଧବିଲତା, ମମିତା ଏବଂ କୁନୁଲି ପୀଡ଼ିତା ଭଳି ବହୁ ମହିଳା ନିର୍ଯ୍ୟାତିତ ହୋଇଛନ୍ତି । କେହି ନ୍ୟାୟ ପାଇଲେ ନାହିଁ । ସାଧାରଣ ଜନତା ଭାବିଥିଲେ ସରକାର ବଦଳିବା ପରେ ମହିଳାଙ୍କ ପ୍ରତି ଅତ୍ୟାଚାର ହ୍ରାସ ପାଇବ କିନ୍ତୁ ପରବର୍ତ୍ତୀ ସମୟରେ ବିଜେପି ସରକାର ଆସିବା ପରେ ମହିଳାଙ୍କ ପ୍ରତି ଅତ୍ୟାଚାର, ବ୍ୟଭିଚାର,ଗଣଦୁଷ୍କର୍ମ ମହିଳା ନିଖୋଜ ହେବା ଘଟଣା ସାରା ଦେଶରେ ରେକର୍ଡ ସୃଷ୍ଟି କରିଛି ବୋଲି କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି ।

**କର୍ଣ୍ଣାଟକରେ ମହିଳାଙ୍କୁ ଦୁଷ୍କର୍ମ ଓ ଓଡିଆ ଯୁବକଙ୍କ ମୃତ୍ୟୁ ପ୍ରସଙ୍ଗ**

## କଂଗ୍ରେସ ଦଳର ଦୋମୁହାଁ ନୀତିର ଅସଲ ଚେହେରା ପଦାରେ ପଡିଛି: ବିରଞ୍ଚି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସମଗ୍ର ବିଶ୍ୱ ଯେତେବେଳେ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରୁଥିଲା, ସେତେବେଳେ କଂଗେସ ଶାସିତ କର୍ଣ୍ଣାଟକ ପ୍ରଦେଶରୁ ଆସିଥିବା ଏକ ଦୁଖଦଃ ସମ୍ବାଦ ସମସ୍ତଙ୍କୁ ବ୍ୟଥୀତ କରିଥିଲା । ପର୍ଯ୍ୟଟନ ପାଇଁ କର୍ଣ୍ଣାଟକ ଯାଇଥିବା ୨ ଜଣ ମହିଳାଙ୍କୁ ଦୁଷ୍କର୍ମ କରାଯାଇ ଅତ୍ୟନ୍ତ ନୃଶଂସ ଭାବେ ହତ୍ୟା କରାଯିବା ଘଟଣା ଅତ୍ୟାନ୍ତ ନିନ୍ଦନୀୟ ଓ ଲଜ୍ଜାଜନକ । ଏହି ଘଟଣାରେ ଓଡିଶାର କନ୍ଧମାଳ ଜିଲ୍ଲାର ଜଣେ ଯୁବକକୁ କେନାଲକୁ ଠେଲି ଦେଇ ହତ୍ୟା କରାଯାଇଛି । ଏହି ଅମାନବୀୟ ଘଟଣାରେ ୩ ଜଣ ସାମିଲ ଥିବାବେଳେ ବର୍ତମାନ ସୁଦ୍ଧା ଅପରାଧୀଙ୍କୁ ଗିରଫ କରିବାରେ ବିଫଳ ହୋଇଛି କର୍ଣ୍ଣାଟକ ସରକାର । ଅନ୍ୟ ପଟେ ଓଡିଶାରେ ମହିଳା ସୁରକ୍ଷାକୁ ପ୍ରସଙ୍ଗ କରି ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରୁଥିବା କଂଗ୍ରେସ ଦଳ କର୍ଣ୍ଣାଟକ ପ୍ରସଙ୍ଗରେ ସମବେଦନା ଜଣାଇ ଦୁଃଖ ପ୍ରକାଶ କରିବା ତ ବହୁ ଦୂର କଥା, ସାମାନ୍ୟତମ ନିନ୍ଦା ମଧ୍ୟ କରିନାହାନ୍ତି । ଓଡିଶାର ଜଣେ ହେଲେ କଂଗ୍ରେସ ନେତା ପାଟି ଖୋଲିନାହାନ୍ତି । କଂଗ୍ରେସ ଦଳର ଏଭଳି ଦୋମୁହାଁ ନୀତି ନିଜ ଚେହେରାର ଅସଲ ମୁଖା ଖୋଲିଦେଇଛି । ବାସ୍ତବରେ ନିଜ ଅସ୍ତିତ୍ୱ ବଂଚାଇ ରଖିବା ପାଇଁ ଓଡିଶାରେ କଂଗ୍ରେସ ନେତାମାନେ ପ୍ରୟାସ ଜାରୀ ରଖି ପ୍ରତିଦିନ ଡ୍ରାମାବାଜୀ କରୁଛନ୍ତି ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି ।

## ବାଲି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟରେ ଚୋରା ବାଲି ମାଫିଆଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ମଧ୍ୟ ରାଜ୍ୟ ତମାମ ପୋଲିସ ପକ୍ଷରୁ ଚଢ଼ାଉ ଜାରି ରହିଛି। ରାଜ୍ୟର ସମସ୍ତ ଜିଲ୍ଲା ପୋଲିସ ବାଲି ମାଫିଆଙ୍କ ବିରୋଧରେ ଚଢ଼ାଉ ଅଭିଯାନ ଜାରି ରଖିଛନ୍ତି। ଏହି କ୍ରମରେ ବାଲି ବୋଝେଇ ଟ୍ରାକ୍ଟର, ଟ୍ରକ, ଟିପର ଓ ହାଇୱା ଜବତ କରାଯାଇଛି। ରବିବାର ସକାଳୁ ରାତି ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାର ପୋଲିସର ସ୍ୱତନ୍ତ୍ର ଟିମ ବିଭିନ୍ନ ଚୋରା ବାଲିଘାଟ ଉପରେ ଚଢାଉ କରି ୧୩୬ ଟି ବାଲି ବୋଝେଇ ଟ୍ରାକ୍ଟର, ଟ୍ରକ, ଟିପର ଓ ହାଇୱା ଜବତ କରାଯାଇଛି। ଏହା ସହ ୧୧୯ ଟି ମାମଲା ରୁଜୁ କରାଯାଇଥିବା ବେଳେ ୧୨୩ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏହି ଧରପଗଡ଼ ଲଗାତାର ଭାବେ ଚାଲିବ। ବାଲି, ମୋରମ ଚୋରା କାରବାର ସମ୍ପର୍କରେ ସ୍ଥାନୀୟ ବ୍ୟକ୍ତି ବିଶେଷ ପୋଲିସକୁ ସୂଚନା ମଧ୍ୟ ଦେଇପାରିବେ। ରାଜ୍ୟରେ ଚୋରା ବାଲି ଚାଲାଣ ରୋକିବାକୁ ଆଗାମୀ ଦିନରେ ମଧ୍ୟ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିବ।

## ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ ପାଇଁ ପ୍ରସ୍ତୁତି ବୈଠକ

କଟକ(ଭାସ୍କର ନ୍ୟୁଜ): ସଂପ୍ରତି ରାଜ୍ୟରେ ମହିଳା ହିଂସା ବୃଦ୍ଧି ସହ ସୁରକ୍ଷା ଆଜି ବିପଦ ଜନକ ସ୍ଥିତିରେ ରହିଛି । ଏହି ପ୍ରସଙ୍ଗରେ ପ୍ରଦେଶ କଂଗ୍ରେସ୍ ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନରେ ସାରା ରାଜ୍ୟରେ ଜିଲ୍ଲାପାଳ ଅଫିସ ଘେରାଉ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତି ନିଆଯାଇଥିଲା ବେଳେ ଅନୁରୂପ ଭାବରେ କଟକ ଜିଲ୍ଲାପାଳ ଅଫିସ ଘେରାଉ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କଟକ ନଗର କଂଗ୍ରେସ ସଭାପତି ସୁରେଶ ମହାପାତ୍ର ଓ କଟକ ଜିଲ୍ଲା କଂଗ୍ରେସ ସଭାପତି ତଥା ପ୍ରାକ୍ତନ ବିଧାୟକ ରବୀନ୍ଦ୍ର ମଲ୍ଲିକଙ୍କ ମିଳିତ ଆନୁକୁଲ୍ୟରେ ଏକ ପ୍ରସ୍ତୁତି ବୈଠକ କଟକ ମାଛୁଆ ବଜାର ସ୍ଥିତ ସର୍କିଟ ହାଉସରେ ବରିଷ୍ଠ କଂଗ୍ରେସ ନେତା ତଥା କଟକ ନଗର କଂଗ୍ରେସ ସଭାପତି ସୁରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ କରାଯାଇଥିଲା । ମହିଳା ସୁରକ୍ଷା ଓ ସମ୍ମାନ ପାଇଁ ପ୍ରଦେଶ କଂଗ୍ରେସ୍ ପକ୍ଷରୁ ଆସନ୍ତା ୧୦ତାରିଖ ସୋମବାର ଦିନ ଜିଲ୍ଲାପାଳ ଅଫିସ ଘେରାଉ କରିବାକୁ ଆହ୍ୱାନ ଦିଆଯାଇଛି।

## ବାଦାମବାଡ଼ିରୁ ସେକ୍ସ ରାକେଟ୍ ଠାବ

କଟକ(ଭାସ୍କର ନ୍ୟୁଜ): କମିଶନରେଟ ପୋଲିସ ପକ୍ଷରୁ ଚଢ଼ଉ କରାଯାଇ ରବିବାର କଟକ ବାଦାମବାଡି ଅଞ୍ଚଳରେ ଥିବା ଏକ ଭଡ଼ା ଘରୁ ସେକ୍ସ ରାକେଟ୍ ଠାବ କରାଯାଇଛି । ଡିସିପିଙ୍କ ନେତୃତ୍ୱରେ ଉକ୍ତ ଭଡ଼ା ଘରେ ଚଢ଼ଉ କରାଯିବା ପରେ ଘଟଣାର ସତ୍ୟାସତ୍ୟ ପଦାକୁ ଆସିଥିଲା। ତେବେ ଏହି ଘଟଣାରେ କାହାର ସଂପୃକ୍ତି ରହିଛି ତାହା ସ୍ପଷ୍ଟ ହୋଇ ନଥିବା ବେଳେ ଏଠାରେ ଓଡ଼ିଆ ଦଲାଲ, ବାଂଲାଦେଶୀ ଝିଅଙ୍କୁ ଆଣି ଦେହ ବ୍ୟବସାୟ କରୁଥିବା ଜଣାପଡିଛି।

## ଉଜ୍ଜ୍ୱଳ ତାରା ସମାବର୍ତ୍ତନ ଏବଂ ମହିଳା ଦିବସ ପାଳିତ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ବାଲଭାଟିକା-୩ ପାଇଁ ଆମର ଉଜ୍ଜ୍ୱଳ ତାରା ସମାବର୍ତ୍ତନ ଆମର ଛୋଟ ସ୍ନାତକମାନଙ୍କର ଏକ ହୃଦୟସ୍ପର୍ଶୀ ଉତ୍ସବ ଥିଲା, ଯାହା ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତର ଆରମ୍ଭକୁ ଚିହ୍ନିତ କରିଥିଲା। ସେମାନଙ୍କର ସ୍ନାତକ ଟୋପି ପିନ୍ଧି, ସେମାନେ ସେମାନଙ୍କର ବ୍ୟାଜ୍ ଏବଂ ପ୍ରମାଣପତ୍ର ଗ୍ରହଣ କରି ସେମାନଙ୍କ ଶିକ୍ଷାଗତ ଯାତ୍ରାର ପରବର୍ତ୍ତୀ ପର୍ଯ୍ୟାୟରେ ପାଦ ଦେବା ପାଇଁ ପ୍ରସ୍ତୁତ ହୋଇ ଗର୍ବରେ ଉଜ୍ଜ୍ୱଳ ହୋଇଥିଲେ। ଶିକ୍ଷକ ଏବଂ ଅଭିଭାବକମାନେ ସେମାନଙ୍କର ସଫଳତା ପାଳନ କରିବା ସମୟରେ ସମାରୋହ ଆନନ୍ଦ, କରତାଳି ଏବଂ ହୃଦୟସ୍ପର୍ଶୀ ମୁହୂର୍ତ୍ତରେ ପରିପୂର୍ଣ୍ଣ ଥିଲା। ଆନନ୍ଦକୁ ଆହୁରି ବଢ଼ାଇ, ଆମେ ମହିଳାମାନଙ୍କ ଶକ୍ତି, ସ୍ଥିରତା ଏବଂ ଅବଦାନକୁ ସମ୍ମାନିତ କରି ଅନ୍ତର୍ଜାତୀୟ ମହିଳା ଦିବସ ମଧ୍ୟ ପାଳନ କଲୁ। ସମାବେଶରେ ଆମର ପ୍ରତିଷ୍ଠାତା ଡୌରାଜ୍ ମୋଘବେଲପୁର ଏବଂ ନାଦିଆ ମୋଘବେଲପୁର ଏବଂ ପ୍ରଧାନଶିକ୍ଷକ ସୀମିତା ପଣ୍ଡା ଉପସ୍ଥିତ ଥିଲେ, ଯେଉଁମାନେ ସେମାନଙ୍କର ପ୍ରେରଣାଦାୟକ କଥା ବାଣ୍ଟିଥିଲେ। ପିତାମାତା, ଜେଜେମାଆ ଏବଂ ଛାତ୍ରମାନେ ମଧ୍ୟ ସେମାନଙ୍କର କୃତଜ୍ଞତା ଏବଂ ସ୍ନେହପୂର୍ଣ୍ଣ ସ୍ମୃତି ପ୍ରକାଶ କରିଥିଲେ, ଯାହା ଦିନଟିକୁ ପ୍ରକୃତରେ ସ୍ୱତନ୍ତ୍ର କରିଥିଲା। ଆମର ଯୁବ ସ୍ନାତକମାନଙ୍କୁ ଅଭିନନ୍ଦନ। ଆପଣମାନେ ଉଜ୍ଜ୍ୱଳ ଏବଂ ଉଡ଼ିବା ଜାରି ରଖନ୍ତୁ



ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ସ୍ୱର୍ଗତଃ ଉତ୍ତମ ମହାନ୍ତିଙ୍କ ଏକାଦଶାହରେ ତାଙ୍କ ବାସଭବନରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

**ବିଜେଇମ ସ୍କୁଲ ଅଭିଭାବକ ସଂଘ ସହ ବିଧାୟକ ବାବୁ ସିଂଙ୍କ ଗୁରୂତ୍ୱପୂର୍ଣ୍ଣ ବୈଠକ**

## ଖୁବଶୀଘ୍ର ଫି ବୃଦ୍ଧି ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦେଲେ ପ୍ରତିଶ୍ରୁତି



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ବିଜେଇମ ସ୍କୁଲ ଅଭିଭାବକ ସଂଘ ସଭାପତି ରଞ୍ଜନ କୁମାର ଦାସଙ୍କ ନେତୃତ୍ୱରେ ଲିଙ୍ଗରାଜ ମନ୍ଦିର ସମ୍ମୁଖରୁ ଶହଶହ ମୋଟର ସାଇକେଲ ଶୋଭାଯାତ୍ରାରେ ବିଧାୟକଙ୍କ ବାସଭବନରେ ପହଞ୍ଚିଥିଲେ ଶତାଧିକ ଅଭିଭାବକ। ବାବୁ ସିଂ ଜିନ୍ଦାବାଦ ଓ ସ୍କୁଲ କମିଟି ବହିଷ୍କାର ଆମର ଦାବି ବୋଲି ନାରା ଦେଇଥିଲେ ପୁରୁଣା ଭୁବନେଶ୍ୱରରେ। ବିଧାୟକଙ୍କ ଦେହ ଅସୁସ୍ଥ ଥିବା ସତ୍ତ୍ୱେ ସେ ଅବିଭାବକମାନଙ୍କୁ ଡାକି ସବୁ କଥା ଶୁଣିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଜେଇମ ସ୍କୁଲର ସମସ୍ୟା ସମାଧାନ କରିବା ପାଇଁ ତାଙ୍କ ସହ ଆଲୋଚନା କରିଥଲେ ବୋଲି ସେ ଅଭିଭାବକଙ୍କୁ ଜଣାଇଥିଲେ। ନ୍ୟାୟ ଲଢେଇରେ ସରକାର ଆପଣ ମାନଙ୍କ ସରକାର ବୋଲି ବିଧାୟକ ମତବ୍ୟକ୍ତ କରି ସବୁ ଅଭିଯୋଗ ଧୈର୍ଯ୍ୟର ସହ ଶୁଣିଥିଲେ। ବିଜେଇମ ସ୍କୁଲ ଅଧ୍ୟକ୍ଷା ପ୍ରେସମିଟ କରି ଗଣମାଧ୍ୟମକୁ ନିଜ ଦୋଷ ଲୁଚାଇବାକୁ ଭୁଲ ଓ ବିଭ୍ରାନ୍ତି କର ତଥ୍ୟ ଦେଇଛନ୍ତି ବୋଲି ଆଜି ଅଭିଭାବକ ମାନେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସ୍କୁଲ ଲାଭ କରିଥିବା ବେଳେ ପ୍ରତ୍ୟେକ ବର୍ଷ ୨୦% ଫି ବୃଦ୍ଧି କାହିଁକି କରିଛି ବୋଲି ଅଭିଭାବକମାନଙ୍କ ପ୍ରଶ୍ନରେ ବିଧାୟକ ଚୁପ ରହିଲେ। ସ୍କୁଲ ଭୁଲ୍ କାଗଜପତ୍ର ଦେଇ ପ୍ରେସ ବିଜ୍ଞପ୍ତି ପ୍ରକାଶ କରିଥିବାରୁ ପୋଲିସ ଥାନାରେ କେସ ଦିଆଯିବ ବୋଲି ମଧ୍ୟ ବିଧାୟକଙ୍କୁ ଅବିଭାବକମାନେ ଜଣେଇଥିଲେ। ଅଧ୍ୟକ୍ଷ ସନ୍ଧ୍ୟା ଜେନା ଓ ମ୍ୟାନେଜର ପ୍ରତାପ ଜେନାଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ଗତ ୩ ତାରିଖ ଦିନ ବଡଗଡ ଥାନା ଅଧିକାରୀଙ୍କ ଉପସ୍ଥିତର ଏକ ବୈଠକରେ ସ୍କୁଲ ଅଭିଭାବକ ସଂଘ ପକ୍ଷରୁ ଫି ବୃଦ୍ଧି ପ୍ରତ୍ୟାହାର ଅନୁରୋଧ ଓ ସ୍କୁଲ ଆୟ ବ୍ୟୟର ଅସମ୍ପୂର୍ଣ୍ଣ ଓ ଭୁଲ ତଥ୍ୟ ୱେବ ସାଇଟ୍‌ରେ ଅପ ଲୋଡ ଆଲୋଚନା ବିଧାୟକଙ୍କ ଦୃଷ୍ଟିକୁ ଆଣିଥିଲେ। ଜଷ୍ଟିସ କେପି ମହାପାତ୍ରଙ୍କ ସବ କମିଟିକୁ ରିପୋର୍ଟକୁ ଚୁଡାନ୍ତ ରିପୋର୍ଟ ଦେଖାଇ, ହାଇକୋର୍ଟଙ୍କ ଆଦେଶ ପାଳନ କରିଛୁ ବୋଲି ସ୍କୁଲ ଅଧ୍ୟକ୍ଷା ମିଛ କହୁଛନ୍ତି ବୋଲି ଆଜି ଅବିଭାବକ ମାନେ ଅଭିଯୋଗ କରିଥିଲେ। ବିଜେଇମ ସ୍କୁଲ ୨ର କ୍ୟାମ୍ପସ କୋଉ ଟଙ୍କାରେ ତିଆରି ହୋଇଛି। ତା'ର ତଥ୍ୟ ସ୍କୁଲ କର୍ତ୍ତୃପକ୍ଷ ଦେବା ପାଇଁ ଅବିଭାବକମାନେ ବିଧାୟକଙ୍କ ପାଖରେ ଦାବି କରିଥିଲେ। ବିଧାୟକଙ୍କ ସହିତ ଆଲୋଚନା ସଫଳ ହେଲା ବୋଲି ସ୍କୁଲ ଅଭିଭାବକ ସଂଘର ସଭାପତି ରଞ୍ଜନ କୁମାର ଦାସ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ଶହ ଶହ ଅବିଭାବକମାନଙ୍କ ସାମ୍ନାରେ ବିଧାୟକ ବଡଗଡ ଥାନା ଅଧିକାରୀଙ୍କୁ ଫୋନ କରିଥିଲେ। ସ୍କୁଲ କର୍ତ୍ତୃପକ୍ଷଙ୍କ ସହ କଥା ହୋଇ ପାନ୍ଥନିବାସ ଠାରେ ଅବିଭାବକ ସଂଘର ବୈଠକ ଆୟୋଜନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିଦିନ ଶିକ୍ଷାବିତ, ଗଣଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷ, ଆଇନ ବିଶାରଦଙ୍କୁ ନେଇ ଖୁବ୍‌ଶୀଘ୍ର ବୈଠକ ଡାକିବି ଓ ବିଧାୟକ ନିଜେ ଉପସ୍ଥିତ ରହି ୪ହଜାର ଅବିଭାବକମାନଙ୍କୁ ନ୍ୟାୟ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।



ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଧନ, ଜନ, ଯୌବନରେ ତିଳେ ମାତ୍ର ଗର୍ବ କର ନାହିଁ। କାରଣ କାଳ ଏହାକୁ ହରଣ କରିନିଏ।"

-ଆଦି ଶଙ୍କରାଚାର୍ଯ୍ୟ



"ସମାନତା ଏକ କଳ୍ପନା ହୋଇପାରେ କିନ୍ତୁ ତଥାପି ତାକୁ ଏକ ଶାସକୀୟ ସିଦ୍ଧାନ୍ତ ରୂପେ ସ୍ୱୀକାର କରିବା ଉଚିତ୍।"

-ବି.ଆର୍. ଆମ୍ବେଦକର



## ଏବେ ବି ଥମିନି ମଣିପୁର ହିଂସା

# 'ମୁକ୍ତ ଗମନାଗମନ' ବ୍ୟବସ୍ଥାକୁ ଝଟ୍କା

ଭାରତର ଉତ୍ତର-ପୂର୍ବାଞ୍ଚଳ ସୀମାନ୍ତ ରାଜ୍ୟ ମଣିପୁରରେ ଦୀର୍ଘ ଦୁଇବର୍ଷ ଧରି ଜାତିଆଣ ଦଙ୍ଗା ହିଂସାକାଣ୍ଡ ଓ ଅରାଜକତା ଦେଖା ଦେବାରୁ ଧନଜୀବନର ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ରାଜ୍ୟର ପାହାଡ଼ିଆ କୁକି ସଂପ୍ରଦାୟ ସହ ମୈତେୟୀ ସଂପ୍ରଦାୟର ସଶସ୍ତ୍ର ସଂଘର୍ଷ ଘଟି ପ୍ରାୟ ୩୦୦ ଲୋକ ପ୍ରାଣ ହରାଇଥିବା ବେଳେ ସହସ୍ରାଧିକ ଆହତ ହୋଇଥିଲେ। ହିଂସାକାଣ୍ଡ ଯୋଗୁଁ ୬୦ ହଜାରରୁ ଅଧିକ ଲୋକ ବାସହରା ହୋଇ ଅନ୍ୟତ୍ର ଆଶ୍ରୟ ଗ୍ରହଣ କରିଛନ୍ତି। ରାଜ୍ୟର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂହ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଅଭିଯୋଗ କରି ବିରୋଧୀ ଦଳଗୁଡ଼ିକ ତାଙ୍କର ଇସ୍ତଫା ଦାବି କରିଥିଲେ ହେଁ କେନ୍ଦ୍ର ସରକାର ଓ ବିଜେପି ଉଚ୍ଚ କର୍ତ୍ତୃପକ୍ଷ ଦୀର୍ଘଦିନ ଧରି ତାଙ୍କୁ ଘଣ୍ଟ ଘୋଡ଼ାଇ ଚାଲିଥିଲେ। ତେବେ ଶେଷରେ ପରିସ୍ଥିତିର ଚାପରେ ବାଧ୍ୟବାଧକତାରେ ବୀରେନ୍ ସିଂହ ଅଳ୍ପଦିନ ପୂର୍ବେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ଏବଂ ମଣିପୁରରେ ରାଷ୍ଟ୍ରପତି ଶାସନ ଜାରି କରାଯାଇଛି। ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ରାଜ୍ୟର ଶାସନ ବ୍ୟବସ୍ଥା ପରିଚାଳିତ ହୋଇଥିବା ବେଳେ ଶାନ୍ତିପୂର୍ଣ୍ଣ ଓ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବାକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ପ୍ରୟାସ ଜାରି ରଖିଛନ୍ତି। ଏହାରି ଭିତରେ ଶନିବାର ଠାରୁ ସମଗ୍ର ରାଜ୍ୟରେ 'ମୁକ୍ତ ଗମନାଗମନ' ବ୍ୟବସ୍ଥା ଆରମ୍ଭ କରିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେବା ସହିତ ଏହାକୁ କାର୍ଯ୍ୟକାରୀ କରିଛନ୍ତି। ଏହାଦ୍ୱାରା ସାରା ରାଜ୍ୟରେ ଯାନବାହନ ଚଳାଚଳକୁ ସ୍ୱାଭାବିକ କରିବା ସଙ୍ଗେ ସଙ୍ଗେ ସମସ୍ତ ଜନସାଧାରଣ ଯେପରି ମୁକ୍ତ ଓ ଅବାଧରେ ଚଳାଚଳ କରିପାରିବେ, ସେଥିପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଅଭିଯାନକୁ ଖୁବ୍ କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ କରିବାକୁ ଗୃହମନ୍ତ୍ରୀ ଅମିତ୍ ଶାହ ମଣିପୁର ରାଜ୍ୟପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯଦି ଏଥିରେ କେହି ବିଶୃଙ୍ଖଳା ସୃଷ୍ଟି କରିବାକୁ ଉଦ୍ୟମ କରନ୍ତି, ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ। ମାତ୍ର ଘରେ ନପଶୁଣୁ ଚାଳ ବାଜିଲା ଭଳି ଏତେ ସବୁ ନିର୍ଦ୍ଦେଶ ଓ ସତର୍କତା ସତ୍ତ୍ୱେ ଶନିବାର ମୁକ୍ତ ଗମନାଗମନ ବ୍ୟବସ୍ଥା କାର୍ଯ୍ୟକାରୀ ହେଉ ହେଉ ରାଜ୍ୟରେ ପୁଣି ହିଂସା ଏବଂ ଗଣ୍ଡଗୋଳ ଆରମ୍ଭ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଏହି ପ୍ରସ୍ତାବକୁ କୁକି ସଂପ୍ରଦାୟ ପକ୍ଷରୁ ତୀବ୍ର ବିରୋଧ ସହ ବିକ୍ଷୋଭ ପ୍ରଦର୍ଶନ କରାଯିବାକୁ ପ୍ରଥମ ଦିନରୁ ହିଁ ହିଂସାକାଣ୍ଡ ଘଟିଛି। କୁକିମାନେ ବହୁ ସ୍ଥାନରେ ରାସ୍ତା ବନ୍ଦ କରି ରଖିଥିଲେ, ଯାହାଫଳରେ ମୁକ୍ତ ଗମନାଗମନ ବ୍ୟାହତ ହୋଇଥିଲା। ଏଥିଯୋଗୁଁ ସୁରକ୍ଷାବାହିନୀର ଯବାନ୍ଙ୍କ ସହ କୁକିମାନଙ୍କର ସଂଘର୍ଷ ଘଟିବାରୁ ଜଣଙ୍କର ମୃତ୍ୟୁ ଘଟିବା ସଙ୍ଗେ ସଙ୍ଗେ ୧୬ଜଣ ଆହତ ହୋଇଥିବାର ଖବର ମିଳିଛି। ପ୍ରବଳ ଟେକାପଥର ମାଡ଼ରେ କେତେକ ସୁରକ୍ଷାକର୍ମୀ ମଧ୍ୟ ଆହତ ହୋଇଛନ୍ତି। ଅନ୍ୟପକ୍ଷରେ ମୈତେୟୀ ସଂପ୍ରଦାୟ ପକ୍ଷରୁ ମଧ୍ୟ ଶନିବାର ରାଜ୍ୟରେ ଶାନ୍ତି ଶୋଭାଯାତ୍ରା ବାହାର କରାଯିବାରୁ ତାକୁ ନେଇ ସ୍ଥିତି ଜଟିଳ ହୋଇ ଉଠିଛି। ମୋଟାମୋଟି ଭାବରେ ବିଚାର କଲେ ରାଜ୍ୟରେ ଏବେ ମଧ୍ୟ ବାତାବରଣ ସମ୍ପୂର୍ଣ୍ଣ ଶାନ୍ତ ହୋଇନାହିଁ ଏବଂ ଭିତରେ ଭିତରେ ଦୁଇ ସଂପ୍ରଦାୟ ମଧ୍ୟରେ ଘୃଣା ଓ ବିଦ୍ୱେଷର ନିଆଁ ଜୁଳୁଛି। ଯେ ପର୍ଯ୍ୟନ୍ତ ମଣିପୁରବାସୀଙ୍କ ମାନସିକତାରେ ପରିବର୍ତ୍ତନ ଘଟିନାହିଁ, କେନ୍ଦ୍ର ସରକାର ଯେତେ ଉଦ୍ୟମ କଲେ ମଧ୍ୟ ସ୍ଥିତି ସ୍ୱାଭାବିକ ହୋଇପାରିବ ନାହିଁ।

### ନୀତିବାଣୀ



କର୍ମେନ୍ଦ୍ରିୟାଣି ସଂଯମ୍ୟ ୟ ଆସ୍ତେ ମନସା ସ୍ମରନ୍ ।
ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥

ଭାବାର୍ଥ : ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ରୁଦ୍ଧ କରିଦେଇ ସେହି ଇନ୍ଦ୍ରିୟମାନଙ୍କର ଭୋଗକୁ ମନ ଦ୍ୱାରା ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ।

# ବିତ୍ତର ପରିସୀମାରେ ଧନର ମର୍ଯ୍ୟାଦା



ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର,
ଏମ୍-୭୯, ମଧୁସୂଦନ ନଗର, ୟୁନିଟ-୪
ଭୁବନେଶ୍ୱର, ମୋ:୯୯୩୭୩୪୫୯୦୦

ସମାଜରେ ବଞ୍ଚିବା ପାଇଁ ପ୍ରତ୍ୟେକ ମନୁଷ୍ୟର ପ୍ରତିଦିନର କିଛି ନା କିଛି ଆବଶ୍ୟକ ଖର୍ଚ୍ଚ ରହିଥାଏ। କାହା ପାଇଁ ଖର୍ଚ୍ଚ ଅଧିକ ରହିଥାଏ ତ ପୁଣି କାହାପାଇଁ ସ୍ୱଳ୍ପ ରହିଥାଏ। ମାତ୍ର ଏହା ନିଶ୍ଚିତ ଯେ ବଞ୍ଚିବା ପାଇଁ ହେଲେ ଅର୍ଥର ଆବଶ୍ୟକତା ରହିଛି ଓ ସେ ଅର୍ଥର ବିନିମୟ, ସଭ୍ୟତାର ପ୍ରାରମ୍ଭରେ ଆନୁପାତିକ ସାମଗ୍ରୀର ଆଦାନ ପ୍ରଦାନ ଉପରେ ନିର୍ଭର କରୁଥିଲା। କାଳକ୍ରମେ ପରିବର୍ତ୍ତନର ସୁଅରେ ମଣିଷ ବିନିମୟର କ୍ଷେତ୍ର 'କଉଡି'କୁ ଆଧାର କଲା ଓ ପରବର୍ତ୍ତୀ ସମୟରେ ପୁଣି ମୁଦ୍ରା ବା ଟଙ୍କା ପ୍ରଚଳିତ ହେଲା ଯାହା ଆଜି ଆମେ ବ୍ୟବହାର କରୁଛୁ। ଐତିହାସିକ ଦୃଷ୍ଟିକୋଣରୁ ବିଚାର କଲେ, ମୁଦ୍ରାର ପ୍ରଚଳନ ଷୋଡଶ ଶତାବ୍ଦୀରେ ଶେରଶାହ ସୂରୀଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ଓ ପରବର୍ତ୍ତୀ ସମୟରେ ମୋଗଲମାନେ ମଧ୍ୟ ତାହା ଅନୁସରଣ କରିଥିଲେ, ଯାହା ଆଜି ପର୍ଯ୍ୟନ୍ତ ବର୍ତ୍ତମାନର ସମାଜ ଗ୍ରହଣ କରିନେଇ ଆସିଛି। ସମାଜରେ ମଣିଷକୁ ବଞ୍ଚିବା ପାଇଁ ହେଲେ ଟଙ୍କା ବା ମୁଦ୍ରାର ଆଦାନ ପ୍ରଦାନ ଏକ ଅପରିହାର୍ଯ୍ୟ ମାଧ୍ୟମ ଅଟେ। ଟଙ୍କା କହିଲେ ଏହା ସମଷ୍ଟିଗତ ମୁଦ୍ରାର ପ୍ରଗତିକୁ ବୁଝାଇଥାଏ ଓ ଏହା ନିଜର ଅର୍ଜିତ ବିତ୍ତ ବୋଲି ବିବେଚିତ ହୁଏ। ବସ୍ତୁବାଦ ଦୁନିଆରେ ମଣିଷ ସବୁ ସମୟରେ ବ୍ୟସ୍ତ ଥାଏ ପାର୍ଥିବ ଜୀବନକୁ ବିତ୍ତ ମାଧ୍ୟମରେ ସରସ ସୁନ୍ଦର କରିବା ପାଇଁ। ସାଧାରଣତଃ ବିତ୍ତ ବୋଲି କହିଲେ ଆମେ ଅତି ସରଳ ଭାବରେ ଲୋଭଯୁକ୍ତ ବା ଇନ୍ଦ୍ରିୟାସକ୍ତ ବସ୍ତୁ ଓ ପଦାର୍ଥ ଯଥା ଜମି, ଘର, ଗାଡି, ମୂଲ୍ୟବାନ ଧାତୁଯୁକ୍ତ ଅଳଙ୍କାର, ଆଭୁଷଣ, ଆମୋଦ ପ୍ରଦାୟକ ବସ୍ତୁ ଇତ୍ୟାଦି ଇତ୍ୟାଦିକୁ ବୁଝିଥାଉ। ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ମତରେ : "ଯାବତ ବିତ୍ତୋପାର୍ଜନସକ୍ତ, ତାବନ୍ନିଜ ପରିବାରୋ ରକ୍ତ। ପଶ୍ଚାଜୀବତି ଜର୍ଜର ଦେହେ, ବାର୍ତ୍ତା କୋଦପି ନ ପୃଚ୍ଛତି ଗେହେ"।। ଏକ ଅର୍ଥରେ କହିବାକୁ ଗଲେ ଯେତେଦିନ ମଣିଷ ନିକଟରେ ବିତ୍ତର ପ୍ରାଚୁର୍ଯ୍ୟ ଥିବ, ସେପର୍ଯ୍ୟନ୍ତ ସମସ୍ତେ ତାଙ୍କୁ ଆଦର କରୁଥିବେ ଓ ସମ୍ମାନ ଦେଉଥିବେ। ସମାଜରେ ନିଜର ଦକ୍ଷତା ଓ ପ୍ରତିପତ୍ତିକୁ ଜାହିର କରିବାକୁ ହେଲେ ବିତ୍ତ ହେଉଛି ଏକ ପ୍ରମୁଖ ମାଧ୍ୟମ ଯଦ୍ୱାରା ମଣିଷ ଜ୍ଞାନୀ ନ ହୋଇଥିଲେ ବି ମାନୀ ବା ଗୁଣୀ ବୋଲି ସମାଜରେ ପ୍ରତିଷ୍ଠା ପାଏ। 'ଯସ୍ୟାର୍ଥସ୍ୟ ମିତ୍ରାଣୀ ଯସ୍ୟାର୍ଥସ୍ୟ ବାନ୍ଧବାଃ। ଯସ୍ୟାର୍ଥାଃ ସ ପୁମାଂଲୋକେ ଯସ୍ୟାର୍ଥାଃ ସ ଚ ପଣ୍ଡିତାଃ"।। ଟଙ୍କା ବା ବିତ୍ତର ପ୍ରଭାବରେ ଆଚାର୍ଯ୍ୟ ଚାଣକ୍ୟ ଏକଦା କହିଥିଲେ ଯେ, ଯେତେ ଶୀଘ୍ର ଜଣେ ପ୍ରଚୁର ଟଙ୍କାର ଅଧିକାରୀ ହୋଇଯାଏ, ସେତେଶୀଘ୍ର ସେ ସମସ୍ତଙ୍କର ବନ୍ଧୁ ହୋଇଯାଏ ଓ ସମାଜର ଲୋକେ ତାଙ୍କୁ ତାଙ୍କର ପ୍ରକୃତ ଜ୍ଞାନର ଗଭୀରତାକୁ ଭୁଲି ଯାଇ ଜଣେ ଜ୍ଞାନୀ ଓ ମର୍ଯ୍ୟାଦାବାନ ମଣିଷ ବୋଲି ବିବେଚିତ କରନ୍ତି। ତେଣୁ ପ୍ରୟୋଗାତ୍ମକ ଓ ସାଙ୍କେତିକ ଦୃଷ୍ଟିକୋଣରୁ ବିତ୍ତ ଓ ଧନ ମଧ୍ୟରେ ବିପରୀତଧର୍ମୀ ସ୍ଥିତି ପରିଲକ୍ଷିତ ହୋଇଥାଏ। ବିତ୍ତ ହେଉଛି ଟଙ୍କା ଓ ପାର୍ଥିବ ସମ୍ପତ୍ତି, ଯାହାର ଏକ ପରିସୀମା ଥାଏ ଓ ତାହା କ୍ଷଣସ୍ଥାୟୀ। ସମୟର ସ୍ଥିତିରେ ବିତ୍ତର ସ୍ଥିତି ମଧ୍ୟ ପରିବର୍ତ୍ତନ ହୋଇଥାଏ। ଆଜି ଯିଏ ବିତ୍ତଶାଳି ବ୍ୟକ୍ତି ସମୟ କ୍ରମେ ନିଜର କର୍ମ ଫଳରୁ ହେଉ ବା ଭାଗ୍ୟବାଦୀ ଦୃଷ୍ଟିକୋଣରୁ ହେଉ ସେ ମଧ୍ୟ ଭିକାରୀ ହୋଇପାରେ ଯଦି ବିତ୍ତ ଉପାର୍ଜନର ମାର୍ଗ ଠିକ ନଥାଏ, ବିତ୍ତ ଉପାର୍ଜନରେ ମୌଳିକ ନୈତିକ ମୂଲ୍ୟବୋଧ ଥାଏ, ତେବେ ସେ ଚିରସ୍ଥାୟୀ ବିତ୍ତଶାଳି ବ୍ୟକ୍ତି ହୋଇ ରହିପାରେ, ମାତ୍ର ଅନୈତିକ ପନ୍ଥାରେ ବିତ୍ତ ଉପାର୍ଜନର ଫଳ ଭୋଗ କରିବାକୁ ପଡିଥାଏ। ଦାର୍ଶନିକ ଏମରସନଙ୍କ ମତରେ ମଣିଷ ଜନ୍ମ ହୋଇଛି ବିତ୍ତଶାଳୀ ହେବା ପାଇଁ। ଜୀବଦ୍ଦଶା ମଧ୍ୟରେ ମଣିଷ ସବୁବେଳେ ଚେଷ୍ଟା କରୁଥାଏ କିପରି ଅନ୍ୟଠାରୁ ଅଧିକ ବିତ୍ତଶାଳୀ ହେବ। ଏହା ଏକ ଲାଳସା ଓ ଭୋକ। ଏମରସନଙ୍କ ମତରେ ବିତ୍ତକୁ ଅଧିକ ଆବଶ୍ୟକ କଲେ ଓ ଏଥିପ୍ରତି ଅଧିକ ଲାଳସା କଲେ ନୈତିକ ଓ ବୌଦ୍ଧିକ ମୂଲ୍ୟବୋଧକୁ ତ୍ୟାଗ କରିବାକୁ ପଡେ, ମାତ୍ର ଯେଉଁମାନେ ନୀତିବାନ ଓ ନିଷ୍ଠାବାନ ସେମାନଙ୍କ ନିକଟକୁ ବିତ୍ତର ଧାରା ଅଧିକ ପ୍ରବାହିତ ହୋଇଥିଲେ ମଧ୍ୟ ଉକ୍ତ ବ୍ୟକ୍ତିମାନେ ତାହା ଗ୍ରହଣ ନକରି ଆବଶ୍ୟକ ଓ ଉପଯୁକ୍ତ ପରିଶ୍ରମକୁ ପ୍ରାଧାନ୍ୟ ଦେଇ ଅବଶିଷ୍ଟ ବିତ୍ତକୁ ଉପଯୁକ୍ତ ରାସ୍ତାରେ ଯିବା ପାଇଁ ମାର୍ଗ ଦର୍ଶାଇଥାନ୍ତି। ମାନବିକତା ଓ ମୌଳିକ ନୀତି ନିୟମକୁ ଜଳାଞ୍ଜଳି ଦେଇ ଯିଏ ଅତ୍ୟାଧିକ ବିତ୍ତର ଆସକ୍ତି ହୋଇ ଜୀବନ ସାରା ବିତ୍ତ ଉପାର୍ଜନରେ ନିଜର ସମସ୍ତ ସମୟ ବ୍ୟୟ କରିଥାନ୍ତି, ସେମାନଙ୍କୁ ବିତ୍ତର ଭିକାରୀ ବୋଲି ବିବେଚନା କରାଯାଇଥାଏ। 'ବିଦ୍ୟା ଦଦାତି ବିନୟଂ, ବିନୟାଦଯାତି ପାତ୍ରତାମ, ପାତ୍ରତ୍ୱାତ ଧନମାପ୍ନୋତି, ଧନାତ ଧର୍ମ ତତଃ ସୁଖମ'। ବିଦ୍ୟା ବିନୟ ଦିଏ, ବିନୟରୁ ମଣିଷ ନୀତିନିଷ୍ଠ ହୋଇଥାଏ, ନୀତିନିଷ୍ଠରୁ ଧନ ଆସିଥାଏ, ଧନରୁ ଧର୍ମ ଆସିଥାଏ ଓ ଧର୍ମରୁ ସୁଖ ଆସିଥାଏ। ବିତ୍ତ ଉପାର୍ଜନରେ ଯଦି ସୁଖ ନ ମିଳିଲା ତେବେ ସେ ବିତ୍ତର ପ୍ରୟୋଜନ କଣ ପାଇଁ ? 'ଅଧର୍ମର ବିତ୍ତ ବଢେ ବହୁତ, ଯିବା ବେଳେ ଯାଏ ମୂଳ ସହିତ'।

ତେଣୁ ଟଙ୍କା, ବସ୍ତୁବାଦୀ ସାମଗ୍ରୀ ଇତ୍ୟାଦି ହେଉଛି ବିତ୍ତ, ତାହା ଧନ ନୁହେଁ। ଧନ ହେଉଛି ଯାହାକୁ କ୍ଷୟ କରାଯାଇ ପାରେ ନାହିଁ ଓ ଯାହା ସ୍ୱତଃ ବୃଦ୍ଧି ହୋଇଥାଏ। ଧନ ହେଉଛି ଚିରସ୍ଥାୟୀ ଓ ଏହାର ଏକ ନିର୍ଦ୍ଦିଷ୍ଟ ପରିସୀମା ନଥାଏ ବା ଏହାକୁ କୌଣସି ଗାଣିତିକ ସଙ୍କେତରେ ଗଣନା କରାଯାଇ ପାରେ ନାହିଁ। ବିତ୍ତଶାଳୀ ବ୍ୟକ୍ତି ସମସ୍ତ ବଳ ପ୍ରୟୋଗ କରି ସମୁଦ୍ରର ଜୁଆରକୁ ସମୁଦ୍ର କୂଳରେ ବନ୍ଦ କରିପାରେ ମାତ୍ର ଧନର ଜୁଆରକୁ ସୃଷ୍ଟିର କୌଣସି ଶକ୍ତି ପଥରୋଧ କରିପାରେ ନାହିଁ। ସେଥିପାଇଁ କୁହାଯାଏ 'ବିଦ୍ୟା ଅଟଇ ମହାଧନ, ବାଳକେ କର ଉପାର୍ଜନ'। ଛୋଟ ଛୋଟ ପିଲାମାନଙ୍କୁ ଉପଦେଶ ଦିଆଯାଏ ଯେ ଧନ ହେଉଛି ବିଦ୍ୟା, ଧନ ହେଉଛି ଚରିତ୍ର, ନୈତିକତା, ଆଦର୍ଶ, ଇତ୍ୟାଦି ଇତ୍ୟାଦି। 'ବିଦେଶେଷୁ ଧନ ବିଦ୍ୟା ବ୍ୟସନେଷୁ ଧନ ମତିଃ। ପରଲୋକେ ଧନ ଧର୍ମ ଶିଳ ସର୍ବତ୍ର ୱେ ଧନମ'। ବିଦେଶରେ ଜ୍ଞାନ ହିଁ ଧନ ହୋଇଥାଏ, ବିପତ୍ତି ସମୟରେ ଉପଯୁକ୍ତ ବୁଦ୍ଧି ହିଁ ଧନ ବୋଲି ବିବେଚନା କରାଯାଏ, ମୃତ୍ୟୁପରେ ଧର୍ମ ହିଁ ଧନ ବୋଲି ବିଚାର କରାଯାଏ ଓ ଉତ୍ତମ ଚରିତ୍ର ସର୍ବତ୍ର ଧନ ବୋଲି ମାନ୍ୟତା ପାଇଥାଏ। ତେଣୁ ଜୀବନର ସମସ୍ତ ମୂହୁର୍ତ୍ତକୁ ଯଦି ବିତ୍ତ ସାଉଁଟିବାରେ ଉପଯୋଗ କରାଯାଏ ଓ ବିତ୍ତର ପର୍ବତ ଉପରେ ମଣିଷ ରହିପାରେ, ମାତ୍ର ତାହା ଧନ ନୁହେଁ। ପ୍ରଭୁ ଜଗନ୍ନାଥ ଯେତେବେଳେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ବର ଯାଚନା କରିଥିଲେ ସେତେବେଳେ ରାଜା ଇନ୍ଦ୍ରଦ୍ୟୁମ୍ନ କିଛି ମାଗି ନଥିଲେ ବରଂ ନିଜର ବଂଶର ଲୋପ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଉକ୍ତ ପ୍ରାର୍ଥନା ହିଁ ଥିଲା ତାଙ୍କର ଧନ ଯାହା ଯୁଗେ ଯୁଗେ ଏ ଜାତି ସ୍ମରଣ କରୁଥିବ। ଇନ୍ଦ୍ରଦ୍ୟୁମ୍ନ ରାଜା କହିଥିଲେ ବିତ୍ତେ ଚୌର ଭୟମ .....।

ସମାଜରେ ବିତ୍ତ ରୋଜଗାର ପାଇଁ ବର୍ତ୍ତମାନ ପ୍ରବଳ ପ୍ରତିଯୋଗୀତା ହେଉଅଛି ମାତ୍ର ଧନ ପାଇଁ ମନୁଷ୍ୟ ବ୍ୟସ୍ତ ନୁହେଁ, ଧନ ବର୍ତ୍ତମାନ ଗୌଣ। ବିଦ୍ୟା ଅଧ୍ୟୟନରୁ କର୍ମ ନିୟୋଜନ ପର୍ଯ୍ୟନ୍ତ ଏକମାତ୍ର ଉଦ୍ଦେଶ୍ୟ ହେଉଛି ବିତ୍ତର ଗାଣିତିକ ସଂଖ୍ୟାର କ୍ରମବର୍ଦ୍ଧିଷ୍ଣୁ ଅଙ୍କର ଆବଶ୍ୟକତା। ମାନ ସମ୍ମାନକୁ ଜଳାଞ୍ଜଳି ଦେଇ ବର୍ତ୍ତମାନ ଅନେକେ ସରକାରୀ ଚାକିରୀରୁ ଅବସର ନେବା ପରେ ମଧ୍ୟ ଯେନତେନ ପ୍ରକାରେଣ ଉପରିସ୍ଥ ବାବୁମାନଙ୍କୁ ନେହୁରା ହୋଇ ବା ଅନ୍ୟ କୌଣସି ଉପାୟରେ ଉପରିସ୍ଥ ଅଧିକାରୀ ମାନଙ୍କୁ ଖୁସି କରାଇ ଚାକିରିରୁ ଅବସର ପରେ ମଧ୍ୟ ଉକ୍ତ କାର୍ଯ୍ୟାଳୟ ବା ଅନ୍ୟ କୌଣସି କାର୍ଯ୍ୟାଳୟରେ ନିଯୁକ୍ତି ହେଉଛନ୍ତି ବିତ୍ତ ରୋଜଗାର ପାଇଁ। ସରକାରୀ ସ୍ତରରେ ଯେତେବେଳେ ଜଣେ କାର୍ଯ୍ୟ ପାଇଁ ଅନୁପଯୁକ୍ତ ହୋଇଗଲା ପରେ ତାଙ୍କୁ ଅବସର ଦିଆଯାଇଥାଏ ଯେ ପରବର୍ତ୍ତୀ ଜୀବନ ସେ ପେନସନ ନେଇ ସୁଖ ଶାନ୍ତିରେ ପରିବାର ସହ ଅବଶିଷ୍ଟ ଜୀବନ ଅତିବାହିତ କରିବ। ମାତ୍ର ବିତ୍ତ ଲୋଭରେ ବର୍ତ୍ତମାନ ମଣିଷ ସରକାରୀ ସ୍ତରରେ ଅନୁପଯୁକ୍ତ ହେଲେ ମଧ୍ୟ ଅବସର ପରେ ଏପରିକି ଚାକିରୀ କାର୍ଯ୍ୟକାଳ ମଧ୍ୟରେ ଯେଉଁ ପଦବୀରେ ଥିବେ ତାହାର ନିମ୍ନ ପଦବୀରେ ମଧ୍ୟ ଉପସ୍ଥାପିତ ହେବା ପାଇଁ ତିଳେ ହେଲେ କୁଣ୍ଠାବୋଧ ନାହିଁ, କାରଣ ବିତ୍ତ ରୋଜଗାରରେ ବର୍ତ୍ତମାନ ସମାଜରେ ଅନେକ ମନୁଷ୍ୟ ମତ୍ତ। ସମାଜ ସେବା ପାଇଁ, ଅନ୍ୟକୁ ସାହାଯ୍ୟ କରିବା ପାଇଁ, ଜନହିତକର କାର୍ଯ୍ୟ କରିବା ପାଇଁ ଅବସର ପରେ ସମୟ ମିଳି ନଥାଏ, କିନ୍ତୁ ବିତ୍ତ ରୋଜଗାରରେ ଅଧିକ ସମୟ ଅତିବାହିତ ହେଲେ ଅନେକଙ୍କୁ ଅପାର ଶାନ୍ତି ମିଳିଥାଏ। ତେଣୁ କୁହାଯାଏ 'ଅଧମା ଧନମିଛନ୍ତି ଧନ ମାନ ଚ ମଧ୍ୟମାଃ। ଉତ୍ତମା ମାନମିଛନ୍ତି ମାନୋ ହି ମହତାମ ଧନମ।।

ଧନ ଅର୍ଜନ କଠୋର ନୀତି ଓ ସମ୍ମାନର ସହ କରାଯାଏ ଓ ସମ୍ମାନ ସବୁବେଳେ ଧନ ସହିତ ହିଁ ଥାଏ, ମାତ୍ର ବିତ୍ତରେ ସମ୍ମାନ ନଥାଏ, ଥାଏ କେବଳ ଗାଣିତିକ ସାଙ୍କେତିକ ଚିହ୍ନ ଯୋଗ, ବିୟୋଗ, ଗୁଣନ ଓ ହରଣ ଯାହାର ସଂଖ୍ୟା ଏକ ନିର୍ଦ୍ଦିଷ୍ଟ ପରିସୀମା ମଧ୍ୟରେ ଆବଦ୍ଧ ହୋଇଥାଏ। ସମ୍ମାନ ଓ ଆତ୍ମ ସମ୍ମାନକୁ ବଳି ଦେଇ ବିତ୍ତ ରୋଜଗାର କଲେ ତାହା କେବେ ନିଜର ହୁଏ ନାହିଁ, ମାତ୍ର ଧନ ଓ ସମ୍ମାନ ନୀତି ନିଷ୍ଠ ବ୍ୟକ୍ତି ପଛରେ ସବୁବେଳେ ଥାଏ। ବିତ୍ତକୁ ଲୁଚାଇଲେ ଦଣ୍ଡ ମିଳେ ମାତ୍ର ଧନକୁ ଖୋଲା କଲେ ସମ୍ମାନ ମିଳେ। କାରଣ ଧନ ହେଉଛି ଜ୍ଞାନ, ଧର୍ମ, ନୀତି, ଯଶ, ତ୍ୟାଗ, ଇତ୍ୟାଦି ଇତ୍ୟାଦି। ଅଧିକ ବିତ୍ତ ହେଲେ ବ୍ୟକ୍ତିଙ୍କୁ ନିଦ୍ରା ହୁଏ ନାହିଁ ଓ ଯେକୌଣସି ମୂହୁର୍ତ୍ତରେ ଭୟ ଓ ଆଶଙ୍କା ହେତୁ ପ୍ରାଣ ଘାତ ହୋଇପାରେ, ମାତ୍ର ଧନରେ ମନୁଷ୍ୟ ସୁସ୍ଥ ରହେ ଓ ଦୀର୍ଘାୟୁ ହୋଇଥାଏ। ତେଣୁ ସମ୍ମାନ ସହ ସାଲିସ କରି ବିତ୍ତକୁ ଆଦରି ନେଲେ ଧନ ମିଳେ ନାହିଁ, ମାନ ମିଳେ ନାହିଁ, ଗୌରବ ଆଦି ମିଳେ ନାହିଁ, ମିଳେ କେବଳ ତୋଷାମଦି ଓ ଅହଂକାର। ବିତ୍ତର ଉପଯୁକ୍ତ ପରିସୀମା ମଧ୍ୟରେ ରହି ଧନ ଅର୍ଜନ କଲେ ସମ୍ମାନର ସହ ମଣିଷ ବଞ୍ଚିପାରେ। ଧନ ହିଁ ସମ୍ମାନ ଓ ସମ୍ମାନ ହିଁ ଧନ।

# ପ୍ରେମ, ରଙ୍ଗ ଓ ସାମାଜିକ ସଦ୍‌ଭାବର ଅପୂର୍ବ ମିଳନ



ରାକେଶ ପଣ୍ଡା
ବନ୍ଧାଲୋ, ଟାଙ୍ଗୀ, କଟକ
ମୋ: ୯୩୩୭୮୯୭୬୫୦

ଦୋଳଯାତ୍ରା ତଥା ବସନ୍ତ ମହୋତ୍ସବ ହେଉଛି ଏକ ଜୀବନ୍ତ ଏବଂ ଅନୁଭବ ପୂର୍ଣ୍ଣ ହିନ୍ଦୁ ପର୍ବ ଯାହା ସାରା ଭାରତରେ ଅନେକ ଉତ୍ସାହର ସହିତ ପାଳନ କରାଯାଏ। ସାଧାରଣତଃ, ଓଡ଼ିଆ ପଞ୍ଜିକା ଅନୁସାରେ ଫାଲଗୁନ ମାସର ପୂର୍ଣ୍ଣିମା ତିଥି ଦୋଳ ପୂର୍ଣ୍ଣିମା ନାମରେ ଅଭିହିତ। ଫାଲଗୁନ ଶୁକ୍ଳ ଦଶମୀ ତିଥିଠାରୁ ଏହି ଯାତ୍ରା ଆରମ୍ଭ ହୋଇଥାଏ। ଏହି ଶୁଭ ଅବସର ଭଗବାନ ଶ୍ରୀକୃଷ୍ଣଙ୍କୁ ସମର୍ପିତ ଅଟେ। ଯିଏକି ନିଜର ଦୁଷ୍ଟାମୀ ଏବଂ ନିଆରା ତଥା ଶାଶ୍ୱତ ଓ ଦିବ୍ୟ ପ୍ରେମ ପାଇଁ ଜଣାଶୁଣା। ଦୋଳ ପୂର୍ଣ୍ଣିମା ସାଂସ୍କୃତିକ ଓ ଧାର୍ମିକ ଗୁରୁତ୍ୱପୂର୍ଣ୍ଣ ମହତ୍ତ୍ୱକୁ ବହନ କରିଥାଏ ଏବଂ ପ୍ରେମ ଓ ରଙ୍ଗର ଏକ ଅପୂର୍ବ ମିଳନ ଅଟେ। ଯାହାକି, ରାଧା ଏବଂ କୃଷ୍ଣଙ୍କ ମଧ୍ୟରେ ଥିବା ଅତୁଟ ପ୍ରେମକୁ ମନେ ପକାଇଥାଏ। ଏହି ପର୍ବ ବସନ୍ତର ଆଗମନର ମଧ୍ୟ ଘୋଷଣା କରେ। ଯେଉଁ ସମୟରେ ପ୍ରକୃତିରେ ନୂତନ ଜୀବନ ଆରମ୍ଭ ହୁଏ।

ସଂସ୍କୃତ ଶବ୍ଦ 'ଦୋଳା'ର ଅର୍ଥ ଝୁଲା। ତେଣୁ, ଦୋଳୋତ୍ସବର ଆକ୍ଷରିକ ଅର୍ଥ ହେଉଛି ଝୁଲଣ ମହୋତ୍ସବ କିମ୍ବା ଝୁଲଣ ଯାତ୍ରା ଏବଂ ଏହା ଦେବତାଙ୍କ ମୂର୍ତ୍ତିକୁ ଝୁଲଣରେ ଝୁଲାଇବାର ଧାର୍ମିକ ସେବାକୁ ବୁଝାଏ। ବିଭିନ୍ନ ପୌରାଣିକ କାହାଣୀରେ ଦର୍ଶାଯାଇଥିବା ଭଗବାନ ଶ୍ରୀକୃଷ୍ଣଙ୍କର ଖେଳୁଆଡ଼ ଆଚରଣ ଦୋଳ ପୂର୍ଣ୍ଣିମା ସମୟରେ ପାଳନ କରାଯାଏ। ଦୋଳ ପୂର୍ଣ୍ଣିମା ଭଗବାନ ଶ୍ରୀକୃଷ୍ଣଙ୍କ ପାଇଁ ଉତ୍ସର୍ଗୀକୃତ ମନ୍ଦିର ଗୁଡ଼ିକରେ ଭକ୍ତଙ୍କ ସମାଗମ ସହିତ ଆରମ୍ଭ ହୁଏ। ରାଧା ଏବଂ କୃଷ୍ଣଙ୍କ ମୂର୍ତ୍ତିଗୁଡ଼ିକୁ ରଙ୍ଗୀନ ପୋଷାକ ଏବଂ ଅଳଙ୍କାରରେ ସଜାଯାଇଥାଏ। ଏଥିସହ, ଫୁଲ, ପତ୍ର, ବିଭିନ୍ନ ରଙ୍ଗର କାଗଜରେ ଏକ ସୁନ୍ଦର ଭାବରେ ସଜ୍ଜିତ ପାଲିଙ୍କି ତଥା ବିମାନରେ ରାଧାକୃଷ୍ଣଙ୍କ ପ୍ରତିମାକୁ ଶୋଭାଯାତ୍ରାରେ ବାହାର କରାଯାଏ। ଯେଉଁ ଶୋଭାଯାତ୍ରା ସଂଗୀତ, ଶଙ୍ଖ, ତୂରୀ ଏବଂ ଆନନ୍ଦ ତଥା ବିଜୟର ନାଦ 'ହରି ବୋଲ' ସହିତ ଭକ୍ତିଗୀତ, କୀର୍ତ୍ତନ, ନୃତ୍ୟ ବାହାରିଥାଏ ଏବଂ ଭଗବାନ ଶ୍ରୀକୃଷ୍ଣଙ୍କୁ ବିଭିନ୍ନ ପ୍ରକାରର 'ମିଠାଇ' ଭଳି ବିଶେଷ ସୁସ୍ୱାଦୁ ଖାଦ୍ୟ ପ୍ରଦାନ କରାଯାଏ। ଯାହାକି, ଏକ ଭକ୍ତିର ପରିବେଶ ସୃଷ୍ଟି କରେ।

ଏହାଛଡା, ପ୍ରତିଟି ଗ୍ରାମରେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ବିରାଜମାନ ଥିବା ଉକ୍ତ ବିମାନକୁ ମହାଆଡମ୍ବର ସହକାରେ ଗ୍ରାମ ପରିକ୍ରମାରେ ନିଆଯାଇଥାଏ ଏବଂ ଗ୍ରାମର ପ୍ରାୟ ପ୍ରତ୍ୟେକଙ୍କ ଦ୍ୱାର ନିକଟରେ ଠାକୁରଙ୍କୁ ଭୋଗ ଅର୍ପଣ କରାଯାଇଥାଏ। ପ୍ରତ୍ୟେକ ଦ୍ୱାରରେ ଅର୍ପିତ ଭୋଗକୁ ଦ୍ୱାରୀ ଭୋଗ କୁହାଯାଏ। ଦୋଳପୂର୍ଣ୍ଣମୀ ଦିନ ସାଧାରଣତଃ ଠାକୁରମାନଙ୍କୁ ମନ୍ଦିରର ଦକ୍ଷିଣପୂର୍ବ ଦିଗରେ ନିର୍ମିତ ହୋଇଥିବା ଏକ ମଣ୍ଡପ ଉପରକୁ ନିଆଯାଇଥାଏ। ସେହି ମଣ୍ଡପର ନାମ ଦୋଳ ମଣ୍ଡପ ଅଟେ। ସେଠାରେ ପୂଜାର୍ଚ୍ଚନା କରାଯିବା ସଙ୍ଗେସଙ୍ଗେ ଠାକୁରମାନେ ଦୋଳି ଖେଳନ୍ତି ଓ ସେଠାରେ ନାଲି ଅବିର ଅର୍ପଣ କରାଯାଇଥାଏ। ସାରା ଓଡ଼ିଶାର ପୁରପଲ୍ଲୀ ଫଗୁ ଦଶମୀଠାରୁ ଦୋଳଯାତ୍ରାର ଉତ୍ସାହ ଉଦ୍ଦୀପନାରେ ଝୁମି ଉଠେ। ତେବେ ମୁଖ୍ୟତଃ ଏହି ଦୋଳ ମେଳଣ ତିନି ଭିନ୍ନ ଭିନ୍ନ ପ୍ରକାରର ଅଟେ, ଯେମିତିକି ଫାଲଗୁନର ରାଜଦୋଳ ମେଳଣଟି, ଫଗୁଣ (ଶୁକ୍ଳପକ୍ଷ) ଦଶମୀଠାରୁ ଆରମ୍ଭ ହୋଇ ପୂର୍ଣ୍ଣିମା ପର୍ଯ୍ୟନ୍ତ, ପଞ୍ଚୁଦୋଳ ମେଳଣଟି ପାଞ୍ଚଦିନ ଅର୍ଥାତ ଫଗୁଣ ପୂର୍ଣ୍ଣିମାଠାରୁ ଚୈତ୍ରମାସ କୃଷ୍ଣ ପଞ୍ଚମୀ ପର୍ଯ୍ୟନ୍ତ ଏବଂ ଦଶଦୋଳ ମେଳଣ ଦଶଦିନ ବ୍ୟାପୀ ଅର୍ଥାତ ଫଗୁଣ ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇ ଚୈତ୍ର କୃଷ୍ଣ ନବମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ।

ଏହାଛଡା, ଦୋଳଯାତ୍ରା ପର୍ବଟି ପୁରୀ ଶ୍ରୀମନ୍ଦିରର ଏକ ବିଶିଷ୍ଟ ପର୍ବ ଅଟେ। ଶ୍ରୀଜଗନ୍ନାଥଙ୍କର ବିଭିନ୍ନ ଯାନିଯାତ୍ରା ସମ୍ପର୍କରେ ଯେଉଁ ସବୁ ଉଲ୍ଲେଖ ରହିଛି, ତାହାରି ମଧ୍ୟରେ ଦୋଳଯାତ୍ରାର ବିଶେଷ ଗୁରୁତ୍ୱ ରହିଛି ଏବଂ ଏହା ସ୍ୱତନ୍ତ୍ର ଭାବରେ ଅନୁଷ୍ଠିତ ହୋଇଥାଏ। ଜଗନ୍ନାଥଙ୍କୁ ବିଭିନ୍ନ ମାସରେ ବିଭିନ୍ନ ନାମରେ ପୂଜା କରାଯାଇଥାଏ। ସେଥିମଧ୍ୟରୁ ଫାଲଗୁନ ମାସରେ ତାଙ୍କର ନାମ ହେଉଛି ଗୋବିନ୍ଦ। ଏଣୁ ଫାଲଗୁନ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିଟି ଗୋବିନ୍ଦ ଦ୍ୱାଦଶୀ ନାମରେ ଜଣାଶୁଣା। ଗରୁଡ ପୁରାଣରେ ଏହି ଗୋବିନ୍ଦ ଦ୍ୱାଦଶୀତିଥିର ମହିମା ବର୍ଣ୍ଣିତ। ଫଗୁଦଶମୀ ତିଥିରୁ ଫଗୁଖେଳ ଓ ଦୋଳରେ ଗୋବିନ୍ଦଙ୍କର ଯାତ୍ରା ଓ ଗ୍ରାମ ପରିକ୍ରମା ଆରମ୍ଭ ହୋଇଥାଏ। ଦୋଳବେଦୀରେ ମଦନମୋହନ ଓ ଲକ୍ଷ୍ମୀ ବିଜେ କରିଥାନ୍ତି। ଦୋଳରେ ଦୋଳ ଗୋବିନ୍ଦ, ଚନ୍ଦନ ଯାତ୍ରାର ଚାପରେ ମଧୁସୂଦନ ଓ ରଥଯାତ୍ରାରେ ରଥ ଉପରେ ବାମନଙ୍କୁ ଦର୍ଶନ କଲେ ଆଉ ପୁନର୍ଜନ୍ମ ହୁଏନାହିଁ ବୋଲି ବଡ଼ ବିଶ୍ୱାସ ରହିଛି। ଯାହାକି, ବୈଷ୍ଣବଧର୍ମର ଅନ୍ୟତମ ପ୍ରସିଦ୍ଧ ରଚନା ଶ୍ରୀଜୟଦେବ ବିରଚିତ ଗୀତଗୋବିନ୍ଦର ବସନ୍ତରାସରେ ବର୍ଣ୍ଣିତ ଅଟେ।

ଏଥିସହ, ଶ୍ରୀକ୍ଷେତ୍ର ପୁରୀଠାରେ ଏକ ଲୋକାୟତ ପରମ୍ପରା ରୂପେ ଏହି ଦୋଳଯାତ୍ରାକୁ ବୈଷ୍ଣବୀୟ ଢଙ୍ଗରେ ପାଳନ କରାଯାଏ। ଯାହାକି, ଚାଚେରୀ ଲୀଳା ନାମରେ ପ୍ରଖ୍ୟାତ। ଚାଚେରୀ ଶବ୍ଦଟି ସଂସ୍କୃତ ଶବ୍ଦ ଚାର୍ଚ୍ଚରୀରୁ ଆସିଛି। ଯାହାର ଅର୍ଥ 'ସୌଭାଗ୍ୟ' ଅଟେ। ସାରା ଓଡ଼ିଶାରେ ଶ୍ରୀକୃଷ୍ଣଙ୍କର ମନ୍ଦିରରେ ଏହି ଚାଚେରୀ ପାଳନ କରାଯାଏ। ଏହି ପର୍ବରେ ଫଗୁଦଶମୀ ଦୋଳବିମାନରେ ଦୋଳଗୋବିନ୍ଦ, ଲକ୍ଷ୍ମୀ ଓ ସରସ୍ୱତୀ ପ୍ରତି ସନ୍ଧ୍ୟାରେ ଶ୍ରୀଜଗନ୍ନାଥବଲ୍ଲଭ ଉଦ୍ୟାନକୁ ଚାଚେରୀ ଖେଳିବାକୁ ଯାଆନ୍ତି। ଶ୍ରୀମନ୍ଦିର ବେଢା ପରିକ୍ରମା କରି ବାହାକମାନଙ୍କ କାନ୍ଧରେ ସିଂହଦ୍ୱାର ଗୁମୁଟ ଟପି ଅରୁଣସ୍ତମ୍ଭ ପାରହେଲା ପରେ ଲୋକଙ୍କର ଉତ୍ସାହ ଓ ଉଦ୍ଦୀପନା ଏକ ଭାବଭକ୍ତି ପୂର୍ଣ୍ଣ ଦୃଶ୍ୟ ସୃଷ୍ଟି କରିଥାଏ। ଦୋଳ ବେଦିରେ ପହଞ୍ଚି ଆରମ୍ଭ ହୁଏ ଫଗୁଲାଗି। ପୁଷ୍ପମାଲ୍ୟ, କୁନ୍ଦପୁଷ୍ପ ପରି ସୁବାସିତ ପୁଷ୍ପ ଓ ଲାଲ ବେଶରେ ଚାଚେରୀ ବେଶରେ ଦୋଳଗୋବିନ୍ଦ ବିଜେ ହୁଅନ୍ତି। ପୂଜା-ଅର୍ଚ୍ଚନା ଓ ଭୋଗରାଗ ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ି ଆସନ୍ତି। ଚତୁର୍ଦ୍ଧାମୂର୍ତ୍ତିଙ୍କର ସୁନାବେଶ ମଧ୍ୟ ଏହି ଅବସରରେ ଅନୁଷ୍ଠିତ ହୋଇଥାଏ। ଏହାକୁ ରାଜରାଜେଶ୍ୱର ବେଶ କୁହାଯାଏ।

ଏତଦବ୍ୟତୀତ, ଦୋଳ ପୂର୍ଣ୍ଣିମାକୁ ମୁଖ୍ୟତଃ ଗୋପାଳ (ଯାଦବ) ସମାଜର ଲୋକମାନେ ଅତି ଆନନ୍ଦ ଉଲ୍ଲାସରେ ପାଳନ କରିଥାନ୍ତି। ଫାଲଗୁନ ଚତୁର୍ଦ୍ଦଶୀରେ କୁମ୍ଭବୁଡା ହୁଏ। ସେଦିନ ଅପରାହ୍ନରେ ନୂଆ ଭାରରେ ମାଟି କଳସୀକୁ ସଜାଇ ତା' ଉପରେ ନବବସ୍ତ୍ର ଢଙ୍କାଯାଏ। ତୁରୀ, ଭେରି, ଘଣ୍ଟା, ଝାଞ୍ଜ, ଖୋଳ, ତାଳ, ସଂକୀର୍ତ୍ତନରେ ଗୋପାଳମାନେ ନଦୀ ବା ପୁଷ୍କରିଣୀକୁ ଯାଇ ସ୍ନାନ କରନ୍ତି, ନୂତନ ବସ୍ତ୍ର ପରିଧାନ କରନ୍ତି ଓ କଳସୀଗୁଡିକୁ ପାଣି ଭରି ଘରକୁ ଆଣନ୍ତି। ଘରେ ତୁଳସୀଙ୍କ ନିକଟରେ କୁମ୍ଭକୁ ରଖି ବନ୍ଦାପନା କରନ୍ତି। ପୂର୍ଣ୍ଣିମା ଦିନ ଦୋଳଯାତ୍ରା ଅନୁଷ୍ଠିତ ହୁଏ। ଗୋପାଳମାନେ ନିଜ ନିଜ ଘରୁ ଆରିସା ପିଠା, କ୍ଷୀର, ଦହି, ଲବଣୀ, କଦଳୀ ନେଇ ଗୋଠକୁ ଯାଆନ୍ତି। ଗାଈଗୋରୁଙ୍କୁ ଗାଧୋଇ ସେମାନଙ୍କ ମଥାରେ ହଳଦୀ ଓ ଚନ୍ଦନ ଲଗାଇଥାନ୍ତି। ସେଠାରେ ଭୈରବୀଙ୍କ ଉଦ୍ଦେଶ୍ୟରେ ଭୋଗ ସମର୍ପଣ କରାଯାଏ।

ଏହାପରେ ଗୋଠରେ ବନ୍ଦାଣ ଖୁଣ୍ଟ ପ୍ରତିଷ୍ଠା କରାଯାଏ। ଗୋପାଳମାନଙ୍କ ଘରଦ୍ୱାର ଗୋବରରେ ଲିପାପୋଛା ହୋଇଥାଏ। ତୁଳସୀ ନିକଟରେ ବେଦୀ ନିର୍ମାଣ କରାଯାଇ ଝୋଟି, ମୁରୁଜରେ ସୁଶୋଭିତ କରାଯାଇଥାଏ। ଗୋପାଳମାନେ ପାହାନ୍ତା ପ୍ରହରରୁ କ୍ଷୀର ଦୋହନ ସାରି ସେ କ୍ଷୀର, ଘରେ ଥିବା ଦହି, ସର, ଆରିସା ପିଠା ଓ କୁମ୍ଭ ଭାରକୁ ନେଇ ଦୋଳମଣ୍ଡପ ବନ୍ଦାଣ ଖୁଣ୍ଟକୁ ଯାଆନ୍ତି। ରାଧା ଓ କୃଷ୍ଣ ଗୋପାଳମାନଙ୍କର କୁଳ ଦେବତା ଗୋପାଳଙ୍କ ଆରାଧ୍ୟ ଦେବତା ରାଧାକୃଷ୍ଣ ଯୁଗଳ ମୂର୍ତ୍ତିକୁ ପଳାଶ ଫୁଲରେ ସୁଶୋଭିତ କରାଯାଇ ବିମାନରେ ରାଧାକୃଷ୍ଣଙ୍କୁ ନିଆଯାଏ। ସେଠାରେ କୁମ୍ଭ ଭାରକୁ ନୂଆ ଶାଢିରେ ଢଙ୍କାଯାଏ। ଗୋପାଳ ସମାଜର ପ୍ରତ୍ୟେକ ପରିବାର ଗୋଟିଏ ଗୋଟିଏ କୁମ୍ଭଭାର ଏଠାକୁ ଆଣିଥାନ୍ତି। ଠାକୁରଙ୍କୁ ଭୋଗ ସମର୍ପଣ କରି ଦୋଳାରେ ଝୁଲାଯାଏ। ପିଠାପଣାରେ ମହକି ଉଠେ ଘରର ଚାରି କୋଣ। ବାହାରେ ଥିବା ପରିବାର ଲୋକ ଓ ବନ୍ଧୁବାନ୍ଧବ ମଉଜ କରିବାକୁ ଘରକୁ ଆସନ୍ତି। ସମସ୍ତେ ନୂତନ ବସ୍ତ୍ର ପରିଧାନ କରନ୍ତି। ସୁସ୍ୱାଦୁ ପିଠା ସହ ବନ୍ଧୁବାନ୍ଧବଙ୍କ ଘରକୁ ଅବିର ପଠାଇବା ସେଦିନ ଗୋପାଳ ଘରର ଏକ ଚଳଣି। ସୁରକ୍ଷିତ ଜୀବନ ସହ ଭଗବାନ ଶ୍ରୀକୃଷ୍ଣଙ୍କ ଆଶିଷ ପାଇବା ପାଇଁ ଏହି ପୂଜା ବେଶ୍ ନିଷ୍ଠା ଓ ଶ୍ରଦ୍ଧାର ସହ ପାଳନ କରାଯାଏ। ଗୋପାଳମାନେ କୁମ୍ଭ ବୁଡାଇ ସେହି ପାଣିରେ ସେମାନଙ୍କ ଗୋ ବନ୍ଦନା କରିବା ସହ ଘର ବାଡିରେ ସିଞ୍ଚନ କରିଥାନ୍ତି ଓ ନିଜ ଘରେ ସେହି କଳସୀକୁ ରଖି ପୂଜା କରିଥାନ୍ତି। ଦୋଳଯାତ୍ରାର ମୁଖ୍ୟ ଆକର୍ଷଣ ହେଉଛି କାଠି ଲଉଡି ଖେଳ। ଦ୍ୱାପର ଯୁଗରେ ଗୋପପୁରରେ ଶ୍ରୀକୃଷ୍ଣ ଓ ବଳରାମ ଅନ୍ୟ ଗୋପାଳ ସାଥୀମାନଙ୍କ ସହ ଗାଈ ଚରାଇବା ବେଳେ ଦୁଇ ହାତରେ ବାଡ଼ି ଧରି ବୀରତା ପ୍ରଦର୍ଶନ ପୂର୍ବକ ବାଡ଼ି ଖେଳି ମନୋରଞ୍ଜନ କରୁଥିଲେ। ଗୋଟିଏ ଦଳ ବାଡ଼ିଧରି ଆକ୍ରମଣ କରୁଥିବାବେଳେ ଅନ୍ୟଦଳ ବିଭିନ୍ନ କୌଶଳ ପ୍ରଦର୍ଶନ କରି ବାଡି ସାହାଯ୍ୟରେ ଆକ୍ରମଣକୁ ପ୍ରତିହତ କରୁଥିଲେ। ତେବେ, ଉକ୍ତ ପରମ୍ପରାକୁ ଆଧାର କରି, ଦୋଳ ଉତ୍ସବରେ ଗୋପାଳ ଯୁବକମାନେ ବାଡି ଧରି ସାମରିକ କଳା ପ୍ରଦର୍ଶନ କରିଥାନ୍ତି, ଯାହାକୁ ଲଉଡି ଖେଳ କୁହାଯାଇଥାଏ। ଓଡ଼ିଶାରେ ଲଉଡ଼ି ଖେଳ ଗୋପାଳ ସମ୍ପ୍ରଦାୟରେ ଉତ୍ସାହର ସହିତ ପାଳନ କରାଯାଏ। ଦୋଳ ପୂର୍ଣ୍ଣିମା ସନ୍ଧ୍ୟାରେ ଗୋପାଳମାନେ ଏକାପରି ରଙ୍ଗର ବେଶରେ ସଜ୍ଜିତ ହୋଇ ଅଣ୍ଟାରେ କାଛଟା, ଘାଗୁଡି, ବଂଶୀ ବାନ୍ଧନ୍ତି। ମଥାରେ ଠେକା ବାନ୍ଧି ଜାମୁଡାଳ ଓ ଗଳାରେ ଫୁଲହାର ପିନ୍ଧନ୍ତି। ଦୁଇ ହାତରେ ଥାଏ ଦୁଇ ଲଉଡ଼ି। ଲଉଡ଼ି ଭେରୁ ବା କେନ୍ଦୁ କାଠରେ ପ୍ରସ୍ତୁତ ହୋଇଥାଏ। ଏହାର ମାପଥାଏ ଏକହାତ ଚାଖଣ୍ଡେ। ଏହି ବାଡ଼ି ଖେଳ ଏକ ଦଳଗତ ନୃତ୍ୟ ଯେଉଁଠି ୧୨ରୁ ୨୪ ଜଣ ଗୋପାଳ ଅଂଶଗ୍ରହଣ କରିଥାନ୍ତି। ଜଣେ ଜଣେ ଦଳପତିଙ୍କ ଅଧିନାୟକତ୍ୱରେ ଗୋପାଳମାନେ ଗୋଷ୍ଠୀଗତ ଭାବେ ବିଭକ୍ତ ହୋଇ ଲଉଡ଼ି ବାଡ଼ିର ତାଳେ ତାଳେ ନାଚି ଉଠନ୍ତି। ମଇଁଷି ଶିଙ୍ଘ ବାଦ୍ୟର ତାଳେ ତାଳେ ବିଭିନ୍ନ ଶୈଳୀରେ ନୃତ୍ୟ ପରିବେଷଣ କରିଥାନ୍ତି। ଦୋଳପର୍ବ ଶ୍ରୀ ଚୈତନ୍ୟଙ୍କ ଦ୍ୱାରା ସମଗ୍ର ମାନବ ଜାତିର ଏକ ଗଣପର୍ବରେ ପରିଣତ ହୋଇଥିଲେ ମଧ୍ୟ ଗୋପାଳମାନଙ୍କର କୌଳିକ ପର୍ବର ମାନ୍ୟତା ପାଇଛି। ଗୋପାଳ ସମାଜର ଏହି ପାରମ୍ପରିକ ଲଉଡି ଖେଳ କ୍ରମେ ଆଧୁନିକତାର ସ୍ପର୍ଶରେ ଲୋପ ପାଇଯିବାକୁ ବସିଥିଲେ ହେଁ ଦୋଳ ପୂର୍ଣ୍ଣିମା ଅବସରରେ ଏହି ନିଆରା ବାଡିଖେଳକୁ ଦେଖିବାର ଅପୂର୍ବ ସୁଯୋଗ ମିଳିଥାଏ।

ପୌରାଣିକ ମତ ଅନୁସାରେ, ଦୋଳ ସହିତ ବିଭିନ୍ନ ପୁରାଣର କାହାଣୀ ସଂଯୁକ୍ତ ହୋଇରହିଛି। ଗୋଟିଏ ପଟେ ରାଧା-କୃଷ୍ଣ ପ୍ରେମ ଗାଥାର ଭବ୍ୟ ଉତ୍ତାଳ ଉତ୍ତରଣ ଓ ଅନ୍ୟ ପକ୍ଷରେ ଅନ୍ୟାନ୍ୟ ପୌରାଣିକ ଆଖ୍ୟାନର ଗୁନ୍ଥନ। ରଙ୍ଗର ରଙ୍ଗୀନ ଖେଳ ଓ ହୋଲିକା ଦହନର ଅଗ୍ନି ଔଜ୍ଜଲ୍ୟ ଏ ଉଭୟ ଦୁଷ୍ଟ ଶକ୍ତି ଉପରେ ଶୁଭଙ୍କର ପ୍ରତୀକର ବିଜୟକୁ ଏହି ପର୍ବ ସହିତ ସମ୍ମିଳିତ କରି ରଖିଛି। ହୋଲି ଉତ୍ସବରେ ଯେଉଁ ଅଗ୍ନି ଜ୍ୱଳନର ପରମ୍ପରା ଅଛି, ତାହା ଭକ୍ତ ପ୍ରହ୍ଲାଦଙ୍କ ପୌରାଣିକ ଉପାଖ୍ୟାନ ସହିତ ସଂପୃକ୍ତ। ଆଖ୍ୟାନଟି ହୋଲିକା ଦହନ ନାମରେ ପରିଚିତ। ହୋଲିକା ଏକ ରାକ୍ଷସୀ ଓ ତାହାର ଦହନ ରାଜା ହିରଣ୍ୟକାଶ୍ୟପ ଦ୍ୱାରା ପ୍ରେରିତ ଦୁଷ୍ଟ ଶକ୍ତି ଉପରେ ଭକ୍ତ ଓ ଶିଶୁ ପ୍ରହ୍ଲାଦ ପ୍ରତି ଆଶୀର୍ବାଦ ପ୍ରଦାନ କରୁଥିବା ଦୈବୀଶକ୍ତିର ପ୍ରତୀକାତ୍ମକ ବିଜୟ ରୂପେ ଅନୁଷ୍ଠିତ ହୋଇଥାଏ। ଅପରପକ୍ଷରେ, ପୁତନା ରାକ୍ଷସୀ ଉପାଖ୍ୟାନ କେତେକ ଅଞ୍ଚଳରେ ମଥୁରାରୁ ପ୍ରେରିତ ଛଦ୍ମ ଖଳନାୟିକା ପୁତନାର ଗୋପପୁର ପ୍ରବେଶ ଓ ସ୍ତନ୍ୟପାନ କରାଇ କୃଷ୍ଣ ଉଦ୍ୟମର କାହାଣୀକୁ ହୋଲି ଉତ୍ସବ ସହିତ ଯୋଡାଯାଇଥାଏ। ପୁତନା ରାକ୍ଷସୀର ଅନ୍ତ ଓ ତାହାର ଅନ୍ତ୍ୟେଷ୍ଟିକୁ ଏହି ଅଗ୍ନି ପ୍ରଜ୍ୱଳନ ସହିତ କେତେକ ସଂପୃକ୍ତ କରିଥାନ୍ତି।

ତେବେ, ଦୋଳ ମହୋତ୍ସବ ସାଂସ୍କୃତିକ, ଏବଂ ଧାର୍ମିକ ଗୁରୁତ୍ୱପୂର୍ଣ୍ଣ ମହତ୍ତ୍ୱକୁ ବହନ କରିବା ସହ ପ୍ରେମ ଓ ରଙ୍ଗର ଏକ ଅପୂର୍ବ ମିଳନର ସଂକେତ ଅଟେ। ଏହା, ସାମାଜିକ ସଦ୍ଭାବ ଓ ଏକତାକୁ ପ୍ରୋତ୍ସାହିତ କରିଥାଏ ଏବଂ ଜାତି, ଧର୍ମ ଓ ସାମାଜିକ ସ୍ଥିତିର ସୀମା ଅତିକ୍ରମ କରି ଭାଇଚାରାର ଭାବନାକୁ ଗୁରୁତ୍ୱ ଦିଏ। ଏହି ସ୍ପନ୍ଦନଶୀଳ ରଙ୍ଗ ବସନ୍ତର ଆନନ୍ଦମୟ ଆତ୍ମା ଏବଂ ମନ୍ଦ ଉପରେ ଭଲର ବିଜୟକୁ ମଧ୍ୟ ପ୍ରତିନିଧିତ୍ୱ କରିଥାଏ। ଏହା ପ୍ରତିବନ୍ଧକକୁ ପରିତ୍ୟାଗ କରିବା, ଅତୀତର ଅଭିଯୋଗକୁ କ୍ଷମା କରିବା ଏବଂ ନୂତନ ଶକ୍ତି ଓ ସକାରାତ୍ମକତା ସହିତ ନୂତନ ଭାବରେ ଜୀବନ ଆରମ୍ଭ କରିବାର ପ୍ରତୀକ ଅଟେ। ତେବେ, ସଂସ୍କୃତି, ସଭ୍ୟତା, ପରମ୍ପରା, ସଂସ୍କାର, ନୈତିକତା, ପ୍ରେମ, ତ୍ୟାଗ ଓ ଭକ୍ତିର ଏକ ଅନନ୍ୟ ସମନ୍ୱୟ ଏବଂ ସମାହାର ହେଉଛି ଏହି ଦୋଳଯାତ୍ରା। ଯାହାକି', ପ୍ରତିଟି ଭାରତୀୟଙ୍କ ହୃଦୟର ଏକ ପବିତ୍ର ଓ ଦିବ୍ୟ ସ୍ପନ୍ଦନର ପ୍ରତିଫଳନ ଅଟେ।

# ସ୍ୱାସ୍ଥ୍ୟ ସୁବିଧା



ଡ. ସୁନୀତି ମୁଣ୍ଡ୍
ଭୁବନେଶ୍ୱର, ମୋ : ୯୭୭୮୩୧୧୫୩୩

ସ୍ୱାସ୍ଥ୍ୟ ହେଉଛି ସମ୍ପଦ। ଜଣେ ଶାରୀରକ ଏବଂ ମାନସିକ ସ୍ୱାସ୍ଥ୍ୟ ଦୃଷ୍ଟିରୁ ସୁସ୍ଥ ନରହିଲେ ସେ କୌଣସି କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିପାରିବେ ନାହିଁ। ସେଥିପାଇଁ ସରକାରଙ୍କ ପକ୍ଷରୁ ଜନସ୍ୱାସ୍ଥ୍ୟକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ବିଶେଷକରି କୋଭିଡ ମହାମାରୀ ପରବର୍ତ୍ତୀ ସମୟରେ ଏହା ବିଶେଷ ଗୁରୁତ୍ୱ ଲାଭ କରୁଛି। ସ୍ୱାସ୍ଥ୍ୟସେବା ଯୋଗାଣରେ ଡାକ୍ତର, ନର୍ସ, ଫାର୍ମାସିଷ୍ଟ ଆଦିଙ୍କର ପ୍ରମୁଖ ଭୂମିକା ରହୁଥିବାବେଳେ ଡାକ୍ତରଖାନା, ଚିକିତ୍ସା ଉପକରଣ, ଔଷଧ ଆଦିର ମଧ୍ୟ ଆବଶ୍ୟକତା ରହିଛି। ସେଥିପାଇଁ ଦେଶ ଓ ଆମ ରାଜ୍ୟରେ ଏକାଧିକ ନୂଆ ମେଡିକାଲ କଲେଜ ସ୍ଥାପନ କରାଯାଇଛି, ଯ'ଦ୍ୱାରା ପ୍ରତିବର୍ଷ ଅଧିକ ସଂଖ୍ୟାରେ ଡାକ୍ତର ସୃଷ୍ଟି ହୋଇପାରିବେ। କାରଣ ଦୀର୍ଘବର୍ଷ ଧରି ଡାକ୍ତର ଅଭାବ ଆମ ରାଜ୍ୟ କାହିଁକି, ସାରା ଦେଶର ସମସ୍ୟା ହୋଇ ରହିଆସିଛି। ଅନୁରୂପ ଭାବରେ ନର୍ସିଂ ଓ ଫାର୍ମାସୀ କଲେଜଗୁଡିକ ମଧ୍ୟ ସ୍ଥାପନ କରାଯାଉଛି। ଗ୍ରାମାଞ୍ଚଳରୁ ନେଇ ସହରାଞ୍ଚଳ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଭିତ୍ତିଭୂମିରେ ଉନ୍ନତି ସାଧନ, ଜରୁରି ସମୟରେ ରୋଗୀ ପରିବହନ ନିମନ୍ତେ ଆମ୍ବୁଲାନ୍ସ ବ୍ୟବସ୍ଥା, ଦୁର୍ଘଟଣା ଭଳି କ୍ଷେତ୍ରରେ ଜରୁରି ଚିକିତ୍ସା ଉପଲବ୍ଧ କରାଇବାକୁ ଟ୍ରମା କେୟାର ସେଣ୍ଟର ସ୍ଥାପନ ଆଦି ଦିଗରେ ସରକାର ବହୁବିଧ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ବିଶେଷକରି ଶୈଶବ ଅବସ୍ଥାରୁ ଯେଉଁଳି ବିଭିନ୍ନ ମାରାତ୍ମକ ରୋଗର ପ୍ରତିଷେଧକ ଟୀକା ଦିଆଯିବ ସେଥିପାଇଁ ମିଶନ ଇନ୍ଦ୍ରଧନୁଷ୍ କାର୍ଯ୍ୟକାରୀ କରାଯାଉଛି। ଏହାଦ୍ୱାରା ଶିଶୁଙ୍କୁ ଡିପ୍‌ଥେରିଆ, ଧଇଁକାଶ, ଟିଟାନସ୍, ପୋଲିଓ, ଯକ୍ଷ୍ମା, ମିଳିମିଳା ଏବଂ ହେପାଟାଇଟିସ୍ (ବି) ଆଦିରୁ ସୁରକ୍ଷିତ ରଖାଯାଇପାରିବ। ଏହାବ୍ୟତୀତ ମେଲେରିଆ, ଫାଇଲେରିଆ ମୂଳୋତ୍ପାଟନ ନିମନ୍ତେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ କାର୍ଯ୍ୟକାରୀ କରାଯାଉଛି। ବିଶେଷକରି ଯକ୍ଷ୍ମା ରୋଗର ମୂଳୋତ୍ପାଟନକୁ ଏକ ମିଶନ ଭିତିରେ କାର୍ଯ୍ୟକାରୀ କରାଯାଉଛି। ମାଗଣାରେ ଯକ୍ଷ୍ମା ରୋଗ ଚିହ୍ନଟ ସହିତ ଆବଶ୍ୟକୀୟ ଔଷଧ ଓ ସେବା ଆଦି ଯୋଗାଇ ଦିଆଯାଉଛି। ତାହାସହିତ ରୋଗରୁ ମୁକ୍ତି ମିଳିବା ପରେ ରୋଗୀର ସାମାଜିକ ଥଇଥାନ ବ୍ୟବସ୍ଥା ଉପରେ ମଧ୍ୟ ଏହି ମିଶନରେ ଗୁରୁତ୍ୱ ଦିଆଯାଉଛି। ଶିଶୁଙ୍କ କ୍ଷେତ୍ରରେ କୃମିରୋଗ ସେମାନଙ୍କୁ ଶାରୀରିକ ଓ ମାନସିକ ସ୍ତରରେ ଦୁର୍ବଳ କରୁଥିବାରୁ ସେମାନଙ୍କୁ ଏହି ରୋଗରୁ ମୁକ୍ତି ଦେବା ନିମନ୍ତେ ଏକ କୃମି ନାଶ ଅଭିଯାନ କାର୍ଯ୍ୟକାରୀ କରାଯାଉଛି। ୧ରୁ ୧୯ ବର୍ଷ ବୟସ ବର୍ଗର ଶିଶୁ, କିଶୋର ଏବଂ ନବ ଯୁବକମାନଙ୍କୁ ଅଙ୍ଗନବାଡି ଠାରୁ ଆରମ୍ଭ କରି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଏହି କୃମି ନାଶକ ବଟିକା ମାଗଣରେ ଖାଇବାକୁ ସରକାର ଯୋଗାଇ ଦେଉଛନ୍ତି। ଏହି ଉଦ୍ଦେଶ୍ୟରେ ପ୍ରତିବର୍ଷ ଫେବୃଆରୀ ୧୦ ତାରିଖକୁ କୃମି ନାଶ ଦିବସ ଭାବରେ ଘୋଷଣା କରାଯାଇ ଏହି ଅଭିଯାନ କାର୍ଯ୍ୟକାରୀ କରାଯାଉଛି। ଏହା ବିଭିନ୍ନ ସରକାରୀ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ପରିଚାଳନା କରାଯାଉଛି। ବିଶେଷକରି ପିଲାମାନଙ୍କୁ ନିଜର ସ୍ୱଚ୍ଛତା ସମ୍ପର୍କରେ ସଚେତନ କରାଇବାକୁ ହାତଧୁଆ ଅଭିଯାନ ମଧ୍ୟ କାର୍ଯ୍ୟକାରୀ କରାଯାଉଛି। ଏହାଦ୍ୱାରା ସେମାନେ ନିଜ ହାତ କିଭଳି ଧୋଇବେ ଏବଂ ତ'ଦ୍ୱାରା ବିଭିନ୍ନ ରୋଗ ସଂକ୍ରମଣରୁ ରକ୍ଷା ପାଇବେ, ସେ ସମ୍ପର୍କରେ ଅବଗତ ହେଉଛନ୍ତି। ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇଦେବାକୁ ସବ୍‌ଡିଭିଜନ ଏବଂ ଜିଲ୍ଲାସ୍ତରରେ ଡାକ୍ତରଖାନାଗୁଡିକର ଆଧୁନିକୀକରଣ କରାଯାଉଛି। ଏଥିସହିତ ମେଡିକାଲ କଲେଜ ସହିତ ସଂଯୁକ୍ତ ହସ୍ପିଟାଲଗୁଡିକୁ ସୁପର ସ୍ପେଶାଲିଟି ହସ୍ପିଟାଲରେ ପରିଣତ କରାଯାଉଛି। ଚିକିତ୍ସା ସେବା ଲୋକଙ୍କ ଦ୍ୱାର ଦେଶରେ ଯେଭଳି ଉପଲବ୍ଧ ହୋଇପାରିବ, ତାହାକୁ ଗୁରୁତ୍ୱ ଦିଆଯାଉଛି। ଆଜିକାଲି ରୋଗ ଚିକିତ୍ସା ବ୍ୟୟବହୁଳ ହୋଇପଡିଥିବାବେଳେ ଜନସାଧାରଣ ଯେଭଳି କମ୍ ଖର୍ଚ୍ଚରେ ଅଥବା ବିନା ମୂଲ୍ୟରେ ରୋଗର ଚିକିତ୍ସିତ ହୋଇପାରିବେ ସେଥିପାଇଁ ଭାରତ ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଥିରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୮୨୦ କୋଟି ଟଙ୍କା ଆବଣ୍ଟିତ କରାଯାଇଛି। ପୋଷଣ ଅଭିଯାନ ଅଧୀନରେ ୪୧ ଲକ୍ଷ ଶିଶୁ, କିଶୋରୀ ଏବଂ ଗର୍ଭବତୀ ମହିଳାଙ୍କୁ ୮୨୫.୧୯ କୋଟି ଟଙ୍କା ବ୍ୟୟରେ ପୋଷଣ ଯୋଗାଇ ଦିଆଯାଇଛି। ସୁଲଭ ମୂଲ୍ୟରେ ଜନସାଧାରଣଙ୍କୁ ଔଷଧ ଉପଲବ୍ଧ କରାଇବାକୁ ଭାରତ ସରକାର ୪୮୮ଟି ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ର ସ୍ଥାପନ କରିଛନ୍ତି। ଏସବୁ ସହିତ ଜାତୀୟ ସ୍ୱାସ୍ଥ୍ୟ ମିଶନରେ ଓଡ଼ିଶା ପାଇଁ ୧୦ ହଜାର କୋଟି ଟଙ୍କାରୁ ଅଧିକ ଅର୍ଥ ଯୋଗାଇ ଦିଆଯାଇଛି। ମା' ଓ ଶିଶୁ ମୃତ୍ୟୁହାର ହ୍ରାସ କରିବାକୁ ସ୍ୱାସ୍ଥ୍ୟକେନ୍ଦ୍ର ଅଥବା ଡାକ୍ତରଖାନାଗୁଡିକରେ ସନ୍ତାନ ପ୍ରସବକୁ ପ୍ରୋତ୍ସାହିତ କରାଯାଉଛି। ଏହାଦ୍ୱାରା ଭାରତବାସୀଙ୍କର ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ବିଶେଷ ଉନ୍ନତି ପରିଲକ୍ଷିତ ହୋଇଛି। କୋଭିଡ ମହାମାରୀ ସମୟରେ ଦେଶବାସୀଙ୍କୁ ପ୍ରତିଷେଧକ ଟୀକା ଦିଆଯାଇ ଅନେକ ମୂଲ୍ୟବାନ ଜୀବନ ସୁରକ୍ଷିତ ରଖାଯାଇପାରିଛି।

**ବିକଶିତ ଓଡ଼ିଶାର ଚିତ୍ର**

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଉମରକୋଟ, (ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦ ତରଫରୁ ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୌର ପରିଷଦ ଅଧକ୍ଷା ରାଧା ଭତ୍ରା, ଉମରକୋଟ ରେଞ୍ଜ ଅଫିସର ଦେବସ୍ମିତା ସାହୁ ଯୋଗ ଦେଇଥିଲେ । ଏତତ୍ ବ୍ୟତୀତ ଏହି ସଭାରେ ପୁରୁଷ ଅତିଥି ମଧ ଯୋଗ ଦେଇଥିଲେ ଏମାନଙ୍କ ମଧ୍ୟରେ ପୌର ପରିଷଦ ଉପାଧକ୍ଷ ସୁଧାଂଶୁ ଦାସ , ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ ଓ ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢ଼ୀ ଯୋଗ ଦେଇଥିଲେ । ସମସ୍ତ ଅତିଥି ଆଧୁନିକ ସମାଜରେ ମହିଳାଙ୍କ ଭୂମିକା ବିଷୟରେ ଆଲୋଚନା କରିବା ସହ ଦେଶ ଓ ରାଜ୍ୟ ରେ ମହିଳା ମାନେ କିପରି ସସକ୍ତିକରଣ ହୋଇପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ରେ ବିଭିନ୍ନ କ୍ଷେତ୍ର ରେ ପାରଦର୍ଶିତା ହାସଲ କରିଥିବା ମହିଳା ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଇଂ ଚନ୍ଦନା ମଲିକ ପରିଚାଳନା କରିଥିଲେ ।

## ବଡଯାତ୍ରାର ଦ୍ୱିତୀୟ ଦିନ : କନ୍ୟାମାଝି ପରେ ମଣ୍ଡିଆଭାଙ୍ଗା ପୀଠ ଠାରେ ଲୋକାରଣ୍ୟ





ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲାରେ କାହିଁ କେଉଁ କାଳରୁ ପାଳନ ହୋଇ ଆସୁଥିବା 'ବଡଯାତ୍ରା' ଚଳିତବର୍ଷ ମଧ ପାଳନ ହେଉଥିବା ଦେଖିବାକୁ ମିଳିଛି । ପ୍ରତି ଦୁଇ ବର୍ଷରେ ଥରେ ପାଳନ ହେଉଥିବା ଏହି ଯାତ୍ରା ଚଳିତବର୍ଷ ପାଳନ ହେଉଥିବା ବେଳେ ପ୍ରାୟ ଏକ ମାସ ଧରି ଯାତ୍ରାର ବିଭିନ୍ନ ନୀତି କାନ୍ତି ଓ ପୂଜା ଆରମ୍ଭ ହୋଇଯାଇଛି । ବଡଯାତ୍ରା ପାଇଁ ଆନ୍ଧ୍ର ସ୍ଥିତ ତାଡକାରେଉ କୁଣ୍ଡରେ ତିନି ଠାକୁର ପ୍ରଭୁ କାନମ ରଜୁ, ବାଲରାଜୁ, ପୋତ ରାଜୁ ଓ ମା ମୁତିୟାଲୁ ଅମ୍ମାଙ୍କୁ ସ୍ନାନ ପରେ ମାଲକାନଗିରି ଅଭିମୁଖେ ଅଣାଯାଇଛି । ସୁସଜ୍ଜିତ ବିମାନ ଯୋଗେ ଠାକୁର ମାନଙ୍କୁ ପ୍ରାୟ ୧୦୦ କିମି ବାଟ ଭକ୍ତ ମାନେ ବୋହି ବୋହି ଆଣିବା ପରେ ଠାକୁରଙ୍କ ବିମାନ ମାଲକାନଗିରି ଜିଲ୍ଲା ସଦର ସ୍ଥିତ କନ୍ୟାମାଝି ବନ୍ଧ ପୀଠରେ ପହଞ୍ଚିଥିଲେ । ପରେ ଶନିବାର ସକାଳୁ ଉତ୍ସବ ମୁଖର ହୋଇପଡିଛି ମାଲକାନଗିରି ସହର । ପବିତ୍ର ତମସା ନଦୀକୂଳରୁ ଭକ୍ତମାନେ ଶୋଭାଯାତ୍ରାରେ କନ୍ୟାମାଝି ପୂଜା ମଣ୍ଡପ ନିକଟରେ ଠାକୁରଙ୍କ ବିମାନ ପହଞ୍ଚାଇଥିଲେ । ରାସ୍ତା ତମାମ ଭୋଗ ପାଇ ଆସୁଥିବା ଠାକୁରଙ୍କ ବିମାନ ପହଞ୍ଚିବା ପରେ ପାଟପୂଜାରୀ, ପୂଜା କମିଟିର ସଭାପତି, ତହସିଲଦା, ଅନ୍ୟାନ ଅଧିକାରୀ ଓ ପୂଜା କମିଟିର ସଦସ୍ୟ ମାନେ ରାଜ ଭୋଗ ଲଗାଇବା ପରେ ଠାକୁରଙ୍କୁ ପାଳ ମଣ୍ଡପକୁ ପ୍ରବେଶ କରାଇଥିଲେ । ମାନସିକଧାରୀ ଭକ୍ତ ମାନେ ଠାକୁରଙ୍କୁ ଦର୍ଶନ କରି ଭୋଗ ଲଗାଇଥିଲେ । କାଳଶି ନୃତ୍ୟ ସାଙ୍ଗକୁ ଦିଶାରି ପୂଜାରୀ ଗୁଣିଆଙ୍କ ଲାଠିଧାରିଙ୍କ ନାଟ ବେଶ ଚମତ୍କାର ଦୃଶ୍ୟ ଦେଖିବାକୁ ମିଳିଥିଲା । ଏହି ଅବସରେ ପୋଲିସ ପ୍ରଶାସନ, ସତ୍ୟସାଇ ସେବା ସଂସ୍ଥା, ଶିବାନନ୍ଦ ଆଶ୍ରମ, ଜୟ ମାଲକାନଗିରି ସହ କେତକ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଯୁବକ ସଂଘ ପକ୍ଷରୁ ସମସ୍ତ ଭକ୍ତଙ୍କ ପାଇଁ ଦହିପଣା, ଲେମ୍ବୁପାଣି ଓ ଅନ୍ନ ପ୍ରସାଦ ସେବନର ବ୍ୟବସ୍ଥା କରିଥିଲେ । ଓଡିଶା, ଆନ୍ଧ୍ର, ତେଲାଙ୍ଗାନା, ଛତିଶଗଡ ଚାରି ରାଜ୍ୟରୁ ଭକ୍ତମାନେ ଏହି ପୂଜାରେ ସାମିଲ ହୋଇଥିଲେ । ତେବେ ଶନିବାର ସଂଧ୍ୟା ପରେ ରାତ୍ରରେ ବଡ ଠାକୁରଙ୍କ ବିମାନକୁ ବିରାଟ ଶୋଭାଯାତ୍ରାରେ କନ୍ୟାମାଝି ବନ୍ଧ ନିକଟରୁ ମାଣ୍ଡିଆଭଟା ମଣ୍ଡପ ନିକଟକୁ ନିଆଯାଇ ରାତ୍ର ରହଣି ପରେ ତା'ପର ଦିନ ଠାରୁ ମାଣ୍ଡିଆ ଭଙ୍ଗା ଠାରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି । ଏଠାରେ ହଜାର ହଜାର ଭକ୍ତଙ୍କ ଦର୍ଶନ ସାରି ପୁଣି ଗୋଟିଏ ଦିନର ରହଣି ପରେ ସନ୍ଧ୍ୟାରେ ପଟୁଆରରେ ବାହାରି ସହର ମଧ୍ୟରେ ଥିବା ମା ମାଉଲି ମନ୍ଦିରସ୍ଥ ସିଂହଦ୍ୱାର ନିକଟରେ ମଙ୍ଗଳ ବାର ରାତି ୧୨ ଟା ପର୍ଯ୍ୟନ୍ତ ପୂଜା ପାଇ ମୂଖ୍ୟ ପୂଜାରୀଙ୍କ ସହ ପୁଣି ସ୍ୱସ୍ଥାନକୁ ଫେରିଯିବାକୁ କାର୍ଯ୍ୟକ୍ରମ ରହିଛି । ତେବେ ବଡ ଯାତ୍ରା ପାଇଁ ମାଲକାନଗିରି ସହରରେ ମିନାବଜାର ସାଙ୍ଗକୁ ବିଭିନ୍ନ ପ୍ରକାର ଦୋକାନ ବଜାର ଖୋଲା ଯାଇଛି, ସମଗ୍ର ମାଲକାନଗିରି ସହର ଉତ୍ସବ ମୁଖର ହୋଇପଡିଛି ।

## ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ଲୋକ ଅଦାଲତ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ରାଜ୍ୟ ଆଇନ୍ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଜିଲ୍ଲାରେ ଜିଲ୍ଲା ଆଇନସେବା ପ୍ରାଧିକରଣ, ତାଲୁକ ଆଇନ ସେବା ପ୍ରାଧିକରଣ ମୋଟୁ ଏବଂ ଜେଏମଏଫସି ମାଥିଲି ଓ କୁଡୁମୁଲୁଗୁମ୍ମା, ଗ୍ରାମ ନ୍ୟାୟାଳୟ କୋରୁକୋଣ୍ଡା ଦ୍ୱାରା ପ୍ରଥମ ଜାତୀୟସ୍ତରୀୟ ଲୋକ ଅଦାଲତ ମାଲକାନଗିରିର ସମସ୍ତ ବିଚାରାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତରେ ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ଜିଲ୍ଲା ଆଇନସେବା ପ୍ରାକରଣର ଜଜ୍ ତଥା ଅଧକ୍ଷ୍ୟ ଡାଃ ପ୍ରସନ୍ନ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲା ଜଜ୍ ଶାନ୍ତନୁ କୁମାର ଦାସ, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ସତ୍ୟପ୍ରିୟ ଦାସ, ବରିଷ୍ଠ ଦେୱାନୀ ବିଚାରପତି ବିଜୟ କୁମାର ଦାସ, ଆଇନସେବା ପ୍ରାଧିକରଣ ସଚିବ ତଥା ବରିଷ୍ଠ ଦେୱାନୀ ବିଚାରପତି ସୁଶ୍ରୀ ସଙ୍ଗୀତା ପାତ୍ର, ଉପଖଣ୍ଡ ଦଣ୍ଡାଧିକରି ପ୍ରତିମା ସାହୁ ଏବଂ ଗ୍ରାମ ନ୍ୟାୟକାରୀ ଦେବେନ୍ଦ୍ରନାଥ ବାଘ, ପ୍ରଥମ ଶ୍ରେଣୀ ଦଣ୍ଡାକରି, ମାଥିଲି ପଦ୍ମନାଭ ମାଝି, ପ୍ରଥମ ଶ୍ରେଣୀ ଦଣ୍ଡାଧୀକାରୀ ମୋଟୁ ପ୍ରବୀଣ କୁମାର ହୋତା ଓ ପ୍ରଥମ ଶ୍ରେଣୀ ଦଣ୍ଡାଧୀକାରୀ, କୁଡୁମୁଲୁ ଗୁମ୍ମା ବିମଳ ଲକ୍ଷ୍ମୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରକାର ମକଦ୍ଦମା ଗୁଡ଼ିକର ଫଇସଲା କରିଥିଲେ । ଏହି ଜିଲ୍ଲାସ୍ତରୀୟ ଲୋକ ଅଦାଲତରେ ମୋଟ ୫୫୮୧ ଗୋଟି ମକଦ୍ଦମାର ଫଇସଲା କରାଯାଇ ୩୮,୧୭,୦୩୮/- ଟଙ୍କା ଧାର୍ଯ୍ୟ କରାଯାଇଥିଲା । ଏହି ଲୋକ ଅଦାଲତରେ ଜିଲ୍ଲା କୋର୍ଟ, ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟ, ସବ୍‌ଜଜ କୋର୍ଟ, ଏସର୍ଡ଼ିଜେଏମ କୋର୍ଟ, ଜିଲ୍ଲା ଆଇନସେବା ପ୍ରଧୀକରଣ, ମାଲକାନଗିରି ଓ ତାଲୁକ ଆଇନ ସେବା ସମିତି ସହ ଅନ୍ୟ ସମସ୍ତ କୋର୍ଟ ଗୁଡିକର କର୍ମଚାରୀ ତଥା ମାଲକାନଗିରି ଓ ମୋଟୁ ଓକିଲ ସଂଘର ସଭ୍ୟଗଣ ଉପସ୍ଥିତ ରହି ଅଦାଲତ କାର୍ଯ୍ୟରେ ସଂପୂର୍ଣ୍ଣ ସହଯୋଗ କରିଥିଲେ ।

## ଏକତରଫା ପ୍ରେମ ପାଇଁ ବୀଭତ୍ସ ହତ୍ୟାକାଣ୍ଡ: ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ

ଧର୍ମଶାଳା, (ଭାସ୍କର ନ୍ୟୁଜ୍) : ଏକତରଫା ପ୍ରେମିକକୁ ପ୍ରେମିକାଙ୍କ ବାପା ମାଆକୁ ହତ୍ୟା ଓ ପ୍ରେମିକାର ଆଖି ନଷ୍ଟ କରିବା ଅଭିଯୋଗରେ ଅଭିଯୁକ୍ତକୁ ଯାଜପୁର ଜିଲ୍ଲା ଦୈରାଜଜ୍ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଘଟଣାରୁ ପ୍ରକାଶ ଯେ, ଧର୍ମଶାଳା ଥାନା ମିର୍ଜାପୁର ପଞ୍ଚାୟତ ତିରଣ ଗ୍ରାମର ମହାନ୍ତି ସାହିରେ ୦୫/୦୭/୨୦୨୦ ବିଳମ୍ବିତ ରାତିରେ ସେହି ଗ୍ରାମର ସୁନିଲ କୁମାର ଜେନା ଏକ ବିଭତ୍ସ ହତ୍ୟାକାଣ୍ଡ ଘଟାଇଥିଲେ । ପ୍ରେମିକ ଶ୍ରୀ ଜେନା ଏକ କାଙ୍କ ସାହାଯ୍ୟରେ ପ୍ରେମିକା ସମେତ ତାଙ୍କ ବାପା, ମାଆଙ୍କ ଉପରେ ଆକ୍ରମଣ କରିଥିଲା । ଫଳରେ ଘଟଣାସ୍ଥଳରେ ମାଆ ଶିକ୍ଷୟତ୍ରୀ ତରୁଲତା ବିଶ୍ୱାଳ(୫୨) ମୃତ୍ୟୁବରଣ କରିଥିବା ବେଳେ ବାପା ଇଂ ନିତ୍ୟାନନ୍ଦ ମଲକି ଚିକିତ୍ସାଧିନ ଅବସ୍ଥାରେ ୨୫/୦୭/୨୦୨୦ରେ ମୃତ୍ୟୁବରଣ କରିଥିଲେ । ପ୍ରେମିକାର ଗୋଟିଏ ଆଖି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । ଏନେଇ ଧର୍ମଶାଳା ପୋଲିସ ୨୬୫/୨୦ରେ ଏକ କେଶ ରୁଜୁ କରି ଅଭିଯୁକ୍ତ ସୁନିଲ କୁମାର ଜେନାକୁ ଗିରଫ କରି ଯାଜପୁର କୋର୍ଟକୁ ଚାଲାଣ କରିଥିଲା । ଗୁରୁବାର ଦିନ ଯାଜପୁର ଜିଲ୍ଲା ଦୈରାଜଜ୍ ମାନ୍ୟବର ଅମୃତ ରଂଜନ ନନ୍ଦ ୩୩ ଗୋଟି ଦସ୍ତାବିଜ୍ ଓ ୨୩ ଜଣ ସାକ୍ଷ୍ୟମାନଙ୍କର ଜମାନବନ୍ଦୀ ନେଇ ଅଭିଯୁକ୍ତ ସୁନିଲକୁ ୩୦୨ ଦଫାରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦ହଜାର ଟଙ୍କ ଜୋରିମାନା ଦେବା ପାଇଁ ଆଦେଶ ଦେଇଛନ୍ତି । ଜୋରିମାନା ୨୦ ହଜାର ଅନାଦେୟ ହେଲେ ଅଧିକ ୬ମାସ ଦଣ୍ଡାଦେଶ ଦେଇଛନ୍ତି । ୩୦୭ ଦଫାରେ ଅଭିଯୁକ୍ତକୁ ୮ବର୍ଷ ଶଶ୍ରମ କାରାଦଣ୍ଡ ସହ ଅଧିକ ୧୦ ହଜାର ଜୋରିମାନା ଦେବା ପାଇଁ ଆଦେଶ ଦେଇଛନ୍ତି । ଏହି କେସ୍‌କୁ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ସମରେନ୍ଦ୍ର ଦାସ ପରିଚାଳନା କରୁଥିଲେ । ଏକତରଫା ପ୍ରେମିକ ସୁନିଲଙ୍କ ଆକ୍ରମଣ ଘଟଣା ସେ ସମୟରେ ଧର୍ମଶାଳା ଥାନା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରୁଥିଲା ।

## ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ବାଲୁଗାଁ, (ଭାସ୍କର ନ୍ୟୁଜ୍ ) : ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଯୁବ ରେଡ୍‌କ୍ରସ ପକ୍ଷରୁ ମିଳିତ ଭାବେ ଅନ୍ତର୍ଜାତୀୟ ମହିଳା ଦିବସ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରଥମେ ଛାତ୍ରୀ ପ୍ରଜ୍ଞାସ୍ମିତା ସାହୁ ଏକ ମାତୃବନ୍ଦନା ଗାନ କରିବା ସହ ମହିଳା ଦିବସର ପ୍ରାସଙ୍ଗିକତା ଉପସ୍ଥାପନା କରିଥିଲେ । ଏହାପରେ ବରିଷ୍ଠ ଅଧାପିକା ଡକ୍ଟର ମୋନାଲିସା ମାନସିଂ ମହିଳାମାନଙ୍କ ମର୍ଯ୍ୟାଦା ସମ୍ପର୍କରେ ପୁରୁଷମାନଙ୍କର ଦୃଷ୍ଟିକୋଣ ପରିବର୍ତ୍ତନ ହେବା ସମ୍ପର୍କରେ ଆଲୋକପାତ କରିଥିଲେ । ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧାପିକା ରୀନା ରାଉତ ସମ୍ପ୍ରତି ବୌଦ୍ଧିକ ଓ ସାଂସ୍କୃତିକ କ୍ଷେତ୍ରରେ ମହିଳାମାନଙ୍କର ଆଧିପତ୍ୟ ବିଷୟରେ ସୂଚନା ଦେଇଥିଲେ । ରେଡ୍‌କ୍ରସ ଅଧିକାରୀ ଅଧାପିକା ମନସ୍ୱିନୀ ପଟ୍ଟନାୟକ ପୁରୁଷ ପ୍ରଧାନ ସମାଜରେ ଦେଖାଯାଉଥିବା ନାରୀବାଦର ସ୍ୱର ସହିତ 'ଯେଉଁଠି ନାରୀ ସେଇଠି ପ୍ରଗତି' ସମ୍ପର୍କରେ ନିଜର ଶାଣିତ ସ୍ୱର ଉପସ୍ଥାପନ କରିଥିଲେ । ଯୁକ୍ତ ଦୁଇ ଅଧକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ସମଗ୍ର ବିଶ୍ୱରେ ମହିଳା ମାନଙ୍କର ସାମାଜିକ ଓ ରାଜନୈତିକ ସ୍ଥିତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧକ୍ଷ ନିଜର ସଭାପତୀୟ ଅଭିଭାଷଣରେ ନାରୀମାନଙ୍କ ସମ୍ପର୍କରେ ଥିବା ନକରାତ୍ମକ ଚିନ୍ତାଧାରାକୁ ପରିହାର କରି ସେମାନଙ୍କ ପ୍ରତି ସମ୍ବେଦନଶୀଳତା ପ୍ରକାଶ କଲେ ସମାଜର ଯଥାର୍ଥ ବିକାଶ ହୋଇପାରିବ ବୋଲି କହିଥିଲେ ।

କରଞ୍ଜିଆ, (ଭାସ୍କର ନ୍ୟୁଜ୍ ) : କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ କାର୍ଯ୍ୟାଳୟ ସଭାଗୃହ ଠାରେ ଅଧକ୍ଷା ପପି ପୃଷ୍ଟି ଓ ଉପାଧକ୍ଷ ସ୍ୱରୂପ କୁମାର୍ ପରିଜାଙ୍କ ସଭାପତିତ୍ୱରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି । ମହିଳା ସଶକ୍ତିକରଣ ବାବଦକୁ ହେଇଥିବା ଆଲୋଚନା ଚକ୍ରରେ ଭାରାପ୍ରାପ୍ତ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଂଜନ ସେଠୀ, ସୌଭାଗ୍ୟ ପଟ୍ଟନାୟକଙ୍କ ସହିତ ମହିଳା ୱାର୍ଡ କାଉନସିଲର ବୃନ୍ଦ, ୱାର୍ଡ କାଉନସିଲର ନିରାକାର ପାତ୍ର, ସ୍ୱଚ୍ଛ ସାଥି, ସୁପରଭାଇଜର, ସଫେଇ କର୍ମଚାରୀ ମାନେ ଯୋଗ ଦେଇଥିଲେ । ମହିଳାମାନେ ଆଜିର ଯୁଗରେ ସବୁ କ୍ଷେତ୍ରରେ ଆଗକୁ ବଢ଼ିଲେଣି । ଅନେକ କ୍ଷେତ୍ରରେ ସେମାନେ ପୁରୁଷଙ୍କୁ ମଧ ପଛରେ ପକାଇ ଦେଇଛନ୍ତି । ଚାଷ କାମ ଠାରୁ ଆରମ୍ଭ କରି ମହାକାଶ ଯାତ୍ରା ହେଉ କି କ୍ରୀଡ଼ା, ବିଜ୍ଞାନ ସବୁ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କଲେଣି ମହିଳାମାନେ । ତେବେ ସେମାନେ କିପରି ଆହୁରି ଆଗକୁ ଆଗକୁ ବଢ଼ିପାରିବେ, ସେ ନେଇ ଅତିଥିବୃନ୍ଦ ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଏହି ଅବସରରେ କିଛି ମହିଳାଙ୍କୁ ନିଜ ନିଜ କ୍ଷେତ୍ରରେ ଅତୁଳନୀୟ କାର୍ଯ୍ୟ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାପରେ କାର୍ଯ୍ୟାଳୟ ପରିସରରେ ଏକ ବଡାଖାନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଏନ୍‌ଏସି ଅଧକ୍ଷା ପପି ପୃଷ୍ଟି,ଉପାଧକ୍ଷ ଶ୍ରୀ ପରିଜାଙ୍କ ସମେତ କାର୍ଯ୍ୟାଳୟର ସମସ୍ତ ଉଚ୍ଚ ପଦସ୍ଥ ଅଧିକାରୀ ମାନେ ସମସ୍ତ କର୍ମଚାରୀ ମାନଙ୍କୁ ନିଜ ହାତରେ ଖାଇବା ପାରସୀଥିଲେ ।

କୋରାପୁଟ, (ଭାସ୍କର ନ୍ୟୁଜ) : ସ୍ଥାନୀୟ ପୋଲିସ ପ୍ୟାରେଡ ପଡିଆରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି । ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ । କୋଟପାଡ ବିଧାୟକ ରୁପୁ ଭତ୍ରା, କୋଟପାଡ ଏନଏସି ଅଧ୍ୟକ୍ଷ ଏମ୍ ଶଙ୍କର ରାଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ପୋଷଣ ଅଭିଯାନ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିଲ୍ଲାର ଶ୍ରେଷ୍ଠ ଶିଶୁ ବିକାଶ ଅଧିକାରୀ ଭାବେ ସେମିଲିଗୁଡା ସିଡିପିଓ ବିନୋଦିନୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଶ୍ରେଷ୍ଠ ସୁପରଭାଇଜର ଭାବେ ବୈପାରିଗୁଡାର ଚନ୍ଦ୍ରବତୀ ମଣ୍ଡଳ ଓ ବୋରିଗୁମାର ଶର୍ମିଷ୍ଠା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶ୍ରେଷ୍ଠ ଅଙ୍ଗନୱାଡ଼ି କର୍ମୀ ଭାବେ ପାର୍ବତୀ ନାୟକ, ଦୁତିକା ହାଲବା, ଅନା ହିକକା ଓ ଶକୁନ୍ତଳା ହିମେରିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶ୍ରେଷ୍ଠ ହେଲପର ଭାବେ ଦନପତି ଚପାଡି, ଗୌରି ଦୁଆରି ଓ ଏ କମଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କୋରାପୁଟ ଜିଲ୍ଲାର ୩ଲକ୍ଷ ସୁଭଦ୍ରା ହିତାଧିକାରୀ ଦ୍ୱିତିୟ କିସ୍ତି ଟଙ୍କା ପାଇଥିବା ଜିଲ୍ଲାପାଳ କହିଥିଲେ । ଜିଲ୍ଲା ସମାଜ ମଙ୍ଗଳ ବିଭାଗ କାର୍ଯ୍ୟାଳୟ ସମସ୍ତ କର୍ମଚାରୀ, ସୁଭଦ୍ରା ଯୋଜନା ଜିଲ୍ଲା ସଂଯୋଜିକା ସୀମାରାଣୀ ବେହେରା, ମହିଳା ସୁରକ୍ଷା ବିଭାଗ ଅଧିକାରୀ ସବିତା ସମାଦାର ପ୍ରମୁଖ ସହଯୋଗ କରିଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଧନ୍ୟବାଦ ଅର୍ପଣ କରିଥିଲେ ।

ବ୍ୟାସନଗର, (ଭାସ୍କର ନ୍ୟୁଜ୍ ) : ବିଶ୍ୱ ମହିଳା ଦିବସ ପରିପ୍ରେକ୍ଷୀରେ ନବ ଉତ୍କଳ ମହିଳା ସମିତି ପକ୍ଷରୁ ବ୍ୟାସନଗର ସନ୍ତରାସ୍ଥିତ ସଂସ୍କୃତି ଭବନ ଠାରେ ସମିତିର ୨୦ତମ ସ୍ୱନକ୍ଷତ୍ର ଦିବସ ପାଳନ ହେବା ସହିତ ସମିତି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ୨ଯୋଡ଼ା ବରକନ୍ୟାଙ୍କ ବିବାହ, ୨୩ଜଣ ସମ୍ବର୍ଦ୍ଧିତ ପ୍ରତିଭା, ଆଦିବାସୀ ନୃତ୍ୟ ସହିତ ଏକ ସଭା ନବ ଉତ୍କଳ ମହିଳା ସମିତିର ସଭାନେତ୍ରୀ ଅମୂଲୀ ପହିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଉଦ୍‌ଘାଟକ କୋରେଇର ମାନ୍ୟବର ବିଧାୟକ ଆକାଶ ଦାଶନାୟକ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିବାପରେ ବନ୍ଦେ ଉତ୍କଳ ସଂଗୀତ ଗାନ ସହ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ମୁଖ୍ୟ ଅତିଥି ଭାବେ ନାରୀନେତ୍ରୀ ସ୍ତମ୍ଭକାର ସମାଜସେବୀ ରୀନା ରାଉତରାୟ, ବ୍ୟାସନଗର ପବ୍ଲିକ୍ ସ୍କୁଲର ଅଧକ୍ଷ୍ୟା ଡ଼ଃ ଦେବସ୍ମିତା ସାହୁ, ଅବସରପ୍ରାପ୍ତ ଶିକ୍ଷୟତ୍ରୀ ତଥା ବଉଳଫୁଲର ସମ୍ପାଦିକା ବ୍ରଜେଶ୍ୱରୀ ସିଂହ ଯୋଗ ଦେଇ କହିଥିଲେ କି ଦେଶ ସ୍ୱାଧୀନତା ଠାରୁ ଆଜି ପର୍ଯ୍ୟନ୍ତ ଅନେକ ମହିଳା ଦେଶ ପାଇଁ ଜୀବନ ବିତାଇବା ସହିତ ସମାଜ ସେବାରେ ବ୍ରତୀ ହୋଇଛନ୍ତି ବୋଲି କହିଥିଲେ, ଆଜି ପ୍ରତ୍ୟେକ ମହିଳା ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ନିସ୍ୱାର୍ଥପର ସେବା କରିବାକୁ ଆହ୍ୱାନ କରିଥିଲେ । ସମ୍ବର୍ଦ୍ଧିତ ପ୍ରତିଭା ମାନଙ୍କ ମଧ୍ୟରେ ସମାଜସେବୀ ବନ୍ଦିତା ପରିଡା, ଶହୀଦ ଭଗତ ସିଂହ ଯୁବକ ସଙ୍ଘର ସଭାପତି ରାଜେନ୍ଦ୍ର ବିଶ୍ୱାଳଙ୍କ ସମେତ ୨୩ଜଣ ସମାଜସେବୀଙ୍କୁ ମାନ୍ୟବର ବିଧାୟକ ଆକାଶ ଦାସ ନାୟକ ମାନପତ୍ର ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ଶ୍ରୀରାମ ନବମୀ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ



ବେତନଟୀ, (ଭାସ୍କର ନ୍ୟୁଜ୍) : ବେତନଟୀରେ ଶ୍ରୀରାମ ନବମୀ ଉତ୍ସବ ପାଳନ ନିମନ୍ତେ ବେତନଟୀ କଙ୍କାଳିଆ ଦୁର୍ଗାପୂଜା କମିଟି ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଆୟୋଜନ ହୋଇଥିଲା । କମିଟିର ସଂଯୋଜକ ଶିକ୍ଷକ ନରୋତ୍ତମ ମହାନ୍ତଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କିପରି ସଠିକ ଭାବେ ସମ୍ପାଦନ କରାଯାଇ ପାରିବ ସେ ନେଇ ଆଲୋଚନା ହୋଇଥିଲା । ବେତନଟୀ ଉତ୍ସବ ପାଳନ କମିଟିର ସଭାପତି ଭରତ ଭୂଷଣ ଦୁର୍ଗା, ସମ୍ପାଦକ ନରୋତ୍ତମ ମହାନ୍ତ, କୋଷାଧକ୍ଷ ସଂଜୀବ ଜେନାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜୀବନ ପରିଡା, ପ୍ରକାଶ ଜ୍ୟୋତି ପ୍ରଧାନ, ବିକାଶ ଦାସ, ଅଶୋକ ବେହେରା, ବିଶ୍ୱଜିତ ପରିଡା, ରାମେଶ୍ୱର ମହାନ୍ତ , ହୃଷିକେଶ ମହାନ୍ତ, ପ୍ରକାଶ ଜ୍ୟୋତି, ସୁବ୍ରତ ବିଷ୍ଣାଣି, ସୁଧୀର ଅଗ୍ରୱାଲ, କାନ୍ହା ସରେନ, ସୁଶାନ୍ତ ନାୟକ, ମନୋଜ ପଣ୍ଡା, ନବ କିଶୋର ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

## ସମସ୍ୟାଘେରରେ ନରେନ୍ଦ୍ରପୁର ଫାଣ୍ଡି, ପ୍ରତିକାର ଦାବି

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍ ) : ନିଶ୍ଚିନ୍ତକୋଇଲି ବ୍ଲକ ନରେନ୍ଦ୍ରପୁର ଫାଣ୍ଡି ସମସ୍ୟା ଘେରରେ ରହିଥିବାର ଅଭିଯୋଗ ହୋଇଛି । ପୋଲିସ ପ୍ରଶାସନ ତରଫରୁ ଏହାର ପ୍ରତିକାର ଦିଗରେ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଉନଥିବା ଯୋଗୁଁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ଏହି ଫାଣ୍ଡିଟି ଅପରାଧ ପ୍ରବଣ କେନ୍ଦ୍ରାପଡା, ଜଗତସିଂହପୁର ଓ କଟକ ଜିଲ୍ଲାର ସୀମାରେ ଅବସ୍ଥିତ । ଏହି ଫାଣ୍ଡି ଉପରେ ସ୍ଥାନୀୟ ନରେନ୍ଦ୍ରପୁର, ଦାଉଦପୁର, ଓରତି, ଜମରା, ତରତ, କେରିଲୋ ପ୍ରଭୃତି ୬ଟି ପଞ୍ଚାୟତର ୭୦ଟି ଗ୍ରାମର ଲୋକେ ଆଇନ ଶୃଙ୍ଖଳା ନିମନ୍ତେ ନିର୍ଭର କରିଥାନ୍ତି । ଏହି ଫାଣ୍ଡିରେ ଜଣେ ଏଏସ୍‌ଆଇ, ୨ଜଣ କନେଷ୍ଟବଳ ଥିଲା ବେଳେ ଜରୁରୀ କାର୍ଯ୍ୟ ନିମନ୍ତେ ଫାଣ୍ଡିରେ କୌଣସି ଗାଡିର ବ୍ୟବସ୍ଥା ନାହିଁ । ଏପରିକି କର୍ମଚାରୀ ରହିବା ନିମନ୍ତେ ମଧ କୌଣସି ବାସଗୃହ ନାହିଁ । ଅଧିକାଂଶ ସମୟରେ ଏହି ଫାଣ୍ଡିରେ ନିଯୁକ୍ତ ଏଏସ୍‌ଆଇ ରହୁନଥିବାର ଅଭିଯୋଗ ହୋଇଛି । ସମ୍ପୃକ୍ତ ଫାଣ୍ଡି ଅଧିକାରୀଙ୍କୁ ଅଧିକାଂଶ ସମୟ ନେମାଳ ଥାନାରେ କାର୍ଯ୍ୟ କରିବାକୁ ପଡୁଥିବା କାରଣରୁ ଫାଣ୍ଡି ଖାଲି ରହୁଥିବାର ଅଭିଯୋଗ ହୋଇଛି । ଲେକେ ଅଭିଯୋଗ କରିବାକୁ ଆସି ଫାଣ୍ଡି ଅଧିକାରୀଙ୍କୁ ନପାଇ ନିରାଶରେ ଫେରିବାକୁ ବାଧ ହେଉଛନ୍ତି । ତେବେ ଏହି ଅଞ୍ଚଳଟି ଅପରାଧ ପ୍ରବଣ ହୋଇଥିବାରୁ ଅପରାଧିମାନେ ଅନାୟାସରେ ଅପରାଧ ଘଟାଇ ଖସିଯାଉଥିବାର ଅଭିଯୋଗ ହୋଇଛି । ସମସ୍ୟା ଘେରରେ ରହିଥିବା ଏହି ଫାଣ୍ଡି ଅଞ୍ଚଳରେ ଦିନକୁ ଦିନ ଚୋରି ଡକାୟତି, ରାହାଜାନି, ଲୁଟତରାଜ ବୃଦ୍ଧି ପାଉଥିଲା ବେଳେ ଆଇନ ଶୃଙ୍ଖଳାର ସମ୍ପୂର୍ଣ୍ଣ ଅଧୋଗତି ଘଟିଛି । ଫଳରେ ଲୋକେ ନିଜର ଧନ ଜୀବନକୁ ସୁରକ୍ଷିତ ମଣୁନାହାନ୍ତି । ପୋଲିସ ଉଚ୍ଚ ପଦାଧିକାରୀ ତୁରନ୍ତ ଏହି ଫାଣ୍ଡି ସମସ୍ୟାର ସମାଧାନ କରିବା ନିମନ୍ତେ ସାଧାରଣରେ ଦାବି ହୋଇଛି ।

## ବାଲି ଚୋରା ଚାଲାଣ ରୋକିବାକୁ ୭ ସ୍କ୍ୱାଡ୍ ଗଠନ

## ପ୍ରତିଦିନ ସମୀକ୍ଷା କରିବେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍ ): କେନ୍ଦ୍ରାପଡ଼ା ଜିଲ୍ଲାରେ ବେଧଡ଼କ ଭାବେ ବାଲି ଚୋରା ଚାଲାଣ ହେଉଥିବାରୁ ଏହାକୁ ରୋକିବା ଉପଜିଲ୍ଲାପାଳ, ତହସିଲଦାର ଏବଂ ଥାନାଧିକାରୀମାନଙ୍କୁ ନେଇ ଏକ ଜିଲ୍ଲାସ୍ତରୀୟ ଯୁଗ୍ମ ସ୍କ୍ୱାଡ ଗଠନ କରାଯାଇଛି ବୋଲି ଶୁକ୍ରବାର ରାତିରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଜିଲ୍ଲାପାଳ । ସେହିପରି ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ୭ଟି ସ୍କ୍ୱାଡ ଗଠନ କରାଯାଇଛି । ଏହି ସ୍କ୍ୱାଡ ଗୁଡିକ ଜିଲ୍ଲାରେ ଥିବା ବେଆଇନ୍ ବାଲି ଚୋରା ଚାଲାଣ ଉପରେ ନଜର ରଖିବ । ପ୍ରତିଦିନ ସନ୍ଧ୍ୟାରେ ଏହି ସ୍କ୍ୱାଡଗୁଡିକର କାର୍ଯ୍ୟଶୈଳୀ ଉପରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ସମୀକ୍ଷା କରିବେ । ଉପଜିଲ୍ଲାପାଳ ଦିନସାରା ସ୍କ୍ୱାଡଗୁଡିକ ସହିତ ଯୋଗସୂତ୍ରରେ ରହିବେ । ଯଦି କୌଣସି ସ୍ଥାନରେ ଟିମ୍ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି ତେବେ ସେଠାକୁ ଅତିରିକ୍ତ ଫୋର୍ସ ପଠାଯିବ । ଜିଲ୍ଲାରେ ବାଲି ଚୋରା ଚାଲାଣ ସହିତ ବେଆଇନ୍ ଭାବେ ଇଟାଭାଟି ଚାଲିଛି । ତେଣୁ ଏହା ଉପରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସ୍ମିତିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି । ସେ କହିଛନ୍ତି ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ସ୍ୱାକ୍ଷରରେ ଏକ ଅଫିସ ଅର୍ଡର ପ୍ରକାଶ ପାଇଛି । ପୂର୍ବରୁ କ'ଣ ଘଟିଛି ସେ ସଂକ୍ରାନ୍ତରେ ସେ କିଛି କହିପାରିବେ ନାହିଁ । କିନ୍ତୁ ଏବେଠାରୁ ସୁନିଶ୍ଚିତ କରୁଛନ୍ତି ବାଲି ଚୋରା ଚାଲାଣ କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଖଣି ଅଧିକାରୀ, ପୋଲିସ ଏବଂ ତହସିଲଦାରଙ୍କ ମିଳିତ ଚଢଉରେ କେନ୍ଦ୍ରାପଡ଼ା ସଦର ଅଞ୍ଚଳ ଏବଂ ଆଳିରୁ ୫ଟି ହାଇୱା, ୬ଟି ଟ୍ରାକ୍ଟର ଜବତ କରାଯାଇଛି । ପୂର୍ବରୁ ମହାକାଳପଡ଼ା ଏବଂ ଗରଦପୁର ବ୍ଲକରେ ଅବୈଧ ଇଟା ଭାଟି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ମୋଟ ୧୭ଟି ଇଟା ଭାଟି (ମହାକାଳପଡ଼ା ତହସିଲର ୧୫ଟି ଏବଂ ଗରଦପୁର ତହସିଲର ୫ଟି ଇଟା ଭାଟି) ବିରୋଧରେ ଜରିମାନା ଆଦାୟ କରାଯାଇଛି । କିଛିଦିନ ପୂର୍ବରୁ ଗରଦପୁର ତହସିଲର ବିଞ୍ଚଣା ଓ ମାର୍ଶାଘାଇ ତହସିଲର ତୁଣ୍ଡୁପୁର ଅଞ୍ଚଳରୁ ୨୪ଟି ହାଇୱା ଓ ୪ଟି ପ୍ରୋକଲିନ୍ ମେସିନ ଜବତ କରାଯାଇଥିଲା । କୌଣସି ବେଆଇନ କାର୍ଯ୍ୟକଳାପକୁ ଆଗାମୀ ଦିନରେ ବରଦାସ୍ତ କରାଯିବ ନାହିଁ । କେନ୍ଦ୍ରାପଡ଼ା ଜିଲ୍ଲାରେ ବେଆଇନ ବାଲି ଉଠାଣ ଓ ଚୋରା ଚାଲାଣ ଏବଂ ଅନଧିକୃତ ଇଟା ଭାଟିର ନିର୍ମାଣ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଜିଲ୍ଲାରେ ମୋଟ ୨୯ଟି ବାଲି ସୈରାତ ଥିବା ବେଳେ ୨ଟି ସୈରାତ ଆଇନଗତ ଭାବରେ କାର୍ଯ୍ୟ କରୁଛି, ୮ଟି ଡିଫଲ୍ଟର ରହିଛି ଓ ବାକି ୨୧ଟିକୁ ଅନୁମତି ଦିଆଯାଇ ନାହିଁ ବୋଲି ଜିଲ୍ଲାପାଳ ଶ୍ରୀ ପ୍ରଧାନ କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳଙ୍କ ବ୍ୟତିତ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନା ଥାଉକି ପୂର୍ବରୁ ଆଇନ୍‌ଜୀବୀ ବିଧୁଭୂଷଣ ମହାପାତ୍ର ଜିଲ୍ଲାପାଳଙ୍କୁ ବହୁ ଥର ଭେଟି ଅଭିଯୋଗ କରିଥିଲେ ଯେ ବେଆଇନ୍ ଭାବେ ପ୍ରତିଦିନ କୋଟି କୋଟି ଟଙ୍କାର ବାଲି ଚୋରା ଚାଲାଣ ହେଉଛି । ହେଲେ ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତ୍ୱ ଦେଉ ନଥିଲା । ଏବେ ପ୍ରଶାସନ ଗୁରୁତ୍ୱ ଦେଇଥିବାରୁ ଆଇନ୍‌ଜୀବୀ ଶ୍ରୀ ମହାପାତ୍ର ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି ।

## ନିଆଁ ଦାଉରୁ ଅଳ୍ପକେ ବର୍ତ୍ତିଗଲା କେନ୍ଦୁପାଇ ଗାଁ



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍ ) : ଲକ୍ଷ୍ମୀପୁର ବ୍ଲକ ପିପଲପଦର ପଞ୍ଚାୟତ ଅନ୍ତର୍ଗତ କେନ୍ଦୁପାଇ ଗ୍ରାମ ନିଆଁ ଦାଉରୁ ଅଳ୍ପକେ ବର୍ତ୍ତୀ ଯାଇଛି । ଶୁକ୍ରବାର ସନ୍ଧ୍ୟାରେ କେହି ଦୁର୍ବୃତ୍ତ ଗ୍ରାମଠାରୁ କିଛି ଦୂରରେ ନିଆଁ ଲଗାଇ ଦେଇଥିବା ବେଳେ ତାହା ଧୀରେ ଧୀରେ ଜଳି ଜଳି ଗ୍ରାମ ପାଖ ପାହାଡ଼ ପର୍ଯ୍ୟନ୍ତ ଚାଲି ଆସିଥିଲା । ସେତେ ବେଳକୁ ରାତି ପ୍ରାୟ ଆଠଟା । ନେଟୱାର୍କ ପ୍ରୋବଲେମ ପାଇଁ ଗ୍ରାମବାସୀ କାହାରି ସୁବିଧା ନପାଇ ଚିନ୍ତାରେ ପଡି ଯାଇଥିଲେ । ନିଆଁ ଧୀରେ ଧୀରେ ଗାଁ ଆଡକୁ ଆସୁଥିବା ଦେଖି ସମୂହ ଗ୍ରାମବାସୀ ନିଆଁ ଲିଭାଇବାରେ ଲାଗି ପଡ଼ିଥିଲେ । ଫଳରେ ରାତି ପ୍ରାୟ ଦଶଟା ବେଳକୁ ନିଆଁକୁ ଆୟତ କରିଥିଲେ । ଗାଁରେ ଥିବା ୫୨ ଘର ଆଦିବାସୀ ପରିବାର ନିଆଁ ଦାଉରୁ ବର୍ତ୍ତୀ ଯାଇଛନ୍ତି । ଗ୍ରାମବାସୀ ଯଦି ନିଆଁ ଲିଭାଇବାକୁ ସମୂହ ଯାଇ ନଥାନ୍ତେ ତେବେ ସମସ୍ତ ଘର ନିଆଁର ଆଁରେ ପୋଡି ପାଉଁଶ ହେବାକୁ ବେଶୀ ସମୟ ଲାଗି ନଥାନ୍ତା । ବନ ବିଭାଗ ବ ନ । ଗ ୍ 1 ରେ । କି ବ । ଦିଗରେ ବିଭିନ୍ନ ସ୍ଥାନରେ ମଞ୍ଚା ମାନ ତିଆରି କରିଛି ହେଲେ ତାହା କୌଣସି କାମକୁ ନୁହଁ । ବନ ସୁରକ୍ଷା ପାଇଁ ଯେଉଁ ମାନଙ୍କୁ ନିୟୋଜିତ କରାଯାଇଛି ସେମାନେ କୋଉଠି କଣ କାମ କରୁଛନ୍ତି ତାହା ବୁଝା ପଡୁନି । ଯଦି ସେମାନେ ଠିକ ଭାବେ ନିଜ କାର୍ଯ୍ୟ ତୁଲାଇ ଥାନ୍ତେ ତେବେ କେନ୍ଦୁ ପାଇ ପାହାଡ଼ରେ ନିଆଁ ଲାଗି ନଥାନ୍ତା ବୋଲି ଗ୍ରାମବାସୀ କହିଛନ୍ତି । ଏତେ ପଇସା ଖର୍ଚ୍ଚ କରିବି କଣ ପାଇଁ ନିଆଁ ଲାଗି ଜଙ୍ଗଲ ଧ୍ୱଂସ ପାଉଛି ତାହା ଉଚ୍ଚପଦସ୍ଥ ଅଧିକାରୀ ତଦନ୍ତ କରିବା ନିହାତି ଆବଶ୍ୟକ ବୋଲି ସବୁ ମହଲରେ ଦାବି ହୋଇଛି ।

## ବାଲିଝରଣରେ ମାଗେ ପର୍ବ ଜୁମୁର ପାଳିତ



କଣିହାଁ, (ଭାସ୍କର ନ୍ୟୁଜ୍ ) : ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ୍ ବିରୁ ପଞ୍ଚାୟତ ସ୍ଥିତ ବାଲିଝରଣ ଗ୍ରାମରେ ମାଗେ ପର୍ବ ଜୁମୁର ଶୁକ୍ରବାର ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପାଲଲହଡା ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ସାମଲ ମୁଖ୍ୟଅତିଥି, ବିରୁ ପଞ୍ଚାୟତ ସରପଞ୍ଚ ଧରଣୀଧର ବେହେରା, ପୂର୍ବତନ ସରପଞ୍ଚ ପବିତ୍ର ବେହେରା, ଆଇନଜୀବୀ ଜଳଧର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ସର୍ବଭାରତୀୟ ହୋ ଭାଷା ଆକ୍ସନ କମିଟି ରାଜ୍ୟ ସମ୍ପାଦକ ଚନ୍ଦ୍ର ମୋହନ ମୁଣ୍ଡୁରି ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିବା ବେଳେ ପାଲଲହଡା ବିର୍ସା ବିକାଶ ସମିତି ସଭାପତି ଇଶ୍ୱର ଚନ୍ଦ୍ର ପିଙ୍ଗୁଆ, ପବିତ୍ରନଗର ମଣ୍ଡଳ ଆଦିବାସୀ ବିଜେପି ଯୁବ ମୋର୍ଚ୍ଚା ରଥ ଚାମ୍ପିୟା ପ୍ରମୁଖ ବିଶିଷ୍ଟ ଅତିଥି ଭାବରେ ସାମିଲ ହୋଇଥିଲେ । ପ୍ରତିବର୍ଷ ମାଗେ ଜୁମୁର ଉତ୍ସବ ପାଳିତ ହୋଇଥାଏ । ଏହି ଉତ୍ସବ ଜରିଆରେ ହୋ ଭାଷା, କଳା, ଲିପି, ସଂସ୍କୃତି ବଜାୟ ରଖିବା ସହିତ ପରସ୍ପର ମଧ୍ୟରେ ଭାଇଚାରାକୁ ସୁଦୃଢ଼ କାରିବା ଏହି କାର୍ଯ୍ୟକ୍ରମର ଏକମାତ୍ର ଉଦେଶ୍ୟ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଗତକାଲି ରାତିରେ ହୋ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରି କଳାକାର ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏଥିରେ ଗାଗରାଇ, ଭଜିପୁର ଓ ପିଙ୍କି ଡ୍ୟାନସ୍ ଗ୍ରୁପ୍ ଅଂଶଗ୍ରହଣ କରିଥିଲେ । ବବିତା ମୁଣ୍ଡା, ଅଜିତ୍ କୁମାର ଲାଗୁରୀ, ଜସ୍ମିନ ମୁଣ୍ଡା, ଜୀବନ ବାଇପୋଇ, ତୋନ୍ତାନ ତମସୋଏ ପ୍ରମୁଖ ସିନେ କାଳକାର ସାମିଲ ହୋଇଥିଲେ । ଡମ୍ବରୁ ବାନସିଂ ସାସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱ ତୁଲାଇଥିଲେ । ରଙ୍ଗାରଙ୍ଗ ସାସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ଝୁମିଥିଲେ ।

## ଶିଶୁ ସାହିତ୍ୟିକ ପ୍ରଦୀପ୍ତ ଭାନୁ ମହାନ୍ତି ସମ୍ମାନିତ

ବରଗଡ଼, (ଭାସ୍କର ନ୍ୟୁଜ୍ ) : ବରଗଡ଼ରୁ ନିରବଚ୍ଛିନ୍ନ ଭାବରେ ଦୀର୍ଘ ୩୦ ବର୍ଷ ହେଲା ପ୍ରକାଶିତ ହୋଇ ଆସୁଥିବା ଏକମାତ୍ର ଶିଶୁ କିଶୋର ପତ୍ରିକା ଯୁଗୋପଯୋଗୀ ସୁବର୍ଣ୍ଣଦୀପର ସଂପାଦକ ପ୍ରଦୀପ୍ତଭାନୁ ମହାନ୍ତି ସମ୍ମାନୀତ ହୋଇଛନ୍ତି । ୧୯୦୯ ମସିହାରୁ ଓଡ଼ିଶାର ପ୍ରଥମ ଶିଶୁ ପତ୍ରିକା ରେବା ରାୟଙ୍କ ସଂପାଦନାରେ 'ପ୍ରଭାତ' ପତ୍ରିକା ପ୍ରକାଶିତ ହୋଇଥିଲା । ଏହା ପାଞ୍ଚ ବର୍ଷ ପ୍ରକାଶନ ପରେ ବନ୍ଦ ହୋଇ ଯାଇଥିଲା । ଏହା ପୁଣିଥରେ ପ୍ରକାଶନ ପାଇଁ ସ୍ଥିର ହୋଇଛି । ଏହି ଅବସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ ସମାବେଶରେ ବରଗଡ଼ ଜିଲ୍ଲାର ବରିଷ୍ଠ ଶିଶୁ ସାହିତ୍ୟିକ ପ୍ରଦୀପ୍ତ ଭାନୁ ମହାନ୍ତିଙ୍କୁ ସୁବର୍ଣ୍ଣଦୀପ ସଂପାଦନା ପାଇଁ ମାନପତ୍ର ଉପଢୌକନ



ଦେଇ ସମ୍ବର୍ଦ୍ଧିତ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଡ ସୁଦର୍ଶନ ପଟ୍ଟନାୟକ, ଶିଶୁ ସାହିତ୍ୟିକ ବାବାଜୀ ଚରଣ ପଟ୍ଟନାୟକ, ସାଧରଣ ସଂପାଦକ ରାଜୀବ କୁମାର ଷଡଙ୍ଗୀ, ସହ ସମ୍ପାଦକ ତପନ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ରେବା ରାୟ ଟ୍ରଷ୍ଟ ତରଫରୁ ଆୟୋଜିତ ଏହି ରାଜ୍ୟସ୍ତରୀୟ ସମାବେଶରେ ବରଗଡ଼ର ଶିଶୁ ସାହିତ୍ୟିକ ଶ୍ରୀ ମହାନ୍ତି ସମ୍ବର୍ଦ୍ଧିତ ହେବା ଜାଣି ଜିଲ୍ଲାର ସାହିତ୍ୟିକ ଓ ବୁଦ୍ଧିଜୀବୀ ମହଲରେ ଖୁସି ପ୍ରକାଶ ପାଇବା ସହ ତାଙ୍କୁ ଶୁଭେଚ୍ଛା ଅଭିନନ୍ଦନ ଜଣାଇଛନ୍ତି ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ବ୍ରଜରାଜନଗର (ଭାସ୍କର ନ୍ୟୁଜ) : ବ୍ରଜରାଜନଗର ପୌରପରିଷଦ ପରିସରରେ ଶନିବାର ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ବ୍ରଜରାଜନଗର ପୌରପରିଷଦ କମ୍ୟୁନିଟି ଅର୍ଗାନାଇଜର (ସିଓ) ନିଲୁ ହଂସାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଯାଇଥିଲା। ଏହି ସଭା ଜଳ ସାଥୀ, ସ୍ୱଚ୍ଛ ସାଥୀ, ଆହାର କେନ୍ଦ୍ର କର୍ମଚାରୀ ଓ ଏସ୍ଏଚ୍‌ଜି ଗ୍ରୁପର ମାଆମାନଙ୍କ ସହଯୋଗରେ ଆୟୋଜିତ ହୋଇଥିଲା। ଏହି ସଭାରେ ଉପନଗରପାଳ କୃଷ୍ଣ ଗୋପାଳ ସୀତାନି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ। ଅତିଥି ଭାବେ ବ୍ରଜରାଜନଗର ବନାଞ୍ଚଳ ଅଧିକାରିଣୀ ରିସ୍ମା ଜାମଡାଲିଆ, ରୁନୁ ବାଗ, ଦ୍ରୌପଦୀ ମେହେର ଓ ସମସ୍ତ କାଉନ୍ସିଲର ଉପସ୍ଥିତ ଥିଲେ। ଶୋଭାଗ୍ନି ଧୁରୁଆ, ବବି ନାୟକ, ଝରଣା ଖମାରି, ଦେବକୀ ମହାନ୍ତି, ପ୍ରଦୀପ ବେହେରା, ପୌରପରିଷଦର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି ସଭାରେ ଉପସ୍ଥିତ ମହିଳାମାନଙ୍କ ମଧ୍ୟରେ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ମହିଳାଙ୍କୁ ପୁରସ୍କୃତ କରିଥିଲେ।

## ଜିଲ୍ଲାସ୍ତରୀୟ ଜନ ଔଷଧି ଦିବସ ପାଳିତ

ଭଦ୍ରକ (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜନ ଔଷଧି ଦିବସ ପାଳିତ ହୋଇଯାଇଛି। ଭଦ୍ରକ ସହର ମୁଖ୍ୟରାସ୍ତା ମୁଖ୍ୟ ଡାକଘର ନିକଟସ୍ଥ ଜନ ଔଷଧି କେନ୍ଦ୍ର ପରିସରରେ ଏହି ପାଳନ କାର୍ଯ୍ୟକ୍ରମ



ଅନୁଷ୍ଠିତ ହୋଇଥିଲା। ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜନସାଧାରଣଙ୍କ ପାଇଁ ସ୍ୱାସ୍ଥ୍ୟ କ୍ଷେତ୍ରରେ ସୁଲଭ ମୂଲ୍ୟରେ ଗୁଣବତ୍ତାର ବିଭିନ୍ନ ଔଷଧ ଉପଲବ୍ଧ କରାଯିବା ନେଇ ଜନଔଷଧି କେନ୍ଦ୍ର ଯୋଜନା ପ୍ରଧାନମନ୍ତ୍ରୀଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ପ୍ରକାଶ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାଜପା ଜିଲ୍ଲା ଅଧ୍ୟକ୍ଷ ଭଗବାନ ପଣ୍ଡା, ଡା. ଅମୂଲ୍ୟ କୁମାର ଦାସ, ଡି.ପି.ଏମ୍. ସରିତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ କି ଭଦ୍ରକ ଜିଲ୍ଲାରେ ସମୁଦାୟ ୧୭ଟି ଜନ ଔଷଧି କେନ୍ଦ୍ର ଅଛି। ଏହି କେନ୍ଦ୍ରମାନଙ୍କ ଜରିଆରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଲୋକମାନଙ୍କୁ ବଜାର ଦରଠାରୁ ୭୦ରୁ ୮୦ ପ୍ରତିଶତ କମ୍ ମୂଲ୍ୟରେ ଔଷଧ ଯୋଗାଇ ଦିଆଯାଉଛି। ଏହି ଯୋଜନାରେ ଗରିବ, ନିମ୍ନମଧ୍ୟବିତ୍ତ ଲୋକମାନେ କିଭଳି ଅଧିକ ଉପକୃତ ହେବେ ସେ ନେଇ ଅଧିକ ସଚେତନତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲ୍ଲା ଜନ ସ୍ୱାସ୍ଥ୍ୟ ଏବଂ ଯୋଗାଯୋଗ ଅଧିକାରୀ ଅନିତା ରାନୀ ରାଉତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଡାକ୍ତର ନିବେଦିତା ନନ୍ଦ ଏବଂ ରାଜେଶ କୁମାର ସାହୁ, ହସ୍ପିଟାଲ ମ୍ୟାନେଜର ସମୀର ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ବେଗୁନିଆରେ ମହିଳା ଦିବସ ପାଳିତ

ବୋଲଗଡ଼ (ଭାସ୍କର ନ୍ୟୁଜ୍) : ମିଳିତ ମହିଳା ସଂଗଠନ ପକ୍ଷରୁ ବେଗୁନିଆ ଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିନେଇ ଆୟୋଜିତ ସଭାରେ ଯୁବ ସମାଜସେବୀ ମାନସ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହିଳାମାନଙ୍କ ପ୍ରତି ସମ୍ମାନ, ସ୍ନେହ ଓ ଶ୍ରଦ୍ଧାର ନିଦର୍ଶନ ନିମନ୍ତେ ଏହି ଦିବସ ପାଳନ କରାଯାଉଥିବା ବେଳେ ସେମାନଙ୍କ ଅର୍ଥନୈତିକ, ରାଜନୈତିକ ଏବଂ ସାମାଜିକ ଅଭିବୃଦ୍ଧିକୁ ବିଚାର କରି ସମାଜରେ ସେମାନଙ୍କୁ ଉଚିତ ସ୍ଥାନ ପ୍ରଦାନ ପାଇଁ ଆହ୍ୱାନ ଦେଇଥିଲେ। ଏହାସହ ଅନେକ ମହିଳା ମାନଙ୍କ ଉପଲବ୍ଧିକୁ ଉଦାହରଣ ମାଧ୍ୟମରେ ପ୍ରଶଂସା କରିଥିଲେ। ଏହି ଅବସରରେ କେକ୍ କାଟି ମହିଳାମାନେ ଉତ୍ସବ ମନାଇଥିଲା ବେଳେ ଆୟୋଜକଙ୍କ ପକ୍ଷରୁ ଉପସ୍ଥିତ ମହିଳାମାନଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ଶେଷରେ ଭକ୍ତି ଭୂଷଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଜଳ ସମ୍ପଦ ବିଭାଗର ବିଚିତ୍ର ନୀତି

## ଜଙ୍ଗଲକୁ ରାସ୍ତା କରି ଲକ୍ଷାଧିକ ଟଙ୍କା ହରିଲୁଟ୍ ମସୁଧା

ଗୋପ (ଭାସ୍କର ନ୍ୟୁଜ୍) : ଗୋପ ଜଳ ସଂପଦ ବିଭାଗର ବିଚିତ୍ର ନୀତି। କେନାଲ ବନ୍ଧରେ ଜଙ୍ଗଲକୁ ରାସ୍ତା କରି ଲକ୍ଷାଧିକ ଟଙ୍କା ହରିଲୁଟ୍ ମସୁଧା। ସୂଚନାମୁତାବକ ଗୋପ ଜଳ ସମ୍ପଦ ବିଭାଗ ଦୁର୍ନୀତିର ଗନ୍ତାଘର ପାଲଟିଛି। ନଦୀବନ୍ଧ ମରାମତି କିମ୍ବା ସଦୃଢୀକରଣ କାର୍ଯ୍ୟ ଅବା ନଦୀବନ୍ଧରେ ମେଣ୍ଟାଲ, ମୋରମ କାର୍ଯ୍ୟ ହେଉ କି କେନାଲ ବନ୍ଧ ମରାମତି କିମ୍ବା ସଦୃଢୀକରଣ କାର୍ଯ୍ୟ କିମ୍ବା କେନାଲ ରାସ୍ତା କାର୍ଯ୍ୟ ସମେତ ଚାଷ ଜମିରେ ପାଣି ମାଡିବା ପାଇଁ କେନାଲ ସଫେଇ କାର୍ଯ୍ୟ ହେଉ। ସବୁ କାର୍ଯ୍ୟ ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ହେଉଥିବା ବେଳେ କୋଟିକୋଟି ଟଙ୍କା ଚଳୁ କରାଯାଉଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ଗୋପ ବ୍ଲକ ୧୧ନଂ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ ଜିଲ୍ଲାପାଳ, ବିଭାଗୀୟ ଅଧିକ୍ଷଣଯନ୍ତ୍ରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିକଟରେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ଦାବି କରିଛନ୍ତି। ସେହିପରି ଏକ ଅଭିଯୋଗ ଆସିଛି ଗୋପ ଜଳସମ୍ପଦ କାର୍ଯ୍ୟାଳୟ ଅଧିନରେ ଚାଲିଥିବା ଏରବଙ୍ଗ ମାଇନର କେନାଲ କାର୍ଯ୍ୟରେ। ଏହି ଦୁର୍ନୀତିକୁ ଲୋକଲୋଚନରୁ ଦୂରେଇ ରଖିବା ପାଇଁ ବିନା ସୂଚନା ଫଳକରେ କେନାଲ ବନ୍ଧରେ ଜଙ୍ଗଲ ମଧ୍ୟକୁ ମେଣ୍ଟାଲ ମୋରମ ରାସ୍ତା ହେଉଥିବା ଦେଖିବାକୁ ମିଳିଛି। ସେହି ବନ୍ଧରେ ଗତ ବର୍ଷ ଲକ୍ଷାଧିକ ଟଙ୍କା ବ୍ୟୟ ବରାଦରେ ମେଣ୍ଟାଲ ମୋରମ କାର୍ଯ୍ୟ ହୋଇଥିବା ବିଭାଗୀୟ କାଗଜପତ୍ର କହୁଥିବା ବେଳେ ପ୍ରକୃତ ପକ୍ଷେ ସେଥିରେ ବ୍ୟାପକ ଅନିୟମିତତା କରାଯାଇ ଲକ୍ଷାଧିକ ଟଙ୍କା ଚଳୁ କରାଯାଇଥିବା ଅଭିଯୋଗ ହୋଇଥିଲା। ସେହି ଦୁର୍ନୀତିକୁ ଘଣ୍ଟ ଘୋଡାଇବାକୁ ଯାଇ ଚଳିତ ବର୍ଷ ପୁନର୍ବାର ସେହି ବନ୍ଧରେ ୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦରେ ମେଣ୍ଟାଲ ମୋରମ କାର୍ଯ୍ୟ ହେଉଥିବା



ବିନା ସୂଚନା ଫଳକରେ ଚାଲିଛି କାର୍ଯ୍ୟ

ଜଳସମ୍ପଦ ବିଭାଗର ଦୁର୍ନୀତିକୁ ପଦାରେ ପକାଇ ଦେଇଛି। ଏହି କେନାଲର ଦୁର୍ବଳ ବନ୍ଧ ଯୋଗୁଁ କେନାଲରେ ପାଣି ଆସିଲେ ବିଭିନ୍ନ ସ୍ଥାନରେ ଘଳିଆ ପଡିବା ସହିତ ଘାଇ ସୃଷ୍ଟି ହେଉଥିବା ନିଜିର ରହିଥିବା ବେଳେ ସେହି ସ୍ଥାନକୁ ସଦୃଢୀ କରଣ ଓ ମରାମତି କରିବା ପରିବର୍ତ୍ତେ ଜଙ୍ଗଲ ମଧ୍ୟକୁ କାହା ସ୍ୱାର୍ଥରେ ରାସ୍ତା ହେଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ତଦାରଖ ଅଭାବରୁ ବନ୍ଧର ମଥା ସମେତ ଉଭୟ ପାର୍ଶ୍ୱରେ ଘାସ ସେମିତି ଜଙ୍ଗଲ ହୋଇ ରହିଥିବା ବେଳେ ତାହାରି ଉପରେ କାର୍ଯ୍ୟ ହେଉଥିବା ଦେଖିବାକୁ ମିଳିଛି। କେନାଲରେ ପାଣି ଆସିଲେ ମରାମତି ଅଭାବରୁ କେନାଲର ବିଭିନ୍ନ ସ୍ଥାନରେ ଘାଇ, ଘଳିଆ ସୃଷ୍ଟି ହୋଇ ବ୍ୟାପକ ଫସଲ କ୍ଷୟକ୍ଷତି କରିବା ସହ ତଳ ମୁଣ୍ଡରେ ପାଣି ପହଞ୍ଚି ପାରୁନଥିବାରୁ ଚାଷୀମାନେ ନାହିଁନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ହେଲେ କାହା ସ୍ୱାର୍ଥରେ କେନାଲ ବନ୍ଧରେ ଜଙ୍ଗଲ ମଧ୍ୟକୁ ଦୁଇ ବର୍ଷ ହେଲା ରସ୍ତା ହୋଇ ସେ ବାବାଦରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି ତାହାକୁ ନେଇ ବଡ଼ ପ୍ରଶ୍ନ ଉଠିଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଉପରକୁ ଅଙ୍ଗୁଳି ଉଠିଛି। ଏହା ଉପରେ ଭିଜିଲାନ୍ସ ତଦନ୍ତ କରାଗଲେ ଲକ୍ଷଲକ୍ଷ ଟଙ୍କାର ଦୁର୍ନୀତି ଲୋକଲୋଚନକୁ ଆସିବ ବୋଲି ଦୁର୍ନୀତି ନିବାରଣ ମଞ୍ଚର ଆବାହକ ଗଙ୍ଗାଧର ପାଇକରାୟ ଦାବି କରିଛନ୍ତି। ଏହା ଉପରେ ଯଦି ଭିଜିଲାନ୍ସ ତଦନ୍ତ କରା ନଯାଏ ତେବେ ଆଗାମୀ ଦିନରେ ଦୁର୍ନୀତି ନିବାରଣ ମଞ୍ଚ ଗୋପ ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟ ଘେରିବ ବୋଲି ଚେତାବନୀ ଦେଇଛି। ଏଥିପ୍ରତି ବିଭାଗୀୟ ମନ୍ତ୍ରୀ, ସଚିବ, ମୁଖ୍ୟଯନ୍ତ୍ରୀ, ଜିଲ୍ଲାପାଳ ଦୃଷ୍ଟି ଦେବା ନିମନ୍ତେ ଦାବି ହୋଇଛି।

## ସାଇଲୋ ମହୋତ୍ସବରେ ପୁରସ୍କୃତ ହେବେ ସବୁଜ ଯୋଦ୍ଧା ଅମରେଶ



କଣ୍ଟାପଡା (ଭାସ୍କର ନ୍ୟୁଜ୍) : କଣ୍ଟାପଡା ବ୍ଲକ ବ୍ରାହ୍ମଣ ସାଇଲୋ ପଞ୍ଚାୟତରେ ଐତିହାସିକ ବ୍ରାହ୍ମଣ ସାଇଲୋ ଦୋଳ ମେଳଣ ଅବସରରେ ଭୁବନେଶ୍ୱରୀ କ୍ଲବ ଆନୁକୂଲ୍ୟରେ ସାଇଲୋ ମହୋତ୍ସବ ୨୦୨୫ ମାର୍ଚ୍ଚ ୧୧ରୁ ୧୬ ମଧ୍ୟରେ ଅନୁଷ୍ଠିତ ହେବ। ଯୁବ ପରିବେଶବିଦ୍ ଏବଂ ସବୁଜ ଯୋଦ୍ଧା ଅମରେଶ ନରେଶ ସାମନ୍ତଙ୍କୁ ଚଳିତ ବର୍ଷ ସର୍ବଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯିବ। ଏହି ଅବସରରେ ବିଶିଷ୍ଟ ଅତିଥିମାନଙ୍କ ଗହଣରେ ନୃତ୍ୟ, ସଂଗୀତ, ଓଡ଼ିଶୀ, ସଂକୀର୍ତ୍ତନ ଆଦି ବିଭିନ୍ନ ପ୍ରତିଯୋଗିତା ସହ ସଚେତନତା ମୂଳକ କାର୍ଯ୍ୟକ୍ରମ ଆୟୋଜିତ କରାଯିବ। ଉଦ୍‌ଯାପନୀ ଉତ୍ସବରେ ପ୍ରଖ୍ୟାତ ଚଳଚ୍ଚିତ୍ର ତଥା ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ ସହ ପୂର୍ବ ପଶ୍ଚିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କ୍ଲବର ସମ୍ପାଦକ ଅଭିଜିତ ପଟ୍ଟନାୟକ ଏବଂ ସଭାପତି କିଶୋର କୁମାର ରାଉତରାୟ ଜଣାଇଛନ୍ତି। ଶେଷରେ ଉଦ୍‌ଯାପନୀ ଉତ୍ସବରେ ସାଂସ୍କୃତିକ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ନିଆଳି ବିଧାୟକ ଛବି ମଲିକ ଉପସ୍ଥିତ ରହିବେ ବୋଲି ସୂଚନା ଦିଆଯାଇଛି।

## ବିଭିନ୍ନ କ୍ଷେତ୍ରରେ ଦକ୍ଷତା ପ୍ରତିପାଦନ କରିଥିବା ମହିଳା ପୁରସ୍କୃତ

ପୁରୁଷୋତ୍ତମପୁର (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଗୃହରେ ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ସ୍ୱଚ୍ଛ ପରିମଳ ସଂଯୋଯୋକ ସତୀଶ ପାଣିଗ୍ରାହୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ନଗରପାଳ କୃଷ୍ଣଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ଦଣ୍ଡସେନା, କାଉନସିଲର ଭାସ୍କର ବେହେରା, କାଉନସିଲର କେ. ପ୍ରମୋଦ କୁମାର ଆଚାରି, ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ପିଙ୍ଗୁଆ ମଞ୍ଚରେ ଯୋଗଦେଇ ଜାତୀୟ ମହିଳା ଦିବସ ଉପରେ ଉଦ୍‌ବୋଧନ ଦେଇ ଉପସ୍ଥିତ ମହିଳାଙ୍କୁ ସମ୍ବୋଧନ କରି ଉତ୍ସାହିତ କରିଥିଲେ। ମହିଳାମାନେ ସଶକ୍ତ ଓ ସ୍ୱାବଲମ୍ବୀ ହେଲେ ବିକଶିତ




ସହର ଗଠନ ହୋଇପାରିବ ତେଣୁ ରାଜ୍ୟ ସରକାର ଆଜିର ଦିନରେ ସୁଭଦ୍ରା ଯୋଜନା କରି ପୁଣି ଗଞ୍ଜାମ ଜିଲ୍ଲାକୁ ଗ୍ରସ୍ତ କରି ଦ୍ୱିତୀୟ କିସ୍ତି ଅର୍ଥ ଆପଣଙ୍କ ବ୍ୟାଙ୍କ ଖାତାକୁ ସିଧା ସଳଖ ପଠାଇ ମହିଳାମାନଙ୍କୁ ଉତ୍ସାହିତ କରିଛନ୍ତି। ଏହି ଅବସରର ପୁରୁଷୋତ୍ତମପୁର ଏନ୍ଏସିରେ କାର୍ଯ୍ୟରତ ମହିଳାମାନେ ନିଯୁକ୍ତି ହୋଇ ବିଭିନ୍ନ ଦିଗରେ କାର୍ଯ୍ୟ ଦକ୍ଷତା ଦେଖାଇ ଥିବାରୁ ଅତିଥିମାନଙ୍କ ଦ୍ୱାରା ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ପୁରସ୍କୃତ ହୋଇଥିଲେ। ଏଥିରେ ନିମନ୍ତ୍ରିତ ଅତିଥି ଭାବେ କାଉନସିଲର ପ୍ରତିନିଧି କାହ୍ନୁ ତ୍ରିପାଠୀ, ରଞ୍ଜନ ବେହେରା, ଭାଗିରଥୀ ବେହେରା, ବିପ୍ର ବେହେରା ଯୋଗ ଦେଇ ମହିଳାମାନଙ୍କୁ ସଶକ୍ତ ହେବା ପାଇଁ ପ୍ରେରଣା ଦେଇଥିଲେ। ସ୍ୱଚ୍ଛ ପରିମଳ ବିଭାଗ ଆନୁକୂଲ୍ୟରେ ବଡ଼ଖାନା କାର୍ଯ୍ୟକ୍ରମ ହୋଇଥିଲା ଏଥିରେ ସମସ୍ତ ଝାଡୁଦାର କର୍ମଚାରୀମାନେ ଯୋଗଦେଇ ବଡଖାନାରେ ଭାଗ ନେଇଥିଲେ। ମୁଖ୍ୟ କିରାଣି ରାକେଶ କୁମାର ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ପବିତ୍ରା ପ୍ରଧାନ, ଆକାଉଣ୍ଟାଣ୍ଟ ଦୀପ୍ତି ରଞ୍ଜନ ପୃଷ୍ଟି, ରଞ୍ଜିତା କୁମାରୀ ପଣ୍ଡାଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କୁଆଲୋ ପଞ୍ଚାୟତ ପରମହଂସପୁର ଛକ ସିଦ୍ଧେଶ୍ୱର ମନ୍ଦିର ପରିସରରେ ବାବା ମୁକ୍ତେଶ୍ୱର ମହାଦେବଜିଉଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ରବିବାର ମହାଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ପରମହଂସପୁର ବରିଷ୍ଠ ନାଗରିକ ସତ୍‌ସଙ୍ଗ ଗୋଷ୍ଠୀର ତତ୍ତ୍ୱାବଧାନରେ ଫାଲଗୁନ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ଅଞ୍ଚଳର ଶ୍ରଦ୍ଧାଳୁ ଭକ୍ତମାନଙ୍କ ସହଯୋଗରେ ପ୍ରତିଷ୍ଠା କାର୍ଯ୍ୟ ହୋଇଥିଲା। କାର୍ଯ୍ୟକ୍ରମ ପୂଜକ ପ୍ରଭାସ ଚାନ୍ଦ, ପବିତ୍ର ଚାନ୍ଦ, ସରୋଜ ପଣ୍ଡା ଓ ଭାଗିରଥି ପଣ୍ଡାଙ୍କ ଦ୍ୱାରା



ପୂଜାର୍ଚ୍ଚନା, ହୋମଯଜ୍ଞ ହୋଇଥିବା ବେଳେ, କର୍ତ୍ତା ଭାବେ ଦେବରାଜ ସାହୁ ଓ କିରଣ ବାଳା ସାହୁ କାର୍ଯ୍ୟ ନିର୍ବାହ କରିଥିଲେ। ଶୁକ୍ରବାର ଠାରୁ ତିନିଦିନ ଧରି କାର୍ଯ୍ୟକ୍ରମ ଜାରି ରହିଥିବାବେଳେ ଶୁକ୍ରବାର ଅଙ୍କୁରୋପଣ, ଶନିବାର କଳସ ଯାତ୍ରା ଓ ଅଧିବାସ, ରବିବାର ମନ୍ଦିର ପ୍ରତିଷ୍ଠା, ପାର୍ଶ୍ୱ ଦେବଦେବୀ ଠାକୁରଙ୍କ ପ୍ରାଣପ୍ରତିଷ୍ଠା, ସୂର୍ଯ୍ୟପୂଜା, ଯଜ୍ଞାଧିବାସ ମହାସ୍ନାନ କରାଯାଇଥିଲା। ଏହି ନୂତନ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟରେ ଗ୍ରାମ ସଭାପତି ଗୌତମ ସାହୁ, ସମ୍ପାଦକ ରବିନାରାୟଣ ସାହୁ, ପ୍ରାକ୍ତନ ଶିକ୍ଷକ ଅକ୍ଷୟ କୁମାର ନାୟକ, ଚିତ୍ତରଞ୍ଜନ ସାହୁ ଓ ବହୁ ଉଦ୍ୟୋଗୀଙ୍କ ପ୍ରଚେଷ୍ଟାରେ ଗ୍ରାମର ମହିଳା ଓ ପୁରୁଷ ସଂକୀର୍ତ୍ତନ ମଣ୍ଡଳୀଙ୍କ ନାମସଂକୀର୍ତ୍ତନରେ ମନ୍ଦିର ପ୍ରାଙ୍ଗଣ ଉତ୍ସବ ମୁଖରିତ ହୋଇ ଉଠିଥିଲା ଏବଂ ଶତାଧିକ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ଗ୍ରାମର ଭଦ୍ରବ୍ୟକ୍ତି, ଲୋକ ପ୍ରତିନିଧି ଓ ଆବାଳ ବୃଦ୍ଧ ବନିତା ଏହି ଆଧ୍ୟାତ୍ମିକ ଭାବବିହ୍ୱଳ କାର୍ଯ୍ୟକ୍ରମରେ ସାମିଲ ହୋଇ ପ୍ରଭୁକୃପା ଲାଭ କରିଥିଲେ।

## ଶୁଖିବାରେ ଲାଗିଛି ଚିରସ୍ରୋତା ବୈତରଣୀ, ଜନଜୀବନ ପ୍ରଭାବିତ

କେନ୍ଦୁଝର (ଭାସ୍କର ନ୍ୟୁଜ) : ଚଳିତ ବର୍ଷ ଗ୍ରୀଷ୍ମଋତୁ ଆରମ୍ଭ ପୂର୍ବରୁ ବୈତରଣୀ ନଦୀ ଶୁଖିଗଲାଣି। ମାର୍ଚ୍ଚ ମାସ ଆରମ୍ଭରୁ ଶୁଭିଲାଣି ଜଳସଙ୍କଟ ପଦଧ୍ୱନୀ। ପୂର୍ବରୁ ଅପ୍ରିଲ ମାସ ପର୍ଯ୍ୟନ୍ତ ବୈତରଣୀ ନଦୀରେ ପାଣି ରହୁଥିଲା। ନଦୀଧାର ଶୁଖିବାରେ ଲାଗିଥିବାରୁ ଭୟଙ୍କର ଜଳକଷ୍ଟ ଜଳ ଜଳ ଦିଶିଲାଣି। ଚଳିତବର୍ଷ ଖରା ଆରମ୍ଭରୁ ନଦୀର ଜଳସ୍ରୋତ କମିଗଲାଣି। କାଁଭାଁ ସ୍ଥାନକୁ ଛାଡିଦେଲେ ନଦୀ ଶୁଖିଲା ପଡିଛି। ଆଗକୁ ପରିସ୍ଥିତି ଆହୁରି ସଙ୍ଗିନ ହେବ ବୋଲି ଆଶଙ୍କା କରାଯାଉଛି। ଆଗକୁ ଗ୍ରୀଷ୍ମ ପ୍ରକୋପ ବଢିବାକୁ ଥିବାବେଳେ ଏବେଠୁ ନଦୀ ଶୁଖିଲା ପଡିବାକୁ ନେଇ ଲୋକେ ଛାନିଆ ହୋଇ ପଡିଛନ୍ତି। ନଦୀରେ ଯୁଆଡେ ଦେଖିବ ଖାଲି ବାଲି। ତାତି ବଢିବା ଆଗରୁ ବିଭିନ୍ନ ଶିଳ୍ପ ସଂସ୍ଥାର ନଦୀରୁ ଜଳଯୋଗାଣ ବଢିବ। ବୈତରଣୀ ନଦୀରୁ ଲୋକମାନେ ଚାଷ କାର୍ଯ୍ୟ ବ୍ୟତୀତ ପିଇବା ପାଇଁ ବ୍ୟବହାର କରୁଥିଲେ। ଗୃହପାଳିତ ପଶୁପକ୍ଷୀ ଏବଂ ବନ୍ୟପ୍ରାଣୀ ନଦୀରୁ ପାଣି ପିଉଥିଲେ। ବୈତରଣୀରେ ବର୍ଷସାରା ସ୍ୱଚ୍ଛ ନିର୍ମଳ ଜଳରାଶି ଭରି ରହୁଥିଲା ଏବେ ମାର୍ଚ୍ଚ ମାସ ପ୍ରଥମ ସପ୍ତାହରୁ ନଦୀ ଶୁଖିଗଲାଣି। ଅନେକ ଜାଗାରେ ଏହା ମୃତ ନଦୀର ଭ୍ରମ ବି ସୃଷ୍ଟି କରୁଛି। ବୈତରଣୀ ନଦୀ ଧୀରେ ଧୀରେ ଜଳଶୂନ୍ୟ ହେଉଥିବାରୁ ଜଙ୍ଗଲ ଜୀବଜନ୍ତୁ ମଧ୍ୟ ଏବେ ଠାରୁ ପାଣି ପାଇଁ ଗାଁ ମୁହାଁ ହେଲେଣି। ଚାଷ ଦୂରେ ଥାଉ, ଗୃହପାଳିତ ପ୍ରାଣୀଙ୍କ ପିଇବା ପାଇଁ ନଦୀରେ ପାଣି ମୁନ୍ଦାଏ ନଥିବାରୁ ଉହଳବିକଳ ହୋଇ ପଡିଛନ୍ତି ପଶୁପକ୍ଷୀ। ବୈତରଣୀ ନଦୀ ଜଳକୁ ୬ଟି କମ୍ପାନୀ ନେଉଥିବାବେଳେ ଏବେ ପୁଣି ଅନେକ ଶିଳ୍ପସଂସ୍ଥାମାନଙ୍କ ମଧ୍ୟରେ ଅଘୋଷିତ ପ୍ରତିଯୋଗିତା।



ଜିଲ୍ଲାବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। କେନ୍ଦୁଝର ଜିଲ୍ଲାରେ ଗ୍ରୀଷ୍ମ ଋତୁ ସମେତ ଅନ୍ୟାନ୍ୟ ସମୟରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଥାଏ। ନଦୀ ଉପରେ ନିର୍ଭରଶୀଳ ହଜାର ହଜାର ଚାଷୀଙ୍କ ଚିନ୍ତା ବଢିଯାଇଛି। ଅଧିକାଂଶ ଚାଷୀଙ୍କ ଫସଲ ପାଣି ଅଭାବରୁ ଉଜୁଡି ଯାଉଛି। ଶହ ଶହ ଏକର ଚାଷ ଜମି ପଡିଆ ପଡୁଛି। ପାଣି ପାଇଁ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳବାସୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନଦୀନାଳ ଶୁଖିଯାଇଥିବାରୁ ପାରମ୍ପରିକ କୃଷି କାର୍ଯ୍ୟ ଗୁରୁତର ପ୍ରଭାବିତ ହେଉଛି। ମାର୍ଚ୍ଚ ମାସ ପ୍ରଥମ ସପ୍ତାହରୁ ବୈତରଣୀ ନଦୀ ଶୁଖିଲା ପଡିବା ଚାଷୀଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ରବି ପନିପରିବା ଉଜୁଡିବାକୁ ବସିଲାଣି। ନଦୀ ପାର୍ଶ୍ୱରେ ପନିପରିବା ଚାଷ କରି ଜୀବିକା ନିର୍ବାହ କରୁଥିବା କ୍ଷୁଦ୍ର ଚାଷୀମାନଙ୍କ ଚିନ୍ତା ବଢିଯାଇଛି। ରାଜ୍ୟରେ ସଂପ୍ରତି ମହାନଦୀ ଜଳକୁ ନେଇ ଏକ ଭୟାନକ ପରିସ୍ଥିତି ସୃଷ୍ଟି ହେବାକୁ ବସିଥିବାବେଳେ କେନ୍ଦୁଝର ଜିଲ୍ଲାରୁ ପ୍ରବାହିତ ବୈତରଣୀ ନଦୀର ପରିସ୍ଥିତି ଅନୁରୂପ ହୋଇଛି। ଆଗକୁ ଆସୁଛି ଖରାଦିନ। ମରୁଭୂମି ପାଲଟିଥିବା ବୈତରଣୀ ନଦୀର ପାର୍ଶ୍ୱବର୍ତ୍ତୀ ଲୋକଙ୍କ ଜୀବନଜୀବିକା ମଧ୍ୟ ପ୍ରଭାବିତ ହୋଇଛି। ଲୋକଙ୍କ ଚାଷ ବାସରେ ମଧ୍ୟ ତା'ର ପ୍ରଭାବ ପଡିଛି। କେନ୍ଦୁଝର, ଯାଜପୁର ଏବଂ ଭଦ୍ରକ ଜିଲ୍ଲାର ଜୀବନରେଖା କୁହାଯାଉଥିବା ବୈତରଣୀ ନଦୀ ବର୍ତ୍ତମାନ ଲୋକମାନଙ୍କୁ ଜୀବନଜୀବିକା ଯୋଗାଇବାରେ ବିଫଳ ହେଉଛି। ନଦୀରେ ଜଳ ଶୁଷ୍କ ହୋଇଯାଇଥିବା ଯୋଗୁଁ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଭୂତଳ ଜଳ କମିଯାଇଛି। ଆଗକୁ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ସାଧାରଣତଃ ନଦୀ କୂଳିଆ ଲୋକେ ନଦୀ ଜଳ ଉପରେ ନିର୍ଭର କରିଥାନ୍ତି। ସ୍ନାନଠାରୁ ଆରମ୍ଭ କରି ଅନ୍ୟ ସମସ୍ତ କାର୍ଯ୍ୟ ନଦୀ ଉପରେ ନିର୍ଭର କରିଥାନ୍ତି। ଏବେ ନଦୀ ଶୁଖିଲା। ଯାହାଫଳରେ ନଳକୂପ ଏବଂ କୂଅ, ପୋଖରୀ ଇତ୍ୟାଦିରେ ଜଳସ୍ତର ତଳକୁ ପଳାଇଛି। ନଦୀ ପାର୍ଶ୍ୱର ଅଞ୍ଚଳରେ ଭୂତଳ ଜଳର ସଙ୍ଗିନ ସ୍ଥିତି ଏବେ ମୁଖ୍ୟତଃ ବାଂଶପାଳ, ଚମ୍ପୁଆ ଅଞ୍ଚଳରେ ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ନଦୀ ଜଳକୁ ବ୍ୟବହାର କରି ନଦୀ କୂଳିଆ ଚାଷୀ ନିଜ ଜମିରେ ବିଭିନ୍ନ ପ୍ରକାର ଫସଲ କରୁଥିବାବେଳେ ଏବେ କିନ୍ତୁ ଜଳ ଅଭାବ ଯୋଗୁଁ ଚାଷରୁ ମୁହଁ ଫେରାଉଛନ୍ତି। ନଦୀ ପାର୍ଶ୍ୱରେ ଥିବା ଜମି ଏକ ପ୍ରକାର ପଡିଆ। ସେହିପରି ମତ୍ସ୍ୟଜୀବୀ ନଦୀରୁ ମାଛ ମାରି ନିଜର ପରିବାର ଭରଣ ପୋଷଣ କରୁଥିଲେ। ନଦୀ ଶୁଖିବା ଫଳରେ ମତ୍ସ୍ୟଜୀବୀଙ୍କ ଜୀବିକା ପ୍ରଭାବିତ ହୋଇଛି। କେନ୍ଦୁଝରରେ ବହୁ ବଡ ବଡ କମ୍ପାନୀ କେନ୍ଦୁଝରର ନଦୀ, ନାଳରୁ ପାଣି ନେବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ବୈତରଣୀ ନଦୀର ପାଣି କୃଷି କାମରେ ଲାଗିବା ପୂର୍ବରୁ କମ୍ପାନୀ ହାତକୁ ଟେକି ଦିଆଯାଉଥିବାରୁ ଦୀର୍ଘ ଦିନରୁ ବିରୋଧ ଆରମ୍ଭ ହୋଇଛି। ଏଣୁ ସରକାର ଏଭଳି କ୍ଷେତ୍ରରେ ନଦୀ ଓ ନାଳର ସୁରକ୍ଷା, ଜଳଧାରଣ କ୍ଷମତା ବୃଦ୍ଧି, ପ୍ରଦୂଷଣ ନିୟନ୍ତ୍ରଣ, ଅଧିକ ବୃଷ୍ଟିଜଳକୁ ବ୍ୟବହାର କରିବା ନେଇ ଦୂରଦର୍ଶୀ ଯୋଜନା ପ୍ରସ୍ତୁତ ନକରି କମ୍ପାନୀମାନଙ୍କୁ ଜଳ ଆବଣ୍ଟନ କରିଦେଲେ ଜିଲ୍ଲାରେ ଜଳସଙ୍କଟ ଉତ୍କଟ ରୂପ ଧାରଣ କରିବ ବୋଲି ମଧ୍ୟ ମତପ୍ରକାଶ ପାଇଲାଣି। କମ୍ପାନୀମାନଙ୍କୁ କେଉଁ ସମୟରେ କେତେ ନଦୀ ଜଳ ବ୍ୟବହାର କରିପାରିବ ସେ ନେଇ ରାଜ୍ୟ ସରକାର ଓ୍ୱାଟର ପଲିସି କରିଥିଲେ ମଧ୍ୟ ତାହା ସଠିକ୍ ଅନୁପାଳନ ହେଉଛି କି ନାହିଁ ତାହା ଜଳସମ୍ପଦ ବିଭାଗ ଦ୍ୱାରା ତଦାରଖ ହେବା ଉଚିତ୍ ମହାନଦୀ ବଞ୍ଚାଓ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି। ନଦୀ ଶୁଖିଗଲେ ଏହାର ଭୟଙ୍କର କୁପରିଣାମ ପରିବେଶ, ଜୀବ ଜଗତ ଓ ଜୀବନଜୀବିକା ତଥା ଜୈବ ବିବିଧତା ଉପରେ ପ୍ରତିଫଳିତ ହେବା ନିଶ୍ଚିତ ବୋଲି କହିଛନ୍ତି ପରିବେଶବିତ୍ ଡକ୍ଟର ବିମ୍ବାଧର ବେହେରା। ଶାଳପଡା ବୈତରଣୀ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ଇଂ ଲକ୍ଷ୍ମଣ ମାରାଣ୍ଡିଙ୍କ ସହ ଯୋଗାଯୋଗ କରିବାରୁ ଏଗ୍ରିମେଣ୍ଟ ଉଲ୍ଲଙ୍ଘନ ହୋଇ ନଦୀଜଳ ବ୍ୟବହାର ହେଉଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଯୋଗଦେଲେ ନୂତନ ଏସ୍‌ଡିପିଓ



ପୁରୁଷୋତ୍ତମପୁର (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁରରେ ନୂତନ ଏସଡିପିଓ ଭାବେ ଯୋଗଦେଲେ ଡ. ଦୀପକ କୁମାର ମିଶ୍ର। ସେ ଭୁବନେଶ୍ୱର ସ୍ପେଶାଲ ବ୍ରାଞ୍ଚ ଡି.ଏସ୍.ପି ଭାବେ କାର୍ଯ୍ୟରତ ଥିଲେ। ପୂର୍ବରୁ ଗଞ୍ଜାମ ଜିଲ୍ଲାରେ ବିଭିନ୍ନ ଥାନାରେ କାର୍ଯ୍ୟ କରି ଅପରାଧିମାନଙ୍କୁ ସାବଡ କରାଇ ଚର୍ଚ୍ଚିତ ହୋଇଥିଲେ। ୨୦୦୮/ ୯ ମସିହାରେ ପୁରୁଷୋତ୍ତମପୁର ଥାନାଅଧିକାରୀ ଭାବେ କର୍ଯ୍ୟକରି ଚୋରି, ଡକାୟତି, ଗୁଣ୍ଡାରାଜ ଓ ମଦ ମାଫିଆମାନଙ୍କ ମନରେ କୋକୁଆ ଭୟ ସୃଷ୍ଟି କରି ଜନସାଧାରଣଙ୍କ ପ୍ରଶଂସାର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ସେ ପୁଣିଥରେ ପୁରୁଷୋତ୍ତମପୁର ଏସ୍‌ଡିପିଓ ଭାବେ ନୂତନ ଦାୟିତ୍ୱ ନେଇ ଯୋଗ ଦେଇଥିବାରୁ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି। ଏସ୍‌ଡିପିଓଙ୍କ ଅଧିନସ୍ଥ ପୋଲସରା, କବିସୂର୍ଯ୍ୟନଗର, କୋଦଳା, ବେଗୁନିଆପଡ଼ା ଓ ପୁରୁଷୋତ୍ତମପୁର ଥାନା ଅଞ୍ଚଳରେ ଚୋରି ଡକାୟତି ମଦମାଫିଆ ଓ ଗୁଣ୍ଡାରାଜକୁ ଦମନ କରି ଜନସାଧାରଣଙ୍କୁ ସୁରକ୍ଷା ଦେବା ପ୍ରଥମ ଲକ୍ଷ୍ୟ ହେବ ବୋଲି ଏସ୍‌ଡିପିଓ ଜଣାଇଛନ୍ତି। ଏଠାରେ ଥିବା ଏସ୍‌ଡିପିଓ ରଜନୀକାନ୍ତ ସାମଲଙ୍କୁ ଭୁବନେଶ୍ୱର କମିଶନରେଟ୍ ପୋଲିସ କଟକ କ୍ରାଇମବ୍ରାଞ୍ଚ୍ ଏସ୍‌ପି ଭାବେ ବଦଳି ହୋଇଥିବାରୁ ତାଙ୍କ ସ୍ଥାନରେ ନୂତନ ଏସ୍‌ଡିପିଓ ଭାବେ ଶ୍ରୀ ମିଶ୍ର ନିଯୁକ୍ତି ହୋଇଛନ୍ତି।

## ରାଶିଫଳ

**ସୋମବାର, ୧୦ ମାର୍ଚ୍ଚ ୨୦୨୫**



**ମେଷ:** ଦୃଢ଼ ମନୋବଳ ଯୋଗୁଁ ପ୍ରତ୍ୟେକଟି କ୍ଷେତ୍ରରେ ହିଁ ବିଜୟ ଲାଭ କରିବେ। ପାରିବାରିକ କ୍ଷେତ୍ରରେ ମନୋମାଳିନ୍ୟକୁ ଦୂରେଇ ନେବା ପାଇଁ ପ୍ରଯତ୍ନ କଲେ ଉପକୃତ ହେବେ। ବନ୍ଧୁଙ୍କ ମିଥ୍ୟାଭିଯୋଗ ସକାଶେ ମାନସିକ ସ୍ତରରେ କ୍ରୋଧାନ୍ୱିତ ହୋଇପାରନ୍ତି। ଗତକାଲି ଠାରୁ ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ।



**ବୃଷ:** ନିକଟ ସମ୍ପର୍କୀୟଙ୍କ ସାହାଯ୍ୟ ଲାଭ କରି ଆଶା ପୂରଣ କରିବେ। ନିର୍ମାଣଧୀନ ଆନୁଷ୍ଠାନିକ କାମରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ଆଲୋଚନା ପରିସରରେ ଆପଣ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ।



**ମିଥୁନ:** ସ୍ଥଗିତ ରହିଯାଇଥିବା କେତେକ ପୁରୁଣା ବାକିଆ କାମ ଶେଷ କରିବାକୁ ସକ୍ଷମ ହେବେ। ପ୍ରିୟଜନଙ୍କ ସାହାଯ୍ୟ ସହଯୋଗ ମାଧ୍ୟମରେ ଜମିଜମା ସମ୍ପର୍କ ତ ବିବାଦର ଆଶୁ ସମାଧାନ ହୋଇଯିବ। ନିର୍ମାଣ, ଶିଳ୍ପ, ବାଣିଜ୍ୟାଦିରେ ଶୁଭଫଳ ପାଇବେ।



**କର୍କଟ:** ସତର୍କତା ଅଭାବରୁ ଅନ୍ୟ ପାଇଁ ନିଜେ ସମସ୍ୟାଗ୍ରସ୍ତ ହୋଇପଡିବେ। ମତପାର୍ଥକ୍ୟ ଜନିତ ବାକ୍ ବିତଣ୍ଡା ସୃଷ୍ଟି ହେବାର ସମ୍ଭାବନା ରହିଛି। ବନ୍ଧୁଙ୍କ ପରାମର୍ଶରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ନିଜ ସାଧନାରେ ସଫଳତା ପାଇବେ।



**ସିଂହ:** କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସାହାଯ୍ୟ ଓ ସହଯୋଗ ଲାଭକରି କାର୍ଯ୍ୟ ସାଧନ କରିବେ। ପାରିବାରିକ ଜୀବନରେ ଖଳଲୋକଙ୍କ କାନକୁହା କଥା ସୁଖ ସନ୍ତୋଷରେ ବାଧା ଉପୁଜାଇବ। ଗୁରୁତ୍ୱପୂର୍ଣ୍ଣ କାମଗୁଡିକ ନିର୍ଦ୍ଦିଷ୍ଟ ସମୟରେ ନହେବା କାରଣରୁ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ।



**କନ୍ୟା:** ପାରିବାରିକ କ୍ଷେତ୍ରର କୌଣସି କଥା ମନକୁ ବାରମ୍ବାର ଆଲୋଡିତ କରିପାରେ। ଅର୍ଥ ସମ୍ପର୍କକୁ ନେଇ ପରିବାରରେ ଭାତୃବିବାଦ ଦେଖାଦେଇ ପାରେ। ମହିଳାମାନେ ପ୍ରଶଂସନୀୟ ହେବେ। ବିଦ୍ୟାର୍ଥୀମାନେ ପଢାପଢିରେ ଏକାଗ୍ରତା ରଖି କୃତକାର୍ଯ୍ୟ ହେବେ।



**ତୁଳା:** ପାରିବାରିକ ଜୀବନ ସୁଖଶାନ୍ତିରେ କଟିବା। କୌଣସି ନୂତନ କାର୍ଯ୍ୟ କରିବାକୁ ଅଗ୍ରସର ହେବେ ସେଥିରେ ସଫଳ ହେବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ ଯାହାକି ସାମୟିକ ମାନସିକ ଦୁଶ୍ଚିନ୍ତାର କାରଣ ହୋଇପାରେ।



**ବିଛା:** କାର୍ଯ୍ୟସିଦ୍ଧି ସହ ସ୍ୱାସ୍ଥ୍ୟରେ ଉନ୍ନତି ଦେଖାଦେବ। ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ଆକସ୍ମିକ ଭାବରେ କୌଣସି ସମସ୍ୟା ହେତୁ ନିର୍ମାଣଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ଉପରିସ୍ଥଙ୍କ କର୍ମ ଚାରିଙ୍କ ଆଦେଶାନୁସାରେ କାର୍ଯ୍ୟ କରିବା ପାଇଁ ବାଧ୍ୟ ହେବେ। ପିତାମାତାଙ୍କ ଆଶୀର୍ବାଦ ଆପଣଙ୍କୁ ସହାୟ ହେବ।



**ଧନୁ:** ଆଜି କର୍ମକ୍ଷେତ୍ରରେ କିମ୍ବା ସଭାସମିତିରେ ପ୍ରଶଂସନୀୟ ହେବେ। ପରୋକ୍ଷ ଶତ୍ରୁତା କାରଣରୁ ଅପରାହ୍ନରେ ମନ ଭାରାକ୍ରାନ୍ତ ରହିବ। କୋଟ କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ହେବ। ସମସ୍ତ କାର୍ଯ୍ୟରେ ସାହାଯ୍ୟ ଓ ସହଯୋଗ ପାଇବେ। କ୍ରୀଡା, କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିପାରେ।



**ମକର:** ଆଜି ଯଗିରଖି ଚଳନ୍ତୁ କେହି ଜଣେ ବ୍ୟକ୍ତି ଅସୁବିଧାରେ ପକାଇପାରେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଅଂଶୀଦାର ବ୍ୟବସାୟୀମାନଙ୍କ ସହ ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ। ବିଦ୍ୟାର୍ଥୀମାନେ ବିଦ୍ୟାରେ ସଫଳତା ପାଇବେ।



**କୁମ୍ଭ:** ଆଜି ଆପଣଙ୍କର ଦିନ ଖୁବ୍ ଭଲରେ କଟିବ। ବକେୟା ପ୍ରାପ୍ୟ ମିଳିବ ଯାହା ଫଳରେ ମନ ପ୍ରଫୁଲ୍ଲିତ ରହିବ। ବିବାଦରେ ନୂଆ ମୋଡ଼ ଦେଖାଦେବ। ପୂର୍ବର ସମସ୍ୟା ସମାଧାନ ହେବ। ମହିଳାମାନେ ଗୃହ ସାଜସଜ୍ଜା ପ୍ରତି ଯତ୍ନ ନେବା ସହ ସମ୍ମାନ ପ୍ରାପ୍ତି ହେବେ। ବିଦ୍ୟାର୍ଥୀମାନେ ଶୁଭ ଖବର ଶୁଣିପାରନ୍ତି।



**ମୀନ:** ଆଜି ପ୍ରତ୍ୟେକ କ୍ଷେତ୍ରରେ ଆଗପଛ ବିଚାର କରି କାମ ନକଲେ ଅପଦସ୍ଥ ହୋଇପାରନ୍ତି। ବନ୍ଧୁମାନଙ୍କ କଥା ବାର୍ତ୍ତା ଆପଣଙ୍କ ପାଇଁ ସମସ୍ୟାକୁ ବଢାଇ ଦେଇପାରେ। ନିର୍ଦ୍ଦିଷ୍ଟ ସମୟରେ କାମଟି ସମ୍ପୂର୍ଣ୍ଣ ନ ହେବା କାରଣରୁ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବିଳମ୍ବରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବେ।



ଜ୍ୟୋତିଷୀ ଓ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ(ଭାସ୍କର ନ୍ୟୁଜ): ଇସଲାମ ଧର୍ମରେ ରମଜାନ ମାସକୁ ସବୁଠାରୁ ସ୍ୱତନ୍ତ୍ର ବୋଲି ବିବେଚନା କରାଯାଏ । ଏହି ମାସରେ 'ରୋଜା' ଅର୍ଥାତ ଉପବାସ ରଖାଯାଇଥାଏ । ମୁସଲମାନ ଭାଇ ଓ ଭଉଣୀ ମାନେ ସୂର୍ଯ୍ୟ ଉଦୟ ଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ କୌଣସି ଖାଦ୍ୟପେୟ ଗ୍ରହଣ କରନ୍ତିନାହିଁ । ଏହି ସମୟରେ ସେମାନେ ପ୍ରାର୍ଥନା କରିବା ସହିତ କୋରାନ ପାଠ କରିଥାନ୍ତି । ଏପରିକି ଦାନ ମଧ କରିଥାନ୍ତି । ତେବେ ଏହି ମାସରେ ୭ ବର୍ଷରୁ ଊର୍ଦ୍ଧ୍ୱ ଶିଶୁ,ଯୁବକଯୁବତୀମାନେ ରୋଜା ରଖନ୍ତି । ୭ ବର୍ଷରୁ କମ୍ ଶିଶୁଙ୍କ ନିମନ୍ତେ ରମଜାନ ମାସରେ ରୋଜା ପାଳନ କରିବାକୁ ବାଧ ବାଧକତା ନାହିଁ । ତଥାପି ଆଜି ଜଣେ ୫ ବର୍ଷର ଶିଶୁ ପୁଅ ରୋଜା ପାଳନ କରି ମୁସଲମାନ ସମ୍ପ୍ରଦାୟ ପାଇଁ ଉଦାହରଣ ପାଲଟିଛନ୍ତି । ଏହି ଶିଶୁ ଜଣକ ହେଉଛନ୍ତି ଉମରକୋଟ ସହରର ମହୀନ ଲାଠିଆ ଓ ରୁହିନା ବାନଙ୍କ ପୁଅ ହାଇଦର ଲାଠିଆ । ରୋଜା ପାଳନ କରିଥିବାରୁ ତାଙ୍କ ସମ୍ପର୍କୀୟଙ୍କ ସମେତ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ । ରୋଜା ପାଳନ କରିଥିବା ଶିଶୁ ଭାରତରେ ଶାନ୍ତି , ସମୃଦ୍ଧି ପାଇଁ ଦୁଆ କରିଥିଲେ। ଇସଲାମିକ ବିଶ୍ୱାସ ଅନୁଯାୟୀ, କୁହାଯାଏ ଯେ ରମଜାନ ମାସରେ ଉପବାସ କରିବା କେବଳ ଭୋକିଲା ଏବଂ ଶୋଷିଲା ରହିବା ନୁହେଁ ବରଂ ଏହାର ଅର୍ଥ ହେଉଛି ତୁମର ବିଶ୍ୱାସ ବଜାୟ ରଖିବା। ମନକୁ ଆସୁଥିବା ଖରାପ ଚିନ୍ତାଧାରାକୁ ତ୍ୟାଗ କରିବା ଏହି ଉପବାସର ଅର୍ଥ ହେଉଛି ପାପ କାମଠାରୁ ଦୂରେଇ ରହିବା। ତେଣୁ ରମଜାନରେ ଉପବାସ କରୁଥିବା ବ୍ୟକ୍ତିଙ୍କୁ ନିଜର ବିଶ୍ୱାସକୁ ପ୍ରାଧାନ୍ୟ ଦେବାକୁ ପଡ଼ିବ। ଏହି ସମୟରେ, ଉପବାସ କରୁଥିବା ବ୍ୟକ୍ତି କାହା ବିଷୟରେ ଖରାପ କଥା କହିବା ଉଚିତ୍ ନୁହେଁ। ଏହି ସମୟ ମଧରେ ଉପବାସ କରୁଥିବା ବ୍ୟକ୍ତି ମିଛ କହିବା ଉଚିତ୍ ନୁହେଁ କିମ୍ବା ମିଥ୍ୟା ପ୍ରତିଶ୍ରୁତି ମଧ ଦେବା ଉଚିତ୍ ନୁହେଁ ବୋଲି ବିଶ୍ୱାସ କରାଯାଏ।

# ଜମିପଟ୍ଟା ଦେବା ନାଁରେ ଲକ୍ଷ ଲକ୍ଷ ଟଙ୍କା ଠକେଇ ଅଭିଯୋଗ

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲା ଆଦିବାସୀ ସଂଘ

ମାଲକାନଗିର(ଭାସ୍କର ନ୍ୟୁଜ) : ଜମିପଟ୍ଟା ଦେବା ନାଁରେ ଲକ୍ଷାଧିକ ଟଙ୍କା ଠକିଛନ୍ତି ରାଜସ୍ୱ ନିରୀକ୍ଷକ। ମାଥିଲି ଆର୍ ।ଇ କାହ୍ନୁ ଚରଣ ସ୍ୱାଇଁଙ୍କ ବିରୋଧରେ ଏଭଳି ସଂଗୀନ ଅଭିଯୋଗ ଆଣି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛି ଜିଲ୍ଲା ଆଦିବାସୀ ମହାସଂଘ । ଏହାର ନିରପେକ୍ଷ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ପରେ ସଂଘ ସଭାପତି ବାଲରାଜୁ ଗେମେଲ, ସମ୍ପାଦକ କମଲସାଇ ମାଝୀଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ଉପସ୍ଥିତିରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ମାଥୁଲି ତହସିଲ ଅଧୀନ ମହୁପଦର, ଗୁରୁଗୁଡ଼ା, ପ୍ରେମାଗୁଡ଼ା, କସରାଭଟା ଆଦି ବିଭିନ୍ନ ଗାଁର ଶତାଧିକ ଆଦିବାସୀଙ୍କୁ ଜଙ୍ଗଲ ଜମିପଟ୍ଟା, ଦଖଲ ଜମିପଟ୍ଟା, ଘରବାଡ଼ି ପଟ୍ଟା, ପାର୍ଟିସନ କେସ ଫଇସଲା ପାଇଁ ଜଣଙ୍କ ପିଛା ୫ରୁ ୭ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍‌ଆଇ ଶ୍ରୀ ସ୍ୱାଇଁ ୬ ଲକ୍ଷରୁ ଅଧିକ ଟଙ୍କା ଲାଞ୍ଚ ନେଇଛନ୍ତି। ଏମିତି ସେ ଗାଁକୁ ଗଲେ ଲୋକଙ୍କ ଠାରୁ ପେଟ୍ରୋଲ ଖର୍ଚ୍ଚ, କୁକୁଡ଼ା ମାଂସ ଭୋଜି ଖାଇ ଫେରୁଛନ୍ତି । ତୁରନ୍ତ ଏହାର ନିରପେକ୍ଷ ତଦନ୍ତ କରି ଗରିବ ଲୋକଙ୍କ ଟଙ୍କା ଫେରାଇବା ସହ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦର୍ଶାଯାଇଛି। ଏ ସମ୍ପର୍କରେ ତଦନ୍ତ ପରେ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ ସଂଘର କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ଉପାନ୍ତ ମାଟିରେ ବିଲାତି ଆଳୁ

## ♦ମହଜୁଦ ରଖିବାକୁ ନାହିଁ ଶୀତଳଭଣ୍ଡାର ♦ସରକାରଙ୍କ ଲକ୍ଷ୍ୟ ପୂରଣକୁ ନେଇ ସନ୍ଦେହ



ଉମରକୋଟ/ରାଇଘର(ଭାସ୍କର ନ୍ୟୁଜ୍): ଉପାନ୍ତ ମାଟିରେ ଫଳିଛି ବିଲାତି ଆଳୁ । ଗତ ଦିନରେ ସୃଷ୍ଟି ହୋଇଥିବା ଆଳୁ ସଙ୍କଟକୁ ଚଳିତ ବର୍ଷ ଯେପରି ପୁନରାବୃତି ନହେବ ସେଥିପାଇଁ ସରକାର ଆରମ୍ଭ କରିଥିଲେ ଆଳୁ ମିଶନ। ଏହି ଆଳୁ ମିଶନ ଯୋଜନାରେ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଭଳି ଉପାନ୍ତ ଅଞ୍ଚଳରେ ଚଳିତ ବର୍ଷ ପ୍ରାୟ ୪୩୦ ରୁ ଊର୍ଦ୍ଧ୍ୱ ଚାଷୀ ୭୨ ହେକ୍ଟର ଜମିରେ ଆଳୁ ଚାଷ କରିଥିବା ଜଣାପଡିଛି । ରାଜ୍ୟ ବିହନ ନିଗମ ପକ୍ଷରୁ ଏହି ବ୍ଲକରେ ପ୍ରାୟ ୧୧୦୦ କୁଇଣ୍ଟାଲ ଆଳୁ ବିହନ ଚାଷୀଙ୍କୁ ରିହାତି ମୂଲ୍ୟରେ ଯୋଗାଇ ଦିଆଯାଇଥିବା ବେଳେ ପ୍ରାୟ ୬୦୦ ଟନ୍‌ରୁ ଊର୍ଦ୍ଧ୍ୱ ଆଳୁ ଅମଳ ହୋଇପାରେ ବୋଲି ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଅପରପକ୍ଷରେ ଚାଷୀଙ୍କ ଅମଳ ଆଳୁ ଗଚ୍ଛିତ କରି ରଖିବାକୁ ବ୍ଲକରେ ଶୀତଳ ଭଣ୍ଡାରଟିଏ ନାହିଁ। ଚଳିତ ବର୍ଷ ସରକାର ରଖିଥିବା ଲକ୍ଷ୍ୟ ଏଠି ପୂରଣ ହେବ କି ନାହିଁ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ସୂଚନା ଅନୁଯାୟୀ ରାଇଘର ବ୍ଲକର ଛତାବେଡା ଅଞ୍ଚଳରେ ଉଦ୍ୟାନ କୃଷି ବିଭାଗର ପରାମର୍ଶକ୍ରମେ ଚଳିତ ବର୍ଷ ରଞ୍ଜିତ ମିସ୍ତ୍ରୀ ଓ ସଦା ସାନ୍ତାଙ୍କ ସହ ପ୍ରାୟ ୧୭ ଜଣ ଚାଷୀ ମିଳିତ ଭାବେ ପ୍ରାୟ ୪ ଏକର ଜମିରେ ଆଳୁ ଚାଷ କରିଛନ୍ତି । ଏବେ ସୁଦ୍ଧା ପ୍ରାୟ ୬୦୦ ବସ୍ତା ଆଳୁ ଉତ୍ପାଦନ କରି ସାରିଛନ୍ତି । କିନ୍ତୁ ଆଗାମୀ ଦିନରେ ଅମଳ ଆଳୁ କୁ ଗଚ୍ଛିତ ରଖିବାକୁ ସ୍ଥାନୀୟ ବ୍ଲକରେ ଶୀତଳଭଣ୍ଡାରର ବ୍ୟବସ୍ଥା ନାହିଁ। ଅନ୍ୟପଟେ ଉମରକୋଟ ଠାରେ ଥିବା ଶୀତଳଭଣ୍ଡାର ରେ ଆଳୁ ରଖିବାକୁ ଅଧିକାରୀ କହିଥିଲେ ମଧ ୪୦ କିଲୋମିଟର ଦୂର ହେଉଥିବା ଯୋଗୁଁ ଅଧିକ ଖର୍ଚ୍ଚ କୁ ଦୃଷ୍ଟିରେ ରଖି ଆଳୁ ଅମଳ ପରେ ତୁରନ୍ତ ବିକ୍ରି କରିଦେଉଥିବା ଚାଷୀ ପ୍ରକାଶ କରିଛନ୍ତି । ଯଦି ସରକାର ଏଠାରେ ଶୀତଳ ଭଣ୍ଡାର ଟିଏ ନିର୍ମାଣ କରିଥାନ୍ତେ ତାହେଲେ ନିଅଣ୍ଟିଆ ସମୟରେ ଗଛିତ ଆଳୁ ବଜାରରେ ବିକ୍ରି ହୋଇ ପାରିଥାନ୍ତା ଏବଂ ଚାଷୀ ଅଧିକରୁ ଅଧିକ ଲାଭବାନ ହୋଇ ପାରିଥାନ୍ତେ ବୋଲି ପ୍ରକାଶ କରିବା ସହିତ ସରକାରଙ୍କୁ ଶୀତଳ ଭଣ୍ଡାର ଟିଏ ନିର୍ମାଣ ପାଇଁ ଅନୁରୋଧ କରିଛନ୍ତି। ଅପରପକ୍ଷରେ କୃଷିଉଦ୍ୟାନ ବିଭାଗୀୟ ଅଧିକାରୀଙ୍କ କହିବା ଅନୁଯାଇ ସରକାର ଆଳୁଚାଷୀ ଙ୍କୁ ସମସ୍ତ ସହଯୋଗ କରିଛନ୍ତି ଏବଂ ଚଳିତ ବର୍ଷ ଅପେକ୍ଷା ଆସନ୍ତା ବର୍ଷ ଆଳୁ ଚାଷୀଙ୍କ ସଂଖ୍ୟା ବଢିବାର ସମ୍ଭାବନା ରହିଛି । ରାଇଘର ବ୍ଲକରେ ଶୀତଳଭଣ୍ଡାର ନଥିବା ଯୋଗୁଁ ଉମରକୋଟ ଶୀତଳ ଭଣ୍ଡାରରେ ଅମଳ ଫସଲ ରଖିବାକୁ ସମସ୍ତ ଚାଷୀଙ୍କୁ ପରାମର୍ଶ ଦିଆ ଯାଇଛି ।

# ଅଗ୍ନିକାଣ୍ଡରୁ ଅଳ୍ପକେ ବର୍ତ୍ତିଲା କେନ୍ଦୁପାଇ ଗାଁ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): ଲକ୍ଷ୍ମୀପୁର ବ୍ଲକ ପିପଲପଦର ପଞ୍ଚାୟତ ଅନ୍ତର୍ଗତ କେନ୍ଦୁପାଇ ଗ୍ରାମଟି ନିଆଁ ଦାଉରୁ ଅଳ୍ପକେ ବର୍ତ୍ତୀ ଯାଇଛି। ଶୁକ୍ରବାର ସନ୍ଧ୍ୟାରେ କେହି ଦୁର୍ବୃତ୍ତ ଗ୍ରାମଠାରୁ କିଛି ଦୂରରେ ନିଆଁ ଲଗାଇ ଦେଇଥିବାବେଳେ ତାହା ଧୀରେ ଧୀରେ ଜଳି ଗ୍ରାମ ପାଖ ପାହାଡ଼ ପର୍ଯ୍ୟନ୍ତ ଚାଲି ଆସିଥିଲା। ସେତେବେଳକୁ ରାତି ପ୍ରାୟ ଆଠଟା। ନେଟୱାର୍କ ପ୍ରୋବ୍ଲେମ ପାଇଁ ଗ୍ରାମବାସୀ କାହାରି ସୁବିଧା ନପାଇ ଚିନ୍ତାରେ ପଡି ଯାଇଥିଲେ। ନିଆଁ ଧୀରେ ଧୀରେ ଗାଁ ଆଡକୁ ଆସୁଥିବା ଦେଖି ସମସ୍ତ ଗ୍ରାମବାସୀ ନିଆଁ ଲିଭାଇବାରେ ଲାଗି ପଡ଼ିଥିଲେ ।ଫଳରେ ରାତି ପ୍ରାୟ ଦଶଟା ବେଳକୁ ନିଆଁକୁ ଆୟତ୍ତ କରିଥିଲେ। ଗାଁରେ ଥିବା ୫୨ ଘର ଆଦିବାସୀ ପରିବାର ନିଆଁ ଦାଉରୁ ବର୍ତ୍ତୀଯାଇଛନ୍ତି। ଗ୍ରାମବାସୀ ଯଦି ନିଆଁ ଲିଭାଇବାକୁ ସମୂହ ଯାଇନଥାନ୍ତେ ତେବେ ସମସ୍ତ ଘର ନିଆଁର ଆଁ ରେ ପୋଡି ପାଉଁଶ ହେବାକୁ ବେଶୀ ସମୟ ଲାଗି ନଥାନ୍ତା। ବନ ବିଭାଗ ବନାଗ୍ନି ରୋକିବା ଦିଗରେ ବିଭିନ୍ନ ସ୍ଥାନରେ ମଞ୍ଚା ମାନ



ତିଆରି କରିଛି ହେଲେ ତାହା କୌଣସି କାମକୁ ନୁହଁ। ବନ ସୁରକ୍ଷା ପାଇଁ ଯେଉଁମାନଙ୍କୁ ନିୟୋଜିତ କରାଯାଇଛି ସେମାନେ କେଉଁଠି କଣ କାମ କରୁଛନ୍ତି ତାହା ବୁଝା ପଡୁନି। ଯଦି ସେମାନେ ଠିକ ଭାବେ ନିଜ କାର୍ଯ୍ୟ ତୁଲାଇ ଥାନ୍ତେ ତେବେ କେନ୍ଦୁ ପାଇ ପାହାଡ଼ରେ ନିଆଁ ଲାଗି ନଥାନ୍ତା ବୋଲି ଗ୍ରାମବାସୀ କହିଛନ୍ତି ।ଏତେ ପଇସା ଖର୍ଚ୍ଚ କରିବି କଣ ପାଇଁ ନିଆଁଲାଗି ଜଙ୍ଗଲ ଧ୍ୱଂସ ପାଉଛି ତାହା ଉଚ୍ଚପଦସ୍ଥ ଅଧିକାରୀ ତଦନ୍ତ କରିବା ନିହାତି ଆବଶ୍ୟକ ବୋଲି ସବୁ ମହଲରେ ଦାବି ହୋଇଛି।

# ନାମାଙ୍କନପତ୍ର ଦାଖଲ ଶେଷ, ୨୯ରେ ନିର୍ବାଚନ

## ଓକିଲ ସଂଘ ନିର୍ବାଚନ



ଉମରକୋଟ(ଭାସ୍କର ନ୍ୟୁଜ) : ଉମରକୋଟ ଓକିଲ ସଂଘ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲର ଆଜି ଥିଲା ଶେଷ ଦିବସ। ୧୦୭ ଜଣ ଭୋଟର ଅଂଶ ଗ୍ରହଣ କରିବାକୁ ଯାଉଥିବା ଉମରକୋଟ ଓକିଲ ସଂଘ ନିର୍ବାଚନ ପାଇଁ ସଭାପତି ପଦବୀ ସକାଶେ ପ୍ରଶାନ୍ତ କୁମାର ସାହୁ ଓ ବିପିନ ହିଆଲ, ଉପସଭାପତି ପଦବୀ ସକାଶେ ବିଜୟ ଲତା ପାଣିଗ୍ରାହୀ ଓ ଭଗବାନ କଲାର, ସମ୍ପାଦକ ପଦବୀ ସକାଶେ ଶାନ୍ତନୁ କୁମାର ବାହିନୀପତି ଓ ସୁରେଶ କୁମାର ବେହେରା, ସହ ସମ୍ପାଦକ ପଦବୀ ସକାଶେ ସଞ୍ଜୟ କୁମାର ନାୟକ ଓ ସୁଧାଂଶୁ ସାଧୁ,କୋଷାଧକ୍ଷ ପଦବୀ ସକାଶେ ଜିତେନ୍ଦ୍ର କୁମାର ମହାନ୍ତି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ନିର୍ବାଚନ ଅଧିକାରୀ ଭାବରେ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର କୁମାର ପଟ୍ଟନାୟକ ଦାୟିତ୍ୱ ତୁଲାଉଥିବାବେଳେ ତାଙ୍କୁ ସହଯୋଗ କରୁଛନ୍ତି ଆଇନଜୀବୀ ବିଜୟ କେତନ ସୁରେନ୍ଦ୍ର ସିଂ। ୮/୩/୨୫ ତାରିଖ ଦିନ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନଙ୍କର ସୂଚୀ ପ୍ରକାଶନ ହେବା ସହ ୯/୩/୨୫ ଦିନ ପ୍ରାର୍ଥିପତ୍ରକୁ ଯାଞ୍ଚ କରାଯିବ ଓ ୧୨/୩/୨୫ ତାରିଖ ଦିନ ପ୍ରାର୍ଥୀମାନେ ନାମାଙ୍କନପତ୍ର ପ୍ରତ୍ୟାହାର କରି ପାରିବେ । ୨୯ ତାରିଖ ଦିନ ନିର୍ବାଚନ ଅନୁଷ୍ଠିତ ହେବ ଓ ସେହିଦିନ ଅପରାହ୍ନ ୪ ଟା ସମୟରେ ନିର୍ବାଚନ ଫଳ ଘୋଷଣା ହେବ ।ଏଥିପାଇଁ ଉମରକୋଟ ସହରରେ ଚଳଚଞ୍ଚଳ ହୋଇପଡ଼ିଛି।

# ୧୩ରେ 'ରଙ୍ଗ ବରଷେ' କାର୍ଯ୍ୟକ୍ରମ




ବେଲପାହାଡ଼(ଭାସ୍କର ନ୍ୟୁଜ) : ଝାରସୁଗୁଡ଼ା ଜିଲା ବେଲପାହାଡ଼ ପାର୍ଟି ଆନିମଲ୍ ସଂଗଠନ ପକ୍ଷରୁ ଚଳିତ ମାର୍ଚ୍ଚ ୧୩ ତାରିଖରେ ହୋଲି ପର୍ବ ଉପଲକ୍ଷେ ବେଲପାହାଡ଼ ସହରରେ ଚତୁର୍ଥ 'ରଙ୍ଗ ବରଷେ' ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି। ଏନେଇ ପାର୍ଟି ଆନିମଲ୍ ପକ୍ଷରୁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ପ୍ରଦାନ କରାଯାଇଛି। ଚଳିତ ମାର୍ଚ୍ଚ ୧୩ ତାରିଖରେ ଏହି କାର୍ଯ୍ୟକ୍ରମ ଖଲଗୁଡ଼ାସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ସକାଳ ୯ ଟାରୁ ୪ ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଏଥିରେ ପ୍ରବେଶ ପାଇଁ ୨୯୯ ଟଙ୍କା ଦେୟ ରଖାଯାଇଥିବା ବେଳେ ୧୪ ବର୍ଷରୁ କମ ପିଲାଙ୍କୁ ପ୍ରବେଶ ମୁକ୍ତ ରହିବ। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ଆଲବମ୍ ତାରକା ଓ କଳାକାରଙ୍କର କାର୍ଯ୍ୟକ୍ରମ ରହିଛି। ନନ୍ ଷ୍ଟପ୍ ଡିଜେର ସୁବିଧା ରହିବ ଏବଂ ଉତ୍ସବ ପାଳନ ପାଇଁ ଦେୟ ମୁକ୍ତ ରଙ୍ଗ ଅବିରର ମଧ ସୁବିଧା ରହିବ। ପ୍ରଦର୍ଶିତ ଖାଦ୍ୟ ପଦାର୍ଥ ଷ୍ଟଲ୍ ଗୁଡ଼ିକ ଦେୟଯୁକ୍ତ ରହିବ ଓ ଏଥିରେ ନିଶାଦ୍ରବ୍ୟ ସେବନକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ଆୟୋଜନରେ ପାର୍ଟି ଆନିମଲ୍ ସଂଗଠନର ଦୀନେଶ କରାଲୀ, ସଓ୍ୱନ ଦାଶ, ସନି ତନ୍ତୀ, ଆୟୁଶୀ ଜୟସ୍ୱାଲ, ସୀତାରାମ ମେହେର, ଦୁଲାନନ୍ଦ ମାଝୀ ପ୍ରମୁଖ ସଦସ୍ୟ ଓ ସଦସ୍ୟାଗଣ ବିଶେଷ ଦାୟିତ୍ୱ ନିର୍ବାହ କରୁଛନ୍ତି।

# ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

ନବରଙ୍ଗପୁର(ଭାସ୍କର ନ୍ୟୁଜ) : ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ପକ୍ଷରୁ ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଦୌରାଜଜ୍ ସୁବ୍ରତ ମହାନ୍ତି ଗୋଟିଏ ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ଦାବି ବାବଦକୁ



ଫଇସଲା କରି ଟ.୭,୫୦,୦୦୦/- ଓ ଅନ୍ୟାନ୍ୟ ୬ ଟି ଦେଓ୍ୱାନୀ କେସ ବାବଦକୁ ଫଇସଲାକରି ଟ.୧୯,୨୭,୫୬୭/- କ୍ଷତିପୂରଣ ଆଦାୟ କରିଛନ୍ତି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସର୍ବମୋଟ ୨୩୯ ଗୋଟି କୋର୍ଟ କେସ ଓ ୧୧,୭୭୬ ଗୋଟି ରାଜସ୍ୱ କେସର ଫଇସଲା କରାଯାଇ ଟ.୧୫,୮୨,୬୨୩/- ରାଜସ୍ୱ ଆଦାୟ କରାଯାଇଛି। ସେହିପରି ବ୍ୟାଙ୍କର ୨୨ ଟି ପ୍ରାକ ମକଦ୍ଦମା ମଧ ଫଇସଲା କରାଯାଇ ଟ.୨,୭୭,୦୦୦/- ଋଣ ଆଦାୟ କରାଯାଇଛି ସେହିଭଳି ବିଏସଏନଏଲ ଓ ଟିପିଏସଓଡ଼ିଏଲ ର ୧୯ ଟି ପ୍ରାକ ମକଦ୍ଦମା ମଧ ଫଇସଲା କରାଯାଇ ଟ. ୫,୨୩,୪୯୮/- ଋଣ ଆଦାୟ କରାଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଅନ୍ୟାନ୍ୟ ଅତିଥି ରୂପେ ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୀମା ତ୍ରିପାଠୀ ଓ ରେଜିଷ୍ଟ୍ରାର ଜିଲ୍ଲାକୋର୍ଟ ସୁକାନ୍ତ କିଶୋର ଜେନା ଯୋଗ ଦେଇଥିଲେ ।

# ଖୁରିପାଣି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଖପ୍ରାଖୋଲ (ଭାସ୍କର ନ୍ୟୁଜ) : ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତ ଖୁରିପାଣି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ତୀର୍ଥ ଧରୁଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ରେଙ୍ଗାଲି ସରପଞ୍ଚ ଉମାକାନ୍ତ ମେହେର ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ରୂପେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ରଦେବ ଷଡଙ୍ଗୀ ସମ୍ମାନୀତ ଅତିଥି ରୂପେ ପ୍ରଫୁଲ୍ଲ ବିଶି, ଗୋଲାପ ବିଶି, ବୃନ୍ଦାବନ ଧରୁଆ ପ୍ରମୁଖ ଯୋଗଦେଇ ପ୍ରାଥମିକ ଶିକ୍ଷା ହିଁ ଶିକ୍ଷାର ମୂଳଦୁଆ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ର ଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ର ଛାତ୍ରୀ, ବିଦ୍ୟାଳୟ ପରିଚାଳନା ସଭାପତି, ସଭ୍ୟସଭ୍ୟା, ଅଭିଭାବକ ଉପସ୍ଥିତ ଥିଲେ। ଶିକ୍ଷକ ବିନୋଦ ଛୁରା ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଶଶୀକାନ୍ତ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ କର୍ମଶାଳା

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ): ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ଠାରେ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲ୍ଲା ଜରୁରୀକାଳୀନ ବିଭାଗ ଆନୁକୂଲ୍ୟରେ ସମ୍ଭାବ୍ୟ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଲିଙ୍ଗଗତ ସମସ୍ୟାର ସମାଧାନ ଦିଗରେ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶଙ୍କ ଅଧକ୍ଷତା କରି ସମ୍ଭାବ୍ୟ ଯେକୌଣସି ବିପର୍ଯ୍ୟୟର ମୁକାବିଲା ଓ ପରିଚାଳନା କ୍ଷେତ୍ରରେ ପୁରୁଷ, ମହିଳା ଓ ତୃତୀୟ ଲିଙ୍ଗଙ୍କୁ ମଧ ସାମିଲ କରି ବିପର୍ଯ୍ୟୟକୁ ମୁକାବିଲା କରିପାରିବା। ସେହିପରି ଯେକୌଣସି ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟର ସଠିକ ମୁକାବିଲା କରିବା ପାଇଁ ସମସ୍ତେ ଏକ ହୋଇ କାର୍ଯ୍ୟ ତୁଲାଇବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି କର୍ମଶାଳାରେ ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ, ତାପସ କୁମାର ସେଠୀ , ସାଧାରଣ ପ୍ରକଳ୍ପ ପରିଚାଳକ, ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ଓଡିଶା, ଆରଣ୍ୟକ ମିଶ୍ର, ଲିଙ୍ଗଗତ ବିଶେଷଜ୍ଞ,ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ଓଡ଼ିଶା ସୁବୋଧ ନାୟକ,ପ୍ରକଳ୍ପ ସଂଯୋଜକ, ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡ଼ିଶା ଓ ଶ୍ରୀକମଳକାନ୍ତ ପଣ୍ଡା, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଗଜପତି ପ୍ରମୁଖ ମଞ୍ଚାସୀନ ରହିଥିଲେ। ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକାରଣରୁ ଆସିଥିବା ରାଜ୍ୟ ପର୍ଯ୍ୟବେକ୍ଷକମାନେ ଜିଲ୍ଲାର ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ଗୋଷ୍ଠୀ ମହିଳା ଓ ଶିଶୁ ବିକାଶ ଅଧିକାରୀମାନଙ୍କୁ ନେଇ ବିପର୍ଯ୍ୟୟ ବିପଦ ହ୍ରାସ ହେଉଛି ଏକ ସଂଗଠିତ ପଦ୍ଧତି ଯାହା ସମ୍ପ୍ରଦାୟକୁ ପ୍ରସ୍ତୁତ କରି ବିପଦର ପ୍ରତିକୂଳ ପ୍ରଭାବକୁ ପ୍ରତିହିତ କରିବା ପାଇଁ ସମ୍ପ୍ରଦାୟ ଓ ଶାସନକୁ ସୁଦୃଢ କରି ବିପର୍ଯ୍ୟୟ ପ୍ରଭାବକୁ ହ୍ରାସ କରିବା ଏହାର ଉଦ୍ଦେଶ୍ୟ ଅଟେ। ଏହି କର୍ମଶାଳାରେ ସମ୍ଭାବ୍ୟ ବିପର୍ଯ୍ୟୟର ମୁକାବିଲା ଓ ପରିଚାଳନା ଦିଗରେ ଅଗ୍ନିଶମ, ପୋଲିସ ଏବଂ ଓଡ୍ରାଫର ଭୂମିକା ସମ୍ପର୍କରେ ବିଭାଗୀୟ ଅଧିକାରୀ ମାନେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ସମସ୍ତ ସିଡ଼ିପିଓ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଧାନ ଶିକ୍ଷକମାନଙ୍କ ବ୍ଲକସ୍ତରୀୟ ମାସିକ ବୈଠକ




ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ) : ଲକ୍ଷ୍ମୀପୁର ବ୍ଲକ ସ୍ଥିତ ୟୁଏନ ରାଜୁ ବାଳିକା ବିଦ୍ୟାଳୟ ଠାରେ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କର ୧୫ତମ ବ୍ଲକସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବିଭୁତି ଭୂଷଣ ଟାକ୍ରୀଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକରେ ଥିବା ୧୫ ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟତ୍ରୀ ମାନେ ଯୋଗ ଦେଇ ନିଜ ନିଜ ବିଦ୍ୟାଳୟର କାର୍ଯ୍ୟସୂଚୀ ଉପରେ ଆଲୋଚନା କରିଥିଲେ ।ଏଥିରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାବତୋଷ ସ୍ୱାଇଁ ଯୋଗ ଦେଇ ବ୍ଲକରେ ଥିବା ଛାତ୍ରୀ ନିବାସ ଗୁଡିକର ସୁରକ୍ଷା ବ୍ୟବସ୍ଥା କୁ ନେଇ ମଧ ଆଲୋଚନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣାମଣୀ ଖିଲୋ ଏହାର ପରିଚାଳନା ଦାୟିତ୍ୱ ତୁଲାଇ ଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ବିଜ୍ଞାନ ଶିକ୍ଷକ ପ୍ରେମଜୀତ ଗରଡ଼ା ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳା ଦିବସ ପାଳିତ

ନବରଙ୍ଗପୁର (ଭାସ୍କର ନ୍ୟୁଜ) : ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଦେଢମାସ ବ୍ୟାପି ଲିଙ୍ଗଗତ ସମାନତା ପାଇଁ ଚାଲିଥିବା ସଚେତନ କାର୍ଯ୍ୟକ୍ରମ ମଧରେ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ଓ ସମାଜ କଲ୍ୟାଣ ବିଭାଗ ତରଫରୁ ମିଶନ ଶକ୍ତି ସଭାଗୃହଠାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି । ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ । ମାନ୍ୟବର ମନ୍ତ୍ରୀ ମହିଳା ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିବା ସହିତ ରାଷ୍ଟ୍ରର ବିକାଶରେ ମହିଳାମାନଙ୍କର ଭୂମିକା ଓ ମହିଳା ସଶକ୍ତିକରଣ ଉପରେ ଆଲୋକପାତ କରିଥିଲେ ।

କୁଚିଣ୍ଡା (ଭାସ୍କର ନ୍ୟୁଜ) : ଉପଖଣ୍ଡ ଶାଖା ଏକଲ ଅଭିଯାନ ପକ୍ଷରୁ ଆଦିବାସୀ ଭବନର ସଭା କକ୍ଷରେ ଉପଖଣ୍ଡସ୍ତରୀୟ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି । ନାରୀ ନେତ୍ରୀ କ୍ଷିତିପ୍ରଭା ବାଘ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ସମାଜସେବୀ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି , ଏକଲ ଅଭିଯାନର ସଂଯୋଜକ ଜୟ ପ୍ରକାଶ ଗୁପ୍ତା ,ଜିଲ୍ଲା ପ୍ରମୁଖ ପ୍ରଦୀପ ପାଣି ସମ୍ମାନିତ ଅତିଥି ଓ ନାରୀ ନେତ୍ରୀ ପାର୍ଥବି କିଶାନ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଲିଙ୍ଗଗତ ସମାନତା, ନାରୀ ଅଧିକାର ଓ ନାରୀ କୁ ସମ୍ମାନ ଦେବାକୁ ହେବା ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ କୁଚିଣ୍ଡା ଉପଖଣ୍ଡରେ ଚାଲିଥିବା ପଚାଶଟି ଏକଲ ବିଦ୍ୟାଳୟର ଗୋଷ୍ଠୀ ଶିକ୍ଷୟିତ୍ରୀ ଓ ସହାୟିକା ଗଣ ଅଂଶଗ୍ରହଣ କରିଥିବାବେଳେ ସ୍ଥାନୀୟ ନର୍ସିଂ କଲେଜ ର ଛାତ୍ରୀ ଗଣ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ।

ବେଲପାହାଡ(ଭାସ୍କର ନ୍ୟୁଜ) : ଝାରସୁଗୁଡ଼ା ଜିଲା ବେଲପାହାଡ଼ ବୃକ୍ଷର ବନ୍ଧୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ମିରର୍ ଥିଏଟର୍ ମଞ୍ଚରେ ଶନିବାର ସନ୍ଧ୍ୟାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରକୃତି ଓ ପରିବେଶ ସୁରକ୍ଷା ତଥା ବୃକ୍ଷରୋପଣ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ମୋଟ ୨୨ ଜଣ ମହିଳାଙ୍କୁ 'ପ୍ରକୃତି ରାଣୀ' ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବେଲପାହାଡ଼ ଥାନା ସବ୍‌ଇନ୍ସପେକ୍ଟର ଗୀତାଞ୍ଜଳି ମିର୍ଦ୍ଧା, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ମିନତୀ ମହାପାତ୍ର, ସମ୍ମାନିତ ଅତିଥି ଭାବେ ପୌର କାଉନସିଲର ଶକୁନ୍ତଳା ମହନ୍ତ, ବନ ବିଭାଗର ବେଲପାହାଡ଼ ଏଫ୍‌ଏମ୍‌ୟୁ ଟିକେଶ୍ୱରୀ ପଟେଲ, ବେଲପାହାଡ଼ ମେଡିକାଲ ଅଫିସର ପବିତାଞ୍ଜଳୀ ସାହୁ, ମିରର ଥିଏଟର ନିର୍ଦ୍ଦେଶକ ଡ. ସୁବାସ ଚନ୍ଦ୍ର ପ୍ରଧାନ, ସାମାଜିକ କର୍ମୀ ହିତେଶ ଠକ୍କର, ପୌର କର୍ମଚାରୀ ଶୈଳେଶ ବହିଦାର, ଆୟୋଜକ ବୃକ୍ଷର ବନ୍ଧୁର ସଭାପତି ଜେନାମଣି ସେଠ ପ୍ରମୁଖ ସାମିଲ ରହି ମହିଳାମାନଙ୍କ ଉଚ୍ଚ ଶିକ୍ଷିତ, ସୁରକ୍ଷା, ଅଧିକାର, ସମ୍ମାନ, ସ୍ୱାବଲମ୍ବୀ ହେବା, ମହିଳା ସଶକ୍ତିକରଣ ଆଦି ସମ୍ପର୍କରେ ଆଲୋକପାତ କରିଥିଲେ।




# ୬ ମହିଳା ନେତ୍ରୀ ସମ୍ବର୍ଦ୍ଧିତ




ମୁରିବାହାଲ (ଭାସ୍କର ନ୍ୟୁଜ) : ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ଗ୍ରାମ ପଞ୍ଚାୟତ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଜନମୁକ୍ତି ଅନୁଷ୍ଠାନ ଦ୍ୱାରା ଅନ୍ତର୍ଜାତୀୟ ମହିଳା ଦିବସ ମହାସମାରୋହରେ ଶନିବାର ପାଳିତ ହୋଇଯାଇଛି। ଜନମୁକ୍ତି ଅନୁଷ୍ଠାନ ସମ୍ପାଦକ ଭଜରାମ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ରିଲାଏନ୍ସ ଫାଉଣ୍ଡେସନ ସହାୟତାରେ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ହଳଦୀ ଗ୍ରାମ ପଞ୍ଚାୟତ ସରପଞ୍ଚ ସୌମିନା ସେଠ ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ଭଗବାନ ମହାନ୍ତି, ରିଲାଏନ୍ସ ଫାଉଣ୍ଡେସନର ଟ୍ରଷ୍ଟ ପ୍ରୋଗ୍ରାମ ମ୍ୟାନେଜର ରାଜିନ୍ଦର ସିଂ, ରିଲାଏନ୍ସ ଫାଉଣ୍ଡେସନର ଅସିତ ପୁରୋହିତ, ରମଣୀ ରଞ୍ଜନ ସେଠି, ପିୟୁରାଣୀ ମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ କଣ୍ଟାବାଞ୍ଜି ଭୋକେସନାଲ ମହାବିଦ୍ୟାଳୟର ଓଡିଆବିଭାଗ ପିଜି ଛାତ୍ରୀ ନିହାରୀକା କର୍ମ ବକ୍ତା ରୂପେ ମଞ୍ଚାସୀନ ଥିଲେ । ଉପସ୍ଥିତ ମହିଳା ସଦସ୍ୟାମାନେ ତାଙ୍କ ସଂଘର୍ଷ କାହାଣୀ, ଜୀବିକା ଓ ଆର୍ଥିକ ଅଭିବୃଦ୍ଧିରେ ତାଙ୍କ ଭାଗିଦାରିତା,ମହିଳାମାନଙ୍କ ଅଧିକାର, ସ୍ୱାଭିମାନ ଓ ସମାନତା, ଝିଅ ଓ ମହିଳାମାନଙ୍କ ମୌଳିକ ସମସ୍ୟା, ସମାଜ ଗଠନରେ ନାରୀର ଭୂମିକା ଆଦି ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ୬ଜଣ ମହିଳା ନେତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଚିତ୍ର ଲେଖା ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ କିରଣ ଜାଲ ଧନ୍ୟବାଦ ଅର୍ପଣ କରିଥଲେ।

# ସୁଭଦ୍ରା ଦ୍ୱିତୀୟ କିସ୍ତି ପ୍ରଦାନ

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ) : ଗଜପତି ଜିଲ୍ଲା ସଦରମହକୁମା ଗଜପତି ଷ୍ଟାଡିୟମ ଠାରେ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସୁଭଦ୍ରା ଦ୍ୱିତୀୟ କିସ୍ତି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ. ଶ୍ରୀଯୁକ୍ତ ବିଜୟ କୁମାର ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଯତୀନ୍ଦ୍ର କୁମାର ପଣ୍ଡା, ଆରକ୍ଷୀ ଅଧିକ୍ଷକ ଗଜପତି, ପୃଥ୍ୱୀରାଜ ମଣ୍ଡଳ, ଭାରପ୍ରାପ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି, ଅନୁପ ପଣ୍ଡା, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି, ଏମ୍. ସୁଧାରାଣୀ, ଅଧକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ କାଶୀନଗର,ମନୋରମା ଦେବୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗଜପତି , ଲକ୍ଷ୍ମଣ ମୁର୍ମୁ, ନିର୍ବାହୀ ଅଧିକାରୀ ପୌରପରିଷଦ ପାରଳାଖେମୁଣ୍ଡି, ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ସଂସ୍କୃତି ଅଧିକାରୀ ଗଜପତି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରକଳ୍ପ ପରିଚାଳକ, ଓଡ଼ିଶା ଜୀବିକା ମିଶନ ତଥା ମିଶନ ଶକ୍ତି ଟିମନ ବାରା, ଜିଲ୍ଲା ଶିକ୍ଷ ପରିଚାଳକ ସୁନାରାମ ସିଂ, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର କର୍ମଚାରୀ ସାରଳା ପାତ୍ର ଓ ମନୋଜ କୁମାର ପଣ୍ଡା ସମେତ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବହୁ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ପରେ ପରେ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ପରିସମାପ୍ତି ପରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ ହୋଇଥିଲା ।



ମୁମ୍ବଇ : ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ) ଏବଂ ଭାରତୀୟ ତଟରକ୍ଷୀ ବାହିନୀ (ଆଇସିଜି)ଙ୍କୁ ମିଳିତ ଅପରେସନରେ ଏକ ଉଲ୍ଲେଖନୀୟ ସଫଳତା ମିଳିଛି। ଅଧିକାରୀମାନେ ମାଳଦ୍ୱୀପ ଅଭିମୁଖେ ଯାଉଥିବା ଏକ ଟଗ୍ ବାର୍ଜ ଜାହାଜରୁ ୨୯.୭୫୪ କିଲୋଗ୍ରାମ ହସିସ୍ ତେଲ ଜବତ କରିଥିଲେ। ଯାହାର ଆନ୍ତର୍ଜାତିକ ବଜାରରେ ମୂଲ୍ୟ ୩୨.୯୪ କୋଟି ଟଙ୍କା ଥିଲା। ତାମିଲନାଡୁର ଥୁଥୁକୁଡି ଜିଲ୍ଲାରେ ଥିବା ତୁତିକୋରିନର ଏକ ଗାଙ୍ଗ ଏକ ଟଗ୍ ବାର୍ଜ ଜାହାଜରେ ସମୁଦ୍ର ମଝିରେ ହାଶିଶ ତେଲ ବୋଝେଇ କରିବା ନେଇ ଡିଆରଆଇ ଅଧିକାରୀଙ୍କୁ ଏକ ନିର୍ଦ୍ଦିଷ୍ଟ ସୂଚନା ମିଳିଥିଲା। ଡିଆରଆଇଙ୍କ ନିର୍ଦ୍ଦେଶକ୍ରମେ ଭାରତୀୟ ତଟରକ୍ଷୀ ବାହିନୀ ୫ ମାର୍ଚ୍ଚ ୨୦୨୫ରେ କନ୍ୟାକୁମାରୀ ଉପକୂଳରେ ସମୁଦ୍ରରେ ଜାହାଜକୁ ଅଟକାଇଥିଲା ଏବଂ ମାର୍ଚ୍ଚ ୭ ରେ ତୁତିକୋରିନ ନୂତନ ବନ୍ଦରରେ ଅବତରଣ କରିଥିଲା। ଡିଆରଆଇ ଟିମ୍ ଏହି ନିଶା କାରବାର ପଛରେ ଥିବା ମୁଖ୍ୟ ଅଭିଯୁକ୍ତ ଏବଂ ତା'ର ସହଯୋଗୀଙ୍କୁ ଧରିଥିଲା। ଏହାବ୍ୟତୀତ ଏହି ଗାଙ୍ଗ ସହ ଜାହାଜର ଲୋକେସନ ସେୟାର କରିଥିବା କ୍ରୁ ମେମ୍ବରଙ୍କୁ ମଧ୍ୟ ଗିରଫ କରାଯାଇଛି

# ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଯୋଗୀ: କ୍ୟାବିନେଟ୍ ବୃଦ୍ଧି ନେଇ ଆଲୋଚନା



ଲକ୍ଷ୍ନୌ: ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରବିବାର ରାଜଧାନୀ ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ମହାକୁମ୍ଭ ସମାପ୍ତ ହେବା ପରେ ଏହା ମୁଖ୍ୟମନ୍ତ୍ରୀ ଯୋଗୀ ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ମଧ୍ୟରେ ପ୍ରଥମ ଆନୁଷ୍ଠାନିକ ସାକ୍ଷାତ। ଏହି ବୈଠକରେ ରାଜ୍ୟ ସହ ଜଡ଼ିତ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ସୂଚନାନୁଯାୟୀ, ୟୁପିରେ ସମ୍ଭାବ୍ୟ କ୍ୟାବିନେଟ ବିସ୍ତାର ଏବଂ ସଂଗଠନ ନିର୍ବାଚନ ଏବଂ ରାଜ୍ୟରେ ହେବାକୁ ଥିବା ନିଯୁକ୍ତି ବିଷୟରେ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀ ମୋଦି ଏବଂ ମୁଖ୍ୟମନ୍ତ୍ରୀ ଯୋଗୀଙ୍କ ମଧ୍ୟରେ ହୋଇଥିବା ବୈଠକରେ ମହାକୁମ୍ଭର ବିଭିନ୍ନ ଦିଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ଯୋଗୀ ମଧ୍ୟ ୮ ମାର୍ଚ୍ଚ ଶନିବାର ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡାଙ୍କୁ ଭେଟିଥିଲେ। ଯଦି ସୂତ୍ରଗୁଡ଼ିକୁ ବିଶ୍ୱାସ କରାଯାଏ, ତେବେ ନଡ୍ଡାଙ୍କ ସହ ବୈଠକରେ ଏହି ପ୍ରସଙ୍ଗଗୁଡ଼ିକ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ୟୁପିରେ କ୍ୟାବିନେଟରେ ବର୍ତ୍ତମାନ ୬ ଜଣ ମନ୍ତ୍ରୀଙ୍କ ପଦବୀ ଖାଲି ପଡ଼ିଛି। ଏହାକୁ ନେଇ ୟୁପି ଭାଜପା ଏବଂ ହାଇକମାଣ୍ଡଙ୍କ ମଧ୍ୟରେ ଆଲୋଚନା ଚାଲିଛି। ସୂତ୍ର ଅନୁସାରେ, ବର୍ତ୍ତମାନର ୟୁପି ଭାଜପା ଅଧ୍ୟକ୍ଷ ଭୂପେନ୍ଦ୍ର ସିଂହ ଚୌଧୁରୀଙ୍କୁ ଯୋଗୀ କ୍ୟାବିନେଟରେ ସ୍ଥାନ ମିଳିପାରେ। ଏହା ବ୍ୟତୀତ ବିଭିନ୍ନ କମିଶନରେ ନେତାଙ୍କ ସମାୟୋଜନ ସମ୍ପର୍କରେ ମଧ୍ୟ ସାଂଗଠନିକ ଆଲୋଚନା ଚାଲିଛି। କ୍ୟାବିନେଟ ସମ୍ପ୍ରସାରଣ ବ୍ୟତୀତ, ୟୁପି ଭାଜପା ସଭାପତିଙ୍କ ନାମ ମଧ୍ୟ ଘୋଷଣା ହେବାକୁ ଯାଉଛି। କିଛି ନାମ ମଧ୍ୟ ଦୌଡ଼ରେ ଅଛନ୍ତି।

# ମଣିପୁରରେ ହିଂସା: ୧ ମୃତ, ୨୭ ଆହତ

ଇମ୍ଫାଲ୍: ପ୍ରାୟ ଦୁଇ ବର୍ଷ ପରେ କୁକି ଏବଂ ମୈତେଇ ବହୁଳ ଅଞ୍ଚଳରେ ମୁକ୍ତ ଯାତାୟାତ ଆରମ୍ଭ ହେବା ମାତ୍ରେ ମଣିପୁରରେ ପୁଣି ହିଂସା ଦେଖାଦେଇଛି । କୁକି ସମ୍ପ୍ରଦାୟର ଆକ୍ରମଣରେ ଜଣଙ୍କର ମୃତ୍ୟୁ ହେବା ସହ ୨୭ ଜଣ ସୁରକ୍ଷା କର୍ମଚାରୀ ଆହତ ହୋଇଛନ୍ତି । ଇମ୍ଫାଲ-ଦିମାପୁର ରାଜରାସ୍ତାରେ ଏହି ଘଟଣା ଘଟିଥିବା କୁହାଯାଉଛି। ତେବେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ମଣିପୁରରେ ଅବାଧ ବିଚରଣ ଉପରେ ଲାଗିଥିବା ରୋକ ରବିବାର ହଟାଇବା ପରେ ଏହି ଘଟଣା ଘଟିଛି । ଶନିବାର ଇମ୍ଫାଲ, ଚୁରାଚାନ୍ଦପୁର, କାଙ୍ଗପୋକପି, ବିଷ୍ଣୁପୁର ଏବଂ ସେନାପତିକୁ ସଂଯୋଗ କରୁଥିବା ରାସ୍ତାରେ ବସ୍ ଚଳାଚଳ ଆରମ୍ଭ ହେବା ମାତ୍ରେ କୁକି ସମ୍ପ୍ରଦାୟର ଲୋକମାନେ ବିରୋଧ କରିବା ଆରମ୍ଭ କରିଦେଲେ। ଉତ୍ତ୍ୟକ୍ତ ଲୋକମାନେ ଏକ ବସ କୁ ରାସ୍ତାରେ ଅଟକାଇବା ସହ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଏହି ଘଟଣା ସମ୍ପର୍କରେ ସୂଚନା ପାଇ ସୁରକ୍ଷା କର୍ମିମାନେ ଘଟଣାସ୍ଥଳରେ ପହଞ୍ଚିବା ସହ ଆନ୍ଦୋଳନକାରୀଙ୍କୁ ନିୟନ୍ତ୍ରଣ କରିବାକୁ ତାଙ୍କ ଉପରେ ଟିୟର ବା ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲେ ।



# ଟ୍ରମ୍ପଙ୍କ ଉପରେ ବର୍ଷିଲେ ବାବା ରାମଦେବ



ନାଗପୁର: ଯୋଗ ଗୁରୁ ଓ ପତଞ୍ଜଳିର ସହ ସଂସ୍ଥାପକ ବାବା ରାମଦେବ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ଖୁବ୍ ବର୍ଷିଛନ୍ତି। ସେ ଟ୍ରମ୍ପଙ୍କ ଉପରେ ଗରିବ ଓ ବିକାଶଶୀଳ ଦେଶଙ୍କୁ ଡରାଇବା ଓ ଟାରିଫ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବାର ଅଭିଯୋଗ କରିଛନ୍ତି। ମହାରାଷ୍ଟ୍ରର ନାଗପୁରରେ ରବିବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ବାବା ରାମଦେବ କହିଛନ୍ତି ଯେ, ଆଜି ବିଶ୍ୱରେ ବୌଦ୍ଧିକ ଉପନିବେଶବାଦର ନୂଆ ଯୁଗ ଆରମ୍ଭ ହୋଇଛି। ଯେବେଠୁ ଡୋନାଲ୍ଡ ଟ୍ରମ୍ପ ଶାସନକୁ ଆସିଛନ୍ତି ସେ ଟାରିଫ ଆତଙ୍କବାଦର ନୂଆ ରେକର୍ଡ କରିଛନ୍ତି। ରାମଦେବ କହିଛନ୍ତି ଟାରିଫ ଧମକ ଦେଇ ଟ୍ରମ୍ପ ଗରିବ ଓ ବିକାଶଶୀଳ ଦେଶଙ୍କୁ ଧମକାଇ ଗଣତନ୍ତ୍ରକୁ ଦୁର୍ବଳ କରୁଛନ୍ତି। ଏହା ଆର୍ଥିକ ଆତଙ୍କବାଦ ବୋଲି ସେ କହିଛନ୍ତି। ରାମଦେବ କହିଛନ୍ତି ଯେ ବିଶ୍ୱକୁ ବିନାଶ ଦିଗରେ ନେଇଯିବାକୁ ଷଡ଼ଯନ୍ତ୍ର କରାଯାଉଛି। ଏଣୁ ଭାରତକୁ ମଜଭୁତ ହେବାକୁ ପଡିବ। ସବୁ ଭାରତୀୟଙ୍କୁ ଏକଜୁଟ ହୋଇ ବିନାଶକାରୀ ଶକ୍ତିଙ୍କ ଜବାବ ଦେବାକୁ ପଡିବ। ଡୋନାଲ୍ଡ ଟ୍ରମ୍ପ ଶାସନକୁ ଆସିବା ପରେ ଆମେରିକା ୩ ବ୍ୟବସାୟୀକ ପାର୍ଟନର ମେକ୍ସିକୋ, କାନାଡା ଓ ଚୀନରୁ ଆସୁଥିବା ଉତ୍ପାଦ ଉପରେ ଆମଦାନୀ କର ଲଗାଇ ଦେଇଛନ୍ତି। ତେବେ ଆଲୋଚନା ପରେ ମେକ୍ସିକୋ ଓ କାନାଡାଙ୍କୁ ଟ୍ରମ୍ପ ଏଥିରୁ ମାସକ ନିମନ୍ତେ ଛାଡ କରିଛନ୍ତି। ତେବେ ୨ ଏପ୍ରିଲରୁ ପୁଣି ଥରେ ରେସିପ୍ରୋକାଲ ଟାରିଫ ଲାଗୁ ନିମନ୍ତେ ଯୋଜନା ହେଉଛି। ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ଯୋଗୁ ବୈଶ୍ୱିକ ଆର୍ଥିକ ବଜାରରେ ଏବେ ଅନିଶ୍ଚିତତା ବଢି ଯାଇଛି। ଭାରତ ସମେତ ଅନେକ ଦେଶର ବଜାର ଅସ୍ଥିର ହୋଇପଡିଛି। ଏହି କାର୍ଯ୍ୟକ୍ରମରେ ବାବା ରାମଦେବ ଆମେରିକାର କାଲିଫର୍ଣ୍ଣିଆରେ ହିନ୍ଦୁ ମନ୍ଦିରରେ କରାଯାଇଥିବା ଭଙ୍ଗାରୁଜାକୁ ବିରୋଧ କରିଛନ୍ତି। ସେ କହିଛନ୍ତି ଭାରତକୁ ଧାର୍ମିକ ଆତଙ୍କବାଦ ରୋକିବା ଲାଗି ପଦକ୍ଷେପ ନେବା ଉଚିତ।

# ଏମ୍ସରେ ଭର୍ତ୍ତି ହେଲେ ଉପରାଷ୍ଟ୍ରପତି



ନୂଆଦିଲ୍ଲୀ: ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ବିଗିଡି ଯିବା ଫଳରେ ଶନିବାର ବିଳମ୍ବିତ ରାତିରେ ତାଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିଲା। ରାତିରେ ଶୋଇବା ସମୟରେ ସେ ଅସ୍ଥିରତା ଏବଂ ଛାତିରେ ଯନ୍ତ୍ରଣା ଅନୁଭବ କରୁଥିବା କୁହାଯାଉଛି। ହସ୍ପିଟାଲ ସୂତ୍ରରୁ ଜଣାପଡ଼ିଛି ଯେ, ୭୩ ବର୍ଷୀୟ ଉପରାଷ୍ଟ୍ରପତିଙ୍କୁ ରବିବାର ସକାଳେ ଏମ୍ସରେ ହାର୍ଟରୋଗ ବିଭାଗରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ତାଙ୍କ ଅବସ୍ଥା ସ୍ଥିର ଅଛି ଏବଂ ତାଙ୍କୁ ପର୍ଯ୍ୟବେକ୍ଷଣରେ ରଖାଯାଇଛି। ଏମ୍ସର ହାର୍ଟରୋଗ ବିଭାଗର ମୁଖ୍ୟ ଡାକ୍ତର ରାଜୀବ ନାରଙ୍ଗଙ୍କ ତତ୍ତ୍ୱାବଧାନରେ ଉପରାଷ୍ଟ୍ରପତିଙ୍କ ଚିକିତ୍ସା କରାଯାଉଛି। ତାଙ୍କୁ କ୍ରିଟିକାଲ କେୟାର ୟୁନିଟ୍ (ସିସିୟୁ)ରେ ରଖାଯାଇଛି। ସେହି ସମୟରେ ଡାକ୍ତରଙ୍କ ଦଳ ତାଙ୍କ ଅବସ୍ଥା ଉପରେ ନିରନ୍ତର ନଜର ରଖିଛନ୍ତି। ଉପରାଷ୍ଟ୍ରପତି ଜଗଦୀପଙ୍କୁ ସକାଳେ ଏମ୍ସ ଦିଲ୍ଲୀର ହାର୍ଟରୋଗ ବିଭାଗରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅବସ୍ଥା ସ୍ଥିର ଅଛି। ତାଙ୍କର ଚିକିତ୍ସା ଚାଲିଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ମଧ୍ୟ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରିବା ପାଇଁ ଏମ୍ସରେ ପହଞ୍ଚିଛନ୍ତି, ଯାହା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଖୁବ୍‌ଶୀଘ୍ର ସୂଚନା ମିଳିବ ବୋଲି ଆଶା କରାଯାଉଛି। ଏହି ଅଞ୍ଚଳ ପାଇଁ ଏକ ମେଡିକାଲ ବୋର୍ଡ ଗଠନ କରାଯାଇଥିଲା, ଯେଉଁଥିରେ ବିଭିନ୍ନ ବିଶେଷଜ୍ଞ ଡାକ୍ତରଙ୍କ ଏକ ସ୍ୱତନ୍ତ୍ର ଦଳ ମଧ୍ୟ ଗଠନ କରାଯାଇଛି।

## ୩୦ରେ ଛତିଶଗଡ ଆସିବେ ପ୍ରଧାନମନ୍ତ୍ରୀ

# ଉପମୁଖ୍ୟମନ୍ତ୍ରୀ ଅରୁଣ ସାଏଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ



ରାୟପୁର : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୩୦ ତାରିଖରେ ଛତିଶଗଡର ବିଳାସପୁରକୁ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଏଥିନେଇ ଛତିଶଗଡ ସରକାରଙ୍କ ପକ୍ଷରୁ ଜୋରଦାର ପ୍ରସ୍ତୁତିପର୍ବ ଚାଲୁ ରହିଛି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବିର୍ଲାର ମୋହଭଟ୍ଟା ଗ୍ରାମରେ ଏକ ଜନସଭାରେ ଯୋଗଦେବେ। ଏଥିପାଇଁ କେନ୍ଦ୍ର ଆବାସ ଓ ସହରୀ କାର୍ଯ୍ୟ ରାଜ୍ୟ ମନ୍ତ୍ରୀ ଚୋଖନ ସାହୁ ଏବଂ ଉପମୁଖ୍ୟମନ୍ତ୍ରୀ ଅରୁଣ ସାଏ ରବିବାର ସଭାସ୍ଥଳକୁ ଯାଇ ସମସ୍ତ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଦୁଇ ମନ୍ତ୍ରୀ ପ୍ରଶାସନିକ ଅଧିକାରୀମାନଙ୍କ ସହ ପ୍ରସ୍ତୁତି ସଂପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ବିଧାୟକ ଧରମଲାଲ କୌଶିକ, ଧରମଜିତ୍ ସିଂ, ସୁଶାନ୍ତ ଶୁକ୍ଳା, ପୂଜା ବିଧାନି, ପଞ୍ଚାୟତ ଏବଂ ଗ୍ରାମୀଣ ବିକାଶ ସଚିବ ଭୀମ ସିଂ, ଆଇଜି ସଞ୍ଜୀବ ଶୁକ୍ଳା, ଜିଲ୍ଲାପାଳ ଅବିନାଶ ଶରଣ ଏବଂ ଏସ୍‌ପି ରଜନୀ ସିଂ ପ୍ରମୁଖ ଉପସ୍ଥିତ ଥାଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଉପସ୍ଥିତ ଥିବା ଦୁଇ ମନ୍ତ୍ରୀ ସୁରକ୍ଷା ବ୍ୟବସ୍ଥା ସହ ଯେପରି ସୁରୁଖୁରୁରେ ଏହି ସଭା ପରିଚାଳନା ହୋଇପାରିବ ସେ ନେଇ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପୋଲିସ ପ୍ରଶାସନ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିଥିବା ମଧ୍ୟ ଦୁଇ ମନ୍ତ୍ରୀ କହିଥିଲେ। ସଭାସ୍ଥଳର ମଞ୍ଚ, ବୈଠକ ବ୍ୟବସ୍ଥା, ବାରିକେଡ, ପ୍ରଦର୍ଶନୀସ୍ଥଳ, ପାର୍କିଂ ବ୍ୟବବସ୍ଥା ଇତ୍ୟାଦି ନେଇ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା।

# ଗଙ୍ଗା ଜଳକୁ ଛୁଇଁ ପାରିବିନି କି ପିଇପାରିବିନି : ରାଜ ଠାକ୍‌ରେ



ପୁନେ: ଅତୁଆରେ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ମୁଖ୍ୟ ରାଜ ଠାକରେ। ସେ ଉତ୍ତର ପ୍ରଦେଶର ପ୍ରୟାଗରାଜରେ ସଦ୍ୟ ସମାପ୍ତ ମହାକୁମ୍ଭ ସମ୍ପର୍କରେ ଏକ ବିବାଦୀୟ ବୟାନ ଦେଇଛନ୍ତି। ଯାହାକୁ ନେଇ ରାଜନୀତିରେ ଚର୍ଚ୍ଚା ଜୋର ଧରିଛି। ପୁନେର ପିମ୍ପରି ଚିଞ୍ଚୱାଡରେ ଏମଏନଏସର ୧୯ତମ ପ୍ରତିଷ୍ଠା ଦିବସରେ କର୍ମୀମାନଙ୍କୁ ସମ୍ବୋଧିତ କରି ସେ କହିଥିଲେ ଯେ, ଗଙ୍ଗା ଜଳକୁ ସେ ଛୁଇଁପାରିବେ ନାହିଁ କିମ୍ବା ପିଇପାରିବେ ନାହିଁ କାରଣ ଏତେ ଲୋକ ସ୍ନାନ କରିବା ପରେ ଏହା ସଫା ହୋଇପାରିବ ନାହିଁ। ଠାକରେ କହିଥିଲେ, ମୁଁ ଗଙ୍ଗାର ମଇଳା ପାଣିକୁ ଛୁଇଁ ପାରିବି ନାହିଁ ଯେଉଁଠାରେ କୋଟି କୋଟି ଲୋକ ସ୍ନାନ କରିଛନ୍ତି। ସେ ପ୍ରଶ୍ନ ଉଠାଇଥିଲେ, ଯଦି ଲୋକମାନେ ସେମାନଙ୍କର ପାପର ପ୍ରାୟଶ୍ଚିତ ପାଇଁ ଗଙ୍ଗାରେ ସ୍ନାନ କରିବାକୁ ପ୍ରୟାଗରାଜ ଯାଆନ୍ତି, ତେବେ କ'ଣ ସେମାନେ ପ୍ରକୃତରେ ସେମାନଙ୍କର ପାପରୁ ମୁକ୍ତ ହୋଇପାରିବେ ? ଏହି ସମୟରେ ରାଜ ଠାକରେ ଏହା ମଧ୍ୟ କହିଥିଲେ ଯେ ଯଦି ଏତେ ଲୋକ ଗଙ୍ଗା ଜଳରେ ସ୍ନାନ କରିଛନ୍ତି ତେବେ ଏହି ପାଣି ସଫା ହୋଇପାରିବ ନାହିଁ । ରାଜ ଠାକରେ ଗଙ୍ଗା ପ୍ରଦୂଷଣ ଉପରେ କଟାକ୍ଷ କରି କହିଥିଲେ, ଆମ ଦେଶର କୌଣସି ନଦୀ ସଫା ନାହିଁ, ତଥାପି ଆମେ ଏହି ନଦୀଗୁଡ଼ିକୁ ମାତା ବୋଲି ମାନିଥାଉ । ବିଦେଶରେ ନଦୀଗୁଡ଼ିକ ସଫା, କିନ୍ତୁ ସେଠାରେ ନଦୀଗୁଡ଼ିକୁ ମାତା ଭାବରେ ବିବେଚନା କରାଯାଏ ନାହିଁ । ଆମ ଦେଶରେ ଲୋକମାନେ ନଦୀରେ ସ୍ନାନ କରନ୍ତି, ପୋଷାକ ଧୋଇଥାନ୍ତି ଏବଂ ଯାହା ଇଚ୍ଛା କରନ୍ତି ତାହା କରନ୍ତି। ସେ ଆହୁରି କହିଛନ୍ତି, ରାଜୀବ ଗାନ୍ଧୀଙ୍କ ସମୟରୁ ମୁଁ ଶୁଣୁଛି ଯେ ଗଙ୍ଗା ସଫା ହେବ, ରାଜ କପୁର ଏହା ଉପରେ ଏକ ଫିଲ୍ମ ମଧ୍ୟ ତିଆରି କରିଥିଲେ, କିନ୍ତୁ ଆଜି ପର୍ଯ୍ୟନ୍ତ ଗଙ୍ଗା ସଫା ହୋଇନାହିଁ। ଆପଣଙ୍କୁ କହିରଖୁଛୁ ଯେ ପ୍ରୟାଗରାଜରେ ଦେଢ଼ ମାସ ଧରି ମହାକୁମ୍ଭରେ ୬୬ କୋଟିରୁ ଅଧିକ ଲୋକ ସ୍ନାନ କରିଥିଲେ । ଏହା ଏକ ବିଶ୍ୱ ରେକର୍ଡ । ଏପର୍ଯ୍ୟନ୍ତ ବିଶ୍ୱର କୌଣସି କାର୍ଯ୍ୟକ୍ରମରେ ଏତେ ଲୋକ ଏକାଠି ହୋଇନାହାଁନ୍ତି ।

# ବାଣିଜ୍ୟ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଅନ୍ତର୍ଜାତୀୟ ମହିଳା ଦିବସରେ ସୁନା ଦରରେ ବଡ଼ ଧରଣର ବୃଦ୍ଧି ଦେଖିବାକୁ ମିଳିଛି। ଭୁବନେଶ୍ୱର ବଜାରରେ ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ୍ ପିଛା ୫୫୦ ଟଙ୍କା ବୃଦ୍ଧି ପାଇ ୮୭,୭୧୦ ଟଙ୍କାରେ ପହଞ୍ଚିଛି। ସେହିଭଳି ୨୨ କ୍ୟାରେଟ୍ ସୁନା ଦରରେ ୫୦୦ ଟଙ୍କା ବୃଦ୍ଧି ଘଟି ଏହା ୮୦,୪୦୦ ଟଙ୍କାରେ ପହଞ୍ଚିଛି। ଏହା ପୂର୍ବ ଦୁଇ ଦିନ କିନ୍ତୁ ସୁନା ଦର କମିଥିଲା। ତେବେ ଚଳିତ ସପ୍ତାହ ଉପରେ ନଜର ପକାଇଲେ ଜଣାଯାଏ ଯେ ସୁନା ଦର ଏହି ସପ୍ତାହରେ ୩ ଦିନ ବଢ଼ିଛି, ୨ ଦିନ କମିଛି ଏବଂ ୨ ଦିନ ଅପରିବର୍ତ୍ତିତ ରହିଛି। ମଙ୍ଗଳବାର ଦିନ ୨୪ କ୍ୟାରେଟ୍ ସୁନା ଦର ୭୬୦ ଟଙ୍କା ଏବଂ ୨୨ କ୍ୟାରେଟ୍ ସୁନା ଦର ୭୦୦ ଟଙ୍କା ବଢ଼ିଥିଲା। ସେହିଭଳି ବୁଧବାର ଦିନ ଏହି ଦର ଯଥାକ୍ରମେ ୬୦୦ ଟଙ୍କା ଏବଂ ୫୫୦ ଟଙ୍କା ବୃଦ୍ଧି ପାଇଥିଲା। ତେଣୁ ଚଳିତ ସପ୍ତାହରେ ୨୪ କ୍ୟାରେଟ୍ ? ସୁନା ଦର ୧୯୧୦ ଟଙ୍କା ବଢ଼ିଛି। କିନ୍ତୁ ଗୁରୁବାର ଓ ଶୁକ୍ରବାର ଏଥିରେ ୮୨୦ ଟଙ୍କାର ହ୍ରାସ ଘଟିଥିଲା। ଉଭୟ ହ୍ରାସ ଓ ବୃଦ୍ଧିକୁ ବିଚାରକୁ ନେଲେ ଚଳିତ ସପ୍ତାହରେ ସୁନାଦର ୧୦୯୦ ଟଙ୍କା ମହଙ୍ଗା ହୋଇଛି। ସେହିଭଳି ୨୨ କ୍ୟାରେଟ୍ ସୁନା ଦର ୩ ଦିନରେ ୧୭୫୦ ଟଙ୍କା ବଢ଼ିଥିବାବେଳେ ୨ ଦିନରେ ୭୫୦ ଟଙ୍କା କମିଥିଲା।

# ଜେ ଆଣ୍ଡ୍ ଟି ଜେମ୍ସ ଆଣ୍ଡ୍ ଜୁଏଲାରୀର ନୂତନ ସୋରୁମ୍ ଉଦ୍‌ଘାଟିତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଅଗ୍ରଣୀ ଜୁଏଲାରୀ ବ୍ରାଣ୍ଡ୍ ଜେ ଆଣ୍ଡ୍ ଟି ଜେମ୍ସ ଆଣ୍ଡ୍ ଜୁଏଲାରୀ ଏହାର ୫ମ ମେଗା ସୋରୁମ୍ ଭୁବନେଶ୍ୱରର ପଟିଆଠାରେ ଶୁଭାରମ୍ଭ କରିଅଛି। ୬୦୦୦ ବର୍ଗଫୁଟ ପର୍ଯ୍ୟବେସିତ ଏହି ସୋରୁମ୍‌କୁ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ଥାନୀୟ କର୍ପୋରେଟର ମିହିର କୁମାର ରାଉତ, ପ୍ରିତିନନ୍ଦା ରାଉତରାୟ, ମୋନାଲିସା ବେହେରା ଏବଂ ଅମରେଶ ଜେନା ମଧ୍ୟ ଉପସ୍ଥିତ ଥିଲେ। ଏହି ସୋରୁମ୍‌ର ମ୍ୟାନେଜିଂ ଡାଇରେକ୍ଟର ସୁରେଶ କୁମାର ଚୌଧୁରୀ ତାଙ୍କର ଆଗାମୀ ସଂପ୍ରସାରଣ ବିଷୟରେ ସୂଚନା ଦେଇଥିଲେ। ଏଠାରେ ଉଲ୍ଲେଖ୍ୟଯୋଗ୍ୟ ଯେ, ଜେ ଆଣ୍ଡ୍ ଟି ଜେମ୍ ଆଣ୍ଡ୍ ଜୁଏଲାରୀର ଷୋରଗୁଡ଼ିକ ଉତ୍ତମ ଗ୍ରାହକ ସେବା, ଉଚିତ୍ ମୂଲ୍ୟ ଏବଂ ଉତ୍କୃଷ୍ଟ ଡିଜାଇନ୍ ଉପରେ ଗୁରୁତ୍ୱ ଦେଇଥାଏ। ପୂର୍ବରୁ ଜାଗମରା, ମାଷ୍ଟର କ୍ୟାଣ୍ଟିନ୍, ବ୍ରହ୍ମପୁର ଏବଂ ବାଲେଶ୍ୱରଠାରେ ଏହାର ସୋରୁମ୍ ରହିଛି । ଏହି ଉଦ୍‌ଘାଟନୀ ଉତ୍ସବରେ ଏହାର ଡାଇରେକ୍ଟର ମଧୁଶ୍ରୀ ଚୌଧୁରୀ, ବ୍ୟବସାୟ ମୁଖ୍ୟ ପ୍ରମୋଦ ରଥଙ୍କ ସହ ଅନେକ ଗ୍ରାହକ ଏବଂ ଅତିଥିମାନେ ଉପସ୍ଥିତ ଥିଲେ।

# ବନ୍ଧନ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ 'ଦ ଇକ୍ୱାଲ କାଲ୍‌କୁଲେଟର'ର ଶୁଭାରମ୍ଭ

Bandhan Mutual Fund
Badhte Raho

ନୂଆଦିଲ୍ଲୀ : ଚଳିତ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବନ୍ଧନ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଏକ ଅନ୍‌ଲାଇନ ଟୁଲ 'ଦ ଇକ୍ୱାଲ କାଲ୍‌କୁଲେଟର'ର ଶୁଭାରମ୍ଭ କରାଯାଇଛି। କ୍ୟାରିୟରରେ ବ୍ୟବଧାନକୁ ଆକଳନ କରି ବନ୍ଧନ ମ୍ୟୁଚୁଆଲ ଫଣ୍ଡର ଦ ଇକ୍ୱାଲ କାଲ୍‌କୁଲେଟର ଜଣଙ୍କୁ ଆତ୍ମବିଶ୍ୱାସ ସହ ନିଜର ଆର୍ଥିକ ଭବିଷ୍ୟତ ପାଇଁ ଯୋଜନା ପ୍ରସ୍ତୁତ କରିବାରେ ସାହାଯ୍ୟ କରିଥାଏ, ସେମାନଙ୍କୁ ଦୀର୍ଘାବଧି ସମ୍ପତି ସୃଷ୍ଟି କରିବା ପାଇଁ ଏକ ସଠିକ ରୋଡମ୍ୟାପ ପ୍ରଦାନ କରିଥାଏ। 'ଦ ଇକ୍ୱାଲ କାଲ୍‌କୁଲେଟର' ନାମ ଆର୍ଥିକ ଯୋଜନା କ୍ଷେତ୍ରରେ ନିରପେକ୍ଷତା ପ୍ରତି ପ୍ରତିଶ୍ରୁତିବଦ୍ଧତାକୁ ଧାରଣ କରିଛି। ଏହା ସୂଚିତ କରୁଛି ଯେ, ଯେତେବେଳେ କ୍ୟାରିୟରରେ ବିରତି ଘଟିଥାଏ, ପ୍ରକୃତ କ୍ଷମତା ପ୍ରତିଫଳନ କରିବା ପାଇଁ ପ୍ରତ୍ୟେକ ଆକଳନ ସଠିକ ଭାବେ ସନ୍ତୁଳିତ ହୋଇଥାଏ। ଆର୍ଥିକ ଯୋଜନା ପ୍ରସ୍ତୁତ କରିବା ସମୟରେ ବିରତିକୁ ବିଚାରକୁ ନେବାର ଆବଶ୍ୟକତାକୁ ଆଲୋକପାତ କରିବା ପାଇଁ ବନ୍ଧନ ମ୍ୟୁଚୁଆଲ ଫଣ୍ଡ 'ଦ ଇକ୍ୱାଲ କାଲ୍‌କୁଲେଟର' ପାଇଁ ଏକ ବିଜ୍ଞାପନର ଶୁଭାରମ୍ଭ କରିଛି। ଏ ସମ୍ପର୍କରେ ବନ୍ଧନ ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, 'ବନ୍ଧନ ମ୍ୟୁଚୁଆଲ ଫଣ୍ଡରେ ଆମେ ବିଶ୍ୱାସ କରୁ ଯେ, ଆର୍ଥିକ ସ୍ୱାଧୀନତା ଜୀବନର ବିରତିଗୁଡିକ ଦ୍ୱାରା ପ୍ରଭାବିତ ହେବା ଉଚିତ ନୁହେଁ। ଦ ଇକ୍ୱାଲ କାଲ୍‌କୁଲେଟର ସହିତ ଆମେ ଲୋକମାନଙ୍କୁ, ବିଶେଷ କରି ମହିଳାଙ୍କୁ କ୍ୟାରିୟର ବିରତି ସତ୍ତ୍ୱେ ନିଜ ଆର୍ଥିକ ଲକ୍ଷ୍ୟର ନିୟନ୍ତ୍ରଣରେ ରହିବା ପାଇଁ ସଶକ୍ତ କରିବୁ। ଆମର ଏହି ଟୁଲ ନିଶ୍ଚିତ କରୁଛି ଯେ, ଆପଣ ଏକ ସଠିକ ହିସାବ ପାଇବେ ଯାହା ଆପଣଙ୍କର ଆର୍ଥିକ ଲକ୍ଷ୍ୟଗୁଡିକ ସହ ସମାନ ଥିବ, ଆପଣଙ୍କ ଜୀବନ ଯାତ୍ରାର ବିରତିଗୁଡିକୁ ଅଣଦେଖା କରି ସମାନ ସୁଯୋଗ ପ୍ରଦାନ କରୁଥିବ।

# ଏସ୍‌ବିଆଇ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ ଶିଶୁ-ବୀମା ଯୋଜନାର ଶୁଭାରମ୍ଭ



ନୂଆଦିଲ୍ଲୀ: ଏସବିଆଇ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ ଦୁଇଟି ନୂତନ ଶିଶୁ-ବୀମା ଯୋଜନାର ଶୁଭାରମ୍ଭ କରାଯାଇଛି। ତାହା ହେଉଛି ଏସବିଆଇ ଲାଇଫ-ସ୍ମାର୍ଟ ଫ୍ୟୁଚର ଷ୍ଟାର ଓ ଏସବିଆଇ ଲାଇଫ-ସ୍ମାର୍ଟ ପ୍ଲାଟିନା ୟଙ୍ଗ ଆଚିଭର। ପିତାମାତାଙ୍କୁ ସେମାନଙ୍କ ପିଲାଙ୍କ ଭବିଷ୍ୟତ ଲକ୍ଷ୍ୟକୁ ନିଶ୍ଚିତ ଆର୍ଥିକ ସୁରକ୍ଷା ସହିତ ସୁରକ୍ଷିତ କରିବା ପାଇଁ ଏହି ଦୁଇ ଉତ୍ପାଦକୁ ପ୍ରସ୍ତୁତ କରାଯାଇଛି। ଶିକ୍ଷାର ବର୍ଦ୍ଧିତ ଖର୍ଚ୍ଚ, କ୍ୟାରିଅର ଆକାଂକ୍ଷା ଏବଂ ବୃଦ୍ଧିପ୍ରାପ୍ତ ଜୀବନଯାପନ ଖର୍ଚ୍ଚ ଆଜି ପିତାମାତାଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ସାମାଜିକ-ଆର୍ଥିକ ଆହ୍ୱାନ ସତ୍ତ୍ୱେ ପିତାମାତାଙ୍କ ସେମାନଙ୍କ ସନ୍ତାନଙ୍କ ପାଇଁ ଏକ ସମୃଦ୍ଧ ଜୀବନ ନିଶ୍ଚିତ କରିବା ପାଇଁ ଚାହାନ୍ତି। ସେମାନଙ୍କ ସେହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏସବିଆଇ ଲାଇଫ ଏହି ଉତ୍ପାଦ ପ୍ରସ୍ତୁତ କରିଛି। ଏ ସମ୍ପର୍କରେ ଏସବିଆଇ ଲାଇଫ ଇନସ୍ୟୁରାନ୍ସର ସଭାପତି ଏବଂ ମୁଖ୍ୟ ବିତରଣ ଅଧିକାରୀ ଏମ ଆନନ୍ଦ କହିଛନ୍ତି ଯେ, 'ପ୍ରତ୍ୟେକ ପିତାମାତା ସେମାନଙ୍କର ସାମାଜିକ-ଆର୍ଥିକ ସ୍ଥିତି ଯାହା ହେଉନା କାହିଁକି, ସେମାନଙ୍କ ସନ୍ତାନକୁ ଜୀବନର ସର୍ବୋତମ ସୁଯୋଗ ପ୍ରଦାନ କରିବାକୁ ଚାହାନ୍ତି। କିନ୍ତୁ ଆର୍ଥିକ ସୀମା ବେଳେବେଳେ ସମସ୍ୟା ସୃଷ୍ଟି କରିଥାଏ। ଏସବିଆଇ ଲାଇଫ ଇନସ୍ୟୁରାନ୍ସରେ ଆମେ ଏହି ଚିନ୍ତାଧାରାକୁ ବୁଝିଛୁ ଏବଂ ପିତାମାତାଙ୍କୁ ସଶକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛୁ। ଆମ ମଜଭୁତ ଶିଶୁ-ବୀମା ଏସବିଆଇ ଲାଇଫ-ସ୍ମାର୍ଟ ଫ୍ୟୁଚର ଷ୍ଟାର ଓ ଏସବିଆଇ ଲାଇଫ-ସ୍ମାର୍ଟ ପ୍ଲାଟିନା ୟଙ୍ଗ ଆଚିଭରକୁ ସୁରକ୍ଷା ଏବଂ ଆର୍ଥିକ ବୃଦ୍ଧି ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହା ମାଧ୍ୟମରେ ପିଲାମାନେ ନିଃସଙ୍କୋଚରେ ସେମାନଙ୍କ ସ୍ୱପ୍ନକୁ ଅନୁସରଣ କରିପାରିବେ। ସେ ଆହୁରି କହିଛନ୍ତି, ଏକ ସଂସ୍ଥା ଭାବରେ ଜୀବନକୁ ସୁରକ୍ଷିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧତା ସହିତ ଆମେ ସେହି ସମାଧାନ ସୃଷ୍ଟି କରୁଛୁ ଯାହା କେବଳ ପରିବାରଗୁଡ଼ିକର ଆକାଂକ୍ଷାକୁ ସମର୍ଥନ କରୁନାହିଁ ବରଂ ସୁରକ୍ଷାକୁ ଏକ ଆର୍ଥିକ ପାଣ୍ଠି ଗଠନ କରିବାର ସୁଯୋଗ ସହିତ ତାହାର ମିଶ୍ରଣ କରିଛି। ଏହି ନୂତନ ପ୍ରସ୍ତାବଗୁଡ଼ିକ ଆଗାମୀ ପିଢ଼ିକୁ ଆର୍ଥିକ ଭାବରେ ସ୍ୱାଧୀନ କରିବା ପାଇଁ ଏକ ପଦକ୍ଷେପ ଯାହା ସେମାନଙ୍କୁ ସେମାନଙ୍କ ସ୍ୱପ୍ନକୁ ଅନୁସରଣ କରିବା ଏବଂ ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ସଫଳତା ଅର୍ଜନ କରିବାର ସୁଯୋଗ ଆଣିଦେବ।

# 'ଇନ୍ଦ୍ରଧନୁଷ୍' ମହିଳା ଉଦ୍ୟୋଗୀଙ୍କ କ୍ଷେତ୍ରରେ ସଫଳତା ହାସଲ

ନୂଆଦିଲ୍ଲୀ : ଚଳିତ ଅନ୍ତର୍ଜାତୀୟ ମହିଳା ଦିବସରେ ଆକଜୋନୋବେଲ ଇଣ୍ଡିଆ ଏହାର 'ଇନ୍ଦ୍ରଧନୁଷ' ମହିଳାମାନଙ୍କ ସଫଳତାକୁ ପାଳନ କରୁଛି। ଚାରି ବର୍ଷ ମଧ୍ୟରେ ଆକଜୋନୋବେଲର ସାମାଜିକ ପଦକ୍ଷେପ ପ୍ରକଳ୍ପ ଇନ୍ଦ୍ରଧନୁଷ ଭାରତର ସାତଟି ରାଜ୍ୟର ୯୪୦ରୁ ଅଧିକ ଗ୍ରାମର ୩,୧୦୦ରୁ ଅଧିକ ଗ୍ରାମୀଣ ମହିଳାଙ୍କ ପାଇଁ ଏକ ନୂତନ ସ୍ଥାୟୀ ଜୀବିକା ପରିଚାଳନା ପରିବେଶ ସୃଷ୍ଟି କରିଛି। ସୂଚନାଯୋଗ୍ୟ ୨୧୦୦ରୁ ଅଧିକ ମହିଳା ଏବେ ଧନ୍ଦାମୂଳକ ତାଲିମ ପାଇ ଆର୍ଥିକ ଦୃଷ୍ଟିରୁ ସ୍ୱାଧୀନ ପେସାଦାର ଚିତ୍ରଶିଳ୍ପୀ ହୋଇଥିବା ବେଳେ ୧୦୦୦ ମହିଳା ସଫଳ ଚିତ୍ରକଳା ଉଦ୍ୟୋଗୀ ହୋଇପାରିଛନ୍ତି। ପ୍ରତ୍ୟେକ ଇନ୍ଦ୍ରଧନୁଷ ମହିଳାଙ୍କୁ ସମ୍ମାନ ଜଣାଇ ଅକଜୋନୋବେଲ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରୋହିତ ତୋତ୍‌ଲା କହିଛନ୍ତି ଯେ, 'ଆମେ ଆକଜୋନୋବେଲରେ ବିଶ୍ୱାସ କରୁ ଯେ, ଯେତେବେଳେ ମହିଳାମାନେ ବିକଶିତ ହୁଅନ୍ତି ସେତେବେଳେ ସମଗ୍ର ସମାଜର ବିକାଶ ହୋଇଥାଏ। ପ୍ରକଳ୍ପ ଇନ୍ଦ୍ରଧନୁଷର ପ୍ରକୃତ ଚମତ୍କାରିତା ଗ୍ରାମୀଣ ମହିଳାମାନଙ୍କ ଅବ୍ୟବହୃତ ସମ୍ଭାବନାକୁ ଉପଯୋଗ କରିବାରେ ସାହାଯ୍ୟ କରିବା ଠାରୁ ଆରମ୍ଭ କରି ଚିତ୍ରକଳା ଶିଳ୍ପରେ ସୁଯୋଗ ସୃଷ୍ଟି କରିବା ଏବଂ ଜୀବିକା ସହ ଜଡ଼ିତ ଧନ୍ଦାମୂଳକ ଦକ୍ଷତା ବିକାଶ ଠାରୁ ଆରମ୍ଭ କରି ସେମାନଙ୍କ ସଫଳତା ପାଇଁ ଆବଶ୍ୟକ ସମ୍ବଳ ଯୋଗାଇବା ପର୍ଯ୍ୟନ୍ତରେ ସହାୟକ ହୋଇଛି। ଆମର ଇନ୍ଦ୍ରଧନୁଷ ମହିଳାମାନେ ଉଭୟ ନିଜ ପାଇଁ ଏବଂ ସେମାନଙ୍କ ପରିବାର ପାଇଁ ନୂତନ କ୍ୟାରିୟର ତିଆରି କରିଛନ୍ତି। ମଧ୍ୟପ୍ରଦେଶର ରତ୍‌ଲାମ ଜିଲ୍ଲାର ନାଗରୀ ଗାଁର ଋତୁକାଳୀନ କୃଷି ଶ୍ରମିକ ୪୦ ବର୍ଷୀୟ ଅବନ୍ତି ବାଇ ଧାକଡ଼ଙ୍କ ଭଳି ହଜାର ହଜାର ମହିଳାଙ୍କ ପାଇଁ ପ୍ରକଳ୍ପ ଇନ୍ଦ୍ରଧନୁଷ ଜୀବନ ବଦଳାଇ ଦେଇଛି। ୨୦୨୧ମସିହାରେ ଆସାମର ଆକାଂକ୍ଷୀ ଜିଲ୍ଲା ଦରାଙ୍ଗରେ ଆରମ୍ଭ ହୋଇଥିବା 'ଇନ୍ଦ୍ରଧନୁଷ' ପ୍ରକଳ୍ପ ସେବେଠାରୁ ଦ୍ରୁତ ଗତିରେ ବିସ୍ତାରିତ ହୋଇଛି ଏବଂ ପ୍ରତିବର୍ଷ ଅଧିକ ଜୀବନକୁ ସ୍ପର୍ଶ କରୁଛି। ଆଜି ଏହି ପଦକ୍ଷେପ ତାମିଲନାଡୁର ଭିଲ୍ଲୁପୁରମ୍, ଥିରୁବଲ୍ଲୁର ଏବଂ କାଂଚିପୁରମ୍ ଜିଲ୍ଲାର ପ୍ରାୟ ୨୭୦ଟି ଗାଁ, ପଶ୍ଚିମବଙ୍ଗର ହାଓ୍ୱଡ଼ା, ବାଙ୍କୁରା, ପଶ୍ଚିମ ବର୍ଦ୍ଧମାନ, ପୁରୁଲିଆ, ପୂର୍ବ ମିଦନାପୁର ଜିଲ୍ଲାର ୪୮୦ରୁ ଅଧିକ ଗାଁ; ମଧ୍ୟପ୍ରଦେଶର ଉଜ୍ଜୈନ, ରତଲାମ ଓ ମନ୍ଦସୌର ଜିଲ୍ଲାର ପ୍ରାୟ ୧୨୦ଟି ଗାଁ; ଝାଡ଼ଖଣ୍ଡର ପୂର୍ବ ସିଂହଭୂମର ୩୦ଟି ଗାଁ; ଏବଂ ହରିୟାଣାର ନୁହଁ ଜିଲ୍ଲାରେ ଗ୍ରାମୀଣ ମହିଳାମାନଙ୍କୁ ସଶକ୍ତ କରୁଛି।

# ଆର୍‌ଏସ୍‌ପି ପକ୍ଷରୁ ଗ୍ରାମୀଣ କାରିଗରଙ୍କୁ ବାଉଁଶ ହସ୍ତଶିଳ୍ପ ତାଲିମ ପ୍ରଦାନ



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ କାରଖାନା ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପ ଅଧୀନରେ, ଆତ୍ମନିର୍ଭରଶୀଳତା ଏବଂ ଉଦ୍ୟୋଗୀତାକୁ ପ୍ରୋତ୍ସାହିତ କରିବା ଦିଗରେ ନିରନ୍ତର ପ୍ରୟାସରେ ନିର୍ମାଣ ସୋସାଇଟି ଏବଂ ଏନରିଡ୍ ଫାଉଣ୍ଡେସନ୍ ସହଯୋଗରେ ଏକ ବାଉଁଶ ହସ୍ତଶିଳ୍ପ ଦକ୍ଷତା ବିକାଶ ଏବଂ ଜୀବିକା ସୃଷ୍ଟି ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଆରପି ଆଣ୍ଡ ଇ ବିଭାଗର ସିଜିଏମ ଶ୍ରୀନିବାସ ମଲ୍ଲ ତାଲିମ କାର୍ଯ୍ୟକ୍ରମର ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ତାଲିମ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଏହି ଅବସରରେ ସିଏସଆର ବିଭାଗର ଜିଏମ୍ ଇନ-ଚାର୍ଜ ସୁଶ୍ରୀ ମୁନମୁନ୍ ମିତ୍ର, ନିର୍ମାଣ ସୋସାଇଟି ଓ ଏନରିଡ୍ ଫାଉଣ୍ଡେସନ ର ପ୍ରତିନିଧି ସୁଶ୍ରୀ ସେସିଲି ଏବଂ ଶ୍ରୀ ପ୍ରଶାନ୍ତ, ସିଏସ୍‌ଆର ର ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ସେକ୍ଟର-୨୦ ସିଏସଆର ବିଭାଗର ଆଇପିଡ଼ି ଭବନରେ ଅନୁଷ୍ଠିତ ହୋଇଥିଲା। ସମାବେଶକୁ ସମ୍ବୋଧିତ କରି ମୁଖ୍ୟ ଅତିଥି ଗ୍ରାମୀଣ କାରିଗରମାନଙ୍କୁ ସଶକ୍ତ କରିବାରେ ଦକ୍ଷତା ବିକାଶର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, ଏହି ପଦକ୍ଷେପ ସ୍ଥାୟୀ ଜୀବିକା ସୃଷ୍ଟି ଏବଂ ଆତ୍ମନିର୍ଭରଶୀଳତାର ଦୃଷ୍ଟିକୋଣ ସହିତ ସମନ୍ୱିତ ଅଟେ। ବ୍ୟକ୍ତିବିଶେଷଙ୍କୁ ଆବଶ୍ୟକୀୟ ଦକ୍ଷତାରେ ସଜ୍ଜିତ କରି, ଆମେ ସ୍ୱାବଲମ୍ବନ ଏବଂ ସ୍ୱଦେଶୀ କାରିଗରୀଙ୍କୁ ପ୍ରୋତ୍ସାହିତ କରୁଛୁ। ଏହି ପଦକ୍ଷେପ କେବଳ ପାରମ୍ପରିକ କଳାକୃତିକୁ ସଂରକ୍ଷଣ କରେ ନାହିଁ ବରଂ ଆଧୁନିକ ଡିଜାଇନ୍ ଧାରାଗୁଡ଼ିକୁ ମଧ୍ୟ ଏକୀକୃତ କରେ, ଯାହା ବଜାରର କାର୍ଯ୍ୟକ୍ଷମତା ଏବଂ ମାପକାଠିକୁ ସୁନିଶ୍ଚିତ କରେ। ପାର୍ଶ୍ୱାଞ୍ଚଳର ୩୦ ଜଣ ଅବହେଳିତ ବର୍ଗର ଗ୍ରାମୀଣ ହିତାଧିକାରୀଙ୍କ ବିକାଶ ପାଇଁ ଡିଜାଇନ୍ କରାଯାଇଥିବା ଏହି କାର୍ଯ୍ୟକ୍ରମ ୩୦ କାର୍ଯ୍ୟ ଦିବସର ତାଲିମ ପ୍ରଦାନ କରୁଛି। ପ୍ରାରମ୍ଭରେ ସୁଶ୍ରୀ ମୁନମୁନ ମିତ୍ରା ସମାବେଶକୁ ସ୍ୱାଗତ କରିଥିଲେ ଏବଂ ସିଏସଆରର ବିଭିନ୍ନ କାର୍ଯ୍ୟକଳାପ ବିଷୟରେ ସୂଚନା ଦେଇଥିଲେ । ସିଏସଆର ବିଭାଗର ଏଜିଏମ ଟି ବି ଟପ୍ପୋ, ଆନୁଷ୍ଠାନିକ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମକୁ ମ୍ୟାନେଜର (ସିଏସ୍‌ଆର) ସୁଶ୍ରୀ ରିଚା ସୁଧିରାମ ସଂଯୋଜନା କରିଥିଲେ।



ପୁରୀ (ଭାସ୍କର ନ୍ୟୁଜ): ପୁରୀର ଶ୍ରୀ ଜଗନ୍ନାଥ କ୍ରିକେଟ ଷ୍ଟାଡିୟମଠାରେ ଅନୁଷ୍ଠିତ ତୃତୀୟ ଏନ.ଟି.ପି.ସି ସର୍ବ ଭାରତୀୟ ରାଙ୍କିଙ୍ଗ ତିରନ୍ଦାଜ କନିଷ୍ଠ ପ୍ରତିଯୋଗିତା ରିକର୍ଭ ବାଳକ ବିଭାଗରେ ଉତ୍ତରପ୍ରଦେଶର ଆୟନ ରାନା ତାଙ୍କ ରାଜ୍ୟର ରୋହିତ କୁମାରଙ୍କୁ ପରାସ୍ତ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେହିପରି ମହାରାଷ୍ଟ୍ରର ଉଜ୍ଜ୍ୱଳ ଭରତ ଓଲେକର ଉତ୍ତରପ୍ରଦେଶର ଉଜ୍ଜ୍ୱଳ ଧାମାଙ୍କୁ ପରାସ୍ତ କରି ତୃତୀୟ ସ୍ଥାନରେ ରହିଥିଲେ । ସେହିପରି ରିକର୍ଭ ମହିଳା ବିଭାଗରେ ପଶ୍ଚିମ ବଙ୍ଗଳାର ବାସନ୍ତୀ ମାହାତୋ ଓଡ଼ିଶାର ମନଶ୍ରୀ ହାସଦକଙ୍କୁ ପରାସ୍ତ କରି ପ୍ରଥମ ସ୍ଥାନରେ ରହିଥିଲେ । ମଧ୍ୟ ପ୍ରଦେଶର ଭିତାଶା ଠାକୁର ତାଙ୍କ ରାଜ୍ୟର କ୍ରାତିକା ବିଚପୁରୀୟଙ୍କୁ ପରାସ୍ତ କରି ତୃତୀୟ, ବିଚପୁରୀୟ ଚତୁର୍ଥ ସ୍ଥାନରେ ରହିଥିଲେ। କମପାଉଣ୍ଡ ବାଳକ ବିଭାଗରେ ହରିୟଣାର କୁଶାଲ ଦଲାଲ ଛତିଶଗଡ଼ର ନିଶାନ୍ତ ପଟେଲଙ୍କୁ ପରାସ୍ତ କରି ପ୍ରଥମ, ରାଜସ୍ଥାନର ପ୍ରଦ୍ୟୁମନ ଯାଦବ ଚଣ୍ଡିଗଡର ହର୍ଷକୁମାରଙ୍କୁ ପରାସ୍ତ କରି ତୃତୀୟ ସ୍ଥାନରେ ରହିଥିଲେ । ବାଳିକା ବିଭାଗରେ ମହାରାଷ୍ଟ୍ରର ତେଜଲ ରାଜେନ୍ଦ୍ର ସାଲଭେ ଦିଲ୍ଲୀର କୁମୁଦ ସାଇନିଙ୍କୁ ପରାସ୍ତ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେହିପରି ତେଲେଙ୍ଗାନାର ତନି ପାର୍ଥୀ ଚିକିଥା ରେଲୱେ ସ୍ପୋର୍ଟସ ପ୍ରୋମୋସନ ବୋର୍ଡର ମାୟା ବିଶନୋଇଙ୍କୁ ପରାସ୍ତ କରି ତୃତୀୟ ସ୍ଥାନରେ ରହିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ଓଡ଼ିଶା ଆରଚେରୀ ଆସୋସିଏସନର ଉପ-ସଭାପତି ରବୀନ୍ଦ୍ରନାଥ ପଟନାୟକ, ପୂର୍ବତନ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ, ସୌରଜିତ ସିଂ ଏବଂ ରୋଭର୍ସ କ୍ଲବର କାର୍ଯ୍ୟକାରୀ ସଭାପତି ସମୀର କୁମାର ପରିଡ଼ା ପୁରସ୍କାର ବିତରଣ କରିଥିଲେ ।

# ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍ ମ୍ୟାଚ୍‌ରେ ଲାଗିଛି ୫ହଜାର କୋଟିର ବେଟିଂ

ଦୁବାଇ: ରବିବାର ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍ ଉପରେ ସାରା ବିଶ୍ୱର କ୍ରିକେଟ୍ ପ୍ରେମୀଙ୍କ ନଜର। ଏହି ଫାଇନାଲ୍ ମ୍ୟାଚ୍ ପାଇଁ ୫୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବେଟିଂ ହୋଇଛି। ବେଟିଂରେ କୁଖ୍ୟାତ୍ ଅଣ୍ଡର ୱାର୍ଲ୍ଡ ଡନ୍ ଦାଉଦ ଇବ୍ରାହିମର ଡି' କମ୍ପାନୀର ଲିଙ୍କ୍ ମଧ୍ୟ ରହିଛି । ଫାଇନାଲ୍ ମ୍ୟାଚ୍‌ରେ ଭାରତର ବିଜୟ ପଛରେ ସର୍ବାଧିକ ଅର୍ଥ ଲାଗିଥିବା ଜଣା ପଡ଼ିଛି । ଗତ ଅଷ୍ଟ୍ରେଲିଆ ବିପକ୍ଷ ସେମି ଫାଇନାଲ୍ ମୁକାବିଲା ସମୟରେ ଦିଲ୍ଲୀ କ୍ରାଇମବ୍ରାଞ୍ଚ ୫ଜଣ ବୁକିଙ୍କୁ ଗିରଫ କରିବା ପରେ ସବୁ ଖବର ସାମ୍ନାକୁ ଆସିଛି। ପ୍ରବୀଣ କୋଚର ଓ ସଞ୍ଜୟ କୁମାର ନାମକ ୨ଜଣ ବୁକି ଭାରତ-ଅଷ୍ଟ୍ରେଲିଆ ସେମି ମ୍ୟାଚ୍‌ରେ ବେଟିଂ ଚଳାଇଥିବା ସମୟରେ ଧରା ପଡ଼ିଥିଲେ। ଉଭୟଙ୍କ ଠାରୁ କ୍ରାଇମବ୍ରାଞ୍ଚ ସମସ୍ତ ଇଲେକଟ୍ରୋନିକ୍ ସରଞ୍ଜାମ ଜବତ କରିଛି। ରିପୋର୍ଟ ଅନୁଯାୟୀ, ପ୍ରବୀଣ





ଏକ ବେଟିଂ 'ଲକି ଡଟ୍-କମ୍' ନାମକ ୱେବ ସାଇଟ୍‌ରୁ ମାଷ୍ଟର ଆଇଡି କିଣିବା ପରେ ଭିନ୍ନ ଭିନ୍ନ ବେଟିଂ ଆଇଡି ପ୍ରସ୍ତୁତ କରି ବିକ୍ରି କରୁଥିଲା । ଏଥିପାଇଁ ସେ ପ୍ରତି ବେଟିଂ ପଛରେ ୩% କମିଶନ ନେଉଥିଲା। ଅଫ-ଲାଇନ୍ ବେଟିଂ ପାଇଁ ଟେଲିଫୋନ ବ୍ୟବହାର କରାଯାଉଥିଲା। ଗତ ୨ ବର୍ଷ ଧରି ପ୍ରବୀଣ ଦିଲ୍ଲୀରେ ମାସିକ ୩୦,୦୦୦ ଟଙ୍କାର ଏକ ଘର ଭଡ଼ା ନେଇ ବେଟିଂ କରୁଥିଲା। ପ୍ରତି ମ୍ୟାଚ୍‌ରେ ସେ ୪୦,୦୦୦ ଟଙ୍କା ଆୟ କରୁଥିଲା। ସମସ୍ତ ବେଟିଂ ନେଟୱାର୍କ ଦୁବାଇରେ ନିୟନ୍ତ୍ରିତ ହେଉଥିବା ଜେରା ସମୟରେ ପ୍ରବୀଣ ପ୍ରକାଶ କରିଛି । ସେହିପରି ପଶ୍ଚିମ ଦିଲ୍ଲୀର ବାସିନ୍ଦା ଛୋଟୁ ବଂଶଲ କାନାଡ଼ାରେ ଏକ ବେଟିଂ ଆପ ପ୍ରସ୍ତୁତ କରିଥିଲା । ବର୍ତ୍ତମାନ ସେ ଦୁବାଇରେ ରହୁଛି । ବୁକିମାନଙ୍କୁ ସେ ନିଜ ଦ୍ୱାରା ପ୍ରସ୍ତୁତ ଆପ୍ ଭଡ଼ାରେ ଦେଉଛି ଓ ଅର୍ଥ ରୋଜଗାର କରୁଛି । ବିନୟ ନାମକ ଦିଲ୍ଲୀର ମୋତି ନଗର ବାସିନ୍ଦା ସମ୍ପ୍ରତି ଦୁବାଇରେ ରହି ସମସ୍ତ ମ୍ୟାଚ୍ ଦେଖୁଛି ଓ କ୍ରିକେଟ୍ ଗ୍ରାଉଣ୍ଡ ଖବର ବୁକିଙ୍କ ନିକଟରେ ପହଞ୍ଚାଉଛି । ଗିରଫ ହୋଇଥିବା ଅନ୍ୟ ୩ ବୁକି ମନୀଷ ସାହାଣୀ, ଯୋଗେଶ କୁକେଜା ଓ ସୂରଜଙ୍କର ମଧ୍ୟ ଦୁବାଇ ଲିଙ୍କ୍ ରହିଛି । ସେମାନଙ୍କ ଠାରୁ ୨୨ଲକ୍ଷ ଟଙ୍କା ଜବତ କରାଯାଇଛି। ସମ୍ପୂର୍ଣ୍ଣ ଗ୍ୟାଙ୍ଗ୍‌ର ମୁଖିଆ ମନୀଷ ଦିଲ୍ଲୀରେ ବସି ବେଟିଂ ପରିଚାଳନା କରୁଥିଲା। ରିପୋର୍ଟ ଅନୁଯାୟୀ, ଦାଉଦ ଇବ୍ରାହିମର 'ଡି କମ୍ପାନୀ' ସର୍ବଦା ଦୁବାଇରେ ବଡ଼ କ୍ରିକେଟ ମ୍ୟାଚ ଉପରେ ସଟ୍ଟା ଲଗାଇବାରେ ସାମିଲ ରହିଛି।

## ଆଇଆଇସି ଫାଇନାଲ ଖେଳିବାରେ ରେକର୍ଡ କଲେ ରୋହିତ ଓ ବିରାଟ

ଦୁବାଇ: ଚାମ୍ପିୟନ୍ସ ଟ୍ରଫି କ୍ରିକେଟ ୨୦୨୫ର ଫାଇନାଲ ଖେଳିବା ପାଇଁ ପଡିଆରେ ପାଦ ଦେବା ମାତ୍ରେ ଭାରତର ଦୁଇ ମହାନ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ଏକ ବଡ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ସେମାନେ ସର୍ବାଧିକ ଥର ଆଇସିସି ଟ୍ରଫିର ଫାଇନାଲ ଖେଳିବାରେ ରେକର୍ଡ କରିଛନ୍ତି । ରୋହିତ ଓ କୋହଲି କ୍ୟାରିୟରର ୯ମ ଆଇସିସି ଫାଇନାଲ ଖେଳିଛନ୍ତି। ଏହା ପୂର୍ବରୁ ଯୁବରାଜ ସିଂ ଓ ରବୀନ୍ଦ୍ର ଜାଡେଜା ଭାରତ ପକ୍ଷରୁ ସର୍ବାଧିକ ୮ଟି ଫାଇନାଲ ଖେଳିଥିଲେ । ଶ୍ରୀଲଙ୍କାର କୁମାର ସଙ୍ଗକାରା ଓ ମାହେଲା ଜୟବର୍ଦ୍ଧନେ ଏମାନଙ୍କ ପଛକୁ ୭ଟି ଲେଖାଏଁ ଫାଇନାଲ ଖେଳିଛନ୍ତି ।

# ଜାତୀୟ ମାଷ୍ଟର ଗେମ୍ସ: କଳାହାଣ୍ଡିକୁ ୬ ସ୍ୱର୍ଣ୍ଣ,୩ ରୌପ୍ୟ ପଦକ





ଭବାନୀପାଟଣା (ଭାସ୍କର ନ୍ୟୁଜ୍): ମାଷ୍ଟର ଗେମ୍ସ ଫେଡେରେଶନ ଇଣ୍ଡିଆ ପକ୍ଷରୁ ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ଷ୍ଟାଡିୟମଠାରେ ଗତ ୬ରୁ ୯ ତାରିଖ ଯାଏ ୭ମ ଜାତୀୟ ମାଷ୍ଟର ଗେମ୍ସ ୨୦୨୪-୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରର ୩ଜଣ ବରିଷ୍ଠ ଖେଳାଳି ଅଂଶଗ୍ରହଣ କରି କମାଲ ଦେଖାଇଛନ୍ତି। ସେମାନେ ୬ଟି ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ପଦକ ବିଜେତା ହୋଇଛନ୍ତି। ମାଷ୍ଟର ଖେଳାଳି ଦୁର୍ଗାଚରଣ ମିଶ୍ର ଶଟପୁଟ, ଡିସ୍କସ ଥ୍ରୋ ଓ ହେମର ଥ୍ରୋରେ ସ୍ୱର୍ଣ୍ଣ ପଦକ ବିଜେତା ହୋଇଛନ୍ତି। ସେହିପରି ଟି.ରାମକୃଷ୍ଣ ୫ କିମି ୱାକ, ୮୦୦ ମିଟର ଦୌଡ ଓ ୪୦୦ ମିଟର ଦୌଡରେ ସ୍ୱର୍ଣ୍ଣ ପଦକ ବିଜେତା ହୋଇଛନ୍ତି। ଖେଳାଳି ଭବାନୀ ଶଙ୍କର ପଣ୍ଡା ୫ କିମି ୱାକ, ଲମ୍ଫଡିଆଁ ଓ ଉଚ୍ଚ ଡିଆଁରେ ରୌପ୍ୟ ପଦକ ବିଜେତା ହୋଇଛନ୍ତି। ଜାତୀୟ ମାଷ୍ଟର ଗେମ୍ସରେ ପଦକ ବିଜେତା କଳାହାଣ୍ଡିର ଏହି ତିନି ଜଣ ମାଷ୍ଟର ଖେଳାଳିଙ୍କୁ ଏମ୍‌ପି ମାଳବିକା ଦେବୀ, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ, ବରିଷ୍ଠ ନାଗରିକ ସଂଘ କଳାହାଣ୍ଡିର ସଭାପତି ଗଜେନ୍ଦ୍ର ପ୍ରସାଦ ପାଢ଼ୀ, କାର୍ଯ୍ୟକାରୀ ସଭାପତି ମଳୟ କୁମାର ମୁଣ୍ଡ ଓ ସୁରେଶ ଚନ୍ଦ୍ର ପଟ୍ଟନାୟକ, ବ୍ରାହ୍ମଣ ସମାଜ କଳାହାଣ୍ଡିର ସଭାପତି ଜଗନ୍ନାଥ ମୁଣ୍ଡ, ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର, ଓଡ଼ିଶା ଆଥେଲେଟିକ ଆସୋସିଏଶନ ସଭାପତି ତଥା କଳାହାଣ୍ଡି ଜିଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି ଶରତ ଚନ୍ଦ୍ର ନାୟକ, ସମ୍ପାଦକ ରାଜେନ୍ଦ୍ର ସାହୁ ସମେତ ବହୁ କ୍ରୀଡ଼ାପ୍ରେମୀ ଅଭିନନ୍ଦନ ଜଣାଇଛନ୍ତି।

## ମାର୍ଚ୍ଚ ୧୮ରୁ କଳାହାଣ୍ଡି କପ୍





ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ପୁରୁଷ ସିନିୟର ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ ମାର୍ଚ୍ଚ ୧୮ରୁ ଆରମ୍ଭ ହେବ । ଏଥିରେ ୩୮ଟି ଟିମ ଅଂଶଗ୍ରହଣ କରିବେ ବୋଲି ଓଡିଶା କ୍ରିକେଟ ଆସୋସିଏଶନ ପକ୍ଷରୁ କୁହାଯାଇଛି। ୬ଟି ଗ୍ରୁପରେ ଦଳଗୁଡିକ ଭାଗ କରାଯାଇଛି । ଗତ ସଂସ୍କରଣରେ ଅବଶିଷ୍ଟ ଓଡିଶା ସି ଏକାଦଶ ଟାଇଟଲ ହାସଲ କରିଥିଲା । ଗ୍ରୁପ ଏ: ଇଷ୍ଟକୋଷ୍ଟ ରେଲୱେ, କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର, କନ୍ଧମାଳ, ଯାଜପୁର। ଗ୍ରୁପ ବି: କଟକ ଏ, କେନ୍ଦୁଝର, ବୌଦ୍ଧ, ନୂଆପଡା, ଜଗତସିଂହପୁର, ଖୋର୍ଦ୍ଧା । ଗ୍ରୁପ ସି: ନୟାଗଡ, ଭୁବନେଶ୍ୱର ବି, ପାରାଦ୍ୱୀପ, ଗଜପତି, କଳାହାଣ୍ଡି, ସୁନ୍ଦରଗଡ । ଗ୍ରୁପ ଡି: ଭୁବନେଶ୍ୱର ଏ, ଅନୁଗୋଳ, ପୁରୀ, ବଲାଙ୍ଗୀର, ଦେଓଗଡ, ରାଉରକେଲା । ଗ୍ରୁପ ଇ: ବାଲେଶ୍ୱର, ବରଗଡ, କେନ୍ଦ୍ରାପଡା, ସୋନପୁର, ମାଲକାନଗିରି, ସମ୍ବଲପୁର ଏ, ଝାରସୁଗୁଡା । ଗ୍ରୁପ ଏଫ: ଭଦ୍ରକ, କିଟ, ସମ୍ବଲପୁର ବି, ଗଞ୍ଜାମ, ରାୟଗଡା, କମଟକ ବି, ଢେଙ୍କାନାଳ ।

# ବାର୍ଷିକ କ୍ରୀଡା ଉଦ୍‌ଯାପିତ





ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକର ରହଣିଆ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ଉଦଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦେବଦତ୍ତ ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କ୍ରୀଡାକୁ ମୁଖ୍ୟ ଅତିଥି ସରପଞ୍ଚ ରଞ୍ଜନ କୁମାର ପରିଡା କ୍ରୀଡା ପତାକା ଉତ୍ତୋଳନ କରି ଉଦଘାଟନ କରିଥିଲେ। ଏଥିରେ ବିଦ୍ୟାଳୟ ଏସଏମସି ସଭାପତି ଧନେଶ୍ୱର ଦାସ, ମୋ ସ୍କୁଲ ଅଭିଯାନ ସଭାପତି ରଞ୍ଜନ କୁମାର ବେହୁରିଆ, ବରିଷ୍ଠ ଶିକ୍ଷକ ହୃଷିକେଶ ପୃଷ୍ଟି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନରେ କ୍ରୀଡାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସର୍ବକନିଷ୍ଠ, କନିଷ୍ଠ ଓ ବରିଷ୍ଠ ବର୍ଗରେ ମୋଟ ୧୮୦ ଛାତ୍ରଛାତ୍ରୀ ବିଭିନ୍ନ ପର୍ଯ୍ୟାୟ ଦୌଡ, ଲମ୍ଫଡିଆ, ଉଚ୍ଚଡିଆ, ଡିସକସ ଥ୍ରୋ, ସଟପୁଟ, ଦଉଡି ଡିଆଁ, ମ୍ୟୁଜିକ ଚେୟାର ଆଦି ବିଭାଗରେ ଅଂଶଗ୍ରହଣ କରିଥିଲେ। କ୍ରୀଡା ଶିକ୍ଷକ ପ୍ରଶାନ୍ତ କୁମାର ଜେନା ଓ ମାନସ କୁମାର ସାହୁ କ୍ରୀଡା ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ବୃନ୍ଦ କ୍ରୀଡା ପରଚାଳନାରେ ସହଯୋଗ କରିଥିଲେ।

# ଇ-ଲିଗ୍ ଟୁର୍ଣ୍ଣାମେଣ୍ଟ : ଭୁବନେଶ୍ୱର କୋଲ୍ଟସ୍ ଏକାଦଶ ବିଜୟୀ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ରବିବାର ବରୁଣେଇର କେ.ଟି. ଗ୍ଲୋବାଲ୍ ସ୍କୁଲ୍ ଗ୍ରାଉଣ୍ଡରେ ପ୍ରସିଦ୍ଧ ଇ-ଲିଗ୍ ଟୁର୍ଣ୍ଣାମେଣ୍ଟରେ ଭୁବନେଶ୍ୱର କୋଲ୍ଟସ୍ ଏକାଦଶ କଟକ କୋଲ୍ଟସ୍ ଏକାଦଶକୁ ପରାସ୍ତ କରିଥିଲା। ଟସ୍ ଜିତି କଟକ କୋଲ୍ଟସ୍ ଏକାଦଶ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଭୁବନେଶ୍ୱର କୋଲ୍ଟସ୍ ଏକାଦଶ ବୋଲରଙ୍କ ସଠିକ୍ ବୋଲିଂ ଯୋଗୁଁ କଟକ କୋଲ୍ଟସ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ନିର୍ଦ୍ଧାରିତ ୪୦ ଓଭରରୁ ୩୭ ରନ୍‌ରେ ୧୩୫ ରନ୍ କରି ଅଲ୍ ଆଉଟ୍ ହୋଇଥିଲେ। ସ୍ୱାଧୀନ ପାତ୍ର (୩୦), ମହମ୍ମଦ ଦାନିଶ୍ (୨୯) ଏବଂ ଜାହିର ୱାର୍ସି (୨୭) ମୁଖ୍ୟ ଯୋଗଦାନ ଦେଇଥିଲେ ଯେତେବେଳେ ଆନନ୍ଦ ଯାଦବ ୧୬ ରନ୍ କରି ଅପରାଜିତ ରହିଥିଲେ। କଟକ କୋଲ୍ଟସ୍ ମଧ୍ୟ ଦୁଇଟି ଗୁରୁତ୍ୱପୂର୍ଣ୍ଣ ରନ୍ ଆଉଟ୍ ଭୋଗିଥିଲା। ଭୁବନେଶ୍ୱର କୋଲ୍ଟସ୍ ପାଇଁ, ରଶ୍ମିରଞ୍ଜନ ସାହୁ (୧୫ ରନ୍‌ରେ ୨ୱିକେଟ), ଆଶିଷ ରଥ (୨୨ ରନ୍‌ରେ ୱିକେଟ) ଏବଂ ରାଜେଶ ପାତ୍ର (୩୩ ରନ୍‌ରେ ୱିକେଟ) ସବୁଠାରୁ ସଫଳ ବୋଲର ଥିଲେ। ଅଭିଜିତ ରାଉତ ଏବଂ ଓମ୍ ପ୍ରକାଶ ସାହୁ ଗୋଟିଏ ଲେଖାଏଁ ୱିକେଟ୍ ପାଇଲେ। ବିଜୟ ପାଇଁ ୧୩୬ ରନ୍ ଆବଶ୍ୟକ ଥିବା ବେଳେ, ଭୁବନେଶ୍ୱର କୋଲ୍ଟସ୍ ଇନିଂସ ପ୍ରାରମ୍ଭିକ ସମସ୍ୟାର ସମ୍ମୁଖୀନ ହୋଇଥିଲା କାରଣ ସେମାନେ ୩ ୱିକେଟ୍ ହରାଇ ୩୩ ରନ୍ କରିଥିଲେ। ଅସୀମ ବରାଡ ୩୯ ରନ୍‌ର ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳି ଇନିଂସକୁ ସ୍ଥିର କରିଥିଲେ ଏବଂ ଦଳକୁ ଲକ୍ଷ୍ୟ ପାଖରେ ପହଞ୍ଚାଇଥିଲେ। ତଥାପି, ଅନ୍ୟ ପାର୍ଶ୍ୱରେ କ୍ରମାଗତ ଭାବରେ ୱିକେଟ୍ ପତନ ହୋଇଥିଲା ଏବଂ ଗୋଟିଏ ପର୍ଯ୍ୟାୟରେ, ନବମ ୱିକେଟ୍ ୧୨୧ ରନ୍ ସହିତ ପଡ଼ିଥିଲା। ରାଜେଶ ପାତ୍ର (୧୨ ଅପରାଜିତ)





ଅଭିଜିତ ରାଉତ (୪ ଅପରାଜିତ)ଙ୍କ ଭାବରେ ଏକ ନିର୍ଭରଯୋଗ୍ୟ ସାଥୀ ପାଇଥିଲେ କାରଣ ସେ ଗୋଟିଏ ବଲ୍ ବାକି ଥାଇ ଦଳକୁ ଲକ୍ଷ୍ୟ ପାର କରାଇଥିଲେ। ରଶ୍ମିରଞ୍ଜନ ସାହୁ ଉପଯୋଗୀ ୨୦ ରନ୍ ଯୋଗଦାନ କରିଥିଲେ ଏବଂ ଇଭାନ୍ କଳାପାହାଡ (୧୪) ଏବଂ ଯସବନ୍ତ ପ୍ରଧାନ (୧୩) ମଧ୍ୟ ଏହି ପ୍ରୟାସରେ ଅବଦାନ ରଖିଥିଲେ। କଟକ କୋଲ୍ଟସ୍ ବୋଲରମାନଙ୍କୁ ସ୍କୋର କରିବା କଷ୍ଟକର ଥିଲା ଏବଂ ବଲ୍ ସହିତ ସେମାନଙ୍କର ପ୍ରୟାସ ଆନନ୍ଦ ଯାଦବ (୧୬ ରନ୍ ରେ ୨), ସଞ୍ଜୟ ଲେଙ୍କା (୧୭ ରନ୍ ରେ ୨) ଏବଂ ରଞ୍ଜନ ସାମଲ (୨୦ ରନ୍ ରେ ୨) ଦ୍ୱାରା ପରିଚାଳିତ ହୋଇଥିଲା। ଦିବ୍ୟାଂଶୁ ନାୟକ, ସୟଦ ଇରଫାନ ଏବଂ ମହମ୍ମଦ ଦାନିଶ ଗୋଟିଏ ଲେଖାଏଁ ୱିକେଟ ପାଇଲେ। ତାଙ୍କର ଅଲରାଉଣ୍ଡ ପ୍ରୟାସ ପାଇଁ, ରଶ୍ମିରଞ୍ଜନ ସାହୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଲେ। ଅମ୍ପାୟାର ଅବଦୁଲ ରହିମ ଖାନ ଏବଂ ସରୋଜ ପାତ୍ର ମ୍ୟାଚ୍ ପରିଚାଳନା କରିଥିବା ବେଳେ ମହାବୀର ପ୍ରସାଦ ମହାନ୍ତି ସ୍କୋରର ଥିଲେ। ସଂକ୍ଷିପ୍ତ ସ୍କୋର: କଟକ କୋଲ୍ଟସ୍ ଏକାଦଶ ୩୭.୦ ଓଭରରେ ୧୩୫ ଅଲଆଉଟ୍ (ସ୍ୱାଧୀନ ପାତ୍ର ୩୦, ମହମ୍ମଦ ଦାନିଶ ୨୯, ଜାହିର ୱାର୍ସି ୨୭, ଆନନ୍ଦ ଯାଦବ ୧୬ ଅପରାଜିତ, ରଶ୍ମିରଞ୍ଜନ ସାହୁ ୨ ୱିକେଟ୍ ୧୫, ଆଶିଷ ରଥ ୨ ୱିକେଟ୍ ୨୨ ଏବଂ ରାଜେଶ ପାତ୍ର ୨ ୱିକେଟ୍ ୩୩) ୩୯.୫ ଓଭରରେ ୯ ୱିକେଟ୍ ହରାଇ ଭୁବନେଶ୍ୱର କୋଲ୍ଟସ୍ ୧୩୬ (ଅଶିମ ବରାଡ ୩୯, ରଶ୍ମିରଞ୍ଜନ ସାହୁ ୨୦, ଇଭାନ୍ କଳାପାହାଡ ୧୪, ଜସବନ୍ତ ପ୍ରଧାନ ୧୩, ଆନନ୍ଦ ଯାଦବ ୨ ୱିକେଟ୍ ୧୬, ସଞ୍ଜୟ ଲେଙ୍କା ୨ ୱିକେଟ୍ ୧୭, ରଞ୍ଜନ ସାମଲ ୨ ୱିକେଟ୍ ୨୦) ୧ ୱିକେଟ୍ ହରାଇଲା।

# ନିଶ୍ୱାର୍ଡ ଅନୁଷ୍ଠାନର ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା





ଢେଙ୍କାନାଳ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲାର ଓଡାପଡା ବ୍ଲକ୍ ଅନ୍ତର୍ଗତ ଅଗ୍ରଣୀ ସ୍ୱେଚ୍ଛାସେବୀ ସାମାଜିକ ଅନୁଷ୍ଠାନ ନିଶ୍ୱାର୍ଡ ଓ ନେହେରୁ ଯୁବକେନ୍ଦ୍ର - 'ମୋ ଭାରତ' ମିଳିତ ଆନୁକୂଲ୍ୟରେ ଗଦାଶିଳା ଗ୍ରାମପଞ୍ଚାୟତ ଦାଣ୍ଡିମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳ ପଡିଆ ଠାରେ ବ୍ଲକ୍ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି। ଅନୁଷ୍ଠାନର ନିର୍ଦ୍ଦେଶକ ରୁଦ୍ର ନାରାୟଣ ଷଡଙ୍ଗୀ ଯୁବପିଢ଼ୀମାନଙ୍କ ଅନ୍ତର୍ନିହିତ ଖେଳ ପ୍ରତିଭାକୁ ପ୍ରୋତ୍ସାହନ ଦେବା ସହିତ ସେମାନଙ୍କ ପ୍ରତିଭାକୁ ରାଜ୍ୟ ତଥା ଦେଶ ବିଦେଶରେ ଉପସ୍ଥାପନା କରିବା ଏକମାତ୍ର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ପ୍ରତିଶ୍ରୁତି ବଦ୍ଧ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମର କୁମାର ମଲ୍ଲିକ ଆନୁଷ୍ଠାନିକ ଭାବେ ଉଦଘାଟନ କରି କ୍ରୀଡା ପ୍ରତିଯୋଗୀମାନଙ୍କ ମନୋବଳ ବୃଦ୍ଧି କରିଥିଲେ । ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପୋଲିସ୍ ଅଧିକାରୀ ତଥା ଓଡିଶାର ସୁନାମଧନ୍ୟ କ୍ରୀଡାବିତ୍ ଗଙ୍ଗାଧର ରାଉତ, କାନାଡା ବ୍ୟାଙ୍କ ବାରଦା ଶାଖାର ପ୍ରବନ୍ଧକ ଅଧିକାରୀ ବିଷ୍ଣୁ ପ୍ରସାଦ ଦାସ, ବିଦ୍ୟାଳୟ କମିଟି ମେମ୍ବର ରାଜ କିଶୋର ରାଉତ ଓ ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପ୍ରତିଯୋଗିତାରେ ବାଳକମାନଙ୍କ ମଧ୍ୟରେ ଫୁଟ୍‌ବଲ୍, ବାସ୍କେଟ୍ ବଲ୍ ଓ ବାଳିକା ମାନଙ୍କ ମଧ୍ୟରେ ସ୍ଲୋ ସାଇକେଲ୍ ରେସ୍, ବ୍ୟାଡ୍‌ମିଂଟନ୍, ରିଲେ ରେସ୍ ଓ ଟାଇକୋଣ୍ଡୋ ପ୍ରତିଯୋଗିତା ହୋଇଥିଲା । ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ତୃପ୍ତିମୟୀ ରାଣା ଓ ପୂର୍ବତନ କ୍ରୀଡା ଶିକ୍ଷକ ପୁରୁଷୋତ୍ତମ ରାଉତ କ୍ରୀଡା ପ୍ରତିଯୋଗିତାକୁ ସୂଚାରୁ ରୂପେ ପରିଚାଳନା କରିଥିଲେ । ଏହି ପ୍ରତିଯୋଗିତାରେ ୫୦ରୁ ଊର୍ଦ୍ଧ୍ୱ ବାଳକ ଓ ବାଳିକା ବର୍ଗର ପ୍ରତିଯୋଗୀମାନେ ଅଂଶଗ୍ରହଣ କରି ଦମ୍‌ଦାର କ୍ରୀଡା ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅନୁଷ୍ଠାନର ପ୍ରମୁଖ ସଦସ୍ୟ ଜଗବନ୍ଧୁ ସ୍ୱାଇଁ କ୍ରୀଡା ପରିଚାଳନାରେ ସଂପୂର୍ଣ୍ଣ ସହଯୋଗ କରିଥିଲେ । ନିଶ୍ୱାର୍ଡ ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ରୀ ଷଡଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକ୍ ସ୍ତରୀୟ କ୍ରୀଡା ପ୍ରତିଯୋଗିତାକୁ ସଫଳ ରୂପାୟନ ଦେବା ସଙ୍ଗେ ସଙ୍ଗେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୌରହରୀ ସାହୁ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଦେମାଳ କ୍ରିକେଟ୍ କ୍ଲବ୍ ଚାମ୍ପିଅନ୍





ଆଳି (ଭାସ୍କର ନ୍ୟୁଜ୍) : ଗୌରହାରୀ ସାହୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପଞ୍ଚମ ସଂସ୍କରଣ ଆଳି ତେଲିପାଟଣା ଖେଳ ପଡିଆରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦଯାପନୀ ଫାଇନାଲ ମ୍ୟାଚରେ ଦେମାଳ ଲକ୍ଷ୍ମୀ ବରାହ କ୍ରିକେଟ ଟିମ ଓ ଗିରିବନ୍ଧ କ୍ରିକେଟ ଟିମ ମଧ୍ୟରେ ରୋମାଞ୍ଚକର ହାଇ ଭୋଲଟେଜ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଗିରିବନ୍ଧ କ୍ରିକେଟ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୫ ଉଇକେଟ ବିନିମୟରେ ୧୧୪ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା ବେଳେ ଏହି ରନକୁ ପିଛା କରିବାକୁ ଯାଇ ଦେମାଳ ଲକ୍ଷ୍ମୀ ବରାହ କ୍ରିକେଟ ଟିମ ୮ଓଭର ୪ ଟି ବଲରେ ୩ ୱିକେଟ ହରେଇ ୧୧୫ରନ ସଂଗ୍ରହ କରି ବିଜୟ ଲାଭ କରି ଚାମ୍ପିୟନ ମୁକୁଟ ପିନ୍ଧିଥିଲା। ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ଭାବେ ବିଶ୍ୱଜିତ ବାରିକ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳୀ ବିବେଚିତ ହୋଇଥିଲେ। ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ବନମାଳୀ ସେନାପତି ଓ ଗୌରହରି ସାହୁ ଚାରିଟେବୁଲ ଟ୍ରଷ୍ଟର ସଭାପତି ସୁଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ଚମ୍ପିୟାନ ଦଳକୁ ଟ୍ରଫି ସହ ୮ ହଜାର ଟଙ୍କା ଓ ରନର୍ସ ଅଫ ଦଳକୁ ରନର୍ସଅଫ ଟ୍ରଫି ସହ ୬ ହଜାର ନଗଦ ଟଙ୍କା ପ୍ରଦାନ କରିଥିଲେ। ଆଜିର ଏହି ଫାଇନାଲ ମ୍ୟାଚ ଦେଖିବାଲାଗି ଅନେକ କ୍ରିକେଟ ପ୍ରେମୀ ଏକାଠି ହୋଇଥିଲେ।

# ଜିଟିର ସହାୟକ କୋଚ୍ ହେଲେ ମାଥ୍ୟୁ ୱେଡ୍





ନୂଆଦିଲ୍ଲୀ: ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଆଇପିଏଲ ପାଇଁ ଗୁଜରାଟ ଟାଇଟନ୍ସ(ଜିଟି) ଅଷ୍ଟ୍ରେଲିଆର ପୂର୍ବତନ ଉଇକେଟକିପର-ବ୍ୟାଟର ମାଥ୍ୟୁ ୱେଡଙ୍କୁ ଦଳର ସହାୟକ କୋଚ ଭାବେ ନିଯୁକ୍ତ କରିଛି। ୱେଡ ୨୦୨୨ ଓ ୨୦୨୪ରେ ଗୁଜରାଟ ଫ୍ରାଞ୍ଚାଇଜି ସହିତ ଜଣେ ଖେଳାଳି ଭାବେ ଯୋଡ଼ି ହୋଇଥିଲେ। କିନ୍ତୁ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିବା ପରେ ସେ ଆଇପିଏଲ ମେଗା ଅକ୍ସନରେ ଭାଗ ନେଇ ନ ଥିଲେ।ୱେଡ ଆଇପିଏଲରେ ମାତ୍ର ୧୫ଟି ମ୍ୟାଚ ଖେଳିଥିଲେ। ସେଥିରୁ ସେ ୧୨ ମ୍ୟାଚ ଜିଟି ପାଇଁ ଖେଳିଥିଲେ। ୨୦୨୨ରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଟାଇଟଲ ଜିତିଥିବା ଜିଟି ଦଳର ସେ ସଦସ୍ୟ ଥିଲେ। ଆଶିଷ ନେହେରାଙ୍କ ନେତୃତ୍ୱାଧୀନ ସପୋର୍ଟ ଟିମରେ ୱେଡ କାର୍ଯ୍ୟ କରିବେ। ତାଙ୍କ ସହିତ ସପୋର୍ଟ ଷ୍ଟାଫଙ୍କ ମଧ୍ୟରେ ବ୍ୟାଟିଂ କୋଚ ପାର୍ଥିବ ପଟେଲ, ଆଶିଷ କାପୁର ଓ ନରେନ୍ଦ୍ର ନେଗୀ ଜିଟି ସପୋର୍ଟ ଷ୍ଟାଫର ସଦସ୍ୟ ରହିଛନ୍ତି।

# ମ୍ୟାଚ୍ ପାଇଁ ମାରିନା ବେଳାଭୂମିରେ ଲାଗିଲା ବଡ଼ ସ୍କ୍ରିନ୍



ଚେନ୍ନାଇ: ସମସ୍ତଙ୍କୁ ଘାରିଛି କ୍ରିକେଟ୍ ଜର । ଫାଇନାଲ ଫିଭର ଆଜି ସାରା ଦେଶରେ, ସାରା ବିଶ୍ୱରେ । ଦୁବାଇରେ ଫାଇନାଲ ଫାଇଟ୍ ହେଉଥିବା ବେଳେ ସାରା ଦେଶରେ ଉତ୍ସାହ ଦେଖିବାକୁ ମିଳିଛି । କିଏ ଘରେ ଟିଭି ଲଗେଇ ପରିବାର ସହ ଦେଖୁଛି ତ କିଏ ଗାଁରେ ବଡ ସ୍କ୍ରିନରେ ଖେଳ ଦେଖୁଛି ଆଉ କିଏ ଭୋଜି ଭାତ କରି ମ୍ୟାଚ୍ ଉପଭୋଗ କରୁଛନ୍ତି । ଫାଇନାଲରେ ଭାରତ ଜିତୁ ଏହା ସମସ୍ତେ ଆଶା ରଖିଥିବା ବେଳେ ଆଗୁଆ ବାଣ ଆଣି ଛନ୍ତି । ଆଉ ଏତିକି ବେଳେ ଚେନ୍ନାଇରୁ ଆସିଛି ଭିନ୍ନ ଏକ ଚିତ୍ର । ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ ଦେଖିବାକୁ କ୍ରୀଡା କର୍ତ୍ତୃପକ୍ଷଙ୍କ ତରଫରୁ ତାମିଲନାଡୁ ମାରିନା ବିଚରେ ଏକ ବିରାଟ ସ୍କ୍ରିନର ବ୍ୟବସ୍ଥା ହୋଇଛି ଯେଉଁଛି କ୍ରୀକେଟପ୍ରେମୀ ବାଲିରେ ବସି ମ୍ୟାଚର ମଜା ନେଉଛନ୍ତି।

# ଚାମ୍ପିଅନ୍ସ ଟ୍ରଫିରେ ୧୧ କ୍ୟାଚ୍ ଛାଡିଛନ୍ତି ଭାରତୀୟ

ନୂଆଦିଲ୍ଲୀ: ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ଭାରତୀୟ ଟିମ୍ ଲଗାତାର ଭଲ ପ୍ରଦର୍ଶନ କରିଛି । ପୂରା ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଟିମ୍ ନିଜ ବୋଲିଂ ବଳରେ ବିରୋଧୀ ଟିମ୍‌କୁ ବଡ଼ ସ୍କୋର କରିବାକୁ ଦେଇନାହିଁ । ଟିମ୍ ବ୍ୟାଟିଂ ବି ଭଲ କରିଛି । କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଟିମ୍‌ର ଫିଲ୍ଡିଂ ସବୁଠୁ ଅଧିକ ନିରାଶ କରିଛି । ଭାରତୀୟ ଫିଲ୍ଡର ଟୁର୍ଣ୍ଣାମେଣ୍ଟରେ ୧୧ କ୍ୟାଚ୍ ଛାଡ଼ିଛନ୍ତି । ଏପରିକି ଫାଇନାଲ୍‌ରେ ବି ଭାରତୀୟ ଟିମ୍ କ୍ୟାଚ୍ ଡ୍ରପ୍ କରିଛି । ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲରେ ଟିମ୍ ଇଣ୍ଡିଆଠାରୁ ଭଲ ଫିଲ୍ଡିଂ ଆଶା କରାଯାଉଥିଲା । ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚରୁ ହିଁ ଟିମ୍‌ର ଫିଲ୍ଡିଂ ଆଶାର ବିପରୀତ ରହିଛି । ମୈଦାନରେ କ୍ୟାଚ୍ ଧରିବା ମାମଲାରେ ସମାନ ସ୍ଥିତି । ଫାଇନାଲରେ ଭାରତୀୟ ଖେଳାଳି ନ୍ୟୁଜିଲାଣ୍ଡ ବ୍ୟାଟରଙ୍କ ୪ କ୍ୟାଚ୍ ଛାଡ଼ିଛନ୍ତି। ଫାଇନାଲ୍‌ରେ ଟିମ୍ ଇଣ୍ଡିଆର ଅଧିନାୟକ ରୋହିତ୍ ଶର୍ମାଙ୍କ ସମେତ ୪ ଜଣ ଖେଳାଳି କ୍ୟାଚ୍ ଡ୍ରପ୍ କରିଛନ୍ତି। ମହମ୍ମଦ ଶାମି ଇନିଂସର ସପ୍ତମ ଓଭରରେ ନିଜ ବୋଲିଂ ହିଁ ରଚିନ ରବିନ୍ଦ୍ରଙ୍କ କ୍ୟାଚ୍ ଡ୍ରପ୍ କରିଥିଲେ।



ୟୁନିର୍ଭର୍ସିଟୀ ଅଫ ମେରୀଲ୍ୟାଣ୍ଡ ସ୍କୁଲ ଅଫ ମେଡିସିନ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରେ ଏହି ଖୁଲାସା କରାଯାଇଛି ଯେ, କିଛି ବ୍ଲଡ ଗ୍ରୁପର ଲୋକେ ଅନ୍ୟ ଗ୍ରୁପ ତୁଳନାରେ ଅଧିକ ବ୍ରେନ ଷ୍ଟ୍ରୋକର ଶିକାର ହୋଇଛନ୍ତି। ନ୍ୟୁରୋଲୋଜୀ ଖବର କାଗଜରେ ଛପାଯାଇଥିବା ଏହି ଷ୍ଟଡୀରେ ଜଣାପଡିଛି ଯେ, ବ୍ଲଡ ଗ୍ରୁପ 'ଏ' ର ଲୋକଙ୍କୁ ବ୍ରେନ ଷ୍ଟ୍ରୋକର ବିପଦ ସବୁଠାରୁ ଅଧିକ। ଏହି ଲୋକମାନଙ୍କର ବ୍ଲଡ କ୍ଲଟିଙ୍ଗର ସମସ୍ୟା ଅଧିକ ଥାଏ। ଯାହା ବ୍ରେନ ଷ୍ଟ୍ରୋକର ଏକ ମୁଖ୍ୟ କାରଣ ଅଟେ। ଏହା ବ୍ୟତୀତ, ଏହି ଗ୍ରୁପର ଲୋକଙ୍କ ମଧ୍ୟରେ ହାଇ ବ୍ଲଡ ପ୍ରେସର ଏବଂ ଡାଇବେଟିସ ଭଳି ସ୍ୱାସ୍ଥ୍ୟ ସମସ୍ୟା ଅଧିକ ରହିଥାଏ। ଅନୁସନ୍ଧାନକାରୀ ଟିମ ୬ ଲକ୍ଷ ଲୋକଙ୍କ ଡାଟାକୁ ଏକତ୍ରିତ କରିଥିଲେ, ଯେଉଁଥିରେ ଭିନ୍ନ ଭିନ୍ନ ବୟସ, ଲିଙ୍ଗ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଲୋକେ ସାମିଲ ଥିଲେ। ଏମାନଙ୍କୁ ବ୍ଲଡ ଗ୍ରୁପ ଆଧାରରେ ଭିନ୍ନ ଭିନ୍ନ କାଟାଗୋରୀରେ ରଖାଗଲା ଏବଂ ସମୋନଙ୍କର ମେଡିକାଲ ହିଷ୍ଟ୍ରୀର ଅଧ୍ୟୟନ କରାଗଲା। ଏହାର ପରିଣାମସ୍ୱରୂପ, ବ୍ଲଡଗ୍ରୁପ 'ଏ'ର ଲୋକଙ୍କ ମଧ୍ୟରେ ଷ୍ଟ୍ରୋକର ମାମଲା ଅନ୍ୟ ବ୍ଲଡ ଗ୍ରୁପ ତୁଳନାରେ ଅଧିକ ମିଳିଥିଲା।

# ଅଯୋଧ୍ୟାରେ ଜମି କିଣିଲେ ବିଗ୍ ବି



ବଲିଉଡ୍ ଅଭିନେତା ଅମିତାଭ ବଚ୍ଚନ ରାମନଗରୀ ଅଯୋଧ୍ୟାରେ ୨ ବିଘା(ପ୍ରାୟ ୫୦୬୯ ବର୍ଗ ମିଟର) ଜମି କିଣିଛନ୍ତି । ତାର ଦାମ୍ ୮୬ ଲକ୍ଷରୁ ଅଧିକ । ମୁମ୍ବାଇସ୍ଥିତ ଡେଭଲପର 'ଦ ହାଉସ୍ ଅଫ୍ ଅଭିନନ୍ଦନ ଲୋଢ଼ା' ନିକଟରୁ ହରିବଂଶ ରାୟ ମେମୋରିଆଲ ଟ୍ରଷ୍ଟ ନାମରେ ସେହି ଜମିକୁ କିଣାଯାଇଛି । ସେଠାରେ ଅମିତାଭ ନିଜ ପିତାଙ୍କ ନାମରେ ହରିବଂଶ ରାୟ ମେମୋରିଆଲ ଟ୍ରଷ୍ଟ ବନାଇବେ ବୋଲି ଚର୍ଚ୍ଚା ଚାଲିଛି । ସେହି ପ୍ଲଟ୍ ତିହୁରା ମାଞ୍ଝାରେ ରହିଛି । ସେଠାରୁ ରାମମନ୍ଦିରର ଦୂରତା ୭ କିମି । ଅର୍ଥାତ୍ ଅମିତାଭଙ୍କୁ ସେଠାରେ ପହଞ୍ଚିବାଲାଗି ମାତ୍ର ୧୫-୨୦ ମିନିଟ୍ ଲାଗିବ । ଗତବର୍ଷ ଜାନୁଆରୀ ମାସରେ ଅଯୋଧ୍ୟା ରାମମନ୍ଦିରରେ ରାମଲଲାଙ୍କର ପ୍ରାଣପ୍ରତିଷ୍ଠା ପରେ ଅମିତାଭ ସେଠାରେ ଜମି କିଣିବାକୁ ଯାଉଥିବା କଥା ପ୍ରଥମେ ସାମ୍ନାକୁ ଆସିଥିଲା ।

# କୋରାପୁଟରେ ମହେଶ-ପ୍ରିୟଙ୍କା



ଦକ୍ଷିଣ ଓଡ଼ିଶା ମୁହାଁ ହୋଇଛି ଦକ୍ଷିଣ ଫିଲ୍ମ ଇଣ୍ଡଷ୍ଟ୍ରି । ଜଣଙ୍କ ପରେ ଜଣେ ସିନେ ନିର୍ମାତା ଫିଲ୍ମ ସୁଟିଂ ପାଇଁ ରାଜ୍ୟର ଭୂସ୍ୱର୍ଗ କୋରାପୁଟ ଜିଲ୍ଲାକୁ ବାଛୁଛନ୍ତି । ଜଣାଶୁଣା ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶକ ଏସ୍ଏସ୍ ରାଜାମୌଲି ତାଙ୍କର ଆଗାମୀ ଫିଲ୍ମ 'ଏସ୍ଏସ୍ଏମ୍‌ବି ୨୯'ର ସୁଟିଂ ମାର୍ଚ୍ଚ ୭ରୁ ଦେଓମାଳିରେ ଆରମ୍ଭ କରିଛନ୍ତି । ସୁଟିଂ କରିବାକୁ ଜିଲ୍ଲାର ଦେଓମାଳି ସମେତ ତଳମାଳି, ସେମିଳିଗୁଡ଼ା, ଲମତାପୁଟ ଓ ଜୟପୁର ଭଳି ସ୍ଥାନକୁ ଚୟନ କରାଯାଇଛି। ଏହି ଫିଲ୍ମରେ ପ୍ରମୁଖ ଭୂମିକାରେ ତେଲୁଗୁ ସୁପରଷ୍ଟାର୍ ମହେଶ ବାବୁଙ୍କ ସହ ଲୋକପ୍ରିୟ ନାୟିକା ପ୍ରିୟଙ୍କା ଚୋପ୍ରା ଅଭିନୟ କରୁଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଅନ୍ୟୁନ ୫୦୦ କୋଟି ଟଙ୍କା ବଜେଟ୍‌ରେ ଏହି ତେଲୁଗୁ ଚଳଚ୍ଚିତ୍ର 'ଏସ୍ଏସ୍ଏମ୍‌ବି ୨୯' ନିର୍ମାଣ ହେଉଛି । ଚଳଚ୍ଚିତ୍ରର କାହାଣୀ ସେନାବାହିନୀ, ବ୍ରିଟିଶ୍‌ରାଜ, ଆଫ୍ରିକୀୟଙ୍କ ଉପରେ ପର୍ଯ୍ୟବେସିତ । ସ୍ଥାନୀୟ ଜିଲ୍ଲା ପ୍ରଶାସନର ଅନୁମତି ପରେ ନିର୍ଦ୍ଦେଶକ ରାଜାମୌଳି ନିଜ ଟିମ୍ ନେଇ ସେମିଳିଗୁଡ଼ାରେ ପହଞ୍ଚିଛନ୍ତି । ନାୟକ ମହେଶ ବାବୁ, ନାୟିକା ପ୍ରିୟଙ୍କାଙ୍କ ସମେତ ଅନ୍ୟତମ ତେଲୁଗୁ ସୁପରଷ୍ଟାର ପୃଥ୍ୱୀରାଜ ସୁକୁମାରନ ମଧ୍ୟ ଏଠାରେ ପହଞ୍ଚିଛନ୍ତି। ମାର୍ଚ୍ଚ ପହିଲାରୁ ଏଠାରେ ସୁଟିଂ ଟିମ୍ ପହଞ୍ଚିଥିବାବେଳେ ୭ ତାରିଖରୁ ସୁଟିଂ ଆରମ୍ଭ ହୋଇଛି । ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ସେମିଳିଗୁଡ଼ା ଓ ପଟ୍ଟାଙ୍ଗି ବ୍ଲକ୍‌ର ଦେଓମାଳି, ତଳମାଳି ଏବଂ କୋଟିଆ ଅଞ୍ଚଳରେ ଫିଲ୍ମର ବିଭିନ୍ନ ଦୃଶ୍ୟ ସୁଟିଂ ହେବ । ଏଥିଲାଗି ସମ୍ପୃକ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ନିର୍ଦ୍ଦେଶକ, ନାୟକ, ନାୟିକା, ପ୍ରଡକ୍ସନ୍ ମ୍ୟାନେଜରଙ୍କଠାରୁ ଆରମ୍ଭ କରି ଟିମ୍‌ର ଅନ୍ୟମାନେ ସେମିଳିଗୁଡ଼ାର ଏକ ହୋଟେଲରେ ରହୁଛନ୍ତି । ସୁଟିଂ ପୂର୍ବରୁ ସ୍ଥାନ ଚୟନ ପାଇଁ ରାଜାମୌଳି କୋରାପୁଟ ଆସିଥିଲେ।



# ବାସ୍ତୁରେ ବେଲ ଗଛ...



ବେଲପତ୍ରକୁ ଭଗବାନ ଶିବଙ୍କର ତିନି ନେତ୍ରର ପ୍ରତୀକ ବୋଲି କୁହାଯାଏ। ସେଥିପାଇଁ ତ ଏହି ପତ୍ର ମହାଦେବଙ୍କର ଅତି ପ୍ରିୟ ହୋଇଥାଏ। ମାନ୍ୟତା ରହିଛି, ଯେଉଁ ସ୍ଥାନରେ ବେଲଗଛଟିଏ ଥାଏ, ତାହା କାଶୀତୀର୍ଥସମ ପବିତ୍ର ତଥା ପୂଜନୀୟସ୍ଥଳ ପାଲଟିଯାଏ। ବାସ୍ତୁଶାସ୍ତ୍ର ଅନୁଯାୟୀ ବି, ଯଦି କୌଣସି ବ୍ୟକ୍ତି ପବିତ୍ର ମନରେ ବେଲ ଗଛଟିଏ ଲଗାଇଥାନ୍ତି, ତା'ହେଲେ ତାଙ୍କୁ ଅନେକ ଶୁଭଫଳ ପ୍ରାପ୍ତି ହୋଇଥାଏ। ଖାସ୍‌କରି ଘରର ଅଗଣା କିମ୍ବା ବଗିଚାରେ ବେଲଗଛଟିଏ ଲଗାଇଲେ ନକରାତ୍ମକ ଶକ୍ତି ନଷ୍ଟ ହୋଇ ସକରାତ୍ମକ ଶକ୍ତିର ସଞ୍ଚାର ହୋଇଥାଏ। ଘରର ବାତାବରଣ ଶୁଦ୍ଧ ହେବା ସହ ଗୃହ କଳହରୁ ଏହା ରକ୍ଷା କରିଥାଏ। ତା'ଛଡ଼ା ଘର ସଦସ୍ୟଙ୍କର ମାନସମ୍ମାନ ବଢାଇବାରେ ବି ଏହି ଗଛ ଅନେକ ସାହାଯ୍ୟ କରେ। ସେହିପରି କୁହାଯାଏ, ଘରର ଉତ୍ତର ପଶ୍ଚିମ ଦିଗରେ ବେଲଗଛଟିଏ ଲଗାଇଲେ ଯଶ ବଢିବା ସହ କରଜରୁ ଶୀଘ୍ର ମୁକ୍ତି ପାଇବାର ଉପାୟ ମିଳିଥାଏ। ଉତ୍ତର-ପୂର୍ବ ଦିଗରେ ଗଛ ଲଗାଇଲେ ସୁଖଶାନ୍ତି ବୃଦ୍ଧିପାଏ। ଅନ୍ୟପକ୍ଷେ ବାସସ୍ଥାନର ଠିକ୍ ମଝି ଅଂଶରେ ଏହି ଗଛ ଲାଗିଥିଲେ, ଜୀବନରେ ମଧୁରତା ଆସିଥାଏ। ଏହାଛଡ଼ା ଘର ଅଗଣାରେ ବେଲଗଛଟିଏ ଲଗାଇ ତାହାକୁ ନିୟମିତ ପୂଜା କଲେ ସନ୍ତାନ ପ୍ରାପ୍ତିର ସୁଖ ମିଳିଥାଏ ବୋଲି ବିଶ୍ୱାସ କରାଯାଏ। ସେହିପରି ଘରର ଆଖପାଖ ଅଞ୍ଚଳରେ ବେଲଗଛଟିଏ ଥିଲେ, ସାପ ତଥା ଅନ୍ୟ ବିଷାକ୍ତ ଜୀବଜନ୍ତୁ ପାଖ ମାଡନ୍ତି ନାହିଁ ବୋଲି ଲୋକେ ବିଶ୍ୱାସ କରିଥାନ୍ତି।



# ଫସିଲେ ୩ ସୁପରଷ୍ଟାର

ପୁଣି ବିବାଦ ଘେରରେ ଶାହରୁଖ ଖାନ, ଅଜୟ ଦେବଗନ ଏବଂ ଟାଇଗର ଶ୍ରଫ୍। ପାନ ମସଲାର ବିଜ୍ଞାପନ ଯୋଗୁଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜୟପୁରର ଜିଲ୍ଲା ଉପଭୋକ୍ତା ବିବାଦ ସମାଧାନ ଫୋରମରେ ଏହି ତାରକାଙ୍କ ବିରୋଧରେ ଅଭିଯୋଗ ହୋଇଛି। ଏହି ପ୍ରସଙ୍ଗରେ ଫୋରମ୍ ସମସ୍ତ ତିନି କଳାକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ନୋଟିସରେ ବିମଳ ପାନ ମସଲାର ଭ୍ରମ ଆଡ୍ ପାଇଁ ୧୯ ମାର୍ଚ୍ଚରେ ହାଜର ହେବାକୁ କୁହାଯାଇଛି। ଏହି ଆଡ୍‌ରେ ଦାବି କରାଯାଇଛି ଯେ, ପାନ୍ ମସଲାର ପ୍ରତିଟି ଦାନାରେ କେଶର ଥାଏ। ଆଡ୍‌ର ଟ୍ୟାଗ ଲାଇନ ରହିଛି, 'ଦାନେ ଦାନେ ମୈ କେଶର କା ଦମ୍'। ଆୟୋଗ ଅଧ୍ୟକ୍ଷ ଗ୍ୟାରସିଲାଲ ମୀନା ଏବଂ ସଦସ୍ୟ ହେମଲତା ଅଗ୍ରୱାଲ ଜୟପୁରରେ ରହୁଥିବା ଯୋଗେନ୍ଦ୍ର ସିଂହ ବଡିୱାଲଙ୍କ ଅଭିଯୋଗ ଉପରେ ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଲେଖିଛନ୍ତି ଯେ, ଶାହରୁଖ ଖାନ, ଅଜୟ ଦେବଗନ ଏବଂ ଟାଇଗର ଶ୍ରଫ୍ ଏହାର ବିକ୍ରୟ ପାଇଁ ଆଡ୍ କରନ୍ତି। ଏହି ଆଡ୍‌ରେ ଦାବି କରାଯାଇଛି ଯେ, ଏଥିରେ କେସର ଅଛି। ହେଲେ କେସରର ୧ କେଜି ମୂଲ୍ୟ ୪ ଲକ୍ଷ ଟଙ୍କା। ଏହି କେଶର ପାନ ମସଲାରେ ଆସିଥାଏ। ଏଥିରେ କେଶର ପକାଇବା ତ ଦୂରର କଥା, ଏହାର ସ୍ମେଲ ମଧ୍ୟ ଏଥିରେ ପକାଯାଇ ନଥାଏ। ଅଭିନେତା ଏହି ପାନ ମସଲା ପ୍ରତି ଦାନାରେ କେଶର ଅଛି ବୋଲି ମିଥ୍ୟା ପ୍ରଚାର କରୁଛନ୍ତି।



ବଲିଉଡର ପୁରୁଣା ଲୋକପ୍ରିୟ ଯୋଡ଼ି ସାହିଦ କପୁର ଏବଂ କରିନା କପୁର । ବର୍ତ୍ତମାନ ଉଭୟଙ୍କର କିଛି ଫଟୋ ଏବଂ ଭିଡିଓ ଇଣ୍ଟରନେଟରେ ହଇଚଇ ସୃଷ୍ଟି କରୁଛି । କାରଣ ବ୍ରେକଅପର ଦୀର୍ଘ ୧୮ ବର୍ଷ ପରେ ଉଭୟ ଏକାଠି ନଜର ଆସିଛନ୍ତି । କେବଳ ଏକାଠି ନୁହେଁ ଉଭୟ ପରସ୍ପରଙ୍କୁ ଆଲିଙ୍ଗନ ମଧ୍ୟ କରିଥିଲେ ଏବଂ ବହୁତ ସମୟ ପର୍ଯ୍ୟନ୍ତ କଥାବାର୍ତ୍ତା ମଧ୍ୟ ହୋଇଥିଲେ । ଏତେ ବର୍ଷ ପରେ ପୁଣିଥରେ ଉଭୟଙ୍କ ଏଭଳି କେମେଷ୍ଟ୍ରି ଦେଖି ଫ୍ୟାନ୍ସ ଫିଦା ହୋଇଯାଇଛନ୍ତି । ଜୟପୁରରେ ଅନୁଷ୍ଠିତ ଆଇଆଇଏଫ୍ଏ ୨୦୨୫ ପ୍ରେସ କନ୍‌ଫରେନ୍ସରେ ବି-ଟାଉନର ଏହି ଲୋକପ୍ରିୟ ଯୋଡି କରୀନା-ସାହିଦ ଏକା ସହିତ ନଜର ଆସିଛନ୍ତି । କେବଳ ଏତିକି ନୁହେଁ ଏହା ପରେ ଦୁହେଁ ପରସ୍ପର ସହିତ ହସି ହସି କଥା ହେଉଥିବାର ମଧ୍ୟ ଦେଖାଯାଇଥିଲା । କରୀନା-ସାହିଦଙ୍କ ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଜୋରସୋରରେ ଭାଇରାଲ ହେବାରେ ଲାଗିଛି । ଜବ୍ ୱି ମେଟ୍‌ରେ ଉଭୟଙ୍କ ଦମଦାର କେମେଷ୍ଟ୍ରି ସହିତ ପରଦାରେ ଧମାଲ କରିଥିବା ଏହି ଯୋଡିଙ୍କୁ ପୁଣିଥରେ ଏକାଠି ଦେଖି ଫ୍ୟାନ୍ସ ବହୁତ ଖୁସି ହୋଇଯାଇଛନ୍ତି । କିଛି ଲୋକ ସୋସିଆଲ ମିଡିଆରେ କରୀନା ଏବଂ ସାହିଦଙ୍କ ମଧ୍ୟରେ ଥିବା ଏହି ମୁମେଣ୍ଟକୁ ନେଇ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି ।

# ୧୮ ବର୍ଷ ପରେ ଏକାଠି ନଜର ଆସିଲେ ସାହିଦ-କରୀନା

ଏହି ସମୟରେ କରୀନା-ସାହିଦଙ୍କ ସହିତ କରଣ ଜୋହର ଏବଂ କାର୍ତ୍ତିକ ଆର୍ଯ୍ୟନଙ୍କୁ ମଧ୍ୟ ଷ୍ଟେଜ ଉପରେ ଏକାଠି ଦେଖିବାକୁ ମିଳିଥିଲା । ଉଭୟ ପରସ୍ପରକୁ ଆଲିଙ୍ଗନ କରିବା ପରେ ବହୁତ ସମୟ ପର୍ଯ୍ୟନ୍ତ ପରସ୍ପର ସହିତ କଥାବାର୍ତ୍ତା ମଧ୍ୟ ହୋଇଥିଲେ । ଏହା ପରେ କରିନା କରଣ ଜୋହରଙ୍କୁ ଆଲିଙ୍ଗନ କରିଥିଲେ । ବ୍ରେକଅପ୍ ପରେ ସାହିଦ ଏବଂ କରୀନା 'ଉଡତା ପଞ୍ଜାବ'ରେ ଏକାଠି କାମ କରିଥିଲେ, କିନ୍ତୁ ଫିଲ୍ମରେ ଉଭୟଙ୍କ ମଧ୍ୟରେ ଗୋଟିଏ ବି ସିନ୍ ନଥିଲା । ଏକ ପୁରୁଣା ଇଣ୍ଟରଭ୍ୟୁରେ, କରୀନା ପ୍ରକାଶ କରିଥିଲେ ଯେ ସାହିଦ ହିଁ ତାଙ୍କୁ 'ଜବ୍ ୱି ମେଟ୍'ରେ ଗୀତ୍ ଭୂମିକାରେ ଅଭିନୟ କରିବାକୁ ଉତ୍ସାହିତ କରିଥିଲେ, ଯାହା ଖୁବ ହିଟ୍ ହୋଇଥିଲା । ଏହି ଫିଲ୍ମ ରିଲିଜ ପୂର୍ବରୁ ସେମାନଙ୍କ ବ୍ରେକଅପ୍ ସତ୍ତ୍ୱେ, ଦୁହିଁଙ୍କ ଫିଲ୍ମ ବକ୍ସ ଅଫିସରେ ସଫଳ ହୋଇଥିଲା । ବ୍ରେକଅପ୍ ପରେ କରୀନା ସୈଫ୍ ଅଲ୍ଲୀ ଖାନଙ୍କୁ ଏବଂ ଶାହିଦ ମୀରା ରାଜପୁତଙ୍କୁ ବିବାହ କରିଥିଲେ । ଯାହାପରେ ଉଭୟ କେବେ ବି ଏକାଠି ନଜର ଆସିନଥିଲେ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଡେରାବିଶ, (ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ଅନ୍ତର୍ଗତ ଖମୋଳ ପଂଚାୟତ କାର୍ଯ୍ୟାଳୟରେ ଆଜି ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପଂଚାୟତ ମହାସଂଘ ସଭାପତି କବିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥିଭାବେ ସରପଂଚ ତୃପ୍ତିମୟୀ କର, ସମ୍ମାନିତ ଅତିଥିଭାବେ ପଂଚାୟତ ନିର୍ବାହୀ ଅଧିକାରୀ ଚନ୍ଦ୍ରଶେଖର କର, ଏମବିକେ ସୌଦାମିନୀ ଜେନା, ବ୍ୟାଙ୍କମିତ୍ର ଶୋଭାବତି ସାହୁ ଯୋଗ ଦେଇ ମହିଳାମାନଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ କହିଥିଲେ। ଏଥିସହିତ ମହିଳାମାନେ ସ୍ୱୟଂ ସହାୟିକା ଗୋଷ୍ଠୀ ସହିତ ଜଡ଼ିତ ହୋଇ ଉଦ୍ୟୋଗପତି ହେବା ଏବଂ ସ୍ଥାନୀୟ ଅଂଚଳରେ ବହୁ ମହିଳା ଉଚ୍ଚଶିକ୍ଷିତା ହୋଇ ବିଭିନ୍ନ ବଡ଼ ବଡ଼ ପଦବୀ ଅଳଙ୍କୃତ କରିଥିବା ସମ୍ପର୍କରେ ଉଦାହରଣ ଦେଇଥିଲେ। ମହାସଂଘର ସମ୍ପାଦିକା ମିନତୀପ୍ରଭା ନାୟକ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଂଚାୟତ ଅନ୍ତର୍ଗତ ସମସ୍ତ ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାଙ୍କ ସମେତ, ସମସ୍ତ ସିଆରପି, ଇସି ସଭ୍ୟା, ଏବଂ ପଂଚାୟତ ଅନ୍ତର୍ଗତ ସମସ୍ତ ମହିଳା ୱାର୍ଡ଼ମେମ୍ବରମାନେ ଯୋଗ ଦେଇଥିଲେ। ଶେଷରେ ସିଆରପି ସଂଘମିତ୍ରା ପରିଧା ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଙ୍ଗିବନି ଆଉ ଆପଣଙ୍କର ସ୍ୱପ୍ନର ଘର

### ଲିଫ୍ଟିଙ୍ଗ ଆଉ ସିଫ୍ଟିଙ୍ଗ ମାଧ୍ୟମରେ ଅନ୍ୟସ୍ଥାନକୁ ହୋଇପାରିବ ସ୍ଥାନାନ୍ତର



ବାରିପଦା, (ଭାସ୍କର ନ୍ୟୁଜ୍): ବାରିପଦା ସହରର ସୁନା ଗାଡ଼ିଆ ସ୍ଥିତ 'ଦାସ ଇଭେଣ୍ଟ'ର କନ୍ଫରେନ୍ସ ହଲ୍ ଠାରେ ଏଚ୍.ଏସ୍.ଭି.ଏଲ ହାଉସ୍ ଲିଫ୍ଟିଙ୍ଗ କମ୍ପାନୀର ମାଲିକ ରାହୁଲ୍ ରାଣାଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଏଚ୍.ଏସ୍. ବି.ଏଲ୍ କମ୍ପାନୀର ମାଲିକ ରାହୁଲ୍ ରାଣା କହିଛନ୍ତି ଯେ ବର୍ତ୍ତମାନ ସରକାରଙ୍କ ପକ୍ଷରୁ ରାଜ୍ୟର ଅଧିକାଂଶ ସଡ଼କ ପ୍ରଶସ୍ତିକରଣ ନିର୍ଦ୍ଦେଶ ସରକାରଙ୍କ ପକ୍ଷରୁ ଚାଲିଛି, ଏହି କାରଣରୁ ସରକାର ଅଧିକାଂଶ ଗୃହ ଓ ବ୍ୟବସାୟୀକ ସଂସ୍ଥାନର ମାଲିକଙ୍କୁ ଗୃହ ଉଚ୍ଛେଦ ସୂଚନା ଜାରି କରିଛନ୍ତି। ଏଭଳି ସ୍ଥିତିରେ ଆପଣଙ୍କର ଯଦି ଗୃହ ସ୍ଥାନାନ୍ତରଣ ନିମନ୍ତେ ସ୍ଥାନ ରହିଛି ତା'ହେଲେ ଭୟଭୀତ ନ ହୋଇ ଏଚ୍.ଏସ୍.ଭି.ଏଲ୍ କମ୍ପାନୀକୁ ୭୪୩୦୦୦୦୮୭ ନମ୍ବରରେ ଯୋଗାଯୋଗ କରି ଆପଣଙ୍କ ସ୍ୱପ୍ନର ଘରକୁ ଧ୍ୱଂସ ମୁହଁରୁ ବଞ୍ଚାନ୍ତୁ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ସହରର ଅଧିକାଂଶ ସାମ୍ବାଦିକ ଭାଇଭଉଣୀ ଉପସ୍ଥିତ ଥିଲେ। ଜୀବନର ଜମା ପୁଞ୍ଜି ଜଣେ ତା'ର ସ୍ୱପର ଘରେ ଲଗାଇ ଦେଇଥାଏ କିନ୍ତୁ ଯେତେବେଳେ ସେଇ ଘର ଭାଙ୍ଗିବାର କଥା ଆସେ ପରିବାର ଆଖିରୁ ନିଦ ହଜିଯାଏ। ଆଉ ସେଇ ମୁହୂର୍ତ୍ତରେ ଯଦି ଆପଣଙ୍କ ନିକଟରେ ଏଚ୍.ଏସ୍.ବି.ଏଲ୍ କମ୍ପାନୀର ଫୋନ୍ ନମ୍ବର୍ ଥିବ ତା'ହେଲେ ଆପଣ ନିଶ୍ଚିତ ଧ୍ୱଂସ ମୁହଁରୁ ବଞ୍ଚାଇ ପାରିବେ ଆପଣଙ୍କର ସ୍ୱପ୍ନର ଘର।

## ପୌରପାଳିକା ୱାର୍ଡ଼ରେ ସଫେଇ ନାଁ'ରେ ଲକ୍ଷଲକ୍ଷ ଟଙ୍କା ଲୁଟ୍




ପଟ୍ଟାମୁଣ୍ଡାଇ, (ଭାସ୍କର ନ୍ୟୁଜ୍): ପଟ୍ଟାମୁଣ୍ଡାଇ ପୌରପାଳିକା କୋଡ଼ିଏଟି ୱାର୍ଡକୁ ନେଇ ଗଠିତ। ଏବେ ସବୁ ୱାର୍ଡରେ ସଫେଇ ପାଇଁ ଟେଣ୍ଡର ହୋଇ କାମ ଚାଲିଛି। କିନ୍ତୁ ପୌରପାଳିକାର କୌଣସି ୱାର୍ଡରେ ସଠିକ୍ ଭାବରେ ସଫେଇ କାର୍ଯ୍ୟକ୍ରମ ହେଉନାହିଁ। ସବୁ ୱାର୍ଡରେ ଅଳିଆ ଗଦା ହୋଇ ପଡୁଛି। କିଛିକିଛି ୱାର୍ଡରେ ସଫେଇ ହଉଛି ସତ, କିନ୍ତୁ ବହୁ ଜାଗାରେ ଆଦୌ ସଫେଇ ହେଉନାହିଁ। ଅଳିଆ ବହୁଦିନ ସବୁ ୱାର୍ଡରେ ପଡ଼ିରହି ଦୁର୍ଗନ୍ଧ ବାହାରୁଚି। ସେଇ ଅଳିଆ ପଚିବା ଦ୍ୱାରା ମଶାମାନଙ୍କର ପ୍ରାଦୁର୍ଭାବ ବଢ଼ିଛି। ଏହି ମଶା କାମୁଡ଼ିବା ଦ୍ୱାରା ଜନସାଧାରଣ ରୋଗରେ ପଡ଼ି ଡାକ୍ତରଖାନା ଯାଉଛନ୍ତି। ପଟ୍ଟାମୁଣ୍ଡାଇ ପୌରପାଳିକାର ସବୁ ୱାର୍ଡରେ ଦିନ ଓ ରାତି ଘରେ ମଶା ହେବା ସହିତ ଅଳିଆ ପଚିବା ଦ୍ୱାରା ଗନ୍ଧ ହେଉଛି, ଲୋକମାନେ ଘରେ ରହି ପାରୁନାହାନ୍ତି। କିନ୍ତୁ ପଟ୍ଟାମୁଣ୍ଡାଇ ପୌରପାଳିକାର ସବୁ ୱାର୍ଡରେ ସଫେଇ କାର୍ଯ୍ୟକ୍ରମରେ ପ୍ରତି ଦିନ ହଜାର ହଜାର ଟଙ୍କା ଖର୍ଚ୍ଚ ହୁଏ କିନ୍ତୁ ସୁଫଳ ମିଳେନି। ପଟ୍ଟାମୁଣ୍ଡାଇ ପୌରପାଳିକାର ସବୁ ୱାର୍ଡ ଜନସାଧାରଣ ବହୁ ବାର ଅଭିଯୋଗ କଲେ ମଧ୍ୟ ସଫେଇ କାମ ଠିକ୍ ଭାବରେ ହେଉନାହିଁ। କିଛି କର୍ମଚାରିଙ୍କୁ ୱାର୍ଡ ସଫେଇ କାମରେ ଲଗାଇ ତାହାର ତିନି ଗୁଣା କର୍ମଚାରି ନିଯୁକ୍ତି ଅଛନ୍ତି ବୋଲି କାଗଜ ପତ୍ରରେ ଦେଖାଇ ପ୍ରତିଦିନ ହଜାର ହଜାର ଟଙ୍କା ନେତା, ସଫେଇ ଠିକାଦାର, କିଛି ଅଫିସ କର୍ମଚାରୀ ମିଶି ଫଲ୍ସ ବିଲ କରାଇ ପୌରପାଳିକାରୁ ଲୁଟି ନେଇଛନ୍ତି। ପଟ୍ଟାମୁଣ୍ଡାଇ ଜନସାଧାରଣ ଅଭିଯୋଗ କଲେ ମଧ୍ୟ ନଶୁଣିଲା ପରି ଚୁପ୍ ରହୁଛନ୍ତି। ଏହି ସଫେଇ କାର୍ଯ୍ୟକ୍ରମ ପାଇଁ ଓଡ଼ିଶା ସରକାର ଓ ଭାରତ ସରକାରଙ୍କୁ ଠୁ ବହୁ ଅର୍ଥ ପୌରପାଳିକାକୁ ଆସୁଥିବା ବେଳେ ସେଇ ଅର୍ଥକୁ କିଛି ଅସାଧୁ ନେତା ଓ ପ୍ରଶାସନ ଓ ଠିକାଦାର ମିଶି ଲୁଟି ନେଉଛନ୍ତି। ଯଦି କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ଦୃଷ୍ଟି ନଦିଅନ୍ତି ଆଗାମୀ ଦିନରେ ପଟ୍ଟାମୁଣ୍ଡାଇ ପୌର-ପାଳିକାର ଅର୍ଥକୁ ନେତା ଓ ପୌରପାଳିକା କର୍ମଚାରୀ ମିଶି ମାସରେ ଲକ୍ଷଲକ୍ଷ ଟଙ୍କା ଲୁଟି ନେବେ। ଆଗରୁ ପଟ୍ଟାମୁଣ୍ଡାଇ ପୌରପାଳିକା ଆବାସ ଯୋଜନା, ଦୋକାନ ଗୃହ ବଣ୍ଟନ ଦୁର୍ନୀତି, ସବୁ ୱାର୍ଡରେ ହେଉଥିବା ନିମ୍ନମାନର କାମ ଦୁର୍ନୀତି ପଦାକୁ ଆସିଥିବା ବେଳେ ଏବେ ପ୍ରତି ମାସରେ ସଫେଇ କାମରେ ଲକ୍ଷ ଲକ୍ଷ ଟଙ୍କା ର ଦୁର୍ନୀତି ଆସିବା ଦ୍ୱାରା ପଟ୍ଟାମୁଣ୍ଡାଇ ପୌରପାଳିକାର ସମସ୍ତ ୱାର୍ଡର ଜନସାଧାରଣଙ୍କ ପୌରପାଳିକାର ନେତା ଓ ପୌରପାଳିକା କର୍ମଚାରି ଙ୍କ ଉପରେ ବିଶ୍ୱାସ ହରାଇ ସାରିଲେଣି। ଯଦି ଆଗାମୀ ଦିନରେ ପଟ୍ଟାମୁଣ୍ଡାଇ ପୌରପାଳିକା ଅଫିସ ଉପରେ ଭିଜିଲାନ୍ସ ତଦନ୍ତ ନ ହୁଏ କିମ୍ବା ଜିଲ୍ଲା ପ୍ରଶାସନ ତଦନ୍ତ ନ କରେ ଆଗାମୀ ଦିନରେ ଆହୁରି ଦୁର୍ନୀତି ପୌରପାଳିକାରେ ହେବ। ପୌରପାଳିକା ବିରୁଦ୍ଧରେ ବହୁ ଅଭିଯୋଗ ଆସିବାରେ ଲାଗିବାରୁ ପଟ୍ଟାମୁଣ୍ଡାଇ ଜନସାଧାରଣ ଙ୍କ ମନ୍ ରେ ଜନ୍ ଅସନ୍ତୋଷ ଦେଖା ଦେଇଛି। ଆଗାମୀ ଦିନରେ ପଟ୍ଟାମୁଣ୍ଡାଇରେ ଏକ ଜନଆନ୍ଦୋଳନ ଦେଖା ଯିବାର ସମ୍ଭାବନା ଅଛି। ଏହି ଘଟଣା ପ୍ରକୃତ୍ ତଦନ୍ତ କରାଗଲେ ଜଣାପଡ଼ିବ ୱାର୍ଡ଼ର ସଫେଇ କାମ ପାଇଁ କେତେ କର୍ମଚାରି ନିଯୁକ୍ତ ହୋଇଛନ୍ତି ଓ ପ୍ରତିଦିନ କେତେ କର୍ମଚାରୀ ଫଲ୍ସ ନିଯୁକ୍ତି ଦେଇ ସଫେଇ ନାଁ'ରେ ପ୍ରତି ମାସରେ ଲକ୍ଷଲକ୍ଷ ଟଙ୍କା ନେତା, ଠିକାଦାର ଓ ପୌରପାଳିକା କର୍ମଚାରୀ ଲୁଟୁଚ୍ଛନ୍ତି।

### ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

କଣ୍ଟାବାଞ୍ଜି, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଏନ୍ଏସିରେ ଶନିବାର ଦିନ ମହା ଆଡମ୍ବରରେ ମହିଳା ଦିବସ ପାଳିତ ହୋଇଥିଲା। ଏହି ଅବସରରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏନ୍ଏସି ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନାଙ୍କ ସଭାପତିତ୍ୟରେ ନଗରପାଳ ବରୀୟମ୍ ସିଂ ସାଲୁଜା ଉପନଗରପାଳ ମନୋରମା ରାଉତ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ୍ ଥିବା ବେଳେ ଉପସ୍ଥିତ କାଉନସିଲର ସଭ୍ୟା ସଭ୍ୟ ବିଶିଷ୍ଟ ଅତିଥି ଭାବେ ମଞ୍ଚାସିନ ଥିଲେ।

### ଅକ୍ଷୟ ଜେନା ରାଜୀବ ଗାନ୍ଧୀ ପଞ୍ଚାୟତରାଜ ସଂଗଠନର ସମ୍ପାଦକ

କୋରେଇ, (ଭାସ୍କର ନ୍ୟୁଜ୍): ଓଡ଼ିଶା ରାଜ୍ୟ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ସମ୍ପାଦକ ଭାବେ ଯାଜପୁର ଜିଲ୍ଲା କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶଙ୍ଖଚିଲା ଅଞ୍ଚଳର ସାମାଜିକ କର୍ମୀ ତଥା କୋରେଇ ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ଅକ୍ଷୟ କୁମାର ଜେନାଙ୍କୁ ନିଯୁକ୍ତି ଦିଆଯାଇଛି। ଜଣେ ତୃଣମୂଳ ସ୍ତରର ଏହି ଭାରତୀୟ ଜାତୀୟ କଂଗ୍ରେସର କର୍ମୀ ଦଳ ପାଇଁ ଅହରହ କାମ କରି ଆସି କୋରେଇ ତଥା ଯାଜପୁର ଜିଲ୍ଲାରେ ସଂଗଠନକୁ ସଶକ୍ତ କରିଆସିଛନ୍ତି। ଆଜିର ଦିନରେ ବ୍ୟକ୍ତିଗତ ସ୍ୱାର୍ଥ ସାଧନ ପାଇଁ ଜଣ ବ୍ୟକ୍ତି ବାରମ୍ବାର ଦଳ ପରିବର୍ତ୍ତନ କରି ଆସୁଥିଲା ବେଳେ ଜେନା କିନ୍ତୁ ଏଥିରେ ବ୍ୟତିକ୍ରମ। ଦୀର୍ଘ ଦିନ ଧରି କେବଳ କଂଗ୍ରେସ ପାଇଁ ନିଷ୍ଠାପର ଭାବେ ସେ ସଂଗଠନକୁ ମଜବୁତ କରିବା ସହିତ କଂଗ୍ରେସର ନୀତି ଆଦର୍ଶକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇ ଚାଲିଛନ୍ତି। ଏହି ଅବସରରେ ଜେନା ଜାତୀୟ କଂଗ୍ରେସ ଦଳର ସଭାପତି ମଲ୍ଲିକାର୍ଜୁନ ଖଡଗେ, ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଦଳର ଜାତୀୟ ସାଧାରଣ ସମ୍ପାଦକ ସାଂସଦ ପ୍ରିୟଙ୍କା ଗାନ୍ଧୀ, ଓଡ଼ିଶା ପ୍ରଦେଶ କଂଗ୍ରେସର ସଭାପତି ଭକ୍ତ ଚରଣ ଦାସ, ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ଜାତୀୟ ଅଧ୍ୟକ୍ଷ ହର୍ଷବର୍ଦ୍ଧନ ସପକଲ୍ ଏବଂ ଓଡ଼ିଶାର ଜଣାଶୁଣା ସର୍ବୋଦୟ- କଂଗ୍ରେସ ନେତା ତଥା ଓଡ଼ିଶା ପଞ୍ଚାୟତିରାଜ ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସଙ୍କୁ ବିଶେଷ କୃତଜ୍ଞତା ଜ୍ଞାପନ କରିବା ସହିତ ସେ ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା ଓ ପୂର୍ବତନ ସାଂସଦ ତଥା ଶ୍ରମିକ ନେତା ରାମଚନ୍ଦ୍ର ଖୁଣ୍ଟିଆ ମହୋଦୟଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି।

## ଜିଆଇଇଟିରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଗୁଣୁପୁର, (ଭାସ୍କର ନ୍ୟୁଜ୍): ଗୁଣୁପୁର ଜିଆଇଇଟି ବିଶ୍ୱ ବିଦ୍ୟାଳୟରେ 'ଅନ୍ତର୍ଜାତୀୟ ମହିଳା ଦିବସ' ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ କଲିକତା ସ୍ଥିତ ଭିଜିଲାନ୍ସ ମହାନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶିକା ଡ. ଅନୁରାଧା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ନୂଆଦିଲ୍ଲୀ ସ୍ଥିତ ଶିକ୍ଷା ମନ୍ତ୍ରଣାଳୟ ଅଧୀନସ୍ଥ ରିସର୍ଚ୍ଚ ଆଣ୍ଡ ଏଡ଼ିଟର ବିଶ୍ୱବିଦ୍ୟାଳୟର ମୁଖ୍ୟ ଡ. ସିସ୍ତଳା ରମାଦେବୀ ପାଣି ଯୋଗଦେଇ ବର୍ତ୍ତମାନ ସମାଜରେ ମହିଳା ମାନଙ୍କର ଗୁରୁତ୍ୱ ବର୍ଣ୍ଣନା କରିବା ସହ ଆଗାମୀ ଭବିଷ୍ୟତରେ ପ୍ରତ୍ୟେକ କ୍ଷେତ୍ର ନିଜର ଯୋଗ୍ୟତା ଅର୍ଜନ କରିବା ସହ ଆଗକୁ ବଢିବା ପାଇଁ ଆହ୍ୱାନ ଦେଇଥିଲେ। ବିଶ୍ୱବିଦ୍ୟାଳୟର ଉପସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା ଯୋଗଦେଇ ମହିଳା ମାନଙ୍କ ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ଓ ସେମାନଙ୍କ ଦାୟିତ୍ୱବୋଧକୁ ଭୂୟସୀ ପ୍ରଶଂସା କରିଥିଲେ। ବିଶ୍ୱବିଦ୍ୟାଳୟର କୁଳାଧିପତି ଡ. ଏଲ୍ଏମ୍ ପଟ୍ଟନାୟକ ଯୋଗଦେଇ ମହିଳା ସଶକ୍ତି କରଣ ବିଷୟରେ କହିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ଡ. ଏଭିଏନ୍ଏଲ୍ ଶର୍ମା ଯୋଗଦେଇ ବର୍ତ୍ତମାନ ସମାଜରେ ମହିଳାମାନଙ୍କ ଗୁରୁତ୍ୱ ବିଷୟରେ କହିବା ସହ ସଫଳତା ମହିଳା ମାନଙ୍କ ବିଷୟରେ ବୋଲି କହିଥିଲେ। ଏହି ଅବସରରେ ବିଶ ୍ୱବିଦ୍ୟାଳୟର ଉପସଭାପତି ଡ.ଚନ୍ଦ୍ରଧ୍ୱଜ ପଣ୍ଡାଙ୍କ ଦ୍ୱାରା ମୁଖ୍ୟ ଅତିଥିଙ୍କୁ ସମ୍ମାନୀତ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗ ଓ ଗବେଷଣାରତ ଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପୋଷ୍ଟର ଉପସ୍ଥାପନା କରାଯାଇ ଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତିଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଏନଭିଜେ ରାଓଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ, ଗବେଷଣାରତ ଛାତ୍ରୀବୃନ୍ଦ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଆବାହିକା ଡ. ପ୍ରତିଭା କରଙ୍କ ଦ୍ୱାରା ସ୍ୱାଗତ ଭାଷଣ ପରିବେଷଣ କରିଥିବା ବେଳେ ସହ ଆବାହିକା ଅଧ୍ୟାପିକା ସୁମନ ମିଶ୍ର ଧନ୍ୟବାଦ ଅର୍ପଣ କରିଥଲେ।

### ସାଇ ନର୍ସିଂ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ସାଇ ନର୍ସିଂ ମହାବିଦ୍ୟାଳୟରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଦିବସକୁ ମହାବିଦ୍ୟାଳୟର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀମାନେ ମହାସମାରୋହରେ ପାଳନ କରିଥିଲେ। ପ୍ରଥମେ ଛାତ୍ରଛାତ୍ରୀମାନେ ମୁରୁଜ ରଙ୍ଗୋଲୀ ପକାଇ ବିଭିନ୍ନ ଚିତ୍ର ମାଧ୍ୟମରେ ନାରୀମାନଙ୍କର ଅଧିକାର ଓ ସଶକ୍ତିକରଣ ଉପରେ ବର୍ଣ୍ଣନା କରିଥିଲେ। ଏହାବ୍ୟତିତ ମହାବିଦ୍ୟାଳୟ ପରିସରରେ ଏହି ଉପଲକ୍ଷେ ଅନୁଷ୍ଠିତ ଶୋଭାଯାତ୍ରାରେ ଛାତ୍ରଛାତ୍ରୀମାନେ ଯୋଗଦେଇ ମହିଳା ଅଧିକାର ଆଇନ, ସଶକ୍ତିକରଣ ଓ ମହିଳାମାନଙ୍କୁ ଉଚିତ ସମ୍ମାନ ପ୍ରଦର୍ଶନ ସମ୍ପର୍କରେ ଲେଖାଥିବା ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏଥିସହିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମହାବିଦ୍ୟାଳୟର କର୍ମଚାରୀ ଜ୍ୟୋତିପ୍ରଭା ସାମଲ, ସନ୍ତୋଷ କୁମାର ନାୟକ, ଅନ୍ନପୂର୍ଣ୍ଣା ପାତ୍ର, ରୋଜାଲିନ ଜାନା, ଦିଲ୍ଲିପ କୁମାର ଜେନା, ବିପୁଲ ପ୍ରସାଦ ରାୟ, ପ୍ରଫୁଲ୍ଲ ସ୍ୱାଇଁ, ଶତ୍ରୁଜିତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ଦୁର୍ଘଟଣାରେ ଖବର କାଗଜ ବିକ୍ରେତା ଗୁରୁତର

ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଦାନପୁର ପଂଚାୟତ ଅନ୍ତର୍ଗତ ଭାଗବତପୁର ଗ୍ରାମର ଖବରକାଗଜ ବିକ୍ରେତା ଯୋଗେଶ କୁମାର ଜେନା ଗତାକାଲି ଏକ ସଡ଼କ ଦୁର୍ଘଟଣା ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସୂଚନାରୁ ପ୍ରକାଶ ସବୁଦିନ ପରି ଯୋଗେଶ ଖବର କାଗଜ ଧରି ନିଜ ବାଇକ୍‌ରେ ବିକ୍ରି କରିବା ପାଇଁ ଯାଉଥିବା ବେଳେ ଚାନ୍ଦୋଳ ପଂଚାୟତ ଅନ୍ତର୍ଗତ ଅନନ୍ତପୁର ଠାରେ ବାଇକ୍ ଆଗରେ ଏକ କୁକୁର ପଶିଯିବାରୁ ସେ ଭାରସାମ୍ୟ ହରାଇ ପଡ଼ିଯାଇଥିଲେ। ଫଳରେ ତାଙ୍କର ଗୋଡ଼ ଭାଙ୍ଗିଯିବା ସହ ଖଣ୍ଡିଆଖବରା ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଅବସ୍ଥା ଗୁରୁତର ହେବାରୁ ଉନ୍ନତ ଚିକିତ୍ସା ନିମନ୍ତେ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସପିଟାଲରେ ଭର୍ତି କରାଯାଇଥିଲା।

## ସତ୍ୟସାଇ ବାବାଙ୍କ ୨ଦିନିଆ ଜିଲ୍ଲା ସମ୍ମିଳନୀ ଉଦ୍‌ଯାପିତ




ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବୋଡ଼କ ସ୍ଥିତ ଶ୍ରୀ ସତ୍ୟ ସଂଗଠନ ଆୟୋଜନରେ ୨ଦିନିଆ ଜିଲ୍ଲା ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇ ଯାଇଛି। ପ୍ରଥମ ଦିନ ସକାଳେ ଶୋଡ଼ଷ ଉପଚାର ପୂଜା, ପତାକା ଉତ୍ତୋଳନ ସହ ତ୍ରୟଦମ୍ କରାଯାଇଥିଲା। ଅପରାହ୍ନରେ ବେଦପାଠ ଓ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଜିଲା ସଭାପତି ଡା. ରଞ୍ଜିତ୍ ଖଟୁଆ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ଜିଲା ସଭାପତି ଇଂ ସନାତନ ପାତ୍ର, ନକୁଳ ଚନ୍ଦ୍ର ଜେନା, ଭଦ୍ରକ ସତ୍ୟସାଇ ବିଦ୍ୟା ବିହାର ସମ୍ପାଦକ ପାର୍ଥସାରଥି ନାୟକ, ଲକ୍ଷ୍ମୀଧର ମହାରଣା, ଭଦ୍ରକ ସମିତି ଆବାହକ ପଙ୍କଜ ନାୟକ ପ୍ରମୁଖ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସଭାପତି ଡ. ସତ୍ୟସ୍ୱରୂପ ପଟ୍ଟନାୟକ ଆଭାସି ମାଧ୍ୟମରେ ବାବାଙ୍କ ଦର୍ଶନ ଉପରେ ଆଲୋଚନା କରିଥିଲେ। ରବିବାର ପ୍ରାତଃରେ ଓଁକାରମ୍, ସୁପ୍ରଭାତମ୍ ପରେ ଶୋଡ଼ଷ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା। ପରେ 'ସାଇ କେ ରଙ୍ଗ, ସାଇକେ ସଙ୍ଗ' ଶୀର୍ଷକ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନା ଚକ୍ରରେ ପୂର୍ବ ଭାରତ ସଭାପତି ନାରାୟଣ ପ୍ରସାଦ ସ, ଜିଲ୍ଲା ଉପଦେଷ୍ଟା ଅନିରୁଦ୍ଧ ଦାସ, ପୂର୍ଣ୍ଣଚନ୍ଦ୍ର ସେଠୀ, ବିଜୟ କୁମାର ପତି, ତାରା ବଲ୍ଲଭ ମହାପାତ୍ର, ଡା. ରଘୁନାଥ ପାଢ଼ୀ, ପୁଷ୍ପାଞ୍ଜଳି ମିଶ୍ର, ଜୟଚନ୍ଦ୍ର ବେହେରା, ଗୀତାଞ୍ଜଳି ମହାନ୍ତି, ସ୍ମିତାରେଖା ପାତ୍ର, ବୀଣାପାଣି ପଣ୍ଡା ପ୍ରମୁଖ ଯୋଗ ଦେଇ ଶ୍ରୀ ସତ୍ୟସାଇ ଦର୍ଶନ ଓ ବାଣୀ ଉପରେ ଆଲୋକପାତ କରିଥିଲେ। ଏହି ସମ୍ମିଳନୀରେ ମନୋଜ କୁମାର ନାୟକ, ଅଶୋକ ନାୟକ, ସୁବାସ ଦାସ, ଅନୀଲ ନାୟକ, ଲଲାଟେନ୍ଦୁ ରାଉତ, ପ୍ରମୋଦ କୁମାର ନାୟକ, ସଂଜୟ ମହାପାତ୍ର, ଦୈତାରୀ ସେଠୀ, ଅରୁଣ ସାହୁ, ପ୍ରଦୀପ ବେହେରା, ରଶ୍ମିରଂଜନ ବେହେରା, ବୃନ୍ଦାବନ ପଣ୍ଡାଙ୍କ ସମେତ ଜିଲାର ବିଭିନ୍ନ ସମିତି ଓ ଭଜନ ମଣ୍ଡଳୀର ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ। ଯୁବ ସଭାପତି ପ୍ରତାପ ଭଞ୍ଜ, ରାଜୀବ ଲୋଚନ ସାହୁ, ସୁକାନ୍ତ ବିଶ୍ୱାଳ, ଜ୍ୟୋତିପ୍ରକାଶ ସାହୁ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।

### ସେଣ୍ଟ୍ ଜାଭିୟର୍ସ ପବ୍ଲିକ୍ ସ୍କୁଲରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ

ଜଗତସିଂହପୁର,(ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସେଣ୍ଟ ଜାଭିୟର୍ସ ପବ୍ଲିକ୍ ସ୍କୁଲରେ ଆଜି ଆନ୍ତର୍ଜାତିକ ମହିଳା ଦିବସ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଆୟୋଜିତ ଏହି ସଭାରେ ପରିଷଦର ସଭାପତି ତଥା ସ୍ତମ୍ଭକାର ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ସଭାପତିତ୍ୱ କରି ଆନ୍ତର୍ଜାତିକ ମହିଳା ଦିବସର ତତ୍ପର୍ଯ୍ୟ ଓ ଚଳିତ ବର୍ଷର ବିଷୟବସ୍ତୁ ଲିଙ୍ଗଗତ ଅସମାନତା ଦୂରୀକରଣ ଉପରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ କୁମାର ଜେନା ଓ ମୁଖ୍ୟବକ୍ତା ଭାବେ ଅଧକ୍ଷା ଜ୍ୟୋତିର୍ମୟୀ ମହାରଣା ସେମାନଙ୍କ ବକ୍ତବ୍ୟରେ ନାରୀ ଜାଗିଲେ ଦେଶ ଜାଗିବ ବୋଲି କହିବା ସହିତ ନାରୀର ଉନ୍ନତିରେ ଦେଶର ଉନ୍ନତି ହେବ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ସୁଦେଷ୍ଣା ଦାସ, ପ୍ରିୟଙ୍କା ମଣ୍ଡଳ, ପ୍ରିୟଙ୍କା ସେଠୀ, ସସ୍ମିତା ବିଶ୍ୱାଳ, ସାହିସ୍ତା ପରୱିନ୍ ଓ ଶିକ୍ଷକ ଅଶୋକ କୁମାର ବେହେରା ଆଲୋଚନାରେ ଭାଗନେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କ୍ଷେତ୍ରମଣୀ ସାହୁ ଓ ମୁକ୍ତିସିଂହ ଅଙ୍ଗନୱାଡି କେନ୍ଦ୍ରର ସହାୟିକା ସଂଯୁକ୍ତା ମହାରଣାଙ୍କୁ ପରିଷଦ ପକ୍ଷରୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ନାରୀଶକ୍ତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା।

### ପୂର୍ବତନ ବିଧାୟକ ଅନନ୍ତ ଦାସଙ୍କ ବିୟୋଗରେ ଶୋକ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭୋରାଇର ପୂର୍ବତନ ବିଧାୟକ ଅନନ୍ତ ଦାସଙ୍କ ବିୟୋଗରେ ତିହିଡ଼ି ବିଜେଡି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ପୂର୍ବତନ ବିଧାୟକ ବିଜୟ କୁମାର ନାୟକ, ପୂର୍ବତନ ସାଂସଦ ମଂଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଜିଲାପରିଷଦ ସଦସ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ଚିନ୍ତାମଣି ଦାସ, ଗଣେଶ ପ୍ରସାଦ ନାୟକ, ଉମାକାନ୍ତ ସେଠୀ, ପ୍ରବୀର ନାୟକ, କମଳାକାନ୍ତ ଲେଙ୍କା, ଶିକ୍ଷାବିତ୍ ସୁରେନ୍ଦ୍ର ପ୍ରସାଦ ନାୟକ, ଭାଗିରଥି ମଲିକ, ସଂଗ୍ରାମ ଦାସ, ବାପୁଜୀ ନାୟକ ପ୍ରମୁଖଙ୍କ ସମେତ ବହୁ ବିଜେଡି ନେତା ଗଭୀର ଶୋକ ପ୍ରକାଶ କରିବା ସଂଗେ ସଂଗେ ଦଳ ଜଣେ କର୍ମନିଷ୍ଠ ଲୋକପ୍ରିୟ ନେତାଙ୍କୁ ହରାଇଲା ବୋଲି କହିଛନ୍ତି।

## ବେଲପାହାଡ଼ରେ ଅନ୍ତର୍ଜାତୀୟ ମହିଳା ଦିବସ




ବେଲପାହାଡ଼,(ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲା ଭାରତୀୟ ଜନତା ପାର୍ଟି ପକ୍ଷରୁ ସ୍ଥାନୀୟ ବେଲପାହାଡ଼ ମିରର୍ ଥିଏଟର୍ ମଞ୍ଚରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୌର ସଫେଇ କର୍ମଚାରୀ କମଳା ଘାସୀ, ଆଶା କର୍ମୀ ଜୟକୁମାରୀ ଡିଲା, ସ୍ୱଚ୍ଛସାଥୀ ସୁଜାତା ପଟେଲ, ବେଲପାହାଡ଼ ଶୁଭଦ୍ରା ମହିଳା ଘଣ୍ଟ ବାଦ୍ୟ ମଣ୍ଡଳୀ, ଯୋରାବଗା ନିଶା ନିବାରଣ ସମିତି ସଭାପତି ପଦ୍ମିନୀ ମହାରଣା, ଲକ୍ଷ୍ମୀପ୍ରିୟା ସାହୁ, ସରସ୍ୱତୀ ସାହୁ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସମ୍ମାନିତ ଅତିଥି ଭାବେ ବିଜେପି ଜିଲା ସଭାପତି ରଘୁନନ୍ଦନ ପଣ୍ଡା, ବିଜେପି ବରିଷ୍ଠ କର୍ମୀ ପ୍ରମୋଦ ସେନାପତି, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ରୀନା ପଟେଲ, ଡାକ୍ତର ଲତିକା ପଟେଲ, ବେଲପାହାଡ଼ ଜୁନିୟର କଲେଜର ପ୍ରାଧ୍ୟାପିକା ଡ. ଅନୁପମା ଦାଶ, ପୂର୍ବତନ ପ୍ରାଧ୍ୟାପିକା ଡ. ରତ୍ନା ସେନଗୁପ୍ତା, ଲଖନପୁର ସରପଞ୍ଚ ଆରତୀ ପଧାନ, ଶିକ୍ଷାବିତ ଜୟଶ୍ରୀ ରଥ, ବିଜେପି ନେତ୍ରୀ ଆରତୀ ରାଏ ପ୍ରମୁଖ ସାମିଲ ରହିଥିଲେ। ମହିଳାମାନେ ଉଚ୍ଚ ଶିକ୍ଷିତ, ସୁରକ୍ଷା, ଅଧିକାର, ସମ୍ମାନ, ସ୍ୱାବଲମ୍ବୀ ହେବା, ମହିଳା ସଶକ୍ତିକରଣ ଆଦି ସମ୍ପର୍କରେ ବକ୍ତାମାନେ ଆଲୋକପାତ କରିଥିଲେ। ପୌର ଜଳ ସାଥୀଙ୍କ ପକ୍ଷରୁ ରାଜସ୍ୱ ମନ୍ତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ମୋନାଲିସା ମୋଦକ ପରିଚାଳନା କରିଥିବା ବେଳେ ରୀନା ପଟେଲ ସ୍ୱାଗତ ଅଭିଭାଷଣ ଓ ଶେଷରେ ସ୍ମୃତିରେଖା ଦାଶ, ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ବିଜେପି କର୍ମକର୍ତ୍ତାଙ୍କ ମଧ୍ୟରେ ମୋନାଲିସା ମୋଦକ, ଆରତୀ ରାଏ ପ୍ରମୁଖ ସହଯୋଗ କରିଥିଲେ। ମନ୍ତ୍ରୀ ପୂଜାରୀ ବିଶେଷକରି ଝାରସୁଗୁଡ଼ା ଜିଲ୍ଲାରେ ମହାନଦୀ କୋଇଲାଖଣି ଦ୍ୱାରା ଜିଲ୍ଲାପାଳ, ଶିଶୁ ଓ ମହିଳା ବିଭାଗ ଓ ଶିକ୍ଷା ବିଭାଗର ମିଳିତ ଉଦ୍ୟମରେ ଏକ ଟ୍ରଷ୍ଟ ଗଠନ କରାଯାଇ ସମଗ୍ର ଜିଲ୍ଲାର ପ୍ରତ୍ୟେକ ବାପ ମା ଛେଉଣ୍ଡ ଶିଶୁ କନ୍ୟା ମାନଙ୍କର ପାଠ ପଢ଼ା ଠାରୁ ଆରମ୍ଭ କରି ବିବାହ ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ ବହନ କରିବା ପାଇଁ ଏକ ନିଆରା ଯୋଜନା 'ଆଶ୍ୱାସନା' ପ୍ରଣୟନ କରାଯାଇ ଥିବା କଥା ଉଲ୍ଲେଖକରି ଜିଲ୍ଲାର ପ୍ରତ୍ୟେକ ନାଗରିକଙ୍କ ସହଭାଗିତା କାମନା କରିଛନ୍ତି।

## ଭଞ୍ଜସେନା ପକ୍ଷରୁ ଯୁବଛାତ୍ର ମିଶ୍ରଣ ପର୍ବ ଅନୁଷ୍ଠିତ

ବାରିପଦା, (ଭାସ୍କର ନ୍ୟୁଜ୍):ବାରିପଦା ଠାରେ ଜିଲ୍ଲାର ଏକମାତ୍ର ଅଗ୍ରଣୀ ତଥା ଅଣ ରାଜନୈତିକ ସଙ୍ଗଠନ ଭଞ୍ଜସେନା ପକ୍ଷରୁ ଏକ ବିଶାଳ ଯୁବ ଛାତ୍ର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ମାଟି ଓ ମୟୂରଭଞ୍ଜ ବାସୀଙ୍କ ସ୍ୱାର୍ଥ ପାଇଁ ଭଞ୍ଜସେନାର ୨୭ ବର୍ଷ ନିରବଚ୍ଛିନ୍ନ ଆନ୍ଦୋଳନ ପାଇଁ ଅନୁପ୍ରାଣୀତ ହୋଇ ସାମାଖୁଣ୍ଟା ବ୍ଲକ୍ ଏବଂ ପୋଡ଼ା ଅସ୍ତିଆ ଅଞ୍ଚଳର ଶତାଧିକ ଯୁବ ଓ ଛାତ୍ର ମାନେ ମିଶ୍ରଣ ଦିବସ ରେ ଭଞ୍ଜ ସେନା ସହ ଜଡ଼ିତ ହୋଇ ଛନ୍ତି, ତା ସହ ଆଗକୁ ଭଞ୍ଜସେନା ଆହୁରି ସସକ୍ତ କରିବା ପାଇଁ ବଦ୍ଧ ପରିକର ହୋଇଛନ୍ତି। ଆଜିର ମିଶ୍ରଣ ପର୍ବ ସଭା, ସଙ୍ଗଠନ ର ସଭାପତି ପିଣ୍ଟୁ ମାଇତିଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ହେବା ସହ, ଅଧ୍ୟକ୍ଷ ସଞ୍ଜୀବ ରାଉତ, ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ, ଆବାହକ ରାକେଶ ବେହେରା, ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା,ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ପୃଷ୍ଟି, ଉପସଭାପତି ଦୀପକ୍ ସୋ, ସହର ସଭାପତି ରାକେଶ ମହାନ୍ତି, ଯୁବ ସଭାପତି ଏସ୍. କେ ରାଜା ଖାଁ, ଯୁବ ଉପ ସଭାପତି ସଞ୍ଜୟ ମହାନ୍ତ, ଯୁବ ସହର ସଭାପତି ସଞ୍ଜୟ ମାହାନ୍ନା, ଯୁବ ଉପ ସଭାପତି ସଚିନ ସଲଙ୍କି, ଯୁବ ସାଧାରଣ ସମ୍ପାଦକ ସୁନିଲ ମହାପାତ୍ର, ସୋସିଆଲ ମିଡ଼ିଆ କୋଡିନେଟର ମୁକ୍ତି ଦତ୍ତ ପରିଡ଼ା, ସାମାଖୁଣ୍ଟା ବ୍ଲକ୍ ସମ୍ପାଦକ ଲିକୁ ଲେଙ୍କା ପ୍ରମୁଖ ଉପସ୍ଥିତ ରହି ୩୦୦ରୁ ଊର୍ଦ୍ଧ୍ୱ ଯୁବଛାତ୍ରଙ୍କୁ ସ୍ୱାଗତ କରିବା ସହ, ଯୁବ ଓ ଛାତ୍ର ନେତା ଶୁଭମ୍ ସିଂ, ଜିତୁ ସିଂ, ଦୀପକ୍ ବେହେରା, ରୁଦ୍ର ପଟ୍ଟନାୟକ, ପଙ୍କଜ ପରିଡ଼ା, ଗଗନ ମହାନ୍ତ, ବିକାଶ ମହାନ୍ତ, ମାନସ ସିଂ, ବାପୁନ୍ ବାରିକ୍, ଦେବବ୍ରତ ଜେନା ପ୍ରମୁଖଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇ ଥିଲେ ବୋଲି ମୁଖପାତ୍ର ମାନସ ବେହେରା ପ୍ରେସ ଇସ୍ତାହାରରେ ଜଣାଇଛନ୍ତି।

### ନୂତନ ଆଇନ ପ୍ରଣୟନ ଓ କାର୍ଯ୍ୟକାରିତା ଉପରେ ସଚେତନତା ଶିବିର



ଆସିକା, (ଭାସ୍କର ନ୍ୟୁଜ୍): ବର୍ତ୍ତମାନ ରାଜ୍ୟରେ ନୂତନ ଆଇନ ପ୍ରଣୟନ ହୋଇଛି। ଏହାର କାର୍ଯ୍ୟକାରିତା କିପରି କରାଯିବା ଓ ଜନସାଧାରଣ କିପରି ଏହାର ଫାଇଦା ଉଠାଇପାରିବେ ସେ ସମ୍ପର୍କରେ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ନିର୍ଦ୍ଦେଶ କ୍ରମେ ଆସିକା ଥାନା ଇଲାକାରେ ସଚେତନତା ଶିବିର ଅନୁଷ୍ଠିତ ହେଉଛି। ଏହି କ୍ରମରେ ନଳବଣ୍ଟା ପଞ୍ଚାୟତ ଓ ଆସିକା ନିରଞ୍ଜନ ମହିଳା ମହାବିଦ୍ୟାଳୟ ଠାରେ ଆସିକା ଥାନା ଏସ ଆଇ ଅମ୍ବିକା ବେଣିଆଙ୍କ ସଂଯୋଜନାରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବର୍ତ୍ତମାନ ପ୍ରଣିତ ପ୍ରମୁଖ ନୂତନ ଆଇନ, ଇଏଫଆଇଆର, ଶୂନ୍ୟ ଏଫଆଇଆର, ସାଇବର ଅପରାଧ ଉପରେ ବିସଦ ଭାବେ ଆଲୋଚନା କରି ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଯାଇଛି। ଏହି ଶିବିରରେ ଆସିକା ଥାନା ଭାରପ୍ରାପ୍ତ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ, ମହାବିଦ୍ୟାଳୟ ଅଧ୍ୟକ୍ଷ, ଅଧ୍ୟାପକ, ଆସିକା ଥାନା ଏସ ଆଇ ହେମନ୍ତ ପାତ୍ର, ଏଏସଆଇ ସୁଭାଶିଷ ସ୍ୱାଇଁ, ଜୋନ ଶବର,ପୁରୁଷୋତ୍ତମ ମାଝୀ, ବସନ୍ତ ବେହେରାଙ୍କ ସମେତ ମହାବିଦ୍ୟାଳୟର ଛାତ୍ରୀ ଅଞ୍ଚଳ ବାସୀଙ୍କ ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ।

## ନୂଆସାହି ବିଦ୍ୟାଳୟର ବାର୍ଷିକ ଉତ୍ସବ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝରଗଡ ପୌରାଞ୍ଚଳର ନୂଆସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଆନପା ମାର୍ଡିଙ୍କ ସଭାପତିତ୍ୱରେ ମହାସମାରୋହରେ ପାଳିତ ହୋଇଯାଇଛି। ହରିଚନ୍ଦନ ପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଭଲ ମଣିଷ ହେବାପାଇଁ ଉପଦେଶ ଦେଇଥିବା ବେଳେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ପୂର୍ବତନ କାଉନସିଲର ସୁଧୀର କୁମାର ନନ୍ଦ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ବିଦ୍ୟାଳୟର ଇତିବୃତ ବିଷୟରେ ସମ୍ୟକ୍ ସୂଚନା ପ୍ରଦାନ କରିବା ସହ ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି ଓ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କାମନା କରିଥିଲେ। ସମ୍ମାନୀତ ଅତିଥି ଭାବରେ ବର୍ତ୍ତମାନର ୧୫ନଂ କାଉନସିଲର ଭଗବାନ ନାୟକ, ପୂର୍ବତନ ଶିକ୍ଷୟିତ୍ରୀ ଚମେଲି ଦାଶ ଓ ମୋଚିବନ୍ଧ କ୍ଲଷ୍ଟର ରଶ୍ମିତା ଦାସ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ନିର୍ମାଣ ପାଇଁ ଅଭିଭାବକ ଓ ଅଭିଭାବିକା ମାନଙ୍କୁ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାନ୍ତିପ୍ରଭା ମିଶ୍ର ବିଦ୍ୟାଳୟ ବିବରଣୀ ପଢିଥିବା ବେଳେ ପଣ୍ଡିତ ମଧୁସୂଦନ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ହାଡୁ,ପିଣ୍ଟୁ,ପୁରିଆ ପ୍ରଭୃତି ସ୍ଥାନୀୟ ଯୁବକ ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ସୁମତି ଭୂୟାଁ ଓ ପାଚିକା ରେବତୀ ନାୟକ ଛାତ୍ରଛାତ୍ରୀମାନଙ୍କ ଶୃଙ୍ଖଳା ରକ୍ଷା କରିଥିଲେ। ମା'ତାରିଣୀଙ୍କ ପୂଜାର୍ଚ୍ଚନା ପରେ ଅତିଥି ପରିଚୟ ପ୍ରଦାନ , ସ୍ୱାଗତ ସଂଗୀତ ଗାନ, ପୁରସ୍କାର ବଣ୍ଟନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥାକ୍ରମେ ଅନୁଷ୍ଠିତ ହୋଇଥିଲା। ଅଭିଭାବକ ଓ ଅଭିଭାବିକା ମାନଙ୍କ ପୂର୍ଣ୍ଣ ସହଯୋଗରେ ଏ ବର୍ଷର ବାର୍ଷିକ ଉତ୍ସବ ସଫଳ ହୋଇଥିବାରୁ ବିଦ୍ୟାଳୟ ପରିଚାଳନା କମିଟି ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

### ବ୍ୟାସ ଫାଉଣ୍ଡେସନ ଆନୁକୂଲ୍ୟରେ ମହିଳା ଦିବସ ପାଳିତ

ପାରାଦୀପ/ତିର୍ତ୍ତୋଲ, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ତଥା ରାଜ୍ୟର ଏକ ଅଗ୍ରଣୀ ସମାଜସେବୀ ତଥା ଧାର୍ମିକ ଅନୁଷ୍ଠାନ ବ୍ୟାସ ଫାଉଣ୍ଡେସନ ଆନୁକୂଲ୍ୟରେ ଆନ୍ତର୍ଜାତିକ ମହିଳା ଦିବସ ତିର୍ତ୍ତୋଲ କଲେଜ ଛକ ଆନନ୍ଦ ମଣ୍ଡପ ପରିସରରେ ଶନିବାର ଦିନ ସମାରୋହରେ ପାଳିତ ହୋଇଯାଇଛି। ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମହିଳା ଦିବସରେ ଏସଭିଏମ ମହାବିଦ୍ୟାଳୟ ଅଧ୍ୟାପିକା ସୁଜାତା ମୁଣ୍ଡ, ଗୀତାଞ୍ଜାନାଞ୍ଜନ ସମ୍ପାଦିକା ଡ଼. ବନ୍ଦିତା ଶୁଭଦର୍ଶିନୀ, ସ୍ମୃତିର ସମ୍ପାଦିକା କନକ ଲତା ସୁତାର, ସଭାପତି ବିଜେପି ମହିଳା ମୋର୍ଚ୍ଚା କ୍ରିଷ୍ଣା ମହାନ୍ତି, ଝରାଶ୍ରୀ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସମସ୍ତ ମା ମାନେ ମା ଶାରଳା ଠାକୁରାଣୀଙ୍କ ଫୋଟରେ ପୁଷ୍ପ ମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ବ୍ୟାସ ଫାଉଣ୍ଡେସନ ସଭାପତି ପଣ୍ଡିତ ଡ଼. ସିଦ୍ଧେଶ୍ୱର ପଣ୍ଡା ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଦିନରେ ପୁରୁଷ ମାନଙ୍କ ଯେତିକି ପ୍ରାଧାନ୍ୟ ରହିଛି ମହିଳା ମାନଙ୍କର ମଧ୍ୟ ସେତିକି ପ୍ରାଧାନ୍ୟ ରହିଛି ବୋଲି ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ନେତା କେଶବ ଚନ୍ଦ୍ର ଦଳାଇ, ତିର୍ତ୍ତୋଲ କଲେଜ ପୂର୍ବତନ ଅଧ୍ୟକ୍ଷ ଜ୍ଞାନଯ ସାମନ୍ତରାୟ, ବ୍ୟାସ ଫାଉଣ୍ଡେସନ ର କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ହୋତା, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ଦାସ, ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ପବିତ୍ର କୁମାର କର, ସୁଶୀଲ କୁମାର ସାହୁ, ଶ୍ରୁତି ରଞ୍ଜନ ସ୍ୱାଇଁ, ପଣ୍ଡିତ ଶିଶିର କୁମାର ପଣ୍ଡା, ଦେବବ୍ରତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା ଏବଂ ସମାଜସେବା କ୍ଷେତ୍ରରେ ବ୍ରତୀ ପ୍ରତିଭା ମାନଙ୍କୁ ଟ୍ରଫି ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଶିକ୍ଷୟତ୍ରୀ ବନିତା ମହାନ୍ତି ଡକ୍ଟରେଟ ଉପାଧି ଗ୍ରହଣ କରିଥିବାରୁ ବ୍ୟାସ ଫାଉଣ୍ଡେସନ ତାଙ୍କୁ ଉତ୍ତରୀୟ ମାନପତ୍ର ଦେଇ ସମ୍ମାନିତ କରିଥିଲା।



# ଆମ କଳାହାଣ୍ଡି





## ସରିଲା ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

# ମୋଟ ୨୪୭୮ ମାମଲା ଫଇସଲା




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ଗୁଡିକରେ ଚଳିତ ୨୦୨୫ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ୮ ତାରିଖ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଲୋକ ଅଦାଲତ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ, ଅନୁପ ରଞ୍ଜନ ପଟ୍ଟନାୟକ ଓ ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଶୁଭଗୌତମ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ଅଦାଲତରେ ୧୩ଟି ମୋଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୧,୦୯,୮୦,୦୦୦ଟଙ୍କା ପ୍ରଦାନ କରାଯାଇଥିଲା । ସେହିପରି ୧୪ ଟି ଦେଓ୍ୱାନୀ ମକଦ୍ଦମା ଫଇସଲା କରାଯାଇଥିଲା, ବିଚାର ଯୋଗ୍ୟ ଫୌଜଦାରି ମକଦ୍ଦମା ଫଇସଲା କରାଯାଇଥିଲା ଏବଂ ଏନ୍ଆଇ ଏକ୍ଟ କେସ୍ (ଦଫା-୧୩୮) ଗୁଡ଼ିକର ଫଇସଲା କରାଯାଇ ୫,୦୦.୦୦୦ ଟଙ୍କା ଆଦାୟ କରାଯାଇଥିଲା। ବିବାହ ଜନିତ ମକଦ୍ଦମା ୭ ଗୋଟି ଫଇସଲା କରାଯାଇଥିଲା। ରାଜସ୍ୱ ମକଦ୍ଦମା ୨୦୫ଟି, ୦୬୬, ୧୬୬୬ଟି ଫଇସଲା କରାଯାଇ ୮,୫୦, ୭୦୭ଟଙ୍କା ଆଦାୟ କରାଯାଇଥିଲା ଓ ୫୬୭ଟି ପ୍ରାକ୍ ମୋକଦ୍ଦମା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ୯୬,୯୧,୭୯୪ଟଙ୍କା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତରେ ଭିଜଲାନ୍ସ ଜଜ୍ ବଦ୍ରି ନାରାୟଣ ନନ୍ଦ, ପରିବାର ଅଦାଲତ ଜଜ୍, ରାଜଶ୍ରୀ ମହାପାତ୍ର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପଦ୍ମଲୋଚନ ବଡଜେନା, ସିନିୟର ସିଭିଲ ଜଜ୍, ସୁଦୀପ୍ତା ଦେହୁରି, ସଚିବ ଜିଲ୍ଲା ଆଇନ ସେବା ପ୍ରାକରଣ, କଳାହାଣ୍ଡି, ଶୁଭ ଗୌତମ ମିଶ୍ର, ସିନିୟର ସିଭିଲ ଜଜ୍ (ମହିଳା ଅଦାଲତ) ରଶ୍ମୀରେଖା ପାତ୍ର, ସିନିୟର ସିଭିଲ ଜଜ୍ (ଏଲ୍ ଆର୍ ଏଣ୍ଡ ଏଲ୍ ଟିଭି), ପି.ସୀତାଲକ୍ଷ୍ମୀ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅନୁରାଧା ଶର୍ମା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁମିତ୍ରା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିଲେ। ଏହି ଲୋକ ଅଦାଲତରେ ଅତିରିକ୍ତ ଜିଲ୍ଲା ଜଜ୍ ଯଦୁମଣି ମିଶ୍ର, ରେଜିଷ୍ଟ୍ରାର ଚରଣଜିତ୍ ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

## ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ମହିଳା କୁଳପତି ସମ୍ବର୍ଦ୍ଧିତ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଯୁବଶଙ୍କର ସଭାଗୃହ ଠାରେ ୮ ତାରିଖ ଶନିବାର ଦିନ ଆନନ୍ଦ ଉଲ୍ଲାସ ମଧ୍ୟରେ ଆନ୍ତର୍ଜାତୀୟ ମହିଳା ଦିବସ-୨୦୨୫ ପାଳିତ ହୋଇଯାଇଛି । ଏହି ଅବସରରେ ମହାବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ.ନିବେଦିତା ନାଥଙ୍କ ଅଧ୍ୟକ୍ଷତାରେ 'ବିକଶିତ ଭାରତ ପାଇଁ ମହିଳାମାନଙ୍କ ଭୂମିକା' ଶୀର୍ଷକ ଏକ ଜାତୀୟସ୍ତରର ଆଲୋଚନା ଚକ୍ରର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୟୁନାଇଟେଡ୍ ଷ୍ଟେଟ୍ସ ଅଫ୍ ଆମେରିକାରୁ ବିଶିଷ୍ଟ ମହିଳା ସମାଜସେବୀ ପ୍ରଫେସର ଅନ୍ନପୂର୍ଣ୍ଣା ପାଣ୍ଡେ, ଜେଏନ୍ୟୁ ବିଶ୍ୱବିଦ୍ୟାଳୟର ଅନ୍ୟତମ ପ୍ରଫେସର ଶେଫାଳୀ ଝା ଆଭାସୀ ମାଧ୍ୟମରେ ଯୋଡି ହୋଇ ମହିଳା ଦିବସ ଉପଲକ୍ଷେ ସେମାନଙ୍କ ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଆଲୋଚକ ଭାବେ ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗ ମୁଖ୍ୟ ତଥା ସହ ରେଜିଷ୍ଟ୍ରାର୍ ଡ. ଜୟଦେବ ସାହୁ ଓ ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗ ମୁଖ୍ୟ ଡ. ପଲ୍ଲିଶ୍ରୀ ପଟ୍ଟନାୟକ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର ଶହଶହ ଛାତ୍ରୀ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ମହାବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ୨୦ଜଣ ସଫଳ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। ଏମାନଙ୍କ ମଧ୍ୟରେ ସଫଳ ଭାବେ ଛାତ୍ରୀ ଆର୍ଯ୍ୟା ନାଏକ, ଆଦିତି ଆଚାର୍ଯ୍ୟ, ନମିତା ସାହୁ ଓ ବିନୋଦିନୀ ଧରୁଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ସଫଳ କର୍ମଚାରୀ ଭାବେ ସୌମ୍ୟାରାଣୀ ଦାଶ, ପୁଷ୍ପାଞ୍ଜଳି ସିଂ, ଯୋଗମାୟା ପ୍ରିୟଦର୍ଶିନୀ ମହାପାତ୍ର, ଭାଗ୍ୟବତୀ ନାଏକ ଓ ରାଣୀ ନାଏକଙ୍କୁ, ସଫଳ ଅଧ୍ୟାପିକା ଭାବେ ଡ.ମଧୁଲିକା ସାହୁ, ଡ.ପଲ୍ଲିଶ୍ରୀ ପଟ୍ଟନାୟକ, ଡା. ସୁମନ ରାୟ, ଶ୍ରାବଣୀ ଦାଶ ଓ କଣ୍ଠଶିଳ୍ପୀ ଲିପ୍ସା ମହାରଣାଙ୍କୁ ଏବଂ ଛାତ୍ରୀ ନିବାସର ସୁପରିଟେଣ୍ଡେଣ୍ଟ ଓ ସହକାରୀ ସୁପରିଟେଣ୍ଡେଣ୍ଟ ଡ. ଝରଣାରାଣୀ ଧଙ୍ଗଡାମାଝୀ, ଡା.ସୁମନ ରାୟ, ଇତିଶ୍ରୀ ରାଉତ, ରୋଜମେରୀ ଏକ୍କା, ଗୀତାଞ୍ଜଳି ରାଉତ ଓ ଡ. ସାଗରିକା ଦଳେଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ମହିଳା ଦିବସ ଉପଲକ୍ଷେ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଦାୟୀତ୍ୱଭାର ଗ୍ରହଣ କରିଥିବା ଭାରପ୍ରାପ୍ତ ମହିଳା କୁଳପତି ଡ.ନିବେଦିତା ନାଥଙ୍କୁ ସାମୂହିକ କୃତିତ୍ୱ ନିମନ୍ତେ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ରୋଜମେରୀ ଏକ୍କା ଧନ୍ୟବାଦ ଅର୍ପଣ କରିଥିଲେ। ପରେପରେ ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବସ୍ ରୁଟ୍ ବଦଳାଇବାକୁ ଓଡ଼ିଆ ସମାଜ ପକ୍ଷରୁ ଦାବି

କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : ଭବାନୀପାଟଣାରୁ ବ୍ରହ୍ମପୁରକୁ ପ୍ରାୟ ପ୍ରତିଦିନ ରାଜ୍ୟ ସଡ଼କ ପରିବହନ ନିଗମର ଏକ ସରକାରୀ ହାଇଟେକ୍ ବସ ଭବାନୀପାଟଣାରୁ ବାହାରି ସିଧାସଳଖ ମ. ରାମପୁର ଦେଇ ବ୍ରହ୍ମପୁରକୁ ଦିର୍ଘ ବର୍ଷ ହେଲା ଚଳାଚଳ କରୁଛି। ଏହି ସରକାରୀ ବସ ସହିତ ଆହୁରି ଚାରିଗୋଟି ଘରୋଇ ବସ ମଧ ଏହି ସମାନ ରାସ୍ତାରେ ଚଳାଚଳ କରୁଛି। ଏହି ହାଇଟେକ୍ ସରକାରୀ ବସକୁ ଭବାନୀପାଟଣା ଭାୟା କେସିଙ୍ଗା, ଅମାଠ ଛକ, ପଲମ ଛକ, ମ. ରାମପୁର ଦେଇ ଚଳାଇବାକୁ କଳାହାଣ୍ଡି ତାଲୁକା ବାଣାୟତ ଓଡିଆ ସମାଜ ତରଫରୁ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୁଷଣ ଜେନାଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଅଛି। କଳାହାଣ୍ଡି ବାଣାୟତ ଓଡିଆ ସମାଜର ସମ୍ପାଦକ ଶ୍ରୀ ରମେଶ ଜେନାଙ୍କ ଦାବି ଅନୁଯାୟୀ କଳାହାଣ୍ଡିର ଗଞ୍ଜାମ ଜିଲ୍ଲା ସହିତ ଏକ ଭାବଗତ ସମ୍ପର୍କ ରହିଛି ଓ କଳାହାଣ୍ଡିରୁ ଅନେକ ଯାତ୍ରୀ ବିଭିନ୍ନ କାର୍ଯ୍ୟରେ ଓ ଛାତ୍ରଛାତ୍ରୀମାନେ ପାଠ ପଢିବା ପାଇଁ ବ୍ରହ୍ମପୁର ସହରକୁ ଯାଇଥାନ୍ତି । ସରକାରୀ ଓ ବେସରକାରୀ ସବୁ ବସ ଗୋଟିଏ ମାର୍ଗରେ ଯାଉଥିବାରୁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଯଦି ସରକାରୀ ବସଟି ଭବାନୀପାଟଣାରୁ ବାହାରି ଭାୟା କେସିଙ୍ଗା, ଅମାଠ ଛକ, ପଲମ୍ ଛକ, ମ.ରାମପୁର ଦେଇ ବ୍ରହ୍ମପୁର ସହରକୁ ଚଳାଚଳ କଲେ ଭବାନୀପାଟଣା ସହର ଓ ବ୍ଲକ ସହିତ କେସିଙ୍ଗା ସହର ଓ ବ୍ଲକ, କର୍ଲାମୁଣ୍ଡା ବ୍ଲକ, ନର୍ଲା ବ୍ଲକ୍ , ମ. ରାମପୁର ବ୍ଲକ୍ ସହିତ ପଡ଼ୋଶୀ ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ ବ୍ଲକ୍ ଅଞ୍ଚଳର ଯାତ୍ରୀ ଓ ଛାତ୍ରଛାତ୍ରୀ ମାନେ ବିଶେଷ ଭାବରେ ଉପକୃତ ହୋଇପାରିବେ। ଏହି ପଥରେ ବସଟି ଚଳାଚଳ କଲେ ଏକ ବିରାଟ ଅଞ୍ଚଳର ଜନସାଧାରଣ ଉପକୃତ ହେବା ସହିତ ବ୍ୟବସାୟିକ ଦୃଷ୍ଟିକୋଣରୁ ମଧ ରାଜ୍ୟ ସଡ଼କ ପରିବହନ ନିଗମ ଲାଭବାନ ହୋଇପାରିବ । ଏଣୁ ମାନ୍ୟବର ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଯାତ୍ରୀ ମାନଙ୍କୁ ସହଯୋଗ କରିବାକୁ ସମାଜ ପକ୍ଷରୁ ନିବେଦନ କରାଯାଇଛି।

## ରାସ୍ତା ମଝିରେ ଆଣ୍ଠୁଏ ଖାଲ: କାଳ ସାଜିଛି ମୂଷାନାଳ-ବନ୍ଧପାରୀ ରାସ୍ତା



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍ ) : ନିମ୍ନମାନର କାମ ସାଙ୍ଗକୁ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ରାସ୍ତାଗୁଡିକ ଏବେ ବିପଦସଂକୁଳ ପାଲିଟିଛି। ଏହିପରି ଭାବେ ରାସ୍ତାଗୁଡିକ ସଂପୂର୍ଣ୍ଣ ଉଜୁଡି ଯାଇଥିବାବେଳେ ଯାନବାହନ ଚଳାଚଳ ଓ ସାଧାରଣ ଲୋକଙ୍କ ଯାତାୟତ ବାଧାପ୍ରାପ୍ତ ହେଉଛି। ରାସ୍ତାର ଏପରି ଦୁରବସ୍ଥା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ମୂଷାନାଳରୁ ବନ୍ଧପାରିକୁ ସଂଯୋଗ କରୁଥିବା ରାସ୍ତାରେ। ଏହି ରାସ୍ତାର ମୂଷାନାଳ ଗାଁ ଶେଷ ମୁଣ୍ଡରେ ଆଣ୍ଠୁଏ ଗଭୀର ଏକାଧିକ ଖାଲ ରହିଛି। ଏହି ଖାଲ ଯୋଗୁଁ ନିତିପ୍ରତି ଦୁର୍ଘଟଣା ସଂଖ୍ୟା ବଢିଚାଲିଛି। ସେହିପରି ଖାଲ ଯୋଗୁଁ ରାସ୍ତା ସଂକୀର୍ଣ୍ଣ ହୋଇଯାଇଥିବାବେଳେ ଏହି ରାସ୍ତା ଦେଇ ଯାତାୟତ କରିବା ବିପଦପୂର୍ଣ୍ଣ ହୋଇଛି। ବାଇକ ଓ ସାଇକେଲ ଆରୋହୀଙ୍କ ପାଇଁ ଏହି ରାସ୍ତା ପାଲଟିଛି ଜୀବନ ଯନ୍ତ୍ରଣା। ତେବେ ବାରମ୍ବାର ଦାବି ଓ ଅଭିଯୋଗ ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ଏହି ରାସ୍ତାର ମରାମତି କରାଯାଇନାହିଁ। ଏହାକୁ ନେଇ ଅଞ୍ଚଳରେ ଗଭୀର ଜନ ଅସନ୍ତୋଷ ବୃଦ୍ଧିପାଉଥିବାବେଳେ ଏହା ଯେକୌଣସି ମୁହୂର୍ତ୍ତରେ ଆନ୍ଦୋଳନର ରୂପ ନେଇପାରେ ବୋଲି ଚର୍ଚ୍ଚା ହେଉଛି। ଏଣୁ କଳାହାଣ୍ଡି ଜିଲ୍ଲା ପୂର୍ତ୍ତ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ମୂଷାନାଳ ଗାଁରେ ସୃଷ୍ଟି ହୋଇଥିବା ଖାଲକୁ ତୁରନ୍ତ ମରାମତି କରିବା ସହିତ ରାସ୍ତା ସଜାଡ଼ିବାକୁ ସାଧାରଣରେ ଦାବି ହେଉଛି।

## ପର୍ଲା-ନୂଆପଡାରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଧର୍ମଗଡ଼ ବ୍ଲକ ପର୍ଲା -ନୂଆପଡା ଠାରେ ବହୁ ଆଡମ୍ବରରେ ଅଷ୍ଟପ୍ରହର ନାମଯଜ୍ଞ ରବିବାର ଦିନ ସକାଳୁ ଆରମ୍ଭ ହୋଇ ଯାଇଛି। ଶନିବାର ଦିନ କଳସ ଯାତ୍ରା ହୋଇଥିବା ବେଳେ ପୂଜା ମଣ୍ଡପରେ ସ୍ଥାପନ ହୋଇ ଯାଇଛି। ପଡ଼ାବାସୀଙ୍କ ଆୟୋଜନରେ ହୋଇଥିବା ଏହି ନାମ ଯଜ୍ଞରେ ମୋଟ ୧୦ଟି ସଂକୀର୍ତ୍ତନ ଦଳ ଭାଗ ନେଇଛନ୍ତି। ହରେ କୃଷ୍ଣ ହରେ ରାମ ନାମ ଧ୍ୱନିରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଶହ ଶହ ଭକ୍ତ ଏହି ନାମ ସଂକୀର୍ତ୍ତନକୁ ଦେଖିବାକୁ ପ୍ରବଳ ଜନଗହଳି ଦେଖାଯାଇଛି। ସମସ୍ତଙ୍କ ପାଇଁ ଆନନ୍ଦ ବଜାରରେ ଭୋଗ ପ୍ରସାଦ ର ବନ୍ଦବସ୍ତ କରାଯାଇଥିଲା। ସୋମବାର ସକାଳ ସମୟରେ ପୂର୍ଣ୍ଣ ଆହୁତି ସହ ଦହି ହାଣ୍ଡି ଭଗ୍ନ ଓ ନନ୍ଦ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ରତ୍ନାକର ଗୋପାଳ, ଉପସଭାପତି ଦିନେଶ ଗୋପାଳ, ସମ୍ପାଦକ-ପ୍ରଶାନ୍ତ କୁମାର ପୁରୋହିତ, ସହସମ୍ପାଦକ -ବିଦ୍ୟାଧର ଗୋପାଳ, କୋଷାଧ୍ୟକ୍ଷ ତୀର୍ଥ ରାଜ ଗୋପାଳ, ସହ କୋଷାଧ୍ୟକ୍ଷ ଭବେନ୍ଦ୍ର ଗୋପାଳ ପ୍ରମୁଖ ସହଯୋଗ କରିଥିବା ବେଳେ ସୁଯ୍ୟ କୁମାର ପୁରୋହିତ ପରିଚାଳନା କରିଥିଲେ।

## ଶ୍ରେଷ୍ଠ ଯୁବ ରେଡକ୍ରସ୍ ପରାମର୍ଶଦାତା ରୂପେ ସୁଧୀର ପଣ୍ଡା ପୁରସ୍କୃତ




ନର୍ଲା, (ଭାସ୍କର ନ୍ୟୁଜ) : କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅଧିନ ମୁସ୍କୁଟି ସ୍ଥିତ ମିଳିତ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରୁପ୍ରାର ଇତିହାସ ଅଧ୍ୟାପକ ତଥା ଯୁବ ରେଡକ୍ରସ୍ ପରାମର୍ଶଦାତା ସୁଧୀର ପଣ୍ଡା ରାଜ୍ୟର ଶ୍ରେଷ୍ଠ ଯୁବ ରେଡକ୍ରସ୍ ପରାମର୍ଶଦାତା ଭାବେ ଶୁକ୍ରବାର ପୁରସ୍କୃତ ହୋଇଛନ୍ତି। ଭୁବନେଶ୍ୱର ରାଜଭବନର ନୂଆ ଅଭିଷେକ ପ୍ରେକ୍ଷାଳୟରେ ଆୟୋଜିତ ରାଜ୍ୟସ୍ତରୀୟ ଯୁବ ରେଡକ୍ରସ୍ ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟପାଳ ତଥା ଭାରତୀୟ ରେଡକ୍ରସ୍ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖାର ସଭାପତି ଡ. ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀଯୁକ୍ତ ପଣ୍ଡାଙ୍କୁ ୨୦୨୩-୨୪ବର୍ଷ ପାଇଁ ଶ୍ରେଷ୍ଠ ଯୁବ ରେଡକ୍ରସ୍ ପରାମର୍ଶଦାତା ଭାବେ ପୁରସ୍କାର ଓ ମାନପତ୍ର ଦେଇ ସମ୍ମାନିତ କରିଛନ୍ତି। ସେହିପରି ଉକ୍ତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଏନ୍‌ବିଏସ୍ ରାଜପୁତ ଓ ଭାରତୀୟ ରେଡକ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖାର ଅବୈତନିକ ସଚିବ ଗଣେଶ ଚନ୍ଦ୍ର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଯୁବ ରେଡକ୍ରସ୍ ଅଧିକାରୀ ଡ଼. ରମେଶ ଚନ୍ଦ୍ର ବେହେରା ଓ କନିଷ୍ଠ ରେଡକ୍ରସ୍ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଲ୍ଲେଖଯୋଗ୍ୟ ଶ୍ରୀ ପଣ୍ଡା ଜଣେ ନିୟମିତ ରକ୍ତଦାତା ତଥା ପ୍ରୋତ୍ସାହକ ଭାବେ ଜିଲ୍ଲାରେ ସୁପରିଚିତ ଥିବାବେଳେ ରକ୍ତଦାନ ବ୍ୟତୀତ ଯୁବ ରେଡକ୍ରସ୍ ଓ ରେଡ ରିବନ୍ କ୍ଲବ୍ ସମ୍ବନ୍ଧିତ ବିଭିନ୍ନ ସଚେତନ ମୂଳକ କାର୍ଯ୍ୟକ୍ରମ ସମେତ ସଡ଼କ ସୁରକ୍ଷା, ବୃକ୍ଷ ରୋପଣ, ବିପର୍ଯ୍ୟୟ ପରିଚାଳନା ପରି ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟପାଳ ପୁରସ୍କାର ପାଇଁ ତାଙ୍କୁ ମନୋନୀତ କରାଯାଇଥିଲା । ଗତ ଜାନୁଆରୀ ମାସ ୩୧ ତାରିଖରେ ଆୟୋଜିତ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଉପସ୍ଥିତିରେ କଳାହାଣ୍ଡି ଜିଲ୍ଲାପାଳଙ୍କ ଠାରୁ ଶ୍ରୀ ପଣ୍ଡା ଉତ୍ତମ ସମରିଟାନ୍ ପୁରସ୍କାର ଗ୍ରହଣ କରିଥିଲେ। ତାଙ୍କର ଏହି ସଫଳତାରେ ଜିଲ୍ଲା ସଂଯୋଜଜିଲ୍ଲା ଯୁବ ରେଡକ୍ରସ୍ ଆବାହକ ସଂପାଦକ ସଂଜୀବ ସାହୁ, ଜିଲ୍ଲା ସଂଯୋଜକ ଶାନ୍ତନୁ ପରିଡ଼ା, ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ପରାମର୍ଶଦାତା, ମିଳିତ ପଞ୍ଚାୟତ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ତପନ ଦାସଙ୍କ ସମେତ ସମସ୍ତ କର୍ମଚାରୀ ଓ ଶୁଭେଚ୍ଛୁମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସୁଭଦ୍ରା ଦ୍ୱିତୀୟ କିସ୍ତି ପାଇ ମହିଳା ଦିବସ ପାଳିଲେ ହିତାଧିକାରୀ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ଆନ୍ତର୍ଜାତୀୟ ମହିଳା ଦିବସ-୨୦୨୫ ପାଳନ ଅବସରରେ ଆନୁଷ୍ଠାନିକ ଭାବେ ସରକାରଙ୍କ ସୁଭଦ୍ରା ଯୋଜନା ଦ୍ୱିତୀୟ କିସ୍ତିର ଅର୍ଥ ହିତାଧିକାରୀମାନଙ୍କୁ ପ୍ରଦାନ କରାଯାଇଛି। ଗଞ୍ଜାମ ଠାରେ ଅନୁଷ୍ଠିତ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହିତାଧିକାରୀମାନଙ୍କୁ ସିଧାସଳଖ ତାଙ୍କ ବ୍ୟାଙ୍କ ଖାତାକୁ ସୁଭଦ୍ରା ଯୋଜନା ଦ୍ୱିତୀୟ କିସ୍ତି ଅର୍ଥ ରାଶି ଡି.ବି.ଟି. ମାଧ୍ୟମରେ ପ୍ରଦାନ କରିଥିଲେ। ରାଜ୍ୟର ଏକ କୋଟି ଚଉଷଠି ହଜାରରୁ ଉର୍ଦ୍ଧ ହିତାଧିକାରୀ ଏହା ଦ୍ୱାରା ଉପକୃତ ହୋଇଛନ୍ତି। ଏଥିରେ କଳାହାଣ୍ଡି ଜିଲ୍ଲାର ତିନି ଲକ୍ଷ ପଞ୍ଚାଅଶି ହଜାରରୁ ଉର୍ଦ୍ଧ ସୁଭଦ୍ରା ଯୋଜନା ହିତାଧିକାରୀ ମଧ ଉପକୃତ ହୋଇଛନ୍ତି। ଏହି ଅବସରରେ ଅଭାଷୀ ମାଧ୍ୟମରେ ସମସ୍ତ ଜିଲ୍ଲା ସହିତ ଯୋଡି ହୋଇଥିବା ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ହିତାଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବୋଧନ କରି ଶୁଭେଚ୍ଛା ଜଣାଇବା ସହ ନାରୀ ଶସକ୍ତିକରଣ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳପଡିଆ, ଭବାନୀପାଟଣାଠାରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂ ଦେଓ, ମୁଖ୍ୟବକ୍ତା ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ନିବେଦିତା ନାଥ, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଦୟାମୟା ପାଢୀ, ସାଂସଦ କଳାହାଣ୍ଡିଙ୍କ ପ୍ରତିନିଧି ଜୟ ଶଙ୍କର ନାଏକ, ବିଧାୟକ ଧର୍ମଗଡଙ୍କ ପ୍ରତିନିଧି ଯୁଗଳ କିଶୋର ପୋଢ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା ପ୍ରମୁଖ ଯୋଗଦେଇ ଆନ୍ତର୍ଜାତୀୟ ମହିଳା ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ତରଫରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ରାଣୀପଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ନର୍ଲା, (ଭାସ୍କର ନ୍ୟୁଜ୍ ) : ନର୍ଲା ବ୍ଲକ ଅନ୍ତର୍ଗତ ବୁରାଟ କେନ୍ଦ୍ରର ରାଣୀପଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଋତୁରାଜ ରଣାଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଗାଡେବନ୍ଧ ଗ୍ରାମ ପଞ୍ଚାୟତର ସରପଞ୍ଚ କବିତା ବାଗ, ସମ୍ମାନିତ ଅତିଥି ଭାବରେ ସମିତି ସଭ୍ୟା ପ୍ରତିନିଧି ଅଜିତ ସାହୁ, ବୁରାଟ ସାଧନ କେନ୍ଦ୍ର ସଂଯୋଜକ ଶ୍ରବଣ କୁମାର ରଥ, ମୁଖ୍ୟବକ୍ତା ପରବାଙ୍ଗି ସାଧନ କେନ୍ଦ୍ର ସଂଯୋଜକ ନବୀନ ବେମାଲ, ଅନ୍ୟତମ ସମ୍ମାନିତ ଅତିଥି ଗୁଣପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଳରାମ ମାଝୀ, ଅବସର ପ୍ରାପ୍ତ ଶିକ୍ଷକ ଉଦେନାଥ ମୁଣ୍ଡା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଲୋକନାଥ ମାଝୀ ଯୋଗ ଦେଇଥିଲେ। ବିଦ୍ୟାଳୟରେ ହୋଇ ଥିବା ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ସହ ପୁରସ୍କୃତ କରାଯାଇ ଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମଟିକୁ ଶିକ୍ଷାବିତ୍ କ୍ଷିତିଶ ଚନ୍ଦ୍ର ମାଝୀ ପରିଚାଳନା କରି ଥିଲେ ଓ ଶିକ୍ଷକ ପ୍ୟାରୀ ମୋହନ ଚମ୍ପତି, ରଞ୍ଜୁଲତା ସାହୁ, ସସ୍ମିତା ମହାପାତ୍ର ଓ କ୍ରୀଡ଼ା ଶିକ୍ଷକ ଦଶରଥ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## ବିଶ୍ୱ ମହିଳା ଦିବସ ପାଳିତ

ଧର୍ମଗଡ଼ (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ, ଖୁଣ୍ଟିଆ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଖୁଣ୍ଟିଆ ଗ୍ରାମ ପଞ୍ଚାୟତସ୍ତରୀୟ ମିଶନ ଶକ୍ତି ମହିଳା ସଂଘର ସଭାପତି ପଙ୍କଜିନି ମେହେରଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଥିବା ଏହି ମହିଳା ଦିବସରେ ମୁଖ୍ୟ ଅତିଥି ଭାବରେ ଖୁଣ୍ଟିଆ ଗ୍ରାମ ପଞ୍ଚାୟତ ସରପଞ୍ଚ ମାଧବୀ ଧରୁଆ, ମୁଖ୍ୟବକ୍ତା ଭାବରେ ନାରୀ ନେତ୍ରୀ ରମଣୀ ଦୁରିଆ, ସମ୍ମାନୀତ ଅତିଥି ଭାବରେ ବିଜେପି ଯୁବ ନେତା ଧର୍ମବ୍ରତ ପଣ୍ଡା, କାର୍ଯ୍ୟ ନିର୍ବାହୀ ଅଧିକାରୀ ଦାମୋଦର ବେମାଲ, ସ୍ୱାସ୍ଥ୍ୟ କର୍ମୀ ସୁକାନ୍ତି ଦେବୀ, ସାମ୍ବାଦିକ ରୁପେନ୍ଦ୍ର ସୁନାନୀ, ପଦ୍ମବନ ବେମାଲ ପ୍ରମୁଖ ଯୋଗଦାନ କରି ମହିଳା ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ନିଜ ନିଜ ଅଭିଭାଷଣ ରଖିଥିଲେ। ଏହି ଅବସରରେ ମହିଳା ମାନଙ୍କ ମଧ୍ୟରେ ହାଣ୍ଡି ଫଟା, ଚୌକି ବସା, ବେଲୁନ ଫଟା ପ୍ରତିଯୋଗିତାର ଅୟୋଜନ କରାଯାଇ ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷୟତ୍ରୀ ବାସନ୍ତୀ ସୁନାନୀ ସଂଯୋଜନା କରିଥିବା ବେଳେ ମିଶନ ଶକ୍ତି ମହିଳା ସଂଘର ବୀଣାପାଣି ଦୁର୍ଗା, ଗୀତାଞ୍ଜଳୀ ଗୋପାଲ, ପୂଜା ସୁନାନୀ, ଚଞ୍ଚଳା ଧରୁଆ, ସଜମନି ମେହେର,ହେମଲତା ଧରୁଆ, ରୋହିତା ପଟ୍ଟନାୟକ, ଖୀତିସୁତା ନାଏକ, ସଞ୍ଜୁ ସିଂ, ବନିତା ସୁନାନୀ, ଗୀତା ରାଣୀ ସୁନାନୀ ସମେତ ସମସ୍ତ ମିଶନ ଶକ୍ତି ମହିଳା ପରିଚାଳନାରେ ସହଯୋଗ କରିଥିଲେ। ତତ୍ ସହିତ ଖୁଣ୍ଟିଆ ଗ୍ରାମ ପଞ୍ଚାୟତରୁ ସେଲ୍ସ ମେନ୍ ନରେନ୍ଦ୍ର ବିଶି, ଲକ୍ଷ୍ମୀକାନ୍ତ ବେହେରା, ଦୁର୍ଯୋଧନ ହାତୀ, ବଳରାମ ନାଏକ, ବ୍ରଜରାଜ ବିଶି, ହେମନ୍ତ ସୁନାନୀ ମଧ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ। ଅନୁଷ୍ଠିତ ହୋଇଥିବା ଏହି ମହିଳା ଦିବସରେ ଖୁଣ୍ଟିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସମସ୍ତ ଗ୍ରାମ ଓ ପଡ଼ାର ଶତାଧିକ ମହିଳାମାନେ ଯୋଗଦାନ କରିଥିଲେ।




## ରାଶିଫଳ

ସୋମବାର, ୧୦ ମାର୍ଚ୍ଚ ୨୦୨୫



**ମେଷ:** ଦୃଢ଼ ମନୋବଳ ଯୋଗୁଁ ପ୍ରତ୍ୟେକଟି କ୍ଷେତ୍ରରେ ହିଁ ବିଜୟ ଲାଭ କରିବେ । ପାରିବାରିକ କ୍ଷେତ୍ରରେ ମନୋମାଳିନ୍ୟକୁ ଦୂରେଇ ନେବା ପାଇଁ ପ୍ରଯତ୍ନ କଲେ ଉପକୃତ ହେବେ। ବନ୍ଧୁଙ୍କ ମିଥ୍ୟାଭିଯୋଗ ସକାଶେ ମାନସିକ ସ୍ତରରେ କ୍ରୋଧାନ୍ୱିତ ହୋଇପାରନ୍ତି। ଗତକାଲି ଠାରୁ ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ।



**ବୃଷ:** ନିକଟ ସମ୍ପର୍କୀୟଙ୍କ ସାହାଯ୍ୟ ଲାଭ କରି ଆଶା ପୂରଣ କରିବେ। ନିର୍ମାଣଧୀନ ଆନୁଷ୍ଠାନିକ କାମରେ କୌଣସି ପ୍ରତିବନ୍ଧକ ରହିବ ନାହିଁ । ଆଲୋଚନା ପରିସରରେ ଆପଣ ଅନ୍ୟ ମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ।



**ମିଥୁନ:** ସ୍ଥଗିତ ରହିଯାଇଥିବା କେତେକ ପୁରୁଣା ବାକିଆ କାମ ଶେଷ କରିବାକୁ ସକ୍ଷମ ହେବେ। ପ୍ରିୟଜନଙ୍କ ସାହାଯ୍ୟ ସହଯୋଗ ମାଧ୍ୟମରେ ଜମିଜମା ସମ୍ପର୍କି ତ ବିବାଦର ଆଶୁ ସମାଧାନ ହୋଇଯିବ। ନିର୍ମାଣ, ଶିଳ୍ପ, ବାଣିଜ୍ୟାଦିରେ ଶୁଭଫଳ ପାଇବେ।



**କର୍କଟ:** ସତର୍କତା ଅଭାବରୁ ଅନ୍ୟ ପାଇଁ ନିଜେ ସମସ୍ୟାଗ୍ରସ୍ତ ହୋଇପଡିବେ। ମତପାର୍ଥକ୍ୟ ଜନିତ ବାକ୍ ? ବିତଣ୍ଡା ସୃଷ୍ଟି ହେବାର ସମ୍ଭାବନା ରହିଛି । ବନ୍ଧୁଙ୍କ ପରାମର୍ଶରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ନିଜ ସାଧନାରେ ସଫଳତା ପାଇବେ ।



**ସିଂହ:** କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସାହାଯ୍ୟ ଓ ସହଯୋଗ ଲାଭକରି କାର୍ଯ୍ୟ ସାଧନ କରିବେ। ପାରିବାରିକ ଜୀବନରେ ଖଳଲୋକଙ୍କ କାନକୁହା କଥା ସୁଖ ସନ୍ତୋଷରେ ବାଧା ଉପୁଜାଇବ। ଗୁରୁତ୍ୱପୂର୍ଣ୍ଣ କାମଗୁଡିକ ନିର୍ଦ୍ଦିଷ୍ଟ ସମୟରେ ନ ହେବା କାରଣରୁ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ ।



**କନ୍ୟା:** ପାରିବାରିକ କ୍ଷେତ୍ରର କୌଣସି କଥା ମନକୁ ବାରମ୍ବାର ଆଲୋଡିତ କରିପାରେ। ଅର୍ଥ ସମ୍ପର୍କକୁ ନେଇ ପରିବାରରେ ଭାତୃବିବାଦ ଦେଖାଦେଇ ପାରେ। ମହିଳାମାନେ ପ୍ରଶଂସନୀୟ ହେବେ । ବିଦ୍ୟାର୍ଥିମାନେ ପଢାପଢିରେ ଏକାଗ୍ରତା ରଖି କୃତକାର୍ଯ୍ୟ ହେବେ।



**ତୁଳା:** ପାରିବାରିକ ଜୀବନ ସୁଖଶାନ୍ତିରେ କଟିବା । କୌଣସି ନୂତନ କାର୍ଯ୍ୟ କରିବାକୁ ଅଗ୍ରସର ହେବେ ସେଥିରେ ସଫଳ ହେବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ ଯାହାକି ସାମୟିକ ମାନସିକ ଦୁଶ୍ଚିନ୍ତାର କାରଣ ହୋଇପାରେ।



**ବିଛା:** କାର୍ଯ୍ୟସିଦ୍ଧି ସହ ସ୍ୱାସ୍ଥ୍ୟରେ ଉନ୍ନତି ଦେଖାଦେବ । ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ । ଆକସ୍ମିକ ଭାବରେ କୌଣସି ସମସ୍ୟା ହେତୁ ନିର୍ମାଣଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ଉପରିସ୍ଥଙ୍କ କର୍ମ ଚାରିଙ୍କ ଆଦେଶାନୁସାରେ କାର୍ଯ୍ୟ କରିବା ପାଇଁ ବାଧ୍ୟ ହେବେ । ପିତାମାତାଙ୍କ ଆଶୀର୍ବାଦ ଆପଣଙ୍କୁ ସହାୟ ହେବ।



**ଧନୁ:** ଆଜି କର୍ମକ୍ଷେତ୍ରରେ କିମ୍ବା ସଭାସମିତିରେ ପ୍ରଶଂସନୀୟ ହେବେ। ପରୋକ୍ଷ ଶତ୍ରୁତା କାରଣରୁ ଅପରାହ୍ଣରେ ମନ ଭାରାକ୍ରାନ୍ତ ରହିବ। କୋଟ କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ହେବ । ସମସ୍ତ କାର୍ଯ୍ୟରେ ସାହାଯ୍ୟ ଓ ସହଯୋଗ ପାଇବେ। କ୍ରୀଡା, କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିପାରେ।



**ମକର:** ଆଜି ଯଗିରଖି ଚଳନ୍ତୁ କେହି ଜଣେ ବ୍ୟକ୍ତି ଅସୁବିଧାରେ ପକାଇପାରେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ । ଅଂଶୀଦାର ବ୍ୟବସାୟୀମାନଙ୍କ ସହ ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ ।ବିଦ୍ୟାର୍ଥୀ ମାନେ ବିଦ୍ୟାରେ ସଫଳତା ପାଇବେ ।



**କୁମ୍ଭ:** ଆଜି ଆପଣଙ୍କର ଦିନ ଖୁବ୍ ଭଲରେ କଟିବ। ବକେୟା ପ୍ରାପ୍ୟ ମିଳିବ ଯାହା ଫଳରେ ମନ ପ୍ରଫୁଲ୍ଲିତ ରହିବ। ବିବାଦରେ ନୂଆ ମୋଡ଼ ଦେଖାଦେବ। ପୂର୍ବର ସମସ୍ୟା ସମାଧାନ ହୋଇଯିବ। ମହିଳାମାନେ ଗୃହ ସାଜସଜ୍ଜା ପ୍ରତି ଯତ୍ନ ନେବା ସହ ସମ୍ମାନ ପ୍ରାପ୍ତି ହେବେ। ବିଦ୍ୟାର୍ଥିମାନେ ଶୁଭ ଖବର ଶୁଣିପାରନ୍ତି।



**ମୀନ:** ଆଜି ପ୍ରତ୍ୟେକ କ୍ଷେତ୍ରରେ ଆଗପଛ ବିଚାର କରି କାମ ନ କଲେ ଅପଦସ୍ଥ ହୋଇପାରନ୍ତି।ବନ୍ଧୁମାନଙ୍କ କଥା ବାର୍ତ୍ତା ଆପଣଙ୍କ ପାଇଁ ସମସ୍ୟାକୁ ବଢାଇ ଦେଇପାରେ । ନିର୍ଦ୍ଦିଷ୍ଟ ସମୟରେ କାମଟି ସମ୍ପୂର୍ଣ୍ଣ ନ ହେବା କାରଣରୁ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବିଳମ୍ବରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବେ।



ଜ୍ୟୋତିର୍ବିଦ୍

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯